

**ଟ୍ରମ୍ପଙ୍କୁ ଚେତାବନୀ ଦେଲେ ଖାମେନି** ପୃଷ୍ଠା ୫

# ସଂଚାର
THE SANCHAR

Website: sanchar.live   mail Id: sancharodisha@gmail.com
RNI NO :ODIODI/2001/04811   Postal Regd No : BN/249/15-17

Vol. 33 | ISSUE 288 | ଭାଗ ୩୩ | ସଂଖ୍ୟା ୨୮୮
Saturday 10 January 2026 | Page 8 Rs. 5.00
ଭୁବନେଶ୍ୱର ଶନିବାର ୧୦ ଜାନୁଆରୀ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା



## ଜିଲ୍ଲା ପ୍ରତିନିଧି ଆବଶ୍ୟକ

ଦୈନିକ 'ସଂଚାର' ଓ 'ସଂଚାର ଡିଜିଟାଲ' ପାଇଁ ନିମ୍ନଲିଖିତ ଜିଲ୍ଲା ପାଇଁ 'ଜିଲ୍ଲା ପ୍ରତିନିଧି' ଆବଶ୍ୟକ। ଅନ୍ୟୁନ ତିନି ବର୍ଷର ଅଭିଜ୍ଞତା ଥିବା ସାମ୍ବାଦିକମାନେ ଆବେଦନ କରିପାରିବେ। ଆଗ୍ରହୀ ବ୍ୟକ୍ତି ୭ ଦିନ ମଧ୍ୟରେ ଆବେଦନ କରିପାରିବେ। ଜିଲ୍ଲାଗୁଡ଼ିକ ହେଲା ପୁରୀ, କଟକ, ଖୋର୍ଦ୍ଧା, ନୟାଗଡ, ଯାଜପୁର, ଭଦ୍ରକ, ଜଗତସିଂହପୁର, ବାଲେଶ୍ୱର, କେନ୍ଦୁଝର, ଢେଙ୍କାନାଳ ଓ ଅନୁଗୁଳ।

**ଯୋଗାଯୋଗ**

Mail :- sancharodisha@gmail.com
Whatsapp :- +91 8093004776


## ୫୦୦ ମିଟର ଖାଇକୁ ଖସିଲା ବସ୍
# ୧୩ ମୃତ, ୩୫ ଆହତ



**ଧର୍ମଶାଳା,୯।୧:** ଭୟଙ୍କର ସଡ଼କ ଦୁର୍ଘଟଣା ପରେ ଖାଇକୁ ଖସିଲା ଯାତ୍ରିବାହୀ ବସ୍। ଏଥିରେ ୧୩ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଅନେକ ଯାତ୍ରୀ ଆହତ ହୋଇଛନ୍ତି। ଶୁକ୍ରବାର ହିମାଚଳ ପ୍ରଦେଶର ସିରମୌର ଜିଲ୍ଲାରେ ଘଟିଛି ଏହି ଭୟଙ୍କର ସଡ଼କ ଦୁର୍ଘଟଣା। ମିଳିଥିବା ସୂଚନାନୁସାରେ, ଶ୍ରୀ ରେଣୁକାଜୀ ବିଧାନସଭା କ୍ଷେତ୍ରର ହରିପୁରଧାରରେ ଏକ ଘରୋଇ ବସ୍ ନିୟନ୍ତ୍ରଣ ହରାଇ ହୋଇ ୫୦୦ ମିଟର ଖାଇକୁ ଖସିପଡ଼ିଛି। ଏହି ମର୍ମନ୍ତୁଦ ଦୁର୍ଘଟଣାରେ ୧୩ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ପ୍ରାୟ ୩୫ଜଣ ଲୋକ ଆହତ ହୋଇଛନ୍ତି। ସେହିଭଳି ମୃତକଙ୍କ ସଂଖ୍ୟା ବଢ଼ିବା ନେଇ ଆଶଙ୍କା କରାଯାଉଛି। ସମସ୍ତଙ୍କୁ ଉଦ୍ଧାର କରାଯାଇଛି। ସ୍ଥାନୀୟ ଲୋକେ ଉଦ୍ଧାର କାର୍ଯ୍ୟରେ ସହଯୋଗ କରିଛନ୍ତି। ପୁଲିସ ଟିମ୍ ମଧ ଘଟଣାସ୍ଥଳରେ ପହଞ୍ଚିଛି। ➪ପୃଷ୍ଠା-୬

### ଓଡ଼ିଶା ଟୁରିଜମ୍ ପଲିସିରେ ସଂଶୋଧନକୁ କ୍ୟାବିନେଟ୍ ମଞ୍ଜୁରୀ
# ପର୍ଯ୍ୟଟନ ଶିଳ୍ପକୁ ଛୁଟିବ ନିବେଶ ସୁଅ

- ଡେଷ୍ଟିନେସନ୍ ୱେଡିଂ ଓ ଲଗ୍‌ଜରୀ କ୍ୟାମ୍ପକୁ ମିଳିବ ପ୍ରୋତ୍ସାହନ
- ତାରକା ହୋଟେଲ ଓ ରିସର୍ଟ ପାଇଁ ବଢ଼ିଲା ପୁଞ୍ଜି ରିହାତି
- ସ୍ୱତନ୍ତ୍ର ଜୋନ୍‌ରେ ମହିଳା, ଏସସିଏସଟିଙ୍କୁ ଅଧିକ ସବ୍‌ସିଡି
- ଗଠନ ହେବ ରାଜ୍ୟ ପର୍ଯ୍ୟଟନ ପରାମର୍ଶଦାତା ପରିଷଦ
- ରିହାତି ଖାଦ୍ୟଶସ୍ୟର ଜାଲିଆତି ରୋକିବ ଇ-କେୱାଇସି
- ମୃତ ବ୍ୟକ୍ତିଙ୍କ ନାଁରେ ରାସନ ଉଠାଇଲେ ଦେଢ଼ଗୁଣା ଡଣ୍ଡ
- ଏନଏଫଏସରେ ବାଦ ମାନଦଣ୍ଡରେ ସଂଶୋଧନକୁ ମଞ୍ଜୁରୀ



**ଭୁବନେଶ୍ୱର,୯।୧(ସଂଚାର ବ୍ୟୁରୋ):** ରାଜ୍ୟରେ ପର୍ଯ୍ୟଟନ ଶିଳ୍ପରେ ଅଧିକ ପୁଞ୍ଜିନିବେଶ ସହ ପ୍ରତିଯୋଗିତାମୂଳକ ନିବେଶ ଏବଂ ଘରୋଇ ଅଂଶଗ୍ରହଣକୁ ଉତ୍ସାହିତ କରିବାକୁ ଓଡିଶା ପର୍ଯ୍ୟଟନ ନୀତି-୨୦୨୨ର ସଂଶୋଧନ କରାଯିବ। କେନ୍ଦ୍ର ପର୍ଯ୍ୟଟନ ମାନଦଣ୍ଡ ଆଧାରରେ ଏଣିକି ତିନି ତାରକା ଓ ତଦୁର୍ଦ୍ଧ୍ୱ ହୋଟେଲ କିମ୍ବା ରିସର୍ଟ ପାଇଁ ସର୍ବନିମ୍ନ ନିବେଶ ସୀମା ହ୍ରାସ କରିବାକୁ ଆଜି ରାଜ୍ୟ କ୍ୟାବିନେଟ ମଂଜୁରୀ ଦେଇଛି। ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ ବୈଠକରେ ୮ଟି ବିଭାଗର ୧୧ଟି ପ୍ରସ୍ତାବକୁ ଅନୁମୋଦନ ମିଳିଛି।

ସଂଶୋଧିତ ପର୍ଯ୍ୟଟନ ନୀତି-୨୦୨୬ରେ ତିନି ତାରକା ଓ ତଦୁର୍ଦ୍ଧ୍ୱ ହୋଟେଲ କିମ୍ବା ରିସର୍ଟ ପାଇଁ ସର୍ବନିମ୍ନ ନିବେଶ ସୀମା ୫୦ କୋଠରୀରୁ ୧୦ କୋଠରୀକୁ ହ୍ରାସ କରାଯାଇଛି। ଏଥିସହିତ ବର୍ତ୍ତମାନ କାର୍ଯ୍ୟକ୍ଷମ ୟୁନିଟ ଗୁଡିକର ସହଜ ଓ ଦ୍ରୁତ ସମ୍ପ୍ରସାରଣ ପାଇଁ ଯୋଗ୍ୟତା ସୀମା ୫୦ ପ୍ରତିଶତରୁ ୨୫ ପ୍ରତିଶତକୁ ହ୍ରାସ କରାଯାଇଛି। ପର୍ଯ୍ୟଟନ କ୍ଷେତ୍ରରେ ନିବେଶକଙ୍କୁ ଆକୃଷ୍ଟ କରିବା ପାଇଁ ପୁଞ୍ଜି ନିବେଶ ସବସିଡି (ସିଆଇଏସ)କୁ ଦୁଇଟି ଭାଗରେ ବିଭକ୍ତ କରାଯାଇଛି। ୨୦୦ କୋଟି ପର୍ଯ୍ୟନ୍ତ ନିବେଶ ପାଇଁ ୫୦ କୋଟି ପର୍ଯ୍ୟନ୍ତ ସବସିଡି ଏବଂ ୨୦୦ ➪ପୃଷ୍ଠା-୬

# ୨୮ରୁ ସଂସଦର ବଜେଟ୍ ଅଧିବେଶନ



### ଫେବ୍ରୁଆରୀ ୧ରେ ବଜେଟ୍
### ଦୁଇଟି ପର୍ଯ୍ୟାୟରେ ଅଧିବେଶନ

**ନୂଆଦିଲ୍ଲୀ,୯।୧:** ସଂସଦର ବଜେଟ୍ ଅଧିବେଶନ ଆସନ୍ତା ୨୮ରୁ ଆରମ୍ଭ ହେବ। ଆସନ୍ତା ଏପ୍ରିଲ୍ ୨ ତାରିଖ ପର୍ଯ୍ୟନ୍ତ ଏହି ଅଧିବେଶନ ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବ। ଏଥିସହ ଆସନ୍ତା ଫେବ୍ରୁଆରୀ ୧ରେ କେନ୍ଦ୍ର ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରମଣ ସାଧାରଣ ବଜେଟ୍ ଉପସ୍ଥାପନ କରିବାର ସମ୍ଭାବନା ରହିଛି। ଯଦି ଉକ୍ତ ଦିନ ବଜେଟ୍ ଆଗତ ହୁଏ, ତା'ହେଲେ ଏହା ସଂସଦ ଇତିହାସରେ ପ୍ରଥମ ଘଟଣା ହେବ, କାରଣ ଉକ୍ତଦିନ ରବିବାର ରହିଛି। ଏନେଇ ଆଜି ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ 'ଏକ୍ସ'ରେ ଏ ସଂକ୍ରାନ୍ତରେ ସୂଚନା ଦେଇଛନ୍ତି। ସେ ଉଲ୍ଲେଖ କରିଛନ୍ତି ଯେ ଭାରତ ସରକାରଙ୍କ ପକ୍ଷରୁ ଦିଆଯାଇଥିବା ପ୍ରସ୍ତାବକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଞ୍ଜୁରୀ ଦେବା ପରେ ଅଧିବେଶନ ସଂକ୍ରାନ୍ତ କାର୍ଯ୍ୟସୂଚୀ ଚୂଡ଼ାନ୍ତ ହୋଇଛି।

ଏଥିସହ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଅଧିବେଶନର ପ୍ରଥମ ଦିନରେ ସଂସଦର ଉଭୟ ସଦନର ସଂଯୁକ୍ତ ବୈଠକକୁ ସମ୍ବୋଧିତ କରିବେ। ସେହିପରି ବିଟିଂ ରିଟ୍ରିଟ ସମାରୋହ ଯୋଗୁ ଆସନ୍ତା ୨୯ ତାରିଖରେ ସଂସଦର ଉଭୟ ସଦନ ବୈଠକ ଅନୁଷ୍ଠିତ ହେବନାହିଁ। ହେଲେ ପରବର୍ତ୍ତୀ କାର୍ଯ୍ୟ ଦିବସ ଅର୍ଥାତ୍ ଆସନ୍ତା ୩୦ରେ ଆର୍ଥିକ ସର୍ବେକ୍ଷଣ ରିପୋର୍ଟ ଉପସ୍ଥାପନ କରାଯିବ।

ସେହିପରି ନୂଆବର୍ଷର ପ୍ରଥମ ଅଧିବେଶନରେ ସଂସଦର ପ୍ରଥମ ପର୍ଯ୍ୟାୟ ଫେବ୍ରୁଆରୀ ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହାପରେ ରାଷ୍ଟ୍ରପତିଙ୍କ ଅଭିଭାଷଣ ଓ କେନ୍ଦ୍ରୀୟ ବଜେଟ୍ ଉପରେ ଧନ୍ୟବାଦ ପ୍ରସ୍ତାବ ଉପରେ ଆଲୋଚନା ପରେ ଅଧିବେଶନ ଫେବୃଆରୀ ୧୩ରୁ ମାସକ ପାଇଁ ଅବକାଶ ରହିବ। ପରେ ସଂସଦର ଦ୍ୱିତୀୟ ଅଧିବେଶନ ମାର୍ଚ୍ଚ ୯ ତାରିଖରେ ଆରମ୍ଭ ହେବ।

## ୬୩ ଦୁର୍ଦ୍ଧାନ୍ତ ମାଓବାଦୀଙ୍କ ଆତ୍ମସମର୍ପଣ

- ୩୬ ଜଣଙ୍କ ମୁଣ୍ଡରେ ଥିଲା ୧.୧୯ କୋଟି ପୁରସ୍କାର




**ମାଲକାନଗିର,୯।୧(ସଂଚାର ବ୍ୟୁରୋ):** ଦିନକୁ ଦିନ ମାଓବାଦୀମାନେ ସମାଜର ମୁଖ୍ୟ ସ୍ରୋତକୁ ଫେରୁଥିବା ବେଳେ ଆଜି ଏହି ଧାରାରେ ସାମିଲ୍ ହୋଇଛନ୍ତି ୬୩ ଜଣ ଦୁର୍ଦ୍ଧାନ୍ତ ମାଓବାଦୀ। ମାଲକାନଗିରି ଜିଲ୍ଲା ସୀମାନ୍ତବର୍ତ୍ତୀ ଛତିଶଗଡ଼ ଦାନ୍ତେୱାଡ଼ା ଏସପି ଗୌରବ ରାଏଙ୍କ ନିକଟରେ ସେମାନେ ଅସ୍ତ୍ରଶସ୍ତ୍ର ସହ ଆତ୍ମସମର୍ପଣ କରିଛନ୍ତି। ସେମାନଙ୍କ ମଧ୍ୟରେ ୧୮ ଜଣ ମହିଳା ମାଓବାଦୀ ମଧ ଅଛନ୍ତି। ଏହି ମାଓବାଦୀମାନେ ଦରଭା, ଦକ୍ଷିଣ ଓ ପଶ୍ଚିମ ବସ୍ତର, ମାଡ୍ ଅଞ୍ଚଳ ଓ ଓଡ଼ିଶାର କେତେକ ସୀମାନ୍ତବର୍ତ୍ତୀ ଅଞ୍ଚଳରେ ସକ୍ରିୟ ଥିଲେ। ଆଜି ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କ ମଧ୍ୟରୁ ୩୬ ଜଣଙ୍କ ମୁଣ୍ଡରେ ପାଖାପାଖି ୧ କୋଟି ୧୯ ଲକ୍ଷ ଟଙ୍କାର ପୁରସ୍କାର ରହିଥିଲା। ସେମାନଙ୍କ ମଧ୍ୟରୁ ୭ ଜଣଙ୍କ ମୁଣ୍ଡରେ ୮ ଲକ୍ଷ ଲେଖାଏଁ, ଅନ୍ୟ ୭ ଜଣଙ୍କ ମୁଣ୍ଡରେ ୫ ଲକ୍ଷ ଲେଖାଏଁ, ୮ ଜଣଙ୍କ ମୁଣ୍ଡରେ ୨ ଲକ୍ଷ ଲେଖାଏଁ ଏବଂ ୧୧ ଜଣଙ୍କ ମୁଣ୍ଡରେ ୧ ଲେଖାଏଁ ପୁରସ୍କାର ରାଶି ରହିଥିଲା। ସେମାନେ ମଧ ବିଭିନ୍ନ ହିଂସାତ୍ମକ କାଣ୍ଡରେ ଲିପ୍ତ ଥିଲେ ଯେଉଁଥିରେ ପୁଲିସ୍ ସହ ଏନ୍‌କାଉଣ୍ଟର୍, ଆଇଇଡି ବିସ୍ଫୋରଣ, ଯବାନଙ୍କ ➪ପୃଷ୍ଠା-୬

### 'ସମଗ୍ର ଶିକ୍ଷା'ର ନୂତନ ରୂପରେଖ ପାଇଁ ଧର୍ମେନ୍ଦ୍ରଙ୍କ ପରାମର୍ଶ ବୈଠକ
# ଫଳାଫଳଭିତ୍ତିକ ଯୋଜନା ଉପରେ ଜୋର୍

- ନୂତନ ଶିକ୍ଷା ବର୍ଷ ପାଇଁ ସାମଗ୍ରିକ ବାର୍ଷିକ ଯୋଜନା ପ୍ରସ୍ତୁତି ପରାମର୍ଶ
- ଦ୍ୱାଦଶ ପର୍ଯ୍ୟନ୍ତ ଶତ ପ୍ରତିଶତ ନାମଲେଖା ସୁନିଶ୍ଚିତ ଲକ୍ଷ୍ୟ



**ନୂଆଦିଲ୍ଲୀ,୯।୧(ସଂଚାର ବ୍ୟୁରୋ):** କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ କେନ୍ଦ୍ର ରାଷ୍ଟ୍ର ମନ୍ତ୍ରୀ ଜୟନ୍ତ ଚୌଧୁରୀଙ୍କ ମିଳିତ ଅଧ୍ୟକ୍ଷତାରେ ଆଜି ଏଠାରେ 'ସମଗ୍ର ଶିକ୍ଷା ୩.୦' ଉପରେ 'ସମଗ୍ର ଶିକ୍ଷାର ନୂତନ ରୂପରେଖ' ପାଇଁ ଏକ ଦିନିକିଆ ପରାମର୍ଶ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ୧୧ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ବରିଷ୍ଠ ଅଧିକାରୀ, ଶିକ୍ଷାବିତ୍ ଓ ବିଭିନ୍ନ ମନ୍ତ୍ରଣାଳୟର ପ୍ରତିନିଧିମାନେ ଯୋଗ ଦେଇ ସ୍କୁଲ ଶିକ୍ଷା ବ୍ୟବସ୍ଥାର ସଂସ୍କାର ଉପରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଛନ୍ତି।

ଶ୍ରୀ ପ୍ରଧାନ କହିଛନ୍ତି ଯେ ଏହି ପ୍ରୟାସରୁ ବାହାରୁଥିବା ଅଭିନବ ଚିନ୍ତାଧାରା ବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥାକୁ ସାମଗ୍ରିକ ଭାବେ ସଦୃଢ଼ କରିବା ପାଇଁ ଏକ ସ୍ପଷ୍ଟ ରୋଡ୍‌ମ୍ୟାପ୍ ପ୍ରସ୍ତୁତିରେ ସହାୟକ ହେବ। ଏଥିସହ ସମଗ୍ର ଶିକ୍ଷା ଯୋଜନାକୁ ପୁନଃକଳ୍ପନା କରି 'ବିକଶିତ ଭାରତ'ର ଲକ୍ଷ୍ୟ ସହ ସମାନ କରିବା ସହ ଏକ ଶିକ୍ଷା ବ୍ୟବସ୍ଥା ଗଠନ କରିବ, ଯାହାକି ଫଳାଫଳଭିତ୍ତିକ, ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକ, ଭାରତୀୟତା ସହ ଜଡ଼ିତ। ଆମର ଛାତ୍ରଛାତ୍ରୀଙ୍କ ବିଭିନ୍ନ ପ୍ରକାରର ଆବଶ୍ୟକତାକୁ ପୂରଣ କରିବାରେ ସହାୟକ ହେବ ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ କହିଛନ୍ତି। ପାଠପଢ଼ାରେ ରହୁଥିବା ବ୍ୟବଧାନକୁ କମାଇବା, ଡ୍ରପ୍-ଆଉଟ୍ ହାର ହ୍ରାସ କରିବା, ଗୁଣାତ୍ମକ ଶିକ୍ଷାଦାନ ସହ ଅପପୁଷ୍ଟି ସମସ୍ୟାର ସମାଧାନ କରିବା ଆମର ମିଳିତ ଦାୟିତ୍ୱ ହେବା ଉଚିତ। ସେହିପରି ଶିକ୍ଷକମାନଙ୍କର ଦକ୍ଷତା ବୃଦ୍ଧି କରିବା, ପ୍ରତ୍ୟେକ ଶିଶୁଙ୍କ ମଧ୍ୟରେ ଡିଜାଇନ ଥିଙ୍କିଂ, କ୍ରିଟିକାଲ ଥିଙ୍କିଂ ➪ପୃଷ୍ଠା-୬

# ଥଣ୍ଡାର ଥାର୍ଡ ଡିଗ୍ରୀ, ଶିମିଳିପାଳରେ ମାଇନସ୍

### ୧୦ ତଳେ ୨୫ ସହରର ତାପମାତ୍ରା



**ଭୁବନେଶ୍ୱର,୯।୧(ସଂଚାର ବ୍ୟୁରୋ):** ଓଡ଼ିଶାରେ ସମ୍ପ୍ରତି ଜାରି ରହିଥିବା ଶୀତ ଲହରୀ ଦିନକୁ ଦିନ ରାଜ୍ୟବାସୀଙ୍କ ଅବସ୍ଥା ବେହାଲ କରିବାରେ ଲାଗିଛି। ଗତ ଦୁଇ ଦିନ ତୁଳନାରେ ଆଜି ଅଧିକ ଶୀତ ଅନୁଭୂତ ହୋଇଛି। ଅତଏବ ଗତକାଲି ୨୪ଟି ସହରର ତାପମାତା ୧୦ ଡିଗ୍ରୀ ତଳେ ଥିବା ବେଳେ ଆଜି ଏହି ସଂଖ୍ୟା ୨୫କୁ ବୃଦ୍ଧି ପାଇଛି। ଫଳତଃ ସମଗ୍ର ରାଜ୍ୟ ଥରୁଛି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। କ୍ରମାଗତ ଭାବେ ତାପମାତ୍ରା ଖସିଚାଲିଥିବା ବେଳେ ୫ ଡିଗ୍ରୀ ତଳେ ୬ଟି ସହର ରହିଥିଲା। ଆହୁରି ୭ଟି ସହରର ତାପମାତ୍ରା ୮ ଡିଗ୍ରୀ ତଳେ ରହିଥିବା ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏଥିସହ ଗତକାଲି ଶୂନ ଡିଗ୍ରୀ ତାପମାତ୍ରା ଥିବା ଶିମିଳିପାଳରେ ଆଜି ➪ପୃଷ୍ଠା-୬

# ଖଣି ଅଫିସରଙ୍କ ନିଲମ୍ବନ ପରେ ଜିଲ୍ଲାରେ ଓଏଏସ୍ ମେଳି

- ଜିଲ୍ଲାପାଳଙ୍କ ବିରୋଧରେ ଚାଲିଛି ଷଡ଼ଯନ୍ତ୍ର
- ନାଟ ଦେଖୁଛନ୍ତି ରାଜନେତା



**ଭୁବନେଶ୍ୱର,୯।୧(ସଂଚାର ବ୍ୟୁରୋ):** ଜଗତ୍‌ସିଂହପୁର ଜିଲ୍ଲାରେ ବାଲିଚୋରି ଘଟଣାରେ ଜିଲ୍ଲା ଦାୟିତ୍ୱରେ ଥିବା ଖଣି ଅଫିସର ନିଲମ୍ବନ ହେବା ପରେ ଏବେ ଜିଲ୍ଲାରେ ପ୍ରଶାସନିକ ଛକାପଞ୍ଝା ଆରମ୍ଭ ହୋଇଛି। ସମ୍ପୃକ୍ତ ଖଣି ଅଫିସରଙ୍କ ସପକ୍ଷରେ ଥିବା କିଛି ଓଏଏସ୍ ଅଧିକାରୀ ଭୋଜି ନାଁରେ ମେଳି ହୋଇ ନିଜର ଶକ୍ତି ପ୍ରଦର୍ଶନ କରିଥିବା ବେଳେ ଏମାନେ ଜିଲ୍ଲାପାଳଙ୍କ ବିରୁଦ୍ଧରେ ଷଡ଼ଯନ୍ତ୍ର କରୁଥିବା ନେଇ ଚାଲିଥିବା ଆଲୋଚନା ରାଜଧାନୀରେ ପହଞ୍ଚିଛି।

ଗତ କିଛିଦିନ ଧରି ଜିଲ୍ଲାରେ ବାଲି ଚୋରିକୁ ନେଇ ଚାଲିଛି ଘମାଘୋଟ। ବିଶେଷକରି ତିର୍ତ୍ତୋଲର କିଲିପାଳ ବାଲିଘାଟ ଓ ଜଇପୁର ବାଲିଘାଟରୁ ଜିଲ୍ଲାପାଳ ସଦଳବଳ ଚଢ଼ାଉ କରି ୬୫ରୁ ଅଧିକ ବାଲି ଟ୍ରକ ଜବତ କରିବା ପରେ ଏହା ସମଗ୍ର ରାଜ୍ୟରେ ➪ପୃଷ୍ଠା-୬

## ବଢ଼ିଲା ଶବ ବ୍ୟବଚ୍ଛେଦ ଭତ୍ତା

**ଭୁବନେଶ୍ୱର,୯।୧(ସଂଚାର ବ୍ୟୁରୋ):** ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଚିକିତ୍ସା ସେବାକୁ ଅଧିକ ସୁଦୃଢ଼ କରିବା ଓ ଡାକ୍ତରମାନଙ୍କ ଦାୟିତ୍ୱପୂର୍ଣ୍ଣ କାର୍ଯ୍ୟକୁ ସମ୍ମାନ ଦେବା ଦିଗରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ରିଜଲ୍ୟୁସନ ୨୦୨୬ ଅନୁସାରେ, ଓଡ଼ିଶା ମେଡିକାଲ ହେଲଥ ସର୍ଭିସ କ୍ୟାଡ଼ରର ମେଡିକାଲ ଅଧିକାରୀଙ୍କ ପାଇଁ ଶବ ବ୍ୟବଚ୍ଛେଦ ନିମନ୍ତେ ଦିଆଯାଉଥିବା ଭତ୍ତାକୁ ବୃଦ୍ଧି କରାଯାଇଛି। ପୂର୍ବରୁ ପ୍ରତି ମାମଲା ପିଛା ଡାକ୍ତରମାନଙ୍କୁ ୫୦୦ ଟଙ୍କା ଭତ୍ତା ଆକାରରେ ଦିଆଯାଉଥିବା ବେଳେ ଏବେ ଏହା ଏକ ହଜାର ଟଙ୍କାକୁ ବୃଦ୍ଧି ହୋଇଛି। ତେବେ ଏହି ବର୍ଦ୍ଧିତ ଭତ୍ତା ଦାବି କରିବା ସମୟରେ ସମ୍ପୃକ୍ତ ଡାକ୍ତର ପୁଲିସ କେସ୍ ନମ୍ବର ଉଲ୍ଲେଖ କରିବାକୁ ବାଧ୍ୟତାମୂଳକ କରାଯାଇଛି।

### ଏଡିବି ସହାୟତାରେ ବିଶ୍ୱସ୍ତରୀୟ ଦକ୍ଷତା ତାଲିମ
# ବଢ଼ିବ ଭୁବନେଶ୍ୱର ଦକ୍ଷତା ବିକାଶ କ୍ୟାମ୍ପସ କଳେବର

- ବ୍ରହ୍ମପୁର, ସମ୍ବଲପୁରରେ ହେବ ସ୍କିଲ କ୍ୟାମ୍ପସ
- ଉତ୍କର୍ଷ ଆଇଟିଆଇ ହେବ ୫ ସରକାରୀ ଆଇଟିଆଇ
- ଟାଟା ପାୱାରର ସୌର ପ୍ରକଳ୍ପକୁ ମିଳିଲା ଅନୁମୋଦନ



**ଭୁବନେଶ୍ୱର,୯।୧(ସଂଚାର ବ୍ୟୁରୋ):** ରାଜ୍ୟ କ୍ୟାବିନେଟ ଆଜି ଦକ୍ଷତା ବିକାଶ ପ୍ରକଳ୍ପର ଦ୍ୱିତୀୟ ପର୍ଯ୍ୟାୟକୁ ଅନୁମୋଦନ କରିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ଅନୁମୋଦନ ପାଇଥିବା ଦ୍ୱିତୀୟ ପର୍ଯ୍ୟାୟ ଦକ୍ଷତା ବିକାଶ ପ୍ରକଳ୍ପ ଏସିଆନ ଡେଭଲପମେଣ୍ଟ ବ୍ୟାଙ୍କ ସହାୟତାରେ କାର୍ଯ୍ୟକାରୀ ହେବ। ଏହି ପ୍ରକଳ୍ପର ଲକ୍ଷ୍ୟ ହେଉଛି ଓଡ଼ିଶା ଭିଜନ ୨୦୩୬ ସହିତ ସମନ୍ୱୟ ରଖି ଓଡ଼ିଶାର ଦକ୍ଷତା ବିକାଶ ଇକୋସିଷ୍ଟମକୁ ସୁଦୃଢ଼ ଏବଂ ଆଧୁନିକୀକରଣ କରିବା।

କ୍ୟାବିନେଟ ନିଷ୍ପତ୍ତି ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କହିଥିଲେ ଯେ, ଏହି ପ୍ରକଳ୍ପରେ ଭୁବନେଶ୍ୱରରେ ➪ପୃଷ୍ଠା-୬






# ବ୍ୟକ୍ତିଗତ ଜୀବନରେ ପଶିଲାଣି ଏଆଇ ରାଜନୀତି

- ଶାସକ, ବିରୋଧୀଙ୍କ ଏଆଇ ଯୋଦ୍ଧା ସକ୍ରିୟ
- ଆଗକୁ ଆସିବ ମାଲମାଲ ମାମଲା



**ଭୁବନେଶ୍ୱର,୯।୧(ସଂଚାର ବ୍ୟୁରୋ):** ରାଜ୍ୟ ରାଜନୀତିରେ ନିଜର ଦବ୍‌ଦବା ପାଇଁ ଶାସକ ଓ ବିରୋଧୀ ଦଳ ଏବେ ବ୍ୟକ୍ତିଗତ ସ୍ତରକୁ ଆସି ଏଆଇର ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି। ଏହାଦ୍ୱାରା ରାଜନୀତିରେ ସଫଳତା ମିଳୁ କି ନ ମିଳୁ, ବ୍ୟକ୍ତିଗତ ଜୀବନ କିନ୍ତୁ ଗୁରୁତର ଭାବେ ପ୍ରଭାବିତ ହେବାରେ ଲାଗିଛି। ଏହା ଉପରେ ରୋକ୍ ନ ଲାଗିଲେ ଆଗକୁ ଥାନାରେ ମାଲମାଲ ମାମଲା ରୁଜୁ ହେବା ନେଇ ସଙ୍କେତ ମିଳୁଛି।

ସୋସିଆଲ ମିଡିଆରେ ଏବେ ଉଭୟ ଶାସକ ଓ ବିରୋଧୀମାନେ ପରସ୍ପରକୁ ନୀଚା ଦେଖାଇବା ପାଇଁ ଏଆଇର ବ୍ୟାପକ ବ୍ୟବହାର ଆରମ୍ଭ କରିଦେଇଛନ୍ତି। ପୂର୍ବରୁ ସେମାନେ କେବଳ ଏଆଇ ଫଟୋ ଛାଡୁଥିବା ବେଳେ ଏବେ ଏଆଇ ଭିଡିଓ ବି ପୋଷ୍ଟ କଲେଣି। ତେବେ ଏଥିରେ ରାଜନୀତି ଅପେକ୍ଷା ବ୍ୟକ୍ତିଗତ ଆକ୍ଷେପ ଓ କୁତ୍ସାରଟନା ଅଧିକ ରହୁଥିବାରୁ ଏହା ଉଭୟ ଦୃଶ୍ୟ ଓ ସ୍ୱର କ୍ରମଶଃ ଶ୍ରୁତିକଟୁ ହେବାରେ ଲାଗିଛି। ଏଥିରୁ କାହାକୁ କେତେ ରାଜନୈତିକ ଫାଇଦା ମିଳୁଛି, ତାହା ଜଣାପଡୁନଥିଲେ ମଧ ଏଆଇ ଭିଡିଓରେ ଥିବା ରାଜନେତାମାନେ ବ୍ୟକ୍ତିଗତ ସ୍ତରରେ ନିନ୍ଦିତ ହେଉଛନ୍ତି।

ପରସ୍ପର ବିରୋଧରେ ଲାଗିଥିବା ଏଆଇ ବ୍ୟବହାର କରୁଥିବା ଯୋଦ୍ଧାମାନେ ଏବେ ବେଶ୍ ସକ୍ରିୟ। ଛଦ୍ମନାମ ଓ ଛଦ୍ମ ଆକାଉଣ୍ଟରେ ପରସ୍ପର ବିରୋଧରେ ମାତିଛନ୍ତି ସେମାନେ। ବିରୋଧୀ ଦଳ ପକ୍ଷରୁ ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ମନ୍ତ୍ରିମଣ୍ଡଳର ଅନ୍ୟ ସଦସ୍ୟମାନଙ୍କ ଏଆଇ ଫଟୋ ସହ ସେମାନଙ୍କୁ ସମାଲୋଚନା ପାଇଁ ବିଭିନ୍ନ ବ୍ୟାନର ଓ ପୋଷ୍ଟର ସୋସିଆଲ ମିଡ଼ିଆରେ ଛଡ଼ାଯାଇଥିଲା। ସେହିଭଳି ➪ପୃଷ୍ଠା-୬

## ଗରିବ ପରିବାରକୁ ମିଳୁନି ଆବାସ ଯୋଜନାରେ ଘର

# ପଲିଥିନ୍ ଢଙ୍କା କୁଡ଼ିଆରେ ବିତୁଛି ଜୀବନ

**ରାଜକନିକା,୯।୧ (ସଂଚାର ବ୍ୟୁରୋ):** ସରକାରୀ ଘର ପାଇବାକୁ ମନା । ବଡ ଦୁର୍ଦ୍ଦିନରେ ପରିବାର। ଖରାଦିନ ଆସିଲେ ଟିକିଏ ଦୁର୍ଦ୍ଦଶାରୁ ମୁକ୍ତି ମିଳେ। ବର୍ଷା ଦିନେ ତ କଥା ସରିଲା। ଜାକିଜୁକି ହୋଇ ବଖୁରିଏ ପଲିଥିନ୍ ଘରେ ପରିବାର ସହ ଦିନରାତି କଟାଇବାକୁ ପଡେ। ଏତେ ହିନସ୍ତା ଭିତରେ ଥାଇ ବି କେତେ ଯେ ହାରିଗୁହାରି କରିବାକୁ ପଡିଛି ତାହା ବି କହି ହେବନି। ଶେଷରେ ଫଳ ହେଉଛି ଏୟା ଯେ ସରକାରୀ ଘର ତାଙ୍କ ପାଇଁ ସ୍ୱପ୍ନ ହୋଇଯାଇଛି। ଏଭଳି କଥା କ୍ଷୋଭର ସହ କହିଛନ୍ତି ରାଜକନିକା ବ୍ଲକ ଅନ୍ତର୍ଗତ ଅବଦୁଲପୁର ପଞ୍ଚାୟତ ଅହମ୍ମଦପୁର ଗ୍ରାମର ଲତା ମଲିକ(୪୬)।



ଅଭିଯୋଗ ଅନୁସାରେ ଲତାଙ୍କ ସ୍ୱାମୀ ଟୁକୁନା ଜଣେ ଛୋଟମୋଟ ବୁଲା ବେପାରୀ। ଘରେ ଦୁଇ ପୁଅ। ବଡ ପୁଅର ବାତରୋଗ ଯୋଗୁ ଅଧାରୁ ପାଠପଢା ଛାଡି ଘରେ ବସିଛି। କେବଳ ରାସନ ଚାଉଳ ହିଁ ଭରସା। ଘର କହିଲେ ବଖୁରୀରେ କୁଡିଆ। ଛପର ବି ହୋଇନି। ପାଲ ପକେଇ ଚଳିବାକୁ ପଡୁଛି। ସେଇ ଘରେ ରୋଷେଇବାସ, ଶୁଆବସା। ଘର ଖଣ୍ଡିଏ ନିମନ୍ତେ ବହୁ କସରତ ହୋଇଛି। ବିଗତ ଦିନର ପଲ୍ଲୀରୁ ପ୍ରଶାସନ ଯାଏ ବହୁବାର ଗୁହାରି କରିଥିଲେ ମଧ ତାଙ୍କୁ ଘରଖଣ୍ଡିଏ ମିଳିପାରିଲା ନାହିଁ। ଏବେ ବ୍ଲକ ଆଉ ପଞ୍ଚାୟତ ପାଖେ ଟହଲ ମାରି ବି ଘର ଖଣ୍ଡେ ମିଳିଲା ନାହିଁ ବୋଲି ଅସନ୍ତୋଷ ଝାଡିଛନ୍ତି ଲତା। ଏଭଳି ସ୍ଥିତିରେ ଦୟନୀୟ ଭାବେ କାଳ କାଟୁଥିବା ପରିବାରକୁ ସରକାରୀ ଘର ଯୋଗାଇ ଦେବାକୁ ଦାବିହେଉଛି।

## ସମବାୟ ସମିତି ପକ୍ଷରୁ ଖୋଲିଲା ଧାନମଣ୍ଡି, ଖୁସି ପ୍ରକଟ କଲେ ଚାଷୀ



**ଆଳି,୯।୧(ସଂଚାର ବ୍ୟୁରୋ):** ଆଳି ବ୍ଲକର ଗୋବିନ୍ଦପୁର ସମବାୟ ସମିତି ପକ୍ଷରୁ ଧାନ ମଣ୍ଡି ଖୋଲିବା ପରେ ଚାଷୀ ଖୁସି ହୋଇଛନ୍ତି। ପୁରା ଜିଲ୍ଲାରେ ଶୁକ୍ରବାର ଦିନ ଧାନମଣ୍ଡି ଉଦଘାଟିତ ପାଇଁ ସରକାର ଧାର୍ଯ୍ୟ କରିଥିବା ବେଳେ । ଗୋବିନ୍ଦପୁର ସମବାୟ ସମିତିର ସମ୍ପାଦକ ବିରଜା ପ୍ରସାଦ ଦାସଙ୍କ ନେତୃତ୍ୱରେ ସମବାୟର ସଭାପତି ଧନରଞ୍ଜନ ବୋଷ ମଣ୍ଡି ଉଦଘାଟନ କରିଥିଲେ । ମଣ୍ଡିରେ ଧାନ ବିକ୍ରି କରି ସରକାରୀ ମୂଲ୍ୟ ନେବା ନିମନ୍ତେ ଚାଷୀ ମାନଙ୍କୁ ନିବେଦନ କରିଛନ୍ତି ସଭାପତି ଓ ସଂପାଦକ । ଚାଷୀ ମାନେ କିଭଳି ଭାବେ ସୁରକ୍ଷିତ ଭାବେ ନିଜର ଧାନ ବିକ୍ରି କରିପାରିବେ ଓ ସରକାରୀ ମୂଲ୍ୟ ପାଇପାରିବେ ସେ ନେଇ ସମବାୟ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି । ମଣ୍ଡି ଉଦଘାଟନ ସମୟରେ ଅଞ୍ଚଳର ଚାଷୀମାନେ ଉପସ୍ଥିତ ଥିଲେ ।

## ଚିତ୍ରୋତ୍ପଳା ମହିଳା ସ୍ନାତକ ମହାବିଦ୍ୟାଳୟରେ ବାର୍ଷିକ ଉତ୍ସବ

● ପୁରସ୍କାର ବିତରଣ କଲେ ବିଧାୟକ



**ଗରଦପୁର,୯।୧ (ସଂଚାର ବ୍ୟୁରୋ):** ଛାତ୍ରଛାତ୍ରୀ ଦେଶର ଭବିଷ୍ୟତ। ମନ ଲଗାଇ ପାଠ ପଢିବା ସହିତ ସଂସ୍କାର ଶିକ୍ଷା ନିହାତି ଜରୁରୀ ରହିଛି। ଆଜିର ଯୁବପିଢ଼ି ପାଶ୍ଚାତ୍ୟ ସଭ୍ୟତାକୁ ପରିତ୍ୟାଗ କରି ନିଜର ପୂର୍ବ ପୁରୁଷ ଏବଂ ଉତ୍କଳୀୟ ପରମ୍ପରାକୁ ଓ ଉତ୍କଳର ପଞ୍ଚସଖା, ମହାପୁରୁଷଙ୍କ ଜୀବନୀକୁ ଗ୍ରହଣ କରି ନିଜର ଭବିଷ୍ୟତ ଗଢିବା ନିହାତି ଜରୁରୀ ରହିଛି ଯାହାଦ୍ୱାରା ଆମ ଉତ୍କଳର ପରମ୍ପରା ବଜାୟ ରହିବ। ଶିକ୍ଷା ଗୁରୁଙ୍କ ସହ ପିତାମାତାଙ୍କ ନାମକୁ ଆହୁରି ଆଗକୁ ନେଇ ପାରିବେ ବୋଲି ଛାତ୍ରୀ ମାନଙ୍କୁ ପଟକୁରାର ବିଧାୟକ ଅରବିନ୍ଦ ମହାପାତ୍ର ନିଜ ଉଦବୋଧନରେ ପିଲାମାନଙ୍କୁ ଉପଦେଶ ଦେଇଥିଲେ। କେନ୍ଦ୍ରାପଡା ଜିଲ୍ଲା ଗରଦପୁର ବ୍ଲକ ଅନ୍ତର୍ଗତ କୋଲ୍ଲୁଆ ସ୍ଥିତ ଚିତ୍ରୋତ୍ପଳା ମହିଳା ସ୍ନାତକ ମହାବିଦ୍ୟାଳୟରେ ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ଉତ୍ସବ ଆଡମ୍ବର ସହକାରେ ପାଳନ ହୋଇ ଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ପାଟକୁରା ବିଧାୟକ ଶ୍ରୀ ଅରବିନ୍ଦ ମହାପାତ୍ର ଯୋଗଦେଇ କୃତି ଛାତ୍ରୀ ମାନଙ୍କୁ ପୁରସ୍କାର ବିତରଣ କରିବା ସହ ସେମାନଙ୍କୁ ହିତୋପଦେଶ ବାର୍ତ୍ତା ଦେଇଥିଲେ। ଏହି ସଭାରେ ମୁଖ୍ୟ ବକ୍ତା ଭାବେ ଗରଦପୁର ବ୍ଲକ ଅଧ୍ୟକ୍ଷ ଅଜୟ କୁମାର ମହାରାଜ ଯୋଗ ଦେବା ସହ ସେହି ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼.ବସନ୍ତ ଦେବବ୍ରତ,ଇତିହାସ ବିଭାଗର ମୁଖ୍ୟ ନିର୍ମଳେନ୍ଦ୍ର କୁମାର ମଲ୍ଲିକ,ଇଂରାଜୀ ବିଭାଗର ମୁଖ୍ୟ ଅଜାତି ଚରଣ ବେଉରା,ଶିକ୍ଷା ବିଭାଗର ମୁଖ୍ୟ ସରୋଜକାନ୍ତ ଖୁଣ୍ଟିଆ ପ୍ରମୁଖ ବିଧାୟକଙ୍କ ସହ ମଞ୍ଚ ଉପରେ ଉପସ୍ଥିତ ରହି ପୁରସ୍କାର ବିତରଣ ଓ ବାର୍ଷିକ ଉତ୍ସବକୁ ସୁଚାରୁ ରୂପେ ସମ୍ପନ୍ନ କରିଛନ୍ତି।

## ବିଭିନ୍ନ ସମସ୍ୟା ବୁଝି ସମାଧାନ ପାଇଁ ପ୍ରତିଶ୍ରୁତି ଦେଲେ ବିଧାୟକ ଶାରଦା



**ନିଶ୍ଚିନ୍ତକୋଇଲି,୯।୧(ସଂଚାର ବ୍ୟୁରୋ):** ମାହାଙ୍ଗା ନିର୍ବାଚନ ମଣ୍ଡଳୀ ଅଧିନସ୍ଥ ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ ନଗସପୁର ପଞ୍ଚାୟତ ତାରିକବା ଗ୍ରାମ ୧୧ନଂ ୱାର୍ଡ଼କୁ ମାହାଙ୍ଗାବର ମାହାଙ୍ଗା ବିଧାୟକ ଶ୍ରୀଯୁକ୍ତ ଶାରଦାପ୍ରସାଦ ପ୍ରଧାନ ଅଚାନକ ଗସ୍ତ କରି ଗ୍ରାମବାସୀ ମାନଙ୍କ ସହିତ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଉକ୍ତ ଗ୍ରାମର ବୁଥ୍ ସଭାପତି ଆଲୋକ ବେହେରାଙ୍କ ମାତା ସ୍ୱର୍ଗତ ବର୍ଣ୍ଣ ବେହେରା ଓ ରଘୁନାଥ ମହାପାତ୍ରଙ୍କ ପତ୍ନୀ ସ୍ୱର୍ଗତ କନକମଞ୍ଜରୀ ମହାପାତ୍ରଙ୍କ ବାସଭବନକୁ ଯାଇ ଉଭୟଙ୍କ ଆତ୍ମାର ସଦ୍‌ଗତି କାମନା କରିଥିଲେ। ପରେ ନୃସିଂହଚରଣ ପରିଡ଼ାଙ୍କ ସଭାପତିତ୍ୱରେ ନଗସପୁର ପଞ୍ଚାୟତରେ ଅନୁଷ୍ଠିତ ଏକ ବୈଠକରେ ବିଧାୟକ ଶ୍ରୀ ପ୍ରଧାନ ଯୋଗ ଦେଇ ଉପସ୍ଥିତ ଲୋକମାନଙ୍କ ଭଲମନ୍ଦ ବୁଝିବା ସହ ସେଠାକାର ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ ଏବଂ ସମସ୍ୟା ଗୁଡ଼ିକର ଶୀଘ୍ର ସମାଧାନ କରାଯିବା ପାଇଁ ଉପସ୍ଥିତ ଜନସାଧାରଣଙ୍କୁ ବିଧାୟକ ଶ୍ରୀଯୁକ୍ତ ପ୍ରଧାନ ପ୍ରତିଶ୍ରୁତି ଦେଇଥିଲେ। ବିଧାୟକଙ୍କ ସହିତ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଉପାଧକ୍ଷ ନୃସିଂହଚରଣ ମିଶ୍ର, ପୂର୍ବତନ ସରପଞ୍ଚ ରମେଶଚନ୍ଦ୍ର ସ୍ୱାଇଁ, ରବୀନ୍ଦ୍ରନାଥ ତ୍ରିପାଠୀ, ସନ୍ତୋଷ କୁମାର ମହାନ୍ତି, ମିହିର କୁମାର ମିଶ୍ର, ସୁରେନ୍ଦ୍ରନାଥ ରାଉତ, ସରପଞ୍ଚ ଲଳିତେନ୍ଦୁ ବିଶୋଇ, ସମିତିସଭ୍ୟ ଆଶିଷ ମହାନ୍ତି, ମଣ୍ଡଳ ସଭାପତି ଅଶୋକ କୁମାର ସାହୁ, ମନୋଜ ଭୂୟାଁ ପ୍ରମୁଖ ଉପସ୍ଥିତ ଥିଲେ।

## ରଘୁଦେଇପୁର ପଞ୍ଚାୟତ କାର୍ଯ୍ୟାଳୟ ସମସ୍ୟାର ତଦନ୍ତ କଲେ ଜିଲ୍ଲାପାଳ



**ଡେରାବିଶ,୯।୧(ସଂଚାର ବ୍ୟୁରୋ):** ରଘୁଦେଇପୁର ପଞ୍ଚାୟତ କାର୍ଯ୍ୟାଳୟ ୧୯୫୭ରେ ସ୍ଥାପିତ ହୋଇଥିଲେ ହେଁ ଏବେବି ପୁରୁଣା ଆଜବେଷ୍ଟ ଘରେ କାମ ଚାଲିଛି । ଏ ସମ୍ପର୍କରେ ପ୍ରଶାସନିକ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ ହୋଇଥିବା ବେଳେ ଜିଲ୍ଲାପାଳ ରଘୁରାମ ଆର୍ ଆୟାର ନିଜେ ପଞ୍ଚାୟତ ଅଫିସ୍‌କୁ ଯାଇ ତଦନ୍ତ କରିଛନ୍ତି। ଜମି ସମସ୍ୟାର ସମାଧାନ ହେବା ପରେ ଶୀଘ୍ର ନୂତନ ପଞ୍ଚାୟତ କାର୍ଯ୍ୟାଳୟ ଓ ରାଜୀବ ଗାନ୍ଧୀ ଗୃହ ନିର୍ମାଣ କରାଯିବ ବୋଲି ଜିଲ୍ଲାପାଳ କହିଥିଲେ । ଏହି ପଞ୍ଚାୟତର ସମସ୍ୟା କୋର୍ଟରେ ପହଞ୍ଚିଥିବା ବେଳେ କୋର୍ଟ ପ୍ରାୟ ୭ ମାସ ହେଲା ନୋଳ ସାହିରେ ନୂତନ କାର୍ଯ୍ୟାଳୟ ସ୍ଥାପନ ପାଇଁ ନିର୍ଦ୍ଦେଶ ଦେଇଥିଲେ ସୁଦ୍ଧା ଏ ପର୍ଯ୍ୟନ୍ତ କୌଣସି କାମ ଆଗକୁ ଆଗେଇ ନଥିବା ଅଭିଯୋଗ ହେଉଛି । ସରକାର ପଞ୍ଚାୟତ କାର୍ଯ୍ୟାଳୟ ପାଇଁ କୋଟିକୋଟି ଟଙ୍କା ଖର୍ଚ୍ଚ କରୁଥିବାବେଳେ ଏଠି ଜମି ସମସ୍ୟା ନେଇ ପଞ୍ଚାୟତ ଅଫିସ୍ ହୋଇପାରୁ ନ ଥିବା ଅଭିଯୋଗ ହେଉଛି। ପଞ୍ଚାୟତ କାର୍ଯ୍ୟାଳୟ ନ ଥିବାରୁ ସରପଞ୍ଚ ହୋଇଥିଲେ ମଧ ଅଧିକାଂଶ ସମୟରେ ଆସୁ ନ ଥିବା ଓ ପଞ୍ଚାୟତ କାର୍ଯ୍ୟାଳୟ ପାଇଁ ଆସୁଥିବା କମ୍ପ୍ୟୁଟର, ପଙ୍ଖା, ଚେୟାର, ଟେବୁଲ୍ ବିଭିନ୍ନ ପ୍ରକାରର ଜିନିଷରୁ ବଞ୍ଚିତ ହେଉଛନ୍ତି। ରଘୁଦେଇପୁର ସମବାୟ ସମିତି ପଞ୍ଚାୟତର ନୂତନ କାର୍ଯ୍ୟାଳୟ ପାଇଁ ଜମି ଦେବା ସହ ସହଯୋଗ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି । ତଦନ୍ତ ବେଳେ ବିଡିଓ ନମିତା ବାରିକ, ସ୍ଥାନୀୟ ସରପଞ୍ଚ ଭକ୍ତିଲତା ନାୟକ ଓ ଅଞ୍ଚଳବାସୀ ଉପସ୍ଥିତ ଥିଲେ ।

## ରାଜରାସ୍ତାରେ ଅଣ୍ଡରପାସ୍ ରାସ୍ତା ସମ୍ପ୍ରସାରଣ ପାଁଇ ଅନଶନ

● ରାସ୍ତାରୋକ ଓ ଥାନା ଘେରାଉ ● ପ୍ରଶାସନ ଜାରିକଲା ବିଏନ୍ଏସ୍ ୧୬୩ ଧାରା

**ମାର୍ଶାଘାଇ, ୯।୧ (ସଂଚାର ବ୍ୟୁରୋ)** ଚଣ୍ଡିଖୋଲ-ପାରାଦ୍ୱୀପ ୫୩ ନମ୍ବର ଜାତୀୟ ରାଜପଥର ଶିଳିପୁର ଛକ ଠାରେ ଅଣ୍ଡରପାସ ସମ୍ପ୍ରସାରଣ ପାଁଇ ଦାବିରେ ଆମରଣ ଅନଶନ ୫ମ ଦିନରେ ଥିବାବେଳେ ଗତକାଲି ଶିଳିପୁର ପଞ୍ଚାୟତବାସୀଙ୍କ ପକ୍ଷରୁ ଜାତୀୟ ରାଜପଥ ୮ ଘଣ୍ଟା ବନ୍ଦ ରହିବା ଫଳରେ ରାସ୍ତାର ଦୁଇ ପାର୍ଶ୍ୱରେ ଶହ ଶହ ଗାଡି ମଟର ଅଟକି ରହିଥିଲା। ସାଧାରଣ ଲୋକମାନେ ଯିବାଆସିବା ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଶୁକ୍ରବାର ସକାଳୁ ପୁଲିସ ରାସ୍ତାରୋକ କରିଥିବା ଯୁବକ ମାନଙ୍କୁ ଘରୁ ଉଠାଇ ଆଣିବା ପରେ ପଞ୍ଚାୟତର ଶତାଧିକ ମହିଳା ପୁରୁଷ ଓ ଛାତ୍ରଛାତ୍ରୀମାନେ ଦଳବଳ ହୋଇ ମାର୍ଶାଘାଇ ଥାନାକୁ ଘେରାଉ କରିଥିଲେ।

ବରିଷ୍ଠ ପୁଲିସ ଅଧିକାରୀ ମାନଙ୍କ ସହିତ ପ୍ରଥମେ ଆଲୋଚନା ପରେ କଥା କଟାକଟି ଶେଷରେ ଥାନାକୁ ଧସେଇ ପଶିବାକୁ ଉଦ୍ୟମ ବିଫଳ ହେବାରୁ ପ୍ରବଳ ଉତ୍ତେଜନା ସୃଷ୍ଟି ହେବା ସହିତ ପୁଲିସ ଓ ମହିଳା ମାନଙ୍କ ମଧ୍ୟରେ ଧସ୍ତାଧସ୍ତି ଆରମ୍ଭ ହୋଇଥିଲା। ଘଟଣାସ୍ଥଳରେ ୪ ପ୍ଲାଟୁନ ଫୋର୍ସ ମଧ ମୁତୟନ ସହିତ ଏସଡିପିଓ ଜ୍ୟୋତି ରଞ୍ଜନ ଗୌଡ଼ ଓ ସ୍ଥାନୀୟ ତହସିଲଦାର ଶ୍ରୀକାନ୍ତ ପରିଜା ପହଂଚି ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ଘଟଣା ସ୍ଥଳରେ ବିଏନଏସ ୧୬୩ ଧାରା ଲାଗୁକାରୀ ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ।



ମାର୍ଶାଘାଇ ଥାନା ଅଧିକାରୀ ତପନ କୁମାର ନାୟକ, ପାଟକୁରା ଥାନା ଅଧିକାରୀ ମହମ୍ମଦ ଜାମସେଦ, ସଦର ଥାନା ଅଧିକାରୀ ଶୁଭେନ୍ଦୁ ସାହୁ, କୁଦାନଗରୀ ଥାନା ଅଧିକାରୀ ଜଗନ୍ନାଥ ପାଣିଗ୍ରାହୀ, ଇନ୍ସପେକ୍ଟର ନାରାୟଣ ସାହୁ, ସବ ଇନ୍ସପେକ୍ଟର ଧରିତ୍ରୀ ଜେନା ପ୍ରମୁଖ ଘଟଣା ସ୍ଥଳରେ ଉପସ୍ଥିତ ଥିଲେ। ପ୍ରାୟ ଅପରାହ୍ନ ୩ଟାରେ ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା ପରେ ପୁଲିସ ଉଠାଇ ଆଣିଥିବା ଲୋକମାନଙ୍କୁ ଛାଡି ଦେବାକୁ ପ୍ରତିଶୃତି ମିଳିବା ପରେ ପରସ୍ଥିତିରେ ସୁଧାର ଆସିଥିଲା । ମାତ୍ର ରାଜରାସ୍ତା କଡରେ ପୂର୍ବ ଭଳି ଅନଶନ ଜାରି ରହିଛି ।

## କେନ୍ଦ୍ରାପଡ଼ାରେ ଜିଲ୍ଲାସ୍ତରୀୟ ଧାନମଣ୍ଡି ଉଦ୍‌ଘାଟିତ

**କେନ୍ଦ୍ରାପଡ଼ା,୯।୧(ସଂଚାର ବ୍ୟୁରୋ):** ଜମଧର ପ୍ରାଥମିକ କୃଷି ସମବାୟ ସମିତି ପରିସରରେ ଶୁକ୍ରବାର ଜିଲ୍ଲାସ୍ତରୀୟ ଧାନମଣ୍ଡି ଉଦଘାଟିତ ହୋଇଯାଇଛି। ଜିଲ୍ଲାପାଳ ରଘୁରାମ ଆର. ଆୟାର ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଛନ୍ତି। ଜିଲ୍ଲାପାଳ ସରକାରୀ ନିୟମ ଅନୁଯାୟୀ ସମସ୍ତ ପଞ୍ଜିକୃତ ଚାଷୀମାନଙ୍କ ଧାନ ନିର୍ଦ୍ଧାରିତ ସମୟରେ ଶୃଙ୍ଖଳିତ ଭାବେ କ୍ରୟ କରିବାକୁ ପରାମର୍ଶ ଦେଇଛନ୍ତି।

ଜିଲ୍ଲା ଯୋଗାଣ ଅଧିକାରୀ ବେଣୁଧର ପାଣିଗ୍ରାହୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ସ୍ଥିରିକୃତ ନିୟମାବଳୀ ବିଷୟରେ ମତବ୍ୟକ୍ତ କରିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ସମବାୟ ସମିତି ଉପନିବନ୍ଧକ ପ୍ରଭାକର ନାୟକ, ସହକାରୀ ନିବନ୍ଧକ ଯୋଗେନ୍ଦ୍ର ବିଶ୍ୱାଳ, ଆରଏମସି ସମ୍ପାଦକ ବିଦ୍ୟାଧର ବେହେରା, ବିକ୍ରମ ରାଉତରାୟ, ଆଇନଜୀବୀ ବିଜୟ କୁମାର ପରିଡା ପ୍ରମୁଖ ଉପସ୍ଥିତ ଥିଲେ। ଜମଧର ସମବାୟ ସମିତି ସମ୍ପାଦକ ବୈରାଗୀ ଚରଣ ସାହୁ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିବା ବେଳେ ନିର୍ଦ୍ଦେଶକ ଜୀତେନ୍ଦ୍ରେ ପାଗଳ ଅତିଥି ପରିଚୟ ପ୍ରଦାନ କରିଥିଲେ। ଚାଷୀ ସଂଘ ସଭାପତି ଶରତ ଚନ୍ଦ୍ର ମିଶ୍ର ଚାଷୀଙ୍କ ବିଭିନ୍ନ ସମସ୍ୟା ଉପସ୍ଥାପନ କରିବା ସହିତ ଜିଲ୍ଲା ପ୍ରଶାସନର ସହଯୋଗକୁ ପ୍ରଶଂସା କରିଥିଲେ। ପୂର୍ବତନ ପଞ୍ଚାୟତ ସମିତି ଅଧକ୍ଷ ପ୍ରଦୀପ୍ତ କୁମାର ମହାନ୍ତି ମଧ ଉପସ୍ଥିତ ଥିଲେ। ଜମଧର ସମବାୟ ସମିତିର ସଭାପତି ଧରଣୀଧର ଦାସ ସଭାପତିତ୍ୱ କରିଥିବା ଏହି ଉଦଘାଟନୀ କାର୍ଯ୍ୟକ୍ରମରେ ପାଖାପାଖି ୩ ଶହ ଚାଷୀ ଉପସ୍ଥିତ ଥିଲେ ।




## ମହାକାଳପଡ଼ା ବ୍ଲକରେ ଧାନ କ୍ରୟ ମଣ୍ଡି ଉଦ୍‌ଘାଟିତ



**ମହାକାଳପଡ଼ା,୯।୧(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନର ନିଷ୍ପତ୍ତି ଅନୁଯାୟୀ, ଚଳିତ ଖରିଫ ବର୍ଷ ୨୦୨୫–୨୬ ପାଇଁ ଆଜି ଜାନୁଆରୀ ୯ ତାରିଖଠାରୁ ଆସନ୍ତା ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ କେନ୍ଦ୍ରାପଡ଼ା ଜିଲ୍ଲା ଯୋଗାଣ ବିଭାଗ ଜରିଆରେ ଜିଲ୍ଲାର ୧୨୦ ଗୋଟି ପ୍ରାଥମିକ କୃଷି ସମବାୟ ସମିତି (ପ୍ୟାକ୍ସ) ମାଧମରେ ଧାନ କ୍ରୟ ମଣ୍ଡି ଖୋଲାଯାଇଛି। ଏହି ଅବସରରେ ମହାକାଳପଡା ବ୍ଲକ ଅନ୍ତର୍ଗତ ବେନୁପାଳ ଓ ବରକନ୍ଧା ପ୍ରାଥମିକ କୃଷି ସମବାୟ ସମିତିରେ ପୂଜାର୍ଚ୍ଚନା ସହ ଅନୁଷ୍ଠାନିକ ଭାବେ ଧାନ କ୍ରୟ ମଣ୍ଡି ଉଦଘାଟିତ ହୋଇଛି। କଟକ ସେଣ୍ଟ୍ରାଲ କୋ-ଅପରେଟିଭ ବ୍ୟାଙ୍କ (ସିସିବି) ମହାକାଳପଡା ଶାଖା ପ୍ରବନ୍ଧକ ଅକ୍ଷୟ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଦୁଇଟି ମଣ୍ଡିର ଉଦଘାଟନ କରିଥିଲେ।ବଡକୁଳ ଓ କରଞ୍ଜ ଗ୍ରାମପଞ୍ଚାୟତ ସଂଲଗ୍ନ ବେନୁପାଳ ପ୍ୟାକ୍ସରେ ସଂପାଦକ ଚୌଧୁରୀ ଚିଦାନନ୍ଦ ଦାସଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ନୋଡାଲ ଅଫିସର ଭୁବନେଶ୍ୱର କିଶାନ, ସଭାପତି ଚୌଧୁରୀ ଉମାକାନ୍ତ ଦାସ, ଉପସଭାପତି ପ୍ରତିମା ସାହୁ, ନିର୍ଦ୍ଦେଶକ ଗଜେନ୍ଦ୍ର ନାୟକ, ଦୁଷ୍ମନ୍ତ ସାମଲ, ଧୀରେନ୍ଦ୍ର କୁମାର ଦାସ, ପୂଜକ ଯାମିନୀକାନ୍ତ ତ୍ରିପାଠୀ ସହ ଅନେକ ଚାଷୀ ଉପସ୍ଥିତ ଥିଲେ। କର୍ମଚାରୀ ଗଦାଧର ରାଉତ ଓ ଜ୍ଞାନେନ୍ଦ୍ର ଦାସ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।ଏହି ପ୍ୟାକ୍ସ ମାଧମରେ ବଡକୁଳ ଓ କରଞ୍ଜ ପଞ୍ଚାୟତର ୧୯୨ ଜଣ ଚାଷୀ ଧାନ ବିକ୍ରୀ ପାଇଁ ପଞ୍ଜିକୃତ ହୋଇଥିବା ବେଳେ ପ୍ରାରମ୍ଭିକ ଭାବେ ପ୍ରାୟ ୪୫୦୦ କ୍ୱିଣ୍ଟାଲ ଧାନ କ୍ରୟ ହେବ ବୋଲି ପ୍ୟାକ୍ସ ସଂପାଦକ କହିଛନ୍ତି। ସେହିପରି ବରକନ୍ଧା, ଖରିନାସୀ, ମଙ୍ଗଳପୁର ଓ ବତୀଘର ପଞ୍ଚାୟତ ସଂଲଗ୍ନ ବରକନ୍ଧା ପ୍ୟାକ୍ସରେ ସଂପାଦକ ପ୍ରଶାନ୍ତ କୁମାର ସ୍ୱାଇଁଙ୍କ ପୌରହିତ୍ୟରେ ଆୟୋଜିତ ପୂଜା କାର୍ଯ୍ୟକ୍ରମରେ ସଭାପତି ବାଦଲ ସେନାପତି, ନୋଡାଲ ଅଧିକାରୀ ପଙ୍କଜ କହଁର, ପୂର୍ବତନ ବ୍ଲକ ଶିକ୍ଷା ଅଧିକାରୀ ଅଜୟ ପରିଡ଼ା ସହ ଅନ୍ୟମାନେ ଉପସ୍ଥିତ ଥିଲେ। ମହାକାଳପଡା ବ୍ଲକ ଅଞ୍ଚଳରେ ୨୪ ଗୋଟି ପ୍ୟାକ୍ସ ମାଧମରେ ପ୍ରତି ରବିବାର, ମଙ୍ଗଳବାର ଓ ଶୁକ୍ରବାର ଦିନ ଧାନ କ୍ରୟ କରାଯିବ।

## ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ପ୍ରସ୍ତୁତି

### ସକାଳ ୮ଟା ୩୦ରେ ଜାତୀୟ ପତାକା ଉତ୍ତୋଳନ



**କେନ୍ଦ୍ରାପଡ଼ା,୯।୧(ସଂଚାର ବ୍ୟୁରୋ):** ଆଗାମୀ ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ଉପଲକ୍ଷେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଜିଲାପାଳ ରଘୁରାମ ଆର ଆୟରଙ୍କ ଅଧକ୍ଷତାରେ ଗତକାଲି ସନ୍ଧ୍ୟାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି।

ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ସ୍ଥାନୀୟ କେନ୍ଦ୍ରାପଡ଼ା ସ୍ୱଂୟଶାସିତ ମହାବିଦ୍ୟାଳୟ ଖେଳପଡିଆଠାରେ କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ସକାଳ ୮.୩୦ ମିନିଟ ସମୟରେ ଜାତୀୟ ପତାକା ଉତ୍ତୋଳନ କରିବା ସହିତ ସମ୍ମିଳିତ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିବେ। ସାଧାରଣତନ୍ତ୍ର ଦିବସ ଦିନ ରାମଧୂନ ପରିବେଷଣ, ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରଭାତ ଫେରି ସମେତ ପ୍ୟାରେଡ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ମାନ ଅନୁଷ୍ଠିତ ହେବ। ଏହାସହିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବଂ ଜେଲରେ ମୁଖ୍ୟଅତିଥିଙ୍କ ଦ୍ୱାରା ମିଷ୍ଟାନ ଏବଂ ଫଳ ବଣ୍ଟନ କରାଯିବ।

ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ରବୀନ୍ଦ୍ର କୁମାର ମଲ୍ଲୀକ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବକୃଷ୍ଣ ଜେନା, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ ସମେତ ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ।

## ସପନେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ



**ରାଜନଗର,୯।୧(ସଂଚାର ବ୍ୟୁରୋ):** ରାଜନଗର ବ୍ଲକ୍ ଅନ୍ତର୍ଗତ ବାର୍ହାପୁରସ୍ଥିତ ସପନେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରିଡ଼ା ଉତ୍ସବ ପ୍ରତିଯୋଗିତା ଉଦଯାପନୀ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସଞ୍ଜୁଲତା ଜେନାଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସପନେଶ୍ୱର ଉଚ୍ଚ ମାଧମିକ ବିଦ୍ୟାଳୟର ଅଧକ୍ଷ ଅମର କୁମାର ସ୍ୱାଇଁ, ସପନେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟର ପରିଚାଳନା କମିଟିର ସଭାପତି ହେମନ୍ତ କୁମାର ଖଣ୍ଡୁଆଳ, ସପନେଶ୍ୱର ଉଚ୍ଚ ମାଧମିକ ବିଦ୍ୟାଳୟ କ୍ରୀଡ଼ା ଶିକ୍ଷକ ଶୁଚେନ୍ଦ୍ର କୁମାର ପଢ଼ିଆରି, କୋଇଲିପୁର ଉ.ପ୍ରା. ବିଦ୍ୟାଳୟ ସହକାରୀ ଶିକ୍ଷକ ବାବୁଲି ପ୍ରସାଦ ଦାସ ଏବଂ କ୍ରୀଡ଼ା ପର୍ଯ୍ୟବେକ୍ଷକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏକତା ଓ ଶ୍ରମ ମାଧମରେ ବିଦ୍ୟାଳୟ ସ୍ତରରେ ଛାତ୍ରଛାତ୍ରୀଙ୍କ ପାଇଁ ଏକ ଶକ୍ତିଶାଳୀ ଖେଳ ମଞ୍ଚ ସୃଷ୍ଟି କରିପାରିବା ଓ ଆମ ବିଦ୍ୟାଳୟରେ କିପରି କ୍ରୀଡା କ୍ଷେତ୍ରରେ ଜିଲ୍ଲା, ରାଜ୍ୟ ତଥା ଜାତୀୟ ସ୍ତରରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରି ପାରିବ ବୋଲି ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟ ସହକାରୀ ଶିକ୍ଷକ ଖଗେନ୍ଦ୍ର ପ୍ରସାଦ ସାହୁ ମଞ୍ଚ ପରିଚାଳନା କରିଥିଲେ।

ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀମାନେ କ୍ରୀଡ଼ା ପ୍ରତିଯୋଗିତା ପରିଚାଳନା କରିଥିଲା। ପରିଶେଷରେ ବିଦ୍ୟାଳୟର କ୍ରିଡ଼ା ଶିକ୍ଷକ ଲକ୍ଷ୍ମୀକାନ୍ତ ବେହେରା କ୍ରିଡ଼ା ଉତ୍ସବ ପତାକା ଅବାରୋହନ କରିଥିଲେ।

## ଯୁବତୀଙ୍କୁ ଦୁଷ୍କର୍ମ ପରେ ହତ୍ୟା ଅଭିଯୋଗ

### ସନ୍ଦେହରେ ପୌର ଇଞ୍ଜିନିୟର

**କେନ୍ଦ୍ରାପଡ଼ା,୯।୧(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଟାଉନ୍ ଥାନା ଅନ୍ତର୍ଗତ ସୁନାଇଲୋ ଗ୍ରାମରେ ଜଣେ ଯୁବତୀଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ପରେ ଟାଉନ୍ ଥାନା ପୋଲିସ ଅଭିଯୁକ୍ତ ଇଞ୍ଜିନିୟରଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ଯୁବତୀଙ୍କ ବାପା ଅଭିଯୋଗ କରିଛନ୍ତି ଯେ ତାଙ୍କ ଝିଅ କେନ୍ଦ୍ରାପଡ଼ା ପୌରପାଳିକାରେ କିଛି ମାସ ପୂର୍ବରୁ ଠିକା କର୍ମଚାରୀ ଭାବେ କାର୍ଯ୍ୟ କରୁଥିଲା। ଏହି ସମୟରେ ଜଣେ ଯନ୍ତ୍ରୀଙ୍କ ସହ ତାର ପରିଚୟ ହୋଇଥିଲା । ଏହାପରେ ଉଭୟଙ୍କ ମଧ୍ୟରେ ବନ୍ଧୁତା ଓ ପରେ ପ୍ରେମ ସଂପର୍କରେ ପରିଣତ ହୋଇଥିଲା। ଯୁବତୀ ଜଣକ ଚାକିରୀ ଛାଡି ବିଏଡ ପାଇଁ ପ୍ରସ୍ତୁତ ହେଉଥିଲା । ଏଥିପାଇଁ ସେ ସୁନାଇଲୋରେ ଏକ ଘର ଭଡ଼ା ନେଇ ରହୁଥିଲେ । ଇଞ୍ଜିନିୟର ଜଣକ ଯୁବତୀଙ୍କ ସହ ସଂପର୍କରେ ଥିଲେ । ହେଲେ କୌଣସି କଥାକୁ ନେଇ ଉଭୟଙ୍କ ମଧ୍ୟରେ ମନାନ୍ତର ହୋଇଛି ଓ ଇଞ୍ଜିନିୟର ଜଣକ ତାଙ୍କୁ ବଳାତ୍କାର କରିବା ପରେ ହତ୍ୟା କରିଛନ୍ତି । ଏହାପରେ ପ୍ରମାଣ ନଷ୍ଟ କରିବା ପାଇଁ ତାଙ୍କୁ ଫ୍ୟାନରେ ଝୁଲାଇ ଦେଇଛନ୍ତି। ତେଣୁ ଅଭିଯୁକ୍ତ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପାଇଁ ତାଙ୍କ ପିତା ଦାବି କରିଛନ୍ତି । ଏ ସମ୍ପର୍କରେ ଟାଉନ୍ ଥାନା ଅଧିକାରୀ ଦିଲ୍ଲୀପ କୁମାର ସାହୁଙ୍କୁ ପଚାରିବାରୁ ସେ କହିଲେ ଯୁବତୀଙ୍କ ବାପାଙ୍କ ଅଭିଯୋଗକୁ ପୋଲିସ ଗ୍ରହଣ କରିଛି । ଏ ନେଇ ସନ୍ଦେହରେ ଥିବା ଇଞ୍ଜିନିୟରଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରାଯାଉଛି । ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ । ଫଳରେ ସେହି ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନାଧିକାରୀ ଶ୍ରୀ ସାହୁ କହିଛନ୍ତି ।

## ଲକ୍ଷ୍ମୀଧର ପାତ୍ରଙ୍କ ପରଲୋକ



**ପଟ୍ଟାମୁଣ୍ଡାଇ,୯।୧(ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ଅଂଚଳର ବର୍ଷିଆନ ନେତା, ବହୁ ଅନୁଷ୍ଠାନର ପ୍ରତିଷ୍ଠାତା, ବାଟିପଡ଼ା ହାଇସ୍କୁଲର ପୂର୍ବତନ ପ୍ରଧାନଶିକ୍ଷକ ଶିକ୍ଷାବିତ ଲକ୍ଷ୍ମୀଧର ପାତ୍ରଙ୍କର ଗତକାଲି ବେଲତଳ ବାସଭବନରେ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୯୫ବର୍ଷ ବୟସ ହୋଇଥିଲା । ପ୍ରବାଦ ପୁରୁଷ ବିଜୁ ପଟନାୟକ ଓ ପୂର୍ବତନ ବାଚସ୍ପତି ରବି ରାୟଙ୍କ ଘନିଷ୍ଠ ସହଯୋଗୀ ଭାବେ ଅଂଚଳର ବିକାଶ ପାଇଁ ନିରନ୍ତର ପ୍ରୟାସ କରିଥିଲେ । ଶିକ୍ଷକନେତା ଭାବେ ଶିକ୍ଷକ ମାନଙ୍କ ବିଭିନ୍ନ ସମସ୍ୟା ସମାଧାନ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇ ଥିଲେ । ଜଣେ ଦକ୍ଷ ସଂଗଠକ ଭାବେ ବହୁ ଅନୁଷ୍ଠାନ ପ୍ରତିଷ୍ଠା କରିଥିଲେ । ତାଙ୍କ ମୃତ୍ୟୁ ଖବର ପାଇ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିଥିଲେ । ଗାଁ ସ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି । ଜ୍ୟେଷ୍ଠ ପୁତ୍ର ସୁବାଷ ପାତ୍ର ମୁଖାଗ୍ନି ଦେଇଥିଲେ । ତାଙ୍କ ବିୟୋଗରେ ପଟ୍ଟାମୁଣ୍ଡାଇ ଓ ଆଳି ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

## ବିପ୍ଳବୀ ଆନନ୍ଦ ଜେନା ସ୍ମୃତି କମିଟି ପକ୍ଷରୁ ଶ୍ରଦ୍ଧାଞ୍ଜଳି

**କେନ୍ଦ୍ରାପଡ଼ା,୯।୧(ସଂଚାର ବ୍ୟୁରୋ):** ବିପ୍ଳବୀ ଆନନ୍ଦ ଚନ୍ଦ୍ର ଜେନା ସ୍ମୃତି କମିଟି ପକ୍ଷରୁ ବଡହାଟସ୍ଥିତ ବିଶିଷ୍ଟ ଶିକ୍ଷାବିତ ହୃଷିକେଶ ସିଂହଙ୍କ ଧର୍ମପତ୍ନୀ ସ୍ୱର୍ଗତା ସତ୍ୟଭାମା ସିଂହଙ୍କ ବିୟୋଗରେ ଏକ ଶ୍ରଦ୍ଧାଞ୍ଜଳି ସଭା ସ୍ଥାନୀୟ ପବ୍ଲିକ ରିଡିଂରୁମ ପରିସରରେ ଅନୁଷ୍ଠିତ ହୋଇଯାଇଛି । ସ୍ମୃତି କମିଟି ସଭାପତି ବରିଷ୍ଠ ଆଇନଜୀବୀ ବିଚିତ୍ରାନନ୍ଦ ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ସମ୍ପାଦକ ରମଣୀରଞ୍ଜନ ରାଉତରାୟ, ସଞ୍ଜୟ କୁମାର ଜେନା, ବରିଷ୍ଠ ଆଇନଜୀବୀ ଗଗନବିହାରୀ ଜେନା, ନିରଞ୍ଜନ ମେକାପ, ସଂଗଠନ ସମ୍ପାଦକ ମୁକ୍ତାର ଖାଁ, ରଞ୍ଜିତ ସିଂହ, ଗୋଲଖ ପରିଡା, ଶ୍ରୀଧର ବେହେରା, ହରିପ୍ରସାଦ କର, କ୍ଷିରୋଦ କୁମାର ସାହୁ ପ୍ରମୁଖ ଯୋଗଦେଇ ସ୍ୱର୍ଗତା ସିଂହଙ୍କ ସ୍ମୃତିଚାରଣ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅକ୍ଷୟପ୍ରିୟ ଦାସ, ସୁଲତାନା ବେଗମ, ଜିଲ୍ଲା ଓକିଲ ସଙ୍ଘ ଉପସଭାପତି ହାଡିବନ୍ଧୁ ସିଂହ, ପୁନମ ସାହୁ, ରଣଧୀର ଜେନା, ଧରଣୀଧର ସାହୁ, ଧିରେନ୍ଦ୍ର ଦାସ, ରବୀୟା ଫିରଦୋସ, ସେକ ସୌକତ ଖାଁ, ଆଶିଷ ସେନାପତି, ଜ୍ୟୋତିପ୍ରକାଶ ନାୟକ, ପ୍ରଦୀପ୍ତ ସିଂ, ନରେନ୍ଦ୍ର ମଲ୍ଲିକ, ମହେଶ୍ୱର ବେହେରା ପ୍ରମୁଖ ଯୋଗଦେଇ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଏହି ବୈଠକରେ ଆସନ୍ତା ୨୭ତାରିଖରେ ବିପ୍ଳବୀ ଆନନ୍ଦ ଚନ୍ଦ୍ର ଜେନାଙ୍କ ତିରୋଧାନ ଦିବସ ଅବସରରେ ଆନନ୍ଦମାର୍ଗସ୍ଥିତ ବିପ୍ଳବୀଙ୍କ ପ୍ରତିର୍ମୂର୍ତ୍ତିରେ ବିଶିଷ୍ଟ ଅତିଥିମାନଙ୍କ ଦ୍ୱାରା ସାମୁହିକ ମାଲ୍ୟାର୍ପଣ କରାଯିବାକୁ ସ୍ଥିର କରାଯାଇଛି ।



### ଆଜିଠାରୁ 'ମେଗା ଶିଶିର ସରସ–୨୦୨୬'

## ପ୍ରଦର୍ଶନୀ ପଡ଼ିଆରେ ମନ୍ତ୍ରୀଙ୍କ ପ୍ରସ୍ତୁତି ସମୀକ୍ଷା

**ସ୍ୱଚ୍ଛ ଓ ପ୍ଲାଷ୍ଟିକମୁକ୍ତ ପରିବେଶ ଉପରେ ଗୁରୁତ୍ୱ**



**ଭୁବନେଶ୍ୱର,୯।୧(ସଂଚାର ବ୍ୟୁରୋ):** ଆସନ୍ତାକାଲିଠାରୁ ସ୍ଥାନୀୟ ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆରେ ଆରମ୍ଭ ହେବ 'ମେଗା ଶିଶିର ସରସ–୨୦୨୬'। ମେଳା ପୂର୍ବରୁ ଶୁକ୍ରବାର ପଞ୍ଚାୟତିରାଜ ଓ ପାନୀୟ ଜଳ, ଗ୍ରାମ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାଏକ କ୍ଷେତ୍ରସ୍ତରୀୟ ସମୀକ୍ଷା କରିଛନ୍ତି। ଏହି ସମୀକ୍ଷା ସମୟରେ ସମସ୍ତ ବିଭାଗର ନୋଡାଲ୍ ଅଧିକାରୀ ମେଳା ପ୍ରସ୍ତୁତି ସମ୍ପର୍କରେ ମନ୍ତ୍ରୀଙ୍କୁ ବିସ୍ତୃତ ବିବରଣୀ ପ୍ରଦାନ କରିବା ସହ ଧାର୍ଯ୍ୟ ସମୟରେ ପ୍ରସ୍ତୁତି ଶେଷ ହେବ ବୋଲି କହିଛନ୍ତି। ମନ୍ତ୍ରୀ ପ୍ରସ୍ତୁତି କାର୍ଯ୍ୟକୁ ପ୍ରଶଂସା କରିବା ସହ ଅବଶିଷ୍ଟ କାମକୁ ନିର୍ଦ୍ଧାରିତ ସମୟରେ ସାରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମନ୍ତ୍ରୀ ଶ୍ରୀ ନାଏକ ଷ୍ଟଲ୍ ସ୍ଥାପନ, ଆଲୋକ ବ୍ୟବସ୍ଥା, ଅଗ୍ନି ନିରାପତ୍ତା ବ୍ୟବସ୍ଥା, ସ୍ୱଚ୍ଛତା, ପାନୀୟ ଜଳ ଓ ସୁରକ୍ଷା ବ୍ୟବସ୍ଥା ସହ ପରିଦର୍ଶକମାନଙ୍କ ସୁବିଧା ସମ୍ପର୍କିତ ବ୍ୟବସ୍ଥାର ବି ସମୀକ୍ଷା କରିଛନ୍ତି। ଏଥିସହ ମେଳାକୁ ସୁସଂଗଠିତ, ପରିଷ୍କାର ଓ ପ୍ଲାଷ୍ଟିକମୁକ୍ତ ଭାବେ ଆୟୋଜନ କରାଯିବା ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ଆସନ୍ତାକାଲିଠାରୁ ଆରମ୍ଭ ହେବାକୁ ଥିବା ଶିଶିର ସରସ ଆସନ୍ତା ୧୮ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ଓଡ଼ିଶା ଓ ୨୦ଟି ରାଜ୍ୟର କାରିଗରମାନେ ୩୪୦ଟି ଷ୍ଟଲ୍ ମାଧ୍ୟମରେ ସେମାନଙ୍କ ଉତ୍ପାଦିତ ଦ୍ରବ୍ୟର ପ୍ରଦର୍ଶନ ସହ ବିକ୍ରି କରିବେ। ଏହି ମେଗା ମେଳା ୩୦ କୋଟିର ବ୍ୟବସାୟ ଲକ୍ଷ୍ୟ ସହ ଗ୍ରାମୀଣ ଅର୍ଥନୀତି ଓ ଆତ୍ମନିର୍ଭର ଓଡ଼ିଶା ଗଠନ ଦିଗରେ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ସାବ୍ୟସ୍ତ ହେବ ବୋଲି ମନ୍ତ୍ରୀ ଶ୍ରୀ ନାଏକ କହିଛନ୍ତି।

### ଓଡ଼ିଶା ଦକ୍ଷତା ପ୍ରତିଯୋଗିତା ଉଦ୍‌ଯାପନୀରେ ମୁଖ୍ୟମନ୍ତ୍ରୀ

# ୪୭ ଆଇଟିଆଇ ହେବ ଉତ୍କର୍ଷ କେନ୍ଦ୍ର

**ଦୀର୍ଘସ୍ଥାୟୀ ବିକାଶ ଓ ଅର୍ଥନୈତିକ ଉନ୍ନତି ପାଇଁ ଦକ୍ଷତା ଜରୁରୀ**

**ଭୁବନେଶ୍ୱର,୯।୧(ସଂଚାର ବ୍ୟୁରୋ):** ଓଡ଼ିଶାରେ ଏବେ ବ୍ୟାପକ ଶିଳ୍ପାୟନ ପ୍ରକ୍ରିୟା ଆରମ୍ଭ ହୋଇଛି। ତେଣୁ ନିଜକୁ କୌଣସି କ୍ଷେତ୍ରରେ ଦକ୍ଷ କରାଇ ସରକାରୀ ନିଯୁକ୍ତି ପାଇବାର ସୁଯୋଗ ହାତଛଡ଼ା ନ କରିବା ଉଚିତ ବୋଲି ମତ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏଥିସହ ଦକ୍ଷତା କ୍ଷେତ୍ରର ସମସ୍ତ ସ୍ତରରେ ଉତ୍କର୍ଷତା ହାସଲ କରିବା ରାଜ୍ୟ ସରକାରଙ୍କ ପ୍ରମୁଖ ଲକ୍ଷ୍ୟ ବୋଲି ମୁଖ୍ୟମନ୍ତ୍ରୀ ଆଜି ଓଡ଼ିଶା ଦକ୍ଷତା ପ୍ରତିଯୋଗିତା ୨୦୨୫-୨୬ର ଉଦ୍‌ଯାପନୀ ସମାରୋହରେ ଯୋଗଦେଇ କହିଛନ୍ତି। ମୁଖ୍ୟମନ୍ତ୍ରୀ ୫୪ ଜଣ ପ୍ରତିଯୋଗୀଙ୍କୁ ସ୍ୱର୍ଣ୍ଣ, ୫୩ ଜଣଙ୍କୁ ରୌପ୍ୟ ଓ ୫୦ ଜଣଙ୍କୁ ବ୍ରୋଞ୍ଜ ପଦକ ପ୍ରଦାନ କରିଥିଲେ। ସ୍ୱର୍ଣ୍ଣ ପାଇଁ ପ୍ରତିଯୋଗୀଙ୍କୁ ୨୫ ହଜାର, ରୌପ୍ୟ ପାଇଁ ୨୦ ହଜାର ଓ ବ୍ରୋଞ୍ଜ ପାଇଁ ୧୫ ହଜାର ଟଙ୍କା ସହ ମାନପତ୍ର ପ୍ରଦାନ କରାଯାଇଥିଲା।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଯୁବବର୍ଗ ଯେତେ ଦକ୍ଷ ଓ ଆତ୍ମବିଶ୍ୱାସୀ ହେବେ, ସେମାନେ ନିଜର ଭବିଷ୍ୟତକୁ ସେତିକି ଉଜ୍ଜ୍ୱଳ କରିପାରିବେ, ଯାହା ୨୦୩୬ ସମୃଦ୍ଧ ଓଡ଼ିଶା ଓ ୨୦୪୭ ବିକଶିତ ଭାରତର ପରିକଳ୍ପନାକୁ ସାକାର କରିପାରିବ। ସେହିପରି ଗତ ୧୮ ମାସରେ ୬.୧୫ ଲକ୍ଷ କୋଟିର ଶିଳ୍ପ ପ୍ରକଳ୍ପକୁ ମଞ୍ଜୁରୀ ମିଳିଛି, ଯାହା ୩ ଲକ୍ଷ ୬୪ ହଜାର ଲୋକଙ୍କୁ ନିଯୁକ୍ତି ଦେଇପାରିବ। ଛାତ୍ରଛାତ୍ରୀଙ୍କ ଦକ୍ଷତା ବୃଦ୍ଧି ପାଇଁ ରାଜ୍ୟର ୪୭ଟି ଆଇଟିଆଇକୁ ଉତ୍କର୍ଷ କେନ୍ଦ୍ରରେ ପରିଣତ କରାଯିବା ସହ ୯ଟି ଆଇଟିଆଇରେ ଏଆଇ ଲାବୋରେଟୋରି ଖୋଲାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେହିପରି ଶିଳ୍ପ ଓ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଛନ୍ତି ଯେ ଓଡ଼ିଶା ଦକ୍ଷତା ପ୍ରତିଯୋଗିତା ଏକ ପ୍ରତିଯୋଗିତା ନୁହେଁ, ବରଂ ନୂତନ ଓଡ଼ିଶାର ସାମୂହିକ ଆକାଂକ୍ଷା ପ୍ରଦର୍ଶନ ପାଇଁ ଏକ ମଞ୍ଚ। ଏହା ପ୍ରତିଭା ଚିହ୍ନଟ, ଉତ୍କର୍ଷତାକୁ ପ୍ରୋତ୍ସାହନ ଏବଂ ବୃହତ୍ ଜାତୀୟ ଓ ଅନ୍ତର୍ଜାତୀୟ ସୁଯୋଗ ଦେଇପାରିଛି। କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଉନ୍ନୟନ କମିଶନର ଦେଓ ରଞ୍ଜନ କୁମାର ସିଂହ, ବିଭାଗୀୟ କମିଶନର ଭୂପେନ୍ଦ୍ର ସିଂ ପୁନିଆ ଉପସ୍ଥିତ ଥିଲେ।





**ରଙ୍ଗବେରଙ୍ଗ ଫୁଲରେ ଚହଟୁଛି ଏକାମ୍ର ପାର୍କ**

**ଭୁବନେଶ୍ୱର,୯।୧(ସଂଚାର ବ୍ୟୁରୋ):** ରଙ୍ଗବେରଙ୍ଗ ଫୁଲର ସମ୍ଭାରରେ ଚହଟୁଛି ରାଜଧାନୀର ଏକାମ୍ର ପାର୍କ। ଆଜିଠାରୁ ଏକାମ୍ର ପାର୍କରେ ବାର୍ଷିକ ପୁଷ୍ପ ପ୍ରଦର୍ଶନୀ-୨୦୨୬ ଆରମ୍ଭ ହୋଇଥିବା ବେଳେ ଚଳିତବର୍ଷ ଏହାର ଥିମ ରହିଛି 'ପ୍ରକୃତି ପରମ୍ପରା ଓ ପୁଷ୍ପର ପର୍ବ'। ରାଜ୍ୟ ତଥା ରାଜ୍ୟ ବାହାରୁ ଅନେକ ଅନୁଷ୍ଠାନ ଏହି ପ୍ରଦର୍ଶନୀରେ ଅଂଶଗ୍ରହଣ କରିଛନ୍ତି। ପ୍ରାୟ ୩୦୦ରୁ ଊର୍ଦ୍ଧ୍ୱ ପ୍ରକାରର ଫୁଲ ପ୍ରଦର୍ଶନୀରେ ସ୍ଥାନ ପାଇଛି। ଆଞ୍ଚଳିକ ଉଦ୍ଭିଦ ସମ୍ପଦ କେନ୍ଦ୍ର ପକ୍ଷରୁ ଆୟୋଜିତ ଏହି ପ୍ରଦର୍ଶନୀ ଆସନ୍ତା ୧୧ ତାରିଖରେ ଉଦ୍‌ଯାପିତ ହେବ ବୋଲି ସୂଚନା ଦିଆଯାଇଛି।

## ମହାନଦୀ-ବାହୁଡ଼ା ନଦୀ ସଂଯୋଗୀକରଣର ସମ୍ପ୍ରସାରଣ ଦାବି

**ଭୁବନେଶ୍ୱର,୯।୧(ସଂଚାର ବ୍ୟୁରୋ):** 'ଦକ୍ଷିଣ ଓଡ଼ିଶା ବିକାଶ ପରିଷଦ'ର ଆବାହକ ତଥା ପୂର୍ବତନ ଆଇଓଏଫଏସ (ଆଇଓଏଫ୍‌ଏସ୍) ଅଧିକାରୀ ଡକ୍ଟର ବାଳକୃଷ୍ଣ ପଣ୍ଡା ଆଜି ରାଜ୍ୟପାଳଙ୍କୁ ସାକ୍ଷାତ କରି ଦକ୍ଷିଣ ଓଡ଼ିଶାର ଜଳସେଚନ ଓ ଶିଳ୍ପ ବିକାଶ ପାଇଁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏହି ପ୍ରସ୍ତାବରେ ମୁଖ୍ୟତଃ ମହାନଦୀ-ଋଷିକୂଲ୍ୟା ନଦୀ ସଂଯୋଗୀକରଣକୁ ବାହୁଡ଼ା ନଦୀ ପର୍ଯ୍ୟନ୍ତ ସମ୍ପ୍ରସାରିତ କରିବା ସହ ଜାତୀୟ ଜଳପଥ-୫କୁ ଏହା ସହ ଯୋଡ଼ିବା ଉପରେ ଗୁରୁତ୍ୱାରୋପ କରାଯାଇଛି। ଉକ୍ତ ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି ଯେ ମହାନଦୀର ବନ୍ୟା ଜଳକୁ ବିନିଯୋଗ କରିବା ପାଇଁ ସାତକୋଶିଆ ନିକଟସ୍ଥ ବଡ଼ମୂଳଠାରେ ଏକ ବନ୍ଧ ନିର୍ମାଣ କରି ଦକ୍ଷିଣ ଓଡ଼ିଶାକୁ ଜଳ ମୋଡ଼ିବା। ଏହି ୩୧୭ କିଲୋମିଟର ଦୀର୍ଘ କ୍ୟାନାଲ ଦ୍ୱାରା ନୟାଗଡ଼, ଖୋର୍ଦ୍ଧା, ଗଞ୍ଜାମ ଓ ଗଜପତି ଜିଲ୍ଲାର ପ୍ରାୟ ୨.୭ ଲକ୍ଷ ହେକ୍ଟର ଚାଷ ଜମିକୁ ଜଳସେଚନ ସୁବିଧା ମିଳିବା ସହ ବ୍ରହ୍ମପୁର ସହରର ପାନୀୟ ଜଳ ସମସ୍ୟା ଦୂର ହେବ। ବିକଶିତ ଭାରତ ଓ 'ଉତ୍କର୍ଷ ଓଡ଼ିଶା-୨୦୩୬'ର ସ୍ୱପ୍ନକୁ ସାକାର କରିବା ପାଇଁ ଏହି ପ୍ରକଳ୍ପ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେବ ବୋଲି ଡକ୍ଟର ପଣ୍ଡା କହିଛନ୍ତି।

## ଭୁବନେଶ୍ୱରରେ ସିପିଏମ୍‌ର ରାଜ୍ୟସ୍ତରୀୟ ଗଣଧାରଣା

**ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ**

**ଭୁବନେଶ୍ୱର,୯।୧(ସଂଚାର ବ୍ୟୁରୋ):** ଓଡ଼ିଶାରେ ବଢୁଥିବା ମୂଲ୍ୟବୃଦ୍ଧି, ବ୍ୟାପକ ବେରୋଜଗାରୀ, କୃଷି ସଙ୍କଟ, ଶ୍ରମିକ–କୃଷକ ବିରୋଧୀ ନୀତି, ଆଦିବାସୀ ଜମି ଉପରେ ଆକ୍ରମଣ, ମହିଳା ଓ ଦଳିତଙ୍କ ଉପରେ ବଢୁଥିବା ହିଂସା, ସାର୍ବଜନୀନ ଶିକ୍ଷା–ସ୍ୱାସ୍ଥ୍ୟ ବ୍ୟବସ୍ଥାର ଅବକ୍ଷୟ ବିରୋଧରେ ସିପିଏମ୍, ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ଆଜି ସ୍ଥାନୀୟ ଗାନ୍ଧି ମାର୍ଗଠାରେ ଏକ ରାଜ୍ୟସ୍ତରୀୟ ଗଣଧାରଣା ଅନୁଷ୍ଠିତ ହୋଇଛି। ଏଥିରେ ଦଳର ବରିଷ୍ଠ ନେତା ଜନାର୍ଦ୍ଦନ ପତି ଅଧ୍ୟକ୍ଷତା କରିଥିବା ବେଳେ ଉଦବୋଧନ ଦେଇ ସିପିଆଇ(ଏମ୍) ରାଜ୍ୟ ସମ୍ପାଦକ ସୁରେଶ ଚନ୍ଦ୍ର ପଣିଗ୍ରାହୀ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର କର୍ପୋରେଟ୍ ଓ ଅତି ଧନୀକ ବର୍ଗର ସ୍ୱାର୍ଥରେ ନୀତି ପ୍ରଣୟନ କରି ସାଧାରଣ ଲୋକଙ୍କୁ ଦାରିଦ୍ର୍ୟ, ବେରୋଜଗାରୀ, ମୂଲ୍ୟବୃଦ୍ଧି ଓ ସୁରକ୍ଷାହୀନତା ଭିତରକୁ ଠେଲିଦେଉଥିବା ଅଭିଯୋଗ କରିଛନ୍ତି।



ସିପିଏମ୍‌ର ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ବିଷ୍ଣୁ ମହାନ୍ତି, ଜନେଶ୍ୱର ସାମନ୍ତରାୟ, ସନ୍ତୋଷ ଦାସ, ଅଳି କିଶୋର ପଟ୍ଟନାୟକ, ପୁଷ୍ପା ଦାଶ, ଦୁଷ୍ମନ୍ତ କୁମାର ଦାସ, ଶିଶିର ହୁଇ, ବଦ୍ରିନାରାୟଣ ଦାଶ ଓ ଭୁବନେଶ୍ୱର ଆଞ୍ଚଳିକ କମିଟି ସମ୍ପାଦକ ପ୍ରଦୀପ୍ତ ନାୟକ ମଧ୍ୟ ଅଭିଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ନେତାମାନେ ସରକାର ସେମାନଙ୍କ ପ୍ରମୁଖ ଦାବି ମାନିନେବାକୁ ଦାବି କରିଛନ୍ତି। ସୂଚନାଯୋଗ୍ୟ ଯେ ଶ୍ରମିକବିରୋଧୀ ୪ ନୂଆ ଶ୍ରମ କୋଡ୍ ସମ୍ପୂର୍ଣ୍ଣ ରଦ୍ଦ, ଶ୍ରମିକଙ୍କୁ ମାସିକ ୨୬ ହଜାର ଟଙ୍କାର ନ୍ୟୁନତମ ମଜୁରୀ ଓ ସାମାଜିକ ସୁରକ୍ଷା ପ୍ରଦାନ, ବେରୋଜଗାରୀ ଓ ମୂଲ୍ୟବୃଦ୍ଧି ତୁରନ୍ତ ନିୟନ୍ତ୍ରଣ, ଯୁବକଙ୍କ ପାଇଁ ସ୍ଥାୟୀ ଚାକିରି ସୃଷ୍ଟି, ଶିଶୁ, ମହିଳା, ନାବାଳିକା, ଦଳିତ ଓ ସଂଖ୍ୟାଲଘୁଙ୍କ ଉପରେ ହିଂସା ବନ୍ଦ, ସମସ୍ତ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଓ ଦୃଷ୍ଟାନ୍ତମୂଳକ ଶାସ୍ତି ଆଦି ପ୍ରମୁଖ ରହିଛି।

## କବାଡ଼ି ଖେଳୁଥିବା ବେଳେ ଛାତ୍ରଙ୍କ ମୃତ୍ୟୁ



**କେନ୍ଦୁଝର,୯।୧(ସଂଚାର ବ୍ୟୁରୋ):** ସ୍କୁଲ୍‌ରେ କବାଡ଼ି ଖେଳୁଥିବା ସମୟରେ ଜଣେ ଅଷ୍ଟମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ଘଟିଛି। ତେବେ ପରିବାର ଲୋକେ ଏହାକୁ ସହଜରେ ଗ୍ରହଣ କରିପାରୁନାହାନ୍ତି। ଫଳତଃ ପରିବାରରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଏନେଇ ସ୍ଥାନୀୟ ବାରିଆ ଥାନାରେ ଏକ ମାମଲା ରୁଜୁ ହୋଇଥିବା ବେଳେ ତଦନ୍ତ ଜାରି ରହିଛି।ମିଳିଥିବା ସୂଚନାନୁସାରେ, କେନ୍ଦୁଝର ଜିଲ୍ଲା ବାରିଆ ଥାନା ଅନ୍ତର୍ଗତ ଏକ ଆଦର୍ଶ ଆବାସିକ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀ ଛାତ୍ର ଅମିତ୍ ମୁଣ୍ଡା ଗତ ୬ ତାରିଖରେ କବାଡ଼ି ଖେଳୁଥିବା ସମୟରେ ଆହତ ହୋଇଥିଲେ। ହଷ୍ଟେଲ୍‌ରେ ରହୁଥିବା ଅମିତ୍ ସେଦିନ ଠିକ୍‌ଠାକ୍ ଥିଲେ ହେଁ ପରଦିନ ସକାଳେ ତାଙ୍କ ଅବସ୍ଥା ଗୁରୁତର ହୋଇଯାଇଥିଲା। ହଷ୍ଟେଲ୍ କର୍ତ୍ତୃପକ୍ଷ ତାଙ୍କୁ ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ ହେଁ ପରେ ସେଠାରୁ କେନ୍ଦୁଝର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଏ ସମ୍ପର୍କରେ କିନ୍ତୁ ତାଙ୍କ ମା' ବାସନ୍ତୀଙ୍କୁ ବିଳମ୍ବରେ ସୂଚନା ଦିଆଯାଇଥିଲା। ଖବର ପାଇ ସେ ହସ୍ପିଟାଲ୍‌ରେ ପହଞ୍ଚିଥିଲେ ହେଁ ସେତେବେଳକୁ ଅମିତ୍‌ଙ୍କ ଜୀବନ ଚାଲିଯାଇଥିଲା। ପରେ ଅମିତଙ୍କ ମୃତ୍ୟୁ ପରେ ମୃତଦେହ ଘରକୁ ପଠାଯାଇଥିଲେ ବି ଘଟଣାର ତଦନ୍ତ ଦାବି ସହ କାର୍ଯ୍ୟାନୁଷ୍ଠାନ ଦାବିରେ ଘର ଲୋକେ ମୃତଦେହ ଗ୍ରହଣ କରି ନ ଥିଲେ। ଖବର ପାଇ ଚମ୍ପୁଆ ଉପଜିଲ୍ଲାପାଳ, ଝୁମ୍ପୁରା-ଚମ୍ପୁଆ ତହସିଲଦାର, ଚମ୍ପୁଆ ଏସଡିପିଓ ରାତିରେ ଅମିତଙ୍କ ଘରେ ପହଞ୍ଚି ବୁଝାଶୁଝା କରି ମୃତଦେହ ହସ୍ତାନ୍ତର କରିଥିଲେ। ଅନ୍ୟପଟେ ସ୍କୁଲ ପକ୍ଷରୁ କ୍ଷତିପୂରଣ ଦିଆଯାଇଥିବା ନେଇ ସ୍କୁଲ୍ ଅଧକ୍ଷା ସୂଚନା ଦେଇଛନ୍ତି।

## ବାଇଶି ଦିଗଭାଗ ସଂକୀର୍ତ୍ତନ ମଣ୍ଡଳୀର ବନ୍ଧୁମିଳନ



**କଟକ,୯।୧(ସଂଚାର ବ୍ୟୁରୋ):** ଗତ ବୁଧବାର ସ୍ଥାନୀୟ ପୋପରଡ଼ା ପାର୍କଠାରେ ବାଇଶି ଦିଗଭାଗ ସଂକୀର୍ତ୍ତନ ମଣ୍ଡଳୀ ପକ୍ଷରୁ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ପୋପରଡ଼ା ଗ୍ରାମର ଶ୍ରୀଶ୍ରୀ ଜନାର୍ଦ୍ଦନ ଦେବ ଓ ଶ୍ରୀଶ୍ରୀ ଗୋପୀନାଥ ଦେବ ମଣ୍ଡଳାଧୀଶ ଅଧିକାରୀ, ମହନ୍ତ, କଟୁଆଳ ଓ ପୂଜା କମିଟି ସଦସ୍ୟଙ୍କ ସମେତ ସଂକୀର୍ତ୍ତନ ମଣ୍ଡଳୀର ସଦସ୍ୟ ଓ ଗ୍ରାମର ସମସ୍ତ ମୁରବୀ ଓ ଯୁବକ ସହଯୋଗ କରିଥିଲେ। ସଂକୀର୍ତ୍ତନ ମଣ୍ଡଳୀର ସର୍ବାଧିକାରୀ ସୁବାଷ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବାସ୍ତରୀ ସଂକୀର୍ତ୍ତନ ମଣ୍ଡଳୀ ସର୍ବାଧିକାରୀ ଦେବେନ୍ଦ୍ର ନାଥ ସାହୁ, ପଚିଶି ଦିଗଭାଗ ସର୍ବାଧିକାରୀ ସୁରେଶ କୁମାର ସାହୁ, ସର୍ବମହନ୍ତ ରବିନ୍ଦ୍ର ବସ୍ତିଆ, ୧୬ ଦିଗଭାଗ ସର୍ବାଧିକାରୀ ପ୍ରଦୀପ କୁମାର ସାହୁ, କଟକ ମହାନଗର ପୂଜା କମିଟି ସମ୍ପାଦକ ତଥା ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ, ବିଧାୟକ ସୌଭିକ ବିଶ୍ୱାଳ, ବିଜେପି ନେତା ନୟନ ମହାନ୍ତି, ସନ୍ତୋଷ କୁମାର ମହାନ୍ତି, ସ୍ମୃତି ପଟ୍ଟନାୟକ, କଂଗ୍ରେସ ନେତା ସୁରେଶ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଶେଷରେ ବିଶ୍ୱଜିତ୍ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

## ପିୟୁସିସି ନିୟମ ଅପରିଣାମଦର୍ଶିତାର ପ୍ରମାଣ: ନବୀନ



**ଭୁବନେଶ୍ୱର,୯।୧(ସଂଚାର ବ୍ୟୁରୋ):** ରାଜ୍ୟର ବିଜେପି ସରକାର ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର (ପିୟୁସିସି) ଗାଡ଼ି ଚାଳକଙ୍କ ପାଇଁ ବାଧ୍ୟତାମୂଳକ ବୋଲି ନିୟମ ଲାଗୁ କରିଥିବା ବେଳେ ଏହାକୁ ନେଇ ଯେପରି ବିଭ୍ରାଟ ସୃଷ୍ଟି ହେଉଛି, ତାହା ଘୋର କୁପରିଚାଳନା ବୋଲି ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଅଭିଯୋଗ କରିଛନ୍ତି। ବାରମ୍ବାର ସରକାର ତାଙ୍କ ନିଷ୍ପତ୍ତି ପରିବର୍ତ୍ତନ କରିଚାଲିଥିବା ବେଳେ ଏହା ଜନସାଧାରଣଙ୍କ ପାଇଁ ବ୍ୟାପକ ଅସୁବିଧା ଏବଂ ବାଧା ସୃଷ୍ଟି କରିଛି ବୋଲି ଦର୍ଶାଇ 'ଏକ୍ସ'ରେ ଦର୍ଶାଇଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ।

ସେ ଉଲ୍ଲେଖ କରିଛନ୍ତି ଯେ ଗତ ୧ରୁ 'ପିୟୁସିସି ନାହିଁ ତ ଇନ୍ଧନ ନାହିଁ' ନିୟମ ସରକାର ହଠାତ୍ ଘୋଷଣା କରିଥିଲେ। ଫଳରେ ରାଜ୍ୟବ୍ୟାପୀ ପରୀକ୍ଷା କେନ୍ଦ୍ରଗୁଡ଼ିକରେ ଲମ୍ବା ଧାଡ଼ି ସହ ବିଶୃଙ୍ଖଳା ସୃଷ୍ଟି କରିଥିଲା। ପରୀକ୍ଷଣ ଭିତ୍ତିଭୂମିର ସମ୍ପ୍ରସାରଣ, କୌଣସି ଅଗ୍ରୀମ ଯୋଜନା ଓ ଆବଶ୍ୟକ ସ୍ତରରେ କୌଣସି ସଚେତନତା ଅଭିଯାନ ବିନା ବିଜେପି ସରକାର ପର୍ଯ୍ୟାପ୍ତ ପ୍ରସ୍ତୁତି କରିବାରେ ବିଫଳ ହୋଇଥିଲେ। ଜନସାଧାରଣଙ୍କ ଆକ୍ରୋଶର ସମ୍ମୁଖୀନ ହୋଇ ସରକାର ଏକାଧିକ ୟୁ-ଟର୍ଣ୍ଣ ନେବାକୁ ବାଧ ହୋଇଥିଲେ। ପ୍ରଥମେ ଆସନ୍ତା ଫେବ୍ରୁଆରୀ ୧ ଓ ଗତକାଲି ଆସନ୍ତା ମାର୍ଚ୍ଚ ୩୧ ପର୍ଯ୍ୟନ୍ତ କାର୍ଯ୍ୟାନୁଷ୍ଠାନକୁ ସ୍ଥଗିତ ରଖିଛନ୍ତି। ଆସନ୍ତା ଏପ୍ରିଲ୍ ୧ ତାରିଖ ପର୍ଯ୍ୟନ୍ତ କୌଣସି ଜରିମାନା ବିନା ଏକ ସମ୍ପୂର୍ଣ୍ଣ ରିହାତି ଘୋଷଣା କରାଯାଇଥିଲା, ଯେଉଁଥିରେ ଟୋଲ ଗେଟରେ ଇ-ଚିହ୍ନଟ ଜୋରିମାନା ଅନ୍ତର୍ଭୁକ୍ତ ଥିଲା। ଏହି ବାରମ୍ବାର ପରିବର୍ତ୍ତନଗୁଡ଼ିକ ପରିବହନ ବିଭାଗର ସମ୍ପୂର୍ଣ୍ଣ ଅକ୍ଷମତା ଓ ଦୂରଦୃଷ୍ଟିର ଅଭାବକୁ ପଦାରେ ପକାଇଛି। ଯାନବାହନ ପ୍ରଦୂଷଣକୁ ନିୟନ୍ତ୍ରଣ କରିବା ଗୁରୁତ୍ୱପୂର୍ଣ୍ଣ, କିନ୍ତୁ ଏହା ନାଗରିକଙ୍କ ପାଇଁ ଗ୍ରହଣୀୟ ହେବା ଉଚିତ ବୋଲି ନବୀନ କହିଛନ୍ତି। ବିଜେଡି ଜନସାଧାରଣଙ୍କ ସହ ଦୃଢ଼ ଭାବେ ଛିଡ଼ା ହୋଇଛି ଓ ଏହି ଅପବ୍ୟବହାର ବିରୋଧରେ ଦଳ ପ୍ରତିବାଦର ସ୍ୱର ଉତ୍ତୋଳନ କରିଛି। ପିୟୁସିସି ପରୀକ୍ଷଣ ସୁବିଧାକୁ ତୁରନ୍ତ ସମ୍ପ୍ରସାରଣ କରିବା ସହ ପ୍ରକ୍ରିୟାକୁ ସରଳ କରିବା ଓ ଏହି ପରିବର୍ତ୍ତନ ସମୟରେ ଲୋକଙ୍କ ଉପରେ କୌଣସି ଅଯଥା ଜରିମାନା ଲାଗୁ ନ କରିବାକୁ ସେ ଦାବି କରିଛନ୍ତି। ଏଥିସହ ଏହି ମାମଲାରେ ବିଜେପି ସରକାର ନିଜ ଭୁଲରୁ କିଛି ଶିଖିବା ସହ ତରବରିଆ ନିଷ୍ପତ୍ତି ଅପେକ୍ଷା ଓଡ଼ିଶାର ନାଗରିକଙ୍କ କଲ୍ୟାଣକୁ ପ୍ରାଥମିକତା ଦେବା ସକାଶେ ନବୀନ ପରାମର୍ଶ ଦେଇଛନ୍ତି।

## ଚଳିତ ମାସରେ ୩୪ ଲକ୍ଷ ପାଇବେ ପକ୍କା ଘର

**ଭୁବନେଶ୍ୱର,୯।୧(ସଂଚାର ବ୍ୟୁରୋ):** ଗରିବ ଲୋକଙ୍କୁ ପଞ୍ଚାୟତିରାଜ ବିଭାଗର ନୂଆବର୍ଷ ଉପହାର। ଚଳିତ ମାସରେ ୧୦ ଲକ୍ଷ ହିତାଧିକାରୀଙ୍କୁ ପକ୍କା ଘର ମିଳିବ। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପାଇଁ ୩୭ ଲକ୍ଷ ଆବେଦନ ହୋଇଛି। ୩୪ ଲକ୍ଷଙ୍କୁ ସର୍ଟଲିଷ୍ଟ କରାଯାଇ କେନ୍ଦ୍ର ସରକାରଙ୍କୁ ତାଲିକା ଦିଆଯାଇଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଯୋଗ୍ୟତା ମାପଦଣ୍ଡକୁ ସରକାର କୋହଳ କରିଛନ୍ତି। ସର୍ବାଧିକ ମାସିକ ଆୟ ୧୦ ହଜାରରୁ ୧୫ ହଜାରକୁ ବଢ଼ାଇଛନ୍ତି। ସେହିପରି ପୂର୍ବ ମାପଦଣ୍ଡରେ ଅନେକ ପରିବର୍ତ୍ତନ କରିଛନ୍ତି। ପୂର୍ବରୁ ହିତାଧିକାରୀଙ୍କ ପରିବାରର ସର୍ବାଧିକ ମାସିକ ଆୟ ୧୦ ହଜାର ରଖାଯାଇଥିଲା। ପରେ ଏହାକୁ ବଢ଼ାଇ ୧୫ ହଜାର ଟଙ୍କା କରାଯାଇଛି।

## ଗୋଠଛଡ଼ା ଦନ୍ତା ଦୁଇ ଯୁବକଙ୍କ ଜୀବନ ନେଲା

**କରଞ୍ଜିଆ,୯।୧(ସଂଚାର ବ୍ୟୁରୋ):** ଗୋଠଛଡ଼ା ଦନ୍ତା ଆକ୍ରମଣରେ ଦୁଇ ଜଣ ଯୁବକ ପ୍ରାଣ ହରାଇଛନ୍ତି। ତେବେ ଉଭୟ ଯୁବକଙ୍କ ମୃତଦେହକୁ ଉକ୍ତ ଦନ୍ତାଟି ଜଗିରହିଥିବା ଭଳି ଏକ ହୃଦୟ ବିଦାରକ ଦୃଶ୍ୟ ଦେଖିବାକୁ ମିଳିଛି ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତ ବେଣୀସାଗର ଗାଁରେ। ଗତକାଲି ବିଳମ୍ବିତ ରାତିରେ ହାତୀକୁ ଦେଖିବାକୁ ଘରୁ ବାହାରକୁ ବାହାରିଥିବା ବେଳେ ହାତୀ ଆକ୍ରମଣରେ ଦୁଇ ଯୁବକଙ୍କ ମୃତ୍ୟୁ ଘଟିଛି। ଖବର ପାଇ ଘଟଣାସ୍ଥଳରେ ଝାଡ଼ଖଣ୍ଡର ବନ ବିଭାଗ ପହଞ୍ଚିଥିବା ବେଳେ ଦୁଇ ମୃତଦେହକୁ ଜଗି ରହିଛି ନରହନ୍ତା ଦନ୍ତା। ବନ ବିଭାଗ ପକ୍ଷରୁ ହାତୀକୁ ଘଉଡ଼ାଇବା ପାଇଁ ଉଦ୍ୟମ କରିବା ବେଳେ ଝାଡ଼ଖଣ୍ଡ ରାଜ୍ୟର ଜଣେ ବନ ବିଭାଗ କର୍ମଚାରୀଙ୍କୁ ଆକ୍ରମଣ କରିଛି ହାତୀ। ଗୁରୁତର ଅବସ୍ଥାରେ ଝାଡ଼ଖଣ୍ଡ ରାଜ୍ୟର ଚାଇବସା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଝାଡ଼ଖଣ୍ଡ ବନ ବିଭାଗ ପକ୍ଷରୁ ଅଧିକ ତଦନ୍ତ ଜାରି ରଖିଛି ବନ ବିଭାଗ।

## ପୋଲାଭରମ୍ ସମସ୍ୟାର ସମାଧାନ ଦାବି କଲା ବିଜେଡି



**ଭୁବନେଶ୍ୱର,୯।୧(ସଂଚାର ବ୍ୟୁରୋ):** ଲୋକଙ୍କ ସରକାର ବୋଲି ଡିଣ୍ଡିମ ପିଟୁଥିବା ରାଜ୍ୟର ବିଜେପି ସରକାର ମାଲକାନଗିରି ଓ ରାଜ୍ୟବାସୀଙ୍କ ପ୍ରତି ଅସମ୍ବେଦନଶୀଳ ହୋଇପଡ଼ିଛି। ପୋଲାଭରମ ପ୍ରକଳ୍ପ ପାଣିରେ ଆଦିମ ଜନଜାତି ପରିବାର ଭାସିଯିବାକୁ ବସିଲେଣି। କିନ୍ତୁ ଏଥିପ୍ରତି ସରକାରଙ୍କ ନିଘା ଥିବା ପରି ଲାଗୁନାହିଁ। ଏପରି ଏକ ସମ୍ବେଦନଶୀଳ ସମସ୍ୟାର ସମାଧାନ ଦିଗରେ ରାଜ୍ୟ ସରକାର କୌଣସି ପଦକ୍ଷେପ ନ ନେଲେ ଏହା ପ୍ରତିବାଦରେ ବିଜେଡି ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି। ଆଜି ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜେଡିର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ବିଧାୟକ ମନୋହର ରନ୍ଧାରୀ, ରାଜ୍ୟସଭା ସାଂସଦ ସୁଭାଶିଷ ଖୁଣ୍ଟିଆ ଓ ଗଣମାଧ୍ୟମ ସଂଯୋଜକ ଡ. ପ୍ରିୟବ୍ରତ ମାଝୀ କହିଛନ୍ତି ଯେ ବିଜେଡି ପ୍ରତିନିଧିମଣ୍ଡଳୀ ୨୦୨୪ ଅଗଷ୍ଟରେ ମାଲକାନଗିରି ଜିଲ୍ଲାର ପ୍ରଭାବିତ ମୋଟୁ ଅଞ୍ଚଳ ଓ ଉକ୍ତ ବର୍ଷ ସେପ୍ଟେମ୍ବରରେ ପୋଲାଭରମ୍ ପ୍ରକଳ୍ପ ପରିଦର୍ଶନ କରିଥିଲେ। ୨୦୨୪ ଡିସେମ୍ବର ଓ ୨୦୨୫ ଅଗଷ୍ଟରେ ଏହି ପ୍ରତିନିଧି ଦଳ କେନ୍ଦ୍ର ଜଳସମ୍ପଦ ମନ୍ତ୍ରୀଙ୍କୁ ଭେଟି ଆଦିବାସୀ ଓ ମାଲକାନଗିରି ପ୍ରଭାବିତ ଲୋକଙ୍କ ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ। ତା'ଛଡ଼ା ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ, ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜୁଏଲ ଓରାମ ଓ କେନ୍ଦ୍ରୀୟ ଜଳ କମିଶନ ଅଧ୍ୟକ୍ଷଙ୍କ ସହ ମଧ୍ୟ ଆଲୋଚନା କରି ବିଜେଡି ଏହି ସମସ୍ୟାର ସମାଧାନ ଦିଗରେ ଆନ୍ତରିକତା ପ୍ରଦର୍ଶନ କରିଛନ୍ତି। ଶ୍ରୀ ମିଶ୍ର କହିଛନ୍ତି ପୋଲାଭରମ୍ ପ୍ରକଳ୍ପର ସଂଶୋଧିତ କ୍ଷେତ୍ର ଅନୁଯାୟୀ ଏକ ସ୍ୱତନ୍ତ୍ର ଓ ପ୍ରାଯୁକ୍ତିକ ଅଭିଜ୍ଞ ସଂସ୍ଥା ଦ୍ୱାରା ନୂତନ ବ୍ୟାକ୍ ୱାଟର ଅଧ୍ୟୟନ ହେବା ଦରକାର ବୋଲି କହିଥିବା ବେଳେ ଶ୍ରୀ ଖୁଣ୍ଟିଆ ଏହି ପ୍ରସଙ୍ଗରେ ବିଜେଡି ଆଦିବାସୀ ଓ ମାଲକାନଗିରି ଲୋକଙ୍କ ହିତ ପାଇଁ ରାଜ୍ୟର ପଲ୍ଲୀରୁ ଦିଲ୍ଲୀ ପର୍ଯ୍ୟନ୍ତ ଲଢ଼ିବ ବୋଲି କହିଛନ୍ତି। ଏହାଛଡ଼ା ଡ. ମାଝୀ ରାଜ୍ୟରେ ଜଣେ ଆଦିବାସୀ ମୁଖ୍ୟମନ୍ତ୍ରୀ ହୋଇଥିଲେ ମଧ୍ୟ ସେ ମାଲକାନଗିରିର ହଜାର ହଜାର ଆଦିମ ଆଦିବାସୀ ଓ ଅନ୍ୟ ଜାତି ସମୁଦାୟଙ୍କ ସମସ୍ୟାକୁ ହୃଦୟଙ୍ଗମ ନ କରିବା ଲଜ୍ଜାଜନକ ବୋଲି କହିଛନ୍ତି।

# ଭକ୍ତ ନିବାସରେ ପାର୍କିଂ ଫି' ୫୦୦ ରହିବ

- ମନ୍ଦିର ପ୍ରଶାସନ ବୈଠକରେ ନିଷ୍ପତ୍ତି
- କମ୍ ଦାମରେ ଗାଡ଼ି ପାର୍କିଂ ପାଇଁ ବି ସ୍ଥାନ ଅଛି




**ପୁରୀ,୯।୧ (ସଂଚାର ବ୍ୟୁରୋ) :** ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଆଜି ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଶ୍ରୀମନ୍ଦିର ପ୍ରଶାସନର ଅଧିକାରୀମାନଙ୍କୁ ନେଇ ଅନୁଷ୍ଠିତ ହୋଇଥିବା ଏହି ବୈଠକରେ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ବୈଠକ ପରେ ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ଏନେଇ ସୂଚନା ଦେଇଛନ୍ତି। ତେବେ ଗତକାଲି ଭକ୍ତ ନିବାସରେ ଚାରିଚକିଆ ଯାନ ପାର୍କିଂ କଲେ, ଏଥିପାଇଁ ୫୦୦ ଟଙ୍କା ଦେବାକୁ ପଡ଼ିବ ବୋଲି ହୋଇଥିବା ନିଷ୍ପତ୍ତି ଉପରେ ମଧ ବୈଠକରେ ଆଲୋଚନା ହୋଇଛି। ତେବେ ଏହା ଆଗାମୀ ଦିନରେ ଜାରି ରହିବ ବୋଲି ଡ. ପାଢ଼ୀ ସ୍ପଷ୍ଟ କରିଛନ୍ତି। ସେ କହିଛନ୍ତି ଯେ ଭକ୍ତ ନିବାସରେ ରୁମ୍ ଭଡ଼ା ବୃଦ୍ଧି କରାଯିବ ନାହିଁ। ଯେଉଁମାନେ ବି ଭକ୍ତ ନିବାସରେ ରହିବା ପାଇଁ ଚାରିଚକିଆ ଆଣିଆସୁଛନ୍ତି, ସେମାନେ ପାର୍କିଂ ଫି' ବାବଦରେ ଦିନକୁ ୫ ଶହ ଟଙ୍କା ଦେବେ। ବାହାର ଲୋକ କେହି ସେଠାରେ ଗାଡ଼ି ପାର୍କିଂ କରିପାରିବେ ନାହିଁ। ଅନ୍ୟ ପାର୍କିଂସ୍ଥଳରେ ଭଡ଼ା ୨୪୦ ଟଙ୍କା ରହିଥିବାରୁ ଅନ୍ୟମାନେ ସେଠାରେ ନିଜ ଗାଡ଼ି ପାର୍କ କରିପାରିବେ। ଯେଉଁମାନେ ୫୦୦ ଟଙ୍କା ଦେବାକୁ ଚାହୁଁନାହାନ୍ତି ସେମାନେ ସେଠାରେ ଗାଡ଼ି ରଖି ଭକ୍ତ ନିବାସରେ ରହିପାରିବେ ବୋଲି ଡ. ପାଢ଼ୀ କହିଛନ୍ତି। ସେହିପରି ସେ କହିଛନ୍ତି ଯେ ରଥ ନିର୍ମାଣ ପାଇଁ ସମସ୍ତ କାଠ କିଭଳି ଠିକ୍ ସମୟରେ ପହଞ୍ଚିପାରିବ, ସେନେଇ ଗୁରୁତ୍ୱ ଦିଆଯାଇଛି। ରତ୍ନ ଭଣ୍ଡାରର ରତ୍ନ ଅଳଙ୍କାରର ଗଣତିମଣତି ନେଇ ଆସନ୍ତା ୧୭ ତାରିଖରେ ଶ୍ରୀମନ୍ଦିର ପରିଚାଳନା କମିଟିର ଜରୁରୀ ବୈଠକ ଡକାଯାଇଛି। ରତ୍ନ ଅଳଙ୍କାର ଗଣତିମଣତି ନେଇ ପ୍ରସ୍ତୁତ ଏସଓପି ଉପରେ ବୈଠକରେ ଆଲୋଚନା ହେବ। ମହାପ୍ରଭୁ ବିଜେ ପୁରୀ ରାଜସ୍ୱ ଜମି ଉପରେ ମଧ ଆଲୋଚନା ହୋଇଛି। ଶ୍ରୀଗୁଣ୍ଡିଚା ମନ୍ଦିରରେ ସର୍ବସାଧାରଣଙ୍କ ଦର୍ଶନ ନେଇ ଖୁବଶୀଘ୍ର ନିଷ୍ପତ୍ତି ନିଆଯିବ। ମାଗଣାରେ ଜୋତା ଷ୍ଟାଣ୍ଡ ସହିତ ଅନ୍ୟାନ୍ୟ ବ୍ୟବସ୍ଥା କରାଯିବ। ବସନ୍ତ ପଞ୍ଚମୀ କୁ ଖୋଲିପାରେ ଗୁଣ୍ଡିଚା ମନ୍ଦିର। ଶ୍ରୀଗୁଣ୍ଡିଚା ମନ୍ଦିର ଖୋଲିବା ପରେ ପ୍ରଥମ ତିନିଦିନ ନିଃଶୁଳ୍କ ରେ ପ୍ରବେଶ କରିବେ ଭକ୍ତ। ସେହିପରି ଏପ୍ରିଲ୍ ୨୦୨୬ ମଧ୍ୟରେ ଶ୍ରୀମନ୍ଦିର ସହିତ ଜଡ଼ିତ ସମସ୍ତ ପ୍ରକଳ୍ପ କାର୍ଯ୍ୟ ସାରିବାକୁ ଓବିସିସିକୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ନିର୍ଦ୍ଦେଶ ଦେଇଛନ୍ତି। ନାଟମଣ୍ଡପକୁ ଶୀତତାପ ନିୟନ୍ତ୍ରିତ କରିବା ପାଇଁ ଟେଣ୍ଡର ପ୍ରକ୍ରିୟା ସରିଛି। ଠାକୁରଙ୍କ ନୀତିକାନ୍ତିରେ ଯେଭଳି କୌଣସି ଅସୁବିଧା ନହେବ ତା' ଉପରେ ଗୁରୁତ୍ୱ ଦିଆଯାଇଛି। ଖୁବଶୀଘ୍ର ଶ୍ରୀମନ୍ଦିର ନାଟମଣ୍ଡପକୁ ଶୀତତାପ ନିୟନ୍ତ୍ରିତ କରାଯିବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ସୂଚନା ଦେଇଛନ୍ତି।

### ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ସତ୍ତ୍ୱାଧିକାର

## ଆଇନ ମନ୍ତ୍ରୀଙ୍କୁ କମିଟିର ଅନ୍ତରୀଣ ରିପୋର୍ଟ ପ୍ରଦାନ



**ଭୁବନେଶ୍ୱର,୯।୧(ସଂଚାର ବ୍ୟୁରୋ):** ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ନୀତିକାନ୍ତି, ସେବାପୂଜା, ବିଧି ଏବଂ ପର୍ବପର୍ବାଣିକୁ ଶୃଙ୍ଖଳିତ କରିବା ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶରେ ମନ୍ଦିରର ରେକର୍ଡ ଅଫ୍ ରାଇଟସ୍‌ର ଅନୁଧ୍ୟାନ ଓ ବିଶ୍ଳେଷଣ କରିବା ପାଇଁ ଗଠିତ ହୋଇଥିବା ଦୁଇଜଣିଆ କମିଟି ଆଜି ଅପରାହ୍ନରେ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ଅନ୍ତରୀଣ ରିପୋର୍ଟ ପ୍ରଦାନ କରିଛନ୍ତି। ଅବସରପ୍ରାପ୍ତ ଜଷ୍ଟିସ ଡ. ଦୁର୍ଗାପ୍ରସନ୍ନ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର ସଦସ୍ୟ ଥାଇ ଗଠିତ ଦୁଇଜଣିଆ କମିଟି ମନ୍ଦିର, ନିଯୋଗ, ସେବାପୂଜା ବାବଦରେ ଥିବା ବିଭିନ୍ନ ପୁରାତନ ନଥିକୁ ଅନୁଧ୍ୟାନ ସହ ମନ୍ଦିର ସହିତ ସଂଶ୍ଳିଷ୍ଟ ସେବାୟତ, ନିଯୋଗ ଆଦିଙ୍କ ସହ ଆଲୋଚନା କରି ପ୍ରସ୍ତୁତ ଏହି ଅନ୍ତରିଣ ରିପୋର୍ଟ ପ୍ରଦାନ କରିଛନ୍ତି। ଏହି ରିପୋର୍ଟକୁ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଗ୍ରହଣ କରିବା ଅବସରରେ କହିଲେ ଯେ, ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ପ୍ରତି ଥିବା ଓଡ଼ିଶାବାସୀଙ୍କ ଭକ୍ତି ଓ ଭାବାବେଗକୁ ସମ୍ମାନ ଜଣାଇ ତାଙ୍କ ନୀତିକାନ୍ତି ଓ ସେବାପୂଜାକୁ ଖୁବ୍‌ଶୀଘ୍ର ଶୃଙ୍ଖଳିତ ହେବାକୁ ଯାଉଛି।

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ


SANCHAR
ସଂଚାର

୪

ଶନିବାର ୧୦ ଜାନୁଆରୀ ୨୦୨୬, ଭୁବନେଶ୍ୱର

Saturday 10 January 2026, Bhubaneswar


# ବଢୁଛି ଟିକସ ବୋଝ



ଓଡ଼ିଶାର ଅର୍ଥନୀତି ଏକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ୨୦୨୫-୨୬ ଆର୍ଥିକ ବର୍ଷର ରାଜ୍ୟ ବଜେଟ୍ ସରକାର ରାଜସ୍ୱ ବୃଦ୍ଧି ପାଇଁ କର ଆୟକୁ ବଢ଼ାଇବାକୁ ଯୋଜନା କରିଛନ୍ତି। ରାଜ୍ୟର ନିଜସ୍ୱ କର ଆୟ ୬୬,୦୦୦ କୋଟି ଟଙ୍କା ହେବାକୁ ଅନୁମାନ କରାଯାଇଛି, ଯାହା ପୂର୍ବବର୍ଷର ତୁଳନାରେ ୧୦ ପ୍ରତିଶତ ଅଧିକ। ଏହାସହିତ ରାଜ୍ୟର ଋଣ ବୋଝ ୧.୨୬ ଲକ୍ଷ କୋଟି ଟଙ୍କାକୁ ଅତିକ୍ରମ କରିଛି, ଯାହାର ପ୍ରତି ବ୍ୟକ୍ତିଗତ ବୋଝ ୨୬,୯୭୮ ଟଙ୍କା। ଏହି ପରିସ୍ଥିତିରେ ପ୍ରଶ୍ନ ଉଠୁଛି, ଓଡ଼ିଶାର ଜନସାଧାରଣ କେତେ କର ବୋଝ ବହନ କରିବେ?

ଓଡ଼ିଶାର ଜନସଂଖ୍ୟାର ଅଧିକାଂଶ ଗ୍ରାମାଞ୍ଚଳରେ ରହୁଛନ୍ତି, ଯେଉଁଠାରେ ଆୟର ସ୍ତର ନିମ୍ନ। କେନ୍ଦ୍ରୀୟ କର ଯେପରିକି ଜିଏସଟି ଏବଂ ଆୟକର ସହିତ ରାଜ୍ୟର ନିଜସ୍ୱ କର ଯେମିତିକି ଭ୍ୟାଟ, ଅବକାରୀ ଏବଂ ଷ୍ଟାମ୍ପ ଡ୍ୟୁଟି ମିଳିତ ହୋଇ ସାଧାରଣ ଲୋକଙ୍କ ଉପରେ ଅତ୍ୟଧିକ ଚାପ ସୃଷ୍ଟି କରୁଛି। ଜିଏସଟି ପ୍ରଣାଳୀ ପରେ ରାଜ୍ୟର କର ଆୟ ବଢ଼ିଛି, କିନ୍ତୁ ଏହାର ଲାଭ ସାଧାରଣ ଜନତାକୁ ମିଳୁନାହିଁ ବରଂ ଦୈନନ୍ଦିନ ସାମଗ୍ରୀର ମୂଲ୍ୟ ବୃଦ୍ଧି ହୋଇ ମଧ୍ୟବିତ୍ତ ଏବଂ ଗରିବ ପରିବାରକୁ କଷ୍ଟ ଦେଉଛି। ଉଦାହରଣ ସ୍ୱରୂପ, ପେଟ୍ରୋଲ ଏବଂ ଡିଜେଲ ଉପରେ ଉଚ୍ଚ କର ଯୋଗୁଁ ପରିବହନ ଖର୍ଚ୍ଚ ବଢ଼ିଛି, ଯାହା କୃଷକମାନଙ୍କୁ ପ୍ରଭାବିତ କରୁଛି।

ରାଜ୍ୟ ସରକାରଙ୍କ ବଜେଟରେ କୃଷି, ଶିକ୍ଷା ଏବଂ ସ୍ୱାସ୍ଥ୍ୟ ପାଇଁ ବଡ଼ ବଣ୍ଟନ ହୋଇଛି-କୃଷି ପାଇଁ ୩୭,୮୩୮ କୋଟି, ଶିକ୍ଷା ପାଇଁ ୪୧,୨୭୩ କୋଟି ଏବଂ ସ୍ୱାସ୍ଥ୍ୟ ପାଇଁ ୨୩,୬୩୫ କୋଟି ଟଙ୍କା। କିନ୍ତୁ ଏହି ଖର୍ଚ୍ଚର ଅଧିକାଂଶ କର ଆୟରୁ ଆସୁଛି। ରାଜ୍ୟର ନିଜସ୍ୱ ଆୟ ୫୮,୦୦୦ ରୁ ୬୦,୦୦୦ କୋଟିକୁ ବଢ଼ିଛି, ଯାହା ଭଲ କଥା, କିନ୍ତୁ ଏହା ପର୍ଯ୍ୟାପ୍ତ ନୁହେଁ। କେନ୍ଦ୍ରରୁ ଅଧିକ ଅଂଶଦାନ ପାଇଁ ଓଡ଼ିଶାର ଦାବି-ବିଭାଜ୍ୟ କର ପୁଲରେ ୫୦ ପ୍ରତିଶତ ଅଂଶ-ଯଥାର୍ଥ। କିନ୍ତୁ ବର୍ତ୍ତମାନର ୪୧ ପ୍ରତିଶତ ଅଂଶ ଯୋଗୁଁ ରାଜ୍ୟ ଅଧିକ ଋଣ ନେବାକୁ ବାଧ ହେଉଛି, ଯାହା ଭବିଷ୍ୟତରେ କର ବୋଝ ବଢ଼ାଇବ।

ଏହି କର ବୋଝର ପ୍ରଭାବ ସାଧାରଣ ଜନତା ଉପରେ ପଡ଼ୁଛି। ମହଙ୍ଗା ସହିତ ଉଚ୍ଚ କର ଯୋଗୁଁ ପରିବାରଗୁଡ଼ିକର ବଜେଟ ଅସନ୍ତୁଳିତ ହେଉଛି। କୃଷକମାନେ ଉତ୍ପାଦନ ଖର୍ଚ୍ଚ ବଢ଼ିବା ଯୋଗୁଁ କ୍ଷତିଗ୍ରସ୍ତ ହେଉଥିବା ବେଳେ ଯୁବକମାନେ ନିଯୁକ୍ତି ଅଭାବରେ କର ଦେବାକୁ ଅକ୍ଷମ। ଶିଳ୍ପ କ୍ଷେତ୍ରରେ କର ରିହାତି ଦିଆଯାଉଛି, କିନ୍ତୁ ସାଧାରଣ ନାଗରିକଙ୍କ ପାଇଁ କୌଣସି ରିହାତି ନାହିଁ। ଏହା ଅସମାନତାକୁ ବଢ଼ାଉଛି।

ସରକାରଙ୍କୁ ଏହି ବୋଝ ହ୍ରାସ କରିବା ପାଇଁ ପଦକ୍ଷେପ ନେବା ଆବଶ୍ୟକ। ପ୍ରଥମେ, କର ଆୟକୁ ବଢ଼ାଇବା ପାଇଁ ଖଣି ଏବଂ ପର୍ଯ୍ୟଟନ କ୍ଷେତ୍ରରେ ନିବେଶ ବଢ଼ାନ୍ତୁ। ଦ୍ୱିତୀୟତଃ, କର ପ୍ରଣାଳୀକୁ ସରଳ କରି ଅନିୟମିତତା ହ୍ରାସ କରନ୍ତୁ। ତୃତୀୟତଃ, ଗରିବ ଏବଂ ମଧ୍ୟବିତ୍ତଙ୍କ ପାଇଁ କର ରିହାତି ଯୋଜନା ଆରମ୍ଭ କରନ୍ତୁ। ଯେପରିକି ଆୟକର ସ୍ଲାବରେ ରିହାତି କିମ୍ବା ଜରୁରୀ ସାମଗ୍ରୀ ଉପରେ ଜିଏସ୍ଟି ହ୍ରାସ।

କେବଳ ଏତିକିରି ଯେମିତି ସନ୍ତୁଷ୍ଟ ନଥିଲେ ସରକାର। ଏବେ ପୁଣି ସହରାଞ୍ଚଳରେ ଅଳିଆ ଉଠାଇବାକୁ ଲୋକଙ୍କ ଉପରେ ୟୁଜର୍ସ ଫି ଲାଗୁ କରିବାକୁ ପ୍ରକ୍ରିୟା ଆରମ୍ଭ ହୋଇଛି। ଭୁବନେଶ୍ୱର ମହାନଗର ନିଗମ ଚଳିତ ବର୍ଷରୁ ଏହା ଆରମ୍ଭ କରୁଥିବା ବେଳେ ଆଗକୁ ଅନ୍ୟ ପୌରାଞ୍ଚଳ ବି ଲାଗୁ କରିବେ। ତା ସହିତ ପୁଣି ପୁରୀ ଭକ୍ତ ନିବାସରେ ପାର୍କିଂ ଫି ୫୦୦ ଟଙ୍କା ଆଦାୟ କରିବାକୁ ନିଷ୍ପତ୍ତି ହୋଇଛି। ତେବେ ବିରୋଧ ଯୋଗୁ ଏହା ଲାଗୁ ହୋଇନାହିଁ। ଏମିତି ରାଜ୍ୟ ସରକାର ଗୋଟିଏ ପରେ ଗୋଟିଏ କର ବୋଝ ଓଡିଶାବାସୀଙ୍କ ଉପରେ ଲଦି ଚାଲୁଛନ୍ତି। ଲୋକଙ୍କ ଠାରୁ ଅଧିକ କର ଆଦାୟ କରି ବଜେଟ ଆକାର ବଢାଇବା କି ପ୍ରକାର ଅର୍ଥନୀତି ସେନେଇ ତର୍ଜମା ଆରମ୍ଭ ହୋଇଛି।

# ସରକାରୀ ଚାପ ?




ଗଙ୍ଗାଧର ସାମଲ


ଆଜିକାଲି ଆମ ଭିତରୁ ଅନେକ ମାନସିକ ଚାପକୁ ସମ୍ମୁଖୀନ ହେଉଛନ୍ତି ତେବେ ଏ ଚାପର କାରଣ ବଂଶାନୁକ୍ରମ ବା ଆପଣଙ୍କ କୌଣସି ସମ୍ଭାବ୍ୟ ଭୁଲଭଟକାରୁ ନ ହୋଇପାରେ। ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ଗଣତନ୍ତ୍ରକୁ ସୁଦୃଢ଼ କରୁଥିବା ଆମ ସରକାରଙ୍କ ହିଁ ଆମ ମାନଙ୍କର ମାନସିକ ଚାପକୁ ବଢ଼ାଇ ଖୋଦ ଆମ୍ଭ ମାନଙ୍କୁ ଅସୁସ୍ଥ କରାଉଛନ୍ତି। ଟିକିଏ ପଛକୁ ମନେ ପକାନ୍ତୁ ରାତା ରାତି ୫୦୦ ଓ ୧୦୦୦ ଟଙ୍କିଆ ନୋଟ ଅଚଳ ହୋଇଗଲା। ଟାଟା କମ୍ପାନୀର ଅତିରିକ୍ତ ସ୍ୱୀକୁରିଟି ଦେୟ ପଇଠ ମଧ ଏକ ବଡ଼ ପ୍ରମାଣ। ଏହା ଭିତରେ ପ୍ରଦୂଷଣ ସାର୍ଟିଫିକେଟ ଘଟଣାକୁ ମଧ ଭାତ ହାଣ୍ଡିରୁ ଗୋଟିଏ ପରି ଚିନ୍ତା କରନ୍ତୁ। ଏହିପରି ଅନେକ ଘଟଣା ରହିଛି ସରକାରଙ୍କ ତୋଗଲକି ଚିନ୍ତାଧାରା ପାଇଁ ଆମ ପରି ସାଧାରଣ ନାଗରିକ ଅନେକ ଦହଗଞ୍ଜ ହେଉଛନ୍ତି।

ଆଜିଯାଏଁ ୧୦ ପ୍ରତିଶତ ଲୋକଙ୍କ ପାଖରେ ଏକ ନିର୍ଭୁଲ ଆଧାରକାର୍ଡ଼ ନଥିବା ଯେତେଥର ସଂଶୋଧନ କରିବେ ସେତେଥର ଆଉ ଏକ ଭୁଲ ଆପଣଙ୍କ ନଜରରେ ପଡ଼ିବ। ବନାନ ଅସୁଦ୍ଧି କଥା ନକହିବା ଭଲ। ଗୋଟେ ନିର୍ଭୁଲ ଆଧାର କାର୍ଡ଼ ପାଇବା ପାଇଁ ଆପଣଙ୍କୁ ହୁଏତ ଏକାଧିକ ଥର ଆଧାର କେନ୍ଦ୍ରକୁ ଦୌଡ଼ିବାକୁ ପଡ଼ିବ। ଶେଷରେ ହତାଶ ମଧ ହୋଇପାରନ୍ତି। ଏହା ମଧ ଆପଣଙ୍କ ମାନସିକ ଚାପ ବଢ଼ାଇବ, ଯଦି ଆପଣ ଟିକେ ସଚେତନ ମଣିଷ ହୋଇଥିବେ।

ଆପଣଙ୍କର କୌଣସି ଭୁଲ ନଥାଇ ମଧ ଆପଣ ସରକାରୀ କାମରେ ହଇରାଣ ହୋଇପାରନ୍ତି। ସବୁ ପ୍ରକାର ଦେୟ ନିଷ୍ଠାର ସହିତ ପଇଠ କରିବା ପରେ ମଧ ବାକିଆ ଅଛି ବୋଲି ନୋଟିସ ଆସିପାରେ। ସରକାରୀ ଅଫିସର ତ୍ରୁଟି ପାଇଁ ଆପଣଙ୍କୁ ଦରଖାସ୍ତ ଦେଇ ଅନୁରୋଧ କରିବାକୁ ପଡ଼ିବ ସଂଶୋଧନ କରିବା ପାଇଁ। ଏସବୁ ଯେ ମାନସିକ ଚାପ ବଢ଼ାଉଛି ଏଥିରେ ସାମାନ୍ୟ ସନ୍ଦେହ ନାହିଁ। ସରକାର ସବୁବେଳେ କ୍ୟାସଲେସ ନେଣଦେଣକୁ ପ୍ରୋତ୍ସାହିତ କରୁଛନ୍ତି। କିନ୍ତୁ ସାଇବର ଅପରାଧୀଙ୍କୁ ଧରିବା କ୍ଷମତା ଏ ପର୍ଯ୍ୟନ୍ତ ସାଇବର ପୋଲିସ ପାଖରେ ନାହିଁ। ସାଇବର ଅପରାଧୀମାନେ ମଧ ଅନଲାଇନରେ ଦେୟ ପଇଠ କରିବାକୁ ସୂଚନା ଦେଉଛନ୍ତି, ତେଣୁ ଉପଭୋକ୍ତାଟିଏ କେମିତି ଜାଣିବ ଏ ନୋଟିସ କାହାର? ବିଦ୍ୟୁତ ବିଭାଗ ନାମରେ ବେଶିଭାଗ ଏହିଭଳି ମେସେଜ ଆସୁଛି ମୋବାଇଲକୁ। ତେଣୁ ଟିକେ ସତର୍କ ନହେଲେ ଠକିଯିବାର ଭୟ ରହୁଛି। ତେଣୁ ଏହା ମଧ ମାନସିକ ଚାପ ବଢ଼ାଉଛି।

ଆମେ ରାଜ୍ୟରେ କୁହନ୍ତୁ କି ଦେଶରେ, ଏବେ ବରିଷ୍ଠ ନାଗରିକ ଏବଂ ଗାଁଗହଳିର ଅପାଠୁଆ ଲୋକମାନେ ସ୍ମାର୍ଟଫୋନ ସହିତ ସେତେଟା ପରିଚିତ ହୋଇପାରି ନାହାନ୍ତି। କିନ୍ତୁ ଆଜିକାଲି ସବୁ ଅନଲାଇନରେ କରିବାକୁ କୁହାଯାଉଛି। ବରିଷ୍ଠ ନାଗରିକ କିମ୍ବା ଗାଁ ଗହଳିର ଆପାଠୁଆ ଲୋକମାନେ ନାତି ନାତୁଣୀ କିମ୍ବା ସାଇପଡ଼ିଶାର ପିଲାଙ୍କ ଉପରେ ନିର୍ଭର କରୁଛନ୍ତି। ଫଳରେ ଅନେକ ସମୟରେ ସେମାନେ ଠକାମୀର ଶିକାର ହେଉଛନ୍ତି। ପିଲାମାନେ ବାପା ମା'ଙ୍କ ପେନସନ ଟଙ୍କା ଏଟିଏମରୁ ହଡ଼ପ କରୁଛନ୍ତି। ତେଣୁ ଏକ ଅତ୍ୟାଧୁନିକ ପଦ୍ଧତି ସହିତ ସବୁଲୋକଙ୍କୁ ଅଭ୍ୟସ୍ତ କରାନଯାଇ ଯଦି ଏହାର ବ୍ୟବହାରକୁ ସେମାନଙ୍କ ଉପରେ ଲଦି ଦିଆଯାଏ ତାହେଲେ ଏହାର ଫଳ ନିଶ୍ଚିତ ଭାବରେ ଖୁବ ଦୟନୀୟ ଯେ ହେବ ଏକଥା ନକହିବା ଭଲ। ଏସବୁ ମଧ ବରିଷ୍ଠ ନାଗରିକଙ୍କ ମୁଣ୍ଡବ୍ୟଥାର କାରଣ ପାଲଟିଛି।

ଏବେ ଯାନବାହନ ପ୍ରଦୂଷଣ ସାର୍ଟିଫିକେଟ ହାସଲ କରିବା ଲୋକଙ୍କ ପାଇଁ କାଳ ହୋଇଛି। ବିଶେଷକରି ଯେଉଁମାନେ ଅଫଲାଇନରେ ଜରିମାନା ଅର୍ଥ ଦେବାକୁ ଚାହୁଁଛନ୍ତି ସେମାନେ ଏବେ ପରିବହନ ବିଭାଗରୁ ପୁଲିସ ବିଭାଗକୁ ଦଉଡି ଦଉଡି ନୟାନ୍ତ ହେଉଛନ୍ତି। ଆଉ ଏକ ସମସ୍ୟା ହେଉଛି ଜରିମାନା କଟାଇଥିବା ୨୫ ପ୍ରତିଶତ ଯାନର ମୋବାଇଲ ନମ୍ବର ସେମାନଙ୍କ ଯାନର ନମ୍ବର ସହିତ ସଂଯୁକ୍ତ ନାହିଁ। ସେମାନେ ନିଜ ନିଜ ଗାଡ଼ିର ପ୍ରଦୂଷଣ ପ୍ରମାଣପତ୍ର କରାଇବାକୁ ଯିବାରୁ ସେମାନଙ୍କୁ ଗାଡ଼ିର ଜରିମାନା ପଇଠ କରିବାକୁ କୁହାଯାଉଛି। ଏହା ମୁଣ୍ଡବ୍ୟଥାର ଆଉ କାରଣ ପାଲଟିଛି। ଅନେକ କ୍ଷେତ୍ରରେ ଦେଖାଯାଏ ଆମ୍ଭମାନଙ୍କର ସରଳତା ଓ ନୀରବତାର ଫାଇଦା ବେଶି ସରକାରଙ୍କ ବ୍ୟବସ୍ଥା ସବୁ ଓ ପ୍ରଶାସନିକ କ୍ଷେତ୍ରର ବଡ଼ ବାବୁମାନେ ଉଠାଇଥାନ୍ତି। ଓଡ଼ିଶା ଏକ ଗରିବ ରାଜ୍ୟ ବୋଲି କାହାକୁ ଅଜଣା ନୁହେଁ। ଟଙ୍କିଆ ଚାଉଳ ମିଳୁଥିଲେ ମଧ ରାଜ୍ୟର ଅନେକ ଉପାନ୍ତ ଅଞ୍ଚଳରେ ଏହି ଚାଉଳ ଗଣ୍ଡାକ ପାଇବା ପାଇଁ ଲୋକେ କେତେ ଦହଗଞ୍ଜ ହୋଇଥାନ୍ତି ତାହା ଗଣମାଧ୍ୟମରୁ ବେଶ ଭଲଭାବେ ଆମେ ଜାଣୁ। ଗୋଟିଏ ପଟେ ଘରର ପାରିବାରିକ ଚାପ, କର୍ମ ସଂସ୍ଥାନର ଚାପ, ଜୀବନର ଜୀବିକାର ଚାପ ଏସବୁ ଚାପ ଭିତରେ ସରକାରଙ୍କ ଚାପ ଢ଼େର ବଢ଼ି ଯାଉଛି। ତେଣୁ ଆମ୍ଭମାନଙ୍କ ସ୍ୱାସ୍ଥ୍ୟ ବିଗାଡ଼ିବାରେ ବଡ଼ ଅବଦାନ ସରକାରଙ୍କର ଯେ ରହିଛି ଏହାକୁ କେହି ଅସ୍ୱୀକାର କରିପାରିବେ କି??


**ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ**
**ମୋବାଇଲ୍: ୮୩୨୮୯୪୮୬୪୩/୯୪୩୭୨୨୬୬୪୭**


# ଶିକ୍ଷା ଓ ସ୍ୱାସ୍ଥ୍ୟ ରାଷ୍ଟ୍ରୀୟକରଣ ହିଁ ବିକାଶର ମାର୍ଗ


ଡ. ବିମଳ ଷଡଙ୍ଗୀ




ଭାରତ ଓ ଚୀନ୍ବିଶ୍ୱର ଦୁଇ ବୃହତ ମାନବସମ୍ବଳଦ୍ୱାରା ଶକ୍ତିଶାଳୀ ରାଷ୍ଟ୍ର। ଦୁଇ ରାଷ୍ଟ୍ର ଗୋଟିଏ ସମୟରେ ଉପନିବେଶୀୟ ପଞ୍ଝାରୁ ମୁକ୍ତ ହୋଇ ଆଧୁନିକ ରାଷ୍ଟ୍ର ଗଢ଼ିବାକୁ ଆରମ୍ଭ କରିଥିଲେ। ଉଭୟ ରାଷ୍ଟ୍ର ପୁରାତନ ସଭ୍ୟତାରୁ ସମୃଦ୍ଧ ଏବଂ ସେମାନଙ୍କର ଇତିହାସ, ସଂସ୍କୃତି ଓ ମାନବସମ୍ବଳଅତ୍ୟନ୍ତ ସମୃଦ୍ଧ। ବିଂଶଶତାବ୍ଦୀର ମଧ୍ୟଭାଗରେ ଦୁଇ ରାଷ୍ଟ୍ର ଆଧୁନିକ ରାଷ୍ଟ୍ର ଭାବେ ଉଦୟ ହୋଇଥିଲେ।୧୯୪୭ ମସିହାରେ ଭାରତ ସ୍ୱାଧୀନତା ଲାଭ କରିଥିଲା ଏବଂ ୧୯୪୯ ମସିହାରେ ଚୀନ ନୂତନ ରାଜନୈତିକ ପରିବର୍ତ୍ତନ ମାଧ୍ୟମରେ ଗଢ଼ିଉଠିଥିଲା। କିନ୍ତୁ ବର୍ତ୍ତମାନ ସମୟରେ ଆର୍ଥିକ ପ୍ରଗତି, ଶିଳ୍ପସମୃଦ୍ଧ, ଭିତ୍ତିଭୂମି ନିର୍ମାଣ କ୍ଷେତ୍ରରେ ସମଗ୍ର ବିଶ୍ୱରେ ଚୀନର ପ୍ରଭାବ ଭାରତଠାରୁ ବହୁଗୁଣରେ ଆଗୁଆ। ଏହି ତାରତମ୍ୟ ପଛରେ ଅନେକ ଗଠନାତ୍ମକ ଓ ପ୍ରଶାସନିକ କାରଣ ରହିଥିବାର ଅନୁମେୟ।

୧୯୪୯ମସିହାରୁ ୧୯୫୭ ମସିହା ପର୍ଯ୍ୟନ୍ତ ଚୀନର ସ୍ୱାଧୀନତା ପରେ ଭୂ ସଂସ୍କାର ମାଧ୍ୟମରେ ଜମିଦାରୀ ପ୍ରଥାର ଉଚ୍ଛେଦ କରାଯାଇ ଓ ଚାଷୀମାନଙ୍କୁ ଜମି ଅଧିକାର ଦିଆଯାଇଥିଲା।ଶିଳ୍ପ, ବ୍ୟାଙ୍କ, ଶିକ୍ଷା, ସ୍ୱାସ୍ଥ୍ୟ ଓ ପରିବହନ ବ୍ୟବସ୍ଥାକୁ ରାଷ୍ଟ୍ରୀୟକରଣ କରାଯିବା ସହିତ ଶିକ୍ଷା ଓ ସ୍ୱାସ୍ଥ୍ୟବ୍ୟବସ୍ଥାର ସୁବିଧା ଗ୍ରାମସ୍ତରକୁ ପ୍ରସାର କରିଥିଲା।୧୯୫୮ମସିହାରୁ ୧୯୬୧ମସିହା ମଧ୍ୟରେ କୃଷି ପ୍ରଧାନ ଦେଶରୁ ଶିଳ୍ପସମୃଦ୍ଧ ସମାଜବାଦୀ ଦେଶଗଠନ କରିବା ଲକ୍ଷରେଚୀନରେ 'ଗ୍ରେଟ୍ ଲିପ୍ ଫରୱାର୍ଡ' କାର୍ଯ୍ୟକ୍ରମଆରମ୍ଭ ହୋଇଥିଲା।ଗ୍ରାମୀଣ ସ୍ତରକୁ ଯାତାୟାତ ସୁବିଧା ସହିତ ଓ ତ୍ୱରିତ ଇସ୍ପାତ ଉତ୍ପାଦନ ଯୋଜନାକୁ ଅଗ୍ରାଧିକାର ଦିଆଯାଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ଭୁଲ ଯୋଜନା ଓ ପ୍ରଶାସନିକ ବିଫଳତା ଯୋଗୁଁ ଭୟାବହ ଖାଦ୍ୟ ସଙ୍କଟ ଦେଖାଦେଇଥିଲା। ଏହି ଦୁର୍ଗତିରୁ ଚୀନ ନିଜର ଭୁଲ ସୁଧାରିବାର ମାର୍ଗ ପାଇବାରେ ସଫଳ ହୋଇଥିଲା।୧୯୬୬ମସିହାରୁ ୧୯୭୬ ମସିହା ମଧ୍ୟରେ 'ପୁରୁଣା ଚିନ୍ତାଧାରା' ସମୂହକୁ ନିର୍ମୂଳ କରିବା ଫଳରେ ଚୀନର ବିକାଶ ଧାରାକୁ ନିମ୍ନଗାମୀ କରିଥିଲା।ମାତ୍ର ୧୯୭୮ମସିହା ପରେ ୧୯୯୦ ମସିହା ପର୍ଯ୍ୟନ୍ତ ଚୀନର ଆର୍ଥିକ ବ୍ୟବସ୍ଥା ବିକାଶର ମୁଖ୍ୟ ମୋଡ ନେଇଥିଲା। ୧୯୯୦ମସିହାରୁ ୨୦୦୮ମସିହା ମଧ୍ୟରେ ବିଶ୍ୱ ବାଣିଜ୍ୟ ସଂଗଠନ ସଦସ୍ୟତା ଯୋଗୁଁ ଚୀନ ନିଜକୁ ବିଶ୍ୱ ବଜାର ସହ ଦୃଢ଼ ଭାବେ ଯୋଡ଼ିଥିଲା।ଚିନର କୋଟିକୋଟି ଲୋକ ଦାରିଦ୍ର୍ୟରୁ ମୁକୁଳିଥିଲେ ଏବଂ ପରେ ୨୦୦୮ମସିହାରୁ ୨୦୧୫ ମସିହା ମଧ୍ୟରେ ବିଶ୍ୱର ଆର୍ଥିକ ମାନ୍ଦାବସ୍ଥା ପରେ ଚୀନ୍ ନିଜର ଉଚ୍ଚଗତି ସମ୍ପର୍ଣ୍ଣ ରେଳ ଚଳାଚଳ, ମେଟ୍ରୋ, ସ୍ମାର୍ଟ ସିଟି ଓ ଶକ୍ତି ପ୍ରକଳ୍ପ ଆଦି ଦ୍ୱାରା ବିଶାଳ ଭିତ୍ତିଭୂମିର ବିକାଶ, ସହରୀକରଣକୁ ତ୍ୱରାନ୍ୱିତ କରିବା ସହିତ ପ୍ରଯୁକ୍ତି ବିଦ୍ୟାକୁ ନବଚିନ୍ତନ ଦ୍ୱାରା ୫ଜି, କୃତ୍ରିମ ବୁଦ୍ଧିମତା ଓ ସବୁଜ ଶକ୍ତିରେ ନିବେଶ କରି ଭବିଷ୍ୟତ ପାଇଁ ନିଜକୁ ଅଧିକ ସୁଦୃଢ଼ କରିବାରେ ଯତ୍ନବାନ ହୋଇଥିବାର ଅନୁମେୟ।ଚୀନର ଶୀଘ୍ର ବିକାଶର ସବୁଠାରୁ ମୁଖ୍ୟ କାରଣ ହେଉଛି ଦୀର୍ଘକାଳୀନ ଯୋଜନା, ଭୁଲ ବ୍ୟବସ୍ଥାର ତ୍ୱରିତ ପରିବର୍ତ୍ତନ ଓ ନୀତିର ସଠିକ ପାଳନ।

ଗଣତାନ୍ତ୍ରିକ ପଦ୍ଧତିରେ ଭାରତର ପ୍ରତ୍ୟକ ରାଜ୍ୟରେ ଓ କେନ୍ଦ୍ରରେ ସରକାର ପରିବର୍ତ୍ତନ ହେତୁ ରାଜକୋଷର ବହୁମାତ୍ରାରେ ଅର୍ଥ ନଷ୍ଟହୁଏ ଓ ଜନହିତକର ପୁରୁଣା ଯୋଜନାଗୁଡିକୁ କାର୍ଯ୍ୟକାରୀ ନକରି ନୂଆସରକାର ନିଜର ନୂଆ ଯୋଜନାକୁ ସଠିକନୀତି ବିନା କାର୍ଯ୍ୟକାରୀ କରନ୍ତି ଯାହା ଫଳରେ ଦେଶର ଅଗ୍ରଗତିର ଧାରା ବାଧାପ୍ରାପ୍ତ ହୋଇଥାଏ।ଶାସକ ଗୋଷ୍ଠୀ ପରିବର୍ତ୍ତନ ହେଲେ ସେମାନଙ୍କର ନିଜ ଚୌକି ଠାରୁ ଆରମ୍ଭ କରି ବାସନକୁସନ, ଘର, ନାମ ଓ ରଙ୍ଗ ପରିବର୍ତ୍ତନରେ କୋଟି କୋଟି ଅର୍ଥ ବ୍ୟୟ କରିବାରେ ବ୍ୟସ୍ତ ହୁଅନ୍ତି।ପୂର୍ବ ସରକାରଙ୍କ ସମସ୍ତ ଜନହିତକର କାର୍ଯ୍ୟ, ଭିତ୍ତିଭୂମି ଆଦିକୁ ନଷ୍ଟ କରି ଜନସାଧାରଣଙ୍କ ଓ ରାଷ୍ଟ୍ର ସମ୍ପତ୍ତିକୁ ପ୍ରତି ପାଞ୍ଚବର୍ଷରେ ଥରେ ନିର୍ବାଚନ ପରେ ନଷ୍ଟ କରାଯାଏ।ସରକାର ବଦଳିଲେ ନୀତି ବଦଳାଯାଏ, ଯୋଜନା ମଧ ଅନେକ ସମୟରେଅଧା ବାଟରେ ରହିଯାଏ। ଲୋକତନ୍ତ୍ରୀୟ ବ୍ୟବସ୍ଥାରେ ଆଲୋଚନା, ବିରୋଧ ଓ ସମ୍ମତି ଆବଶ୍ୟକ ହେଉଥିଲେ ମଧଏହା କେବେକେବେ ନିଷ୍ପତ୍ତିକୁ ମନ୍ଥର କରିଥାଏ, ଫଳରେ ଭଲ ଭଲ ଯୋଜନାଗୁଡିକ କେବେଳ ଅମଲାତନ୍ତ୍ରର ନାଲି ଫିତାତଳେ ଚାପିହୋଇ ରହିଯାଏ।ତେଣୁ ଗଣତାନ୍ତ୍ରିକ ପଦ୍ଧତି ଦ୍ୱାରା ଶାସିତ ରାଜ୍ୟ ଓ କେନ୍ଦ୍ରର ଏହିପରି ଭାବରେ ଯୋଜନା ବନ୍ଦ କିମ୍ବା ହଠାତ୍ ପରିବର୍ତ୍ତନର ମୁଖ୍ୟ ପରିଣାମ ହେଉଛିସାର୍ବଜନୀନ ସମ୍ପତ୍ତିର ଅପଚୟ, ପ୍ରଶାସନିକ ଅସ୍ଥିରତାଏବଂଜନତାଙ୍କ ବିକାଶର ବାଧକ। ପ୍ରତ୍ୟେକ ଦୀର୍ଘମିଆଦୀ ଯୋଜନାର ସଫଳତାପାଇଁ ସେହି ଯୋଜନାର ଚଳନଶୀଳତା, କାର୍ଯ୍ୟକାରିତାର ଉତ୍ତରଦାୟିତା ଓ ନୀତିର ସ୍ୱଚ୍ଛତା ଅତ୍ୟାବଶ୍ୟକ ଥାଏ, ଯାହା ଭାରତରେ ପ୍ରାୟ ଦେଖାଯାଏ ନାହିଁ।ଚୀନର ବିକାଶର ଆଉ ଏକ ମୁଖ୍ୟ ଆଧାର ହେଉଛି ଶିଳ୍ପ ଭିତ୍ତିକ ଅର୍ଥନୀତି। ଚୀନ୍ ଆରମ୍ଭରୁ ଶିଳ୍ପକୁ ଚାକିରି ସୃଷ୍ଟିର ପ୍ରମୁଖ ଉପାଦାନଭାବେ ଦେଖିଥିଲା। ବିଶେଷ ଆର୍ଥିକ ଅଞ୍ଚଳ, ସହଜ ନିୟମ, ସୁଲଭ ବିଦ୍ୟୁତ ସଞ୍ଯୋଗୀକରଣ, ଦେଶ ଓ ବିଦେଶ ଚାହିଦାଭିତ୍ତିକ ଗୁଣାତ୍ମକ ଉତ୍ପାଦ ଏବଂ ତାହାର ମାର୍କେଟିଂ ଓ ଉତ୍ତମ ପରିବହନ ବ୍ୟବସ୍ଥା ମାଧ୍ୟମରେ ଦେଶୀ ଓ ବିଦେଶୀ ନିବେଶକଙ୍କୁ ଆକର୍ଷିତ କରାଯାଇଥିଲା ଏହାର ଫଳରେ କୋଟିକୋଟି ଲୋକଙ୍କୁ ଚାକିରି ମିଳିଲା ଓ ଯାହା ଚୀନକୁ ବିଶ୍ୱର କାରଖାନାଭାବେ ପରିଚିତ କରାଇଥିଲା।ଭାରତରେ କେବଳ ଭୋଟକୁ ଆଖି ଆଗରେ ରଖି ଶାସନ ଅକ୍ତିଆର ପାଇଁ ଶସ୍ତା ଲୋକପ୍ରିୟ ଯୋଜନା ଦ୍ରୁତ ହେଲେ ମଧ, ଶିଳ୍ପ ବିକାଶ ସେତେ ମଜବୁତ ହୋଇପାରିଲା ନାହିଁ। ଜମି ଅଧିଗ୍ରହଣ, ଶ୍ରମ ଆଇନ, ଦୁର୍ନୀତି ଓ ଭିତ୍ତିଭୂମିର ଅଭାବ ଶିଳ୍ପ ବିକାଶରେ ବାଧା ସୃଷ୍ଟି କଲା। ଫଳରେ ଭାରତ ନିଜର ବିଶାଳ ଯୁବଶକ୍ତି ପାଇଁ ପର୍ଯ୍ୟାପ୍ତ ଚାକିରି ସୃଷ୍ଟି କରିବାରେ ବିଫଳ ହୋଇଛି, ଯାହାର ଉଦାହରଣ ନିକଟରେ ଓଡିଶାରେ ହୋଇଥିବା ହୋମ୍ ଗାର୍ଡ ଚାକିରି ପାଇଁ ଆଶାୟୀ ପାର୍ଥୀଙ୍କ ଭିଡ ଓ ଶିକ୍ଷାଗତ ଯୋଗ୍ୟତାରୁ ଅନୁମେୟନ୍ତୁ।

ଭିତ୍ତିଭୂମିର ବିକାଶ ମଧ ଏହି ପାର୍ଥକ୍ୟର ଗୋଟିଏ ବଡ଼ କାରଣ। ଚୀନ୍ ଖୁବ କମ ସମୟରେ ରାଜପଥ, ରେଳପଥ, ବନ୍ଦର, ବିମାନବନ୍ଦର ଓ ବିଦ୍ୟୁତ କେନ୍ଦ୍ର ନିର୍ମାଣ କରିଥିଲା। ଏହା ଉତ୍ପାଦନ ଓ ପରିବହନ ଖର୍ଚ୍ଚ କମାଇ ଅର୍ଥନୀତିର ଅଗ୍ରଗତିରେ ସହାୟକ ହୋଇଥିଲା। ଭାରତରେ ଏହି ପ୍ରକ୍ରିୟା ଧୀର ଓ ଦୁର୍ନୀତିରେ ପରିପୂର୍ଣ୍ଣ ଥିବାରୁ ଶିଳ୍ପ ଓ ବ୍ୟବସାୟ ପ୍ରଭାବିତ ହୋଇ ଆସୁଛି।ଜନସଂଖ୍ୟା ନିୟନ୍ତ୍ରଣରେ ମଧ ଚୀନ୍ ଭାରତଠାରୁ ଆଗୁଆ। ଚୀନ୍ ଆରମ୍ଭରୁ କଠୋର ନୀତି ଗ୍ରହଣ କରି ଜନସଂଖ୍ୟା ବୃଦ୍ଧିକୁ ନିୟନ୍ତ୍ରଣ କରିପାରିଲା।ଏହା ଦେଶକୁ ଶିକ୍ଷା, ସ୍ୱାସ୍ଥ୍ୟ ଓ ବାସସ୍ଥାନ ବିକାଶରେ ଅଧିକ ନିବେଶ କରିବାର ସୁଯୋଗ ଦେଇଥିଲା। ଭାରତରେ ଅନିୟନ୍ତ୍ରିତ ଜନସଂଖ୍ୟା ବିକାଶର ଧାରାକୁ ମନ୍ଥର କରିଛି।ଶିକ୍ଷା ଓ କୌଶଳ ବିକାଶରେ ମଧ ଦୁଇ ଦେଶରେ ପାର୍ଥକ୍ୟ ରହିଛି। ଚୀନର ଶିକ୍ଷା ପ୍ରଣାଳୀ ଶିଳ୍ପ ଆବଶ୍ୟକତା ସହ ସଂପୃକ୍ତ। ଭାରତରେ ଶିକ୍ଷା, ସ୍ୱାସ୍ଥ୍ୟ ଘରୋଇକରଣରେ ଅଧିକ ଦୂଷିତ, ବିନା ଭିତ୍ତିଭୂମି, ଛଦ୍ମବେଶୀ ଶିକ୍ଷକ, ଚଞ୍ଚକତାପୂର୍ଣ୍ଣ ଯାଞ୍ଚ ବ୍ୟବସ୍ଥାରେ ଆଜି ବୈଷୟିକ ଶିକ୍ଷା, ଡାକ୍ତରୀ ଶିକ୍ଷା ଓ ସାଧାରଣ ଶିକ୍ଷାକୁ କଳୁଷିତ କରିଛି।ବିନା ଜ୍ଞାନ ଓ କୌଶଳରେ କେବଳ କାଗଜ ଡିଗ୍ରୀଧାରୀଙ୍କ ସଂଖ୍ୟା ବୃଦ୍ଧି ଶିକ୍ଷିତ ବେକାରୀଙ୍କୁ ବଢ଼ାଇ ଚାଲିଛି, ଯାହା ଭାରତାର ବିକାଶରେ ଧାରାରେ ବର୍ଷ ବର୍ଷ ଧରି କଣ୍ଟାପରି ରହିଚାଲିଛି ଓ ଚାଲିବ ମଧ୍ୟ।ଚୀନ୍ ଭାରତଠାରୁ ଅଧିକ ବିକଶିତ ହେବାର ପଛରେ ଶକ୍ତିଶାଳୀ ଶାସନ, ଦୀର୍ଘକାଳୀନ ଦୃଷ୍ଟିକୋଣ, ଶିଳ୍ପ ଭିତ୍ତିକ ବିକାଶ, ଦ୍ରୁତ ଭିତ୍ତିଭୂମି ନିର୍ମାଣ ଓ ସ୍ଥିରୀକୃତ କାର୍ଯ୍ୟାନ୍ୱୟନ ମୁଖ୍ୟ ଭୂମିକା ନେଇଛି। ତଥାପି ଭାରତର ପାଖରେ ଲୋକତନ୍ତ୍ର, ଯୁବଶକ୍ତି ଓ ନବଚିନ୍ତନର ଅପାର ସମ୍ଭାବନା ରହିଛି। ସଠିକ୍ ନୀତି ଓ ଦୃଢ଼ କାର୍ଯ୍ୟାନ୍ୱୟନ ସହ ଭାରତ ମଧ ଦ୍ରୁତ ବିକାଶ ପଥରେ ଆଗୁଆ ହୋଇପାରିବ।

୧୯୪୭ ମସିହାର ସ୍ୱାଧୀନତାପରେ ଭାରତର ବିକାଶ ଗୋଟିଏ ସରଳ ରେଖା ନୁହେଁ, ବରଂ ବହୁ ଉତ୍ଥାନପତନରେ ଭରପୂର ଯାତ୍ରା। ସଫଳତା ସହିତ ସମସ୍ୟା ମଧ ରହିଛି। ତଥାପି, ଗଣତନ୍ତ୍ର, ବିଭିଦାତା ଓ ସାମ୍ବିଧାନିକ ମୂଲ୍ୟବୋଧକୁ ରକ୍ଷା କରି ଆଗକୁ ବଢ଼ିବା ହେଉଛି ଭାରତୀୟ ବିକାଶର ମୂଳ ଶକ୍ତି।ଭାରତରେ ସରକାରୀ ଭାଗୀଦାରୀରେ ଶିକ୍ଷା ସହିତ ସ୍ୱାସ୍ଥ୍ୟ ଓ ସୁଷମ ପୋଷଣର ଲକ୍ଷକୁ ଆଗକୁ ନେବାକୁ ପଡ଼ିବ।ସ୍ୱାସ୍ଥ୍ୟ, ଶିକ୍ଷା, ଶକ୍ତି ଭଳି ଗୁରୁତ୍ୱପୂର୍ଣ୍ଣ ସଂସ୍ଥାଗୁଡିକୁ ଜାତୀୟକରଣକରିବାକୁ ପଡ଼ିବ। ରାସ୍ତା, ରେଳ, ବନ୍ଦର, ବିଦ୍ୟୁତ ଭଳି ଢାଞ୍ଚାଗତ ବିକାଶରେ ଅଭୂତପୂର୍ବ ନିବେଶର ଦ୍ୱାର ଖୋଲାରଖି ଘରୋଇ ଉଦ୍ୟୋଗ ଭାଗୀଦାରୀରେ ବିକାଶ ବୃଦ୍ଧିକରିବାକୁ ପଡ଼ିବ।ଦଳ, ଜାତି ଊର୍ଦ୍ଧ୍ୱରେ ଦେଶର ସ୍ୱାର୍ଥକୁ ଆଗରେରଖି ଭ୍ରଷ୍ଟାଚାର ମୁକ୍ତ ହେବାକୁ ପଡ଼ିବ।ଦେଶ ଓ ବିଦେଶ ଚାହିଦାଭିତ୍ତିକ ଗୁଣାତ୍ମକ ଉତ୍ପାଦ ଏବଂ ତାହାର ମାର୍କେଟିଂ ସହିତ ରପ୍ତାନିକୁ ଆମଦାନୀର ବିକଳ୍ପ ନୀତିରେ ପରିବର୍ତ୍ତନ କରିବାକୁ ପଡ଼ିବ ଯାହାଫଳରେ ବିଶ୍ୱ ବଜାରରେ ଭାରତମଧ 'ମେକେ ଇନ ଇଣ୍ଡିଆ' ଦ୍ୱାରା ନିଜ ସ୍ଥାନ ଦୃଢ଼ କରିପାରିବ।ନିଷ୍ପତ୍ତି, ସଂପୂର୍ଣ୍ଣ କାର୍ଯ୍ୟ, ଶୃଙ୍ଖଳା, ଦୁର୍ନୀତି ମୁକ୍ତ ଶାସନ ଭାରତକୁ ଶକ୍ତିଶାଳୀ କରିପାରିବ। ଭାରତରେ ଯୋଜନା ଭଲ ଥାଏ, କିନ୍ତୁ କାର୍ଯ୍ୟାନ୍ୱୟନରେ ଅନେକ ସମସ୍ୟାସହିତ ଲାଲଫିତା ତଳେ ଚାପିରହି ସମନ୍ୱୟ ଅଭାବରେ କାର୍ଯ୍ୟକାରୀ ହୋଇପାରେ ନାହିଁ।ଭାରତର ଭାଷା, ଧର୍ମ, ଜାତିଗତ ବିବିଧତା ଗଣତନ୍ତ୍ରକୁ ଶକ୍ତି ଦେଲେ ମଧ, ବେଳେବେଳେ ବିକାଶ ଉପରେ ରାଜନୈତିକଧ୍ୟାନ ସ୍ୱଳ୍ପ କରିଦେଇଥାଏ। ଭାରତ ଚୀନ ପରି ସମାନ ଭାବେ ବିକଶିତ ନ ହେବାର କାରଣ କୌଣସି ଗୋଟିଏ ତତ୍ତ୍ୱ ନୁହେଁ; ଏହା ଏକ ସଂଯୁକ୍ତ ପରିଣାମ। ତଥାପି, ଏହା ମନେ ରଖିବା ଆବଶ୍ୟକ ଯେ ଭାରତ ଗଣତନ୍ତ୍ର, ସ୍ୱାଧୀନତା ଓ ମୂଲ୍ୟବୋଧକୁ ରକ୍ଷା କରି ବିକାଶ କରୁଛି।ଯାହା ଚୀନ ମଡେଲ୍ରେ ଅନୁପସ୍ଥିତ। ବିକାଶ ଓ ଦାରିଦ୍ର୍ୟ ମଧ୍ୟରେ ଥିବା ଏହି ଦୂରତା ଭାରତର ସବୁଠାରୁ ବଡ଼ ଚ୍ୟାଲେଞ୍ଜ। ତେଣୁ ପ୍ରାଥମିକ ପଦକ୍ଷେପ ଭାବରେ ଅତୀତରେ ସରକାରଙ୍କ ଦ୍ୱାରା ଯେପରି ବ୍ୟାଙ୍କ ଗୁଡିକୁ ଜାତୀୟକରଣ କରାଯିବାର ଦୃଢ ପଦକ୍ଷେପ ନିଆଯାଇଥିଲା ସେହିପରି ଆମର ଦୂରଦର୍ଶୀ କେନ୍ଦ୍ର ଓ ରାଜ୍ୟର ସରକାର ନିଜର କଠୋର ଆଇନ ବଳରେ ଲାଭଖୋର ଘରୋଇକରଣ ଶିକ୍ଷା ବ୍ୟବସ୍ଥାକୁ ଉଚ୍ଛେଦକରି ସମସ୍ତ ଶିକ୍ଷା ବ୍ୟବସ୍ଥାକୁ ରାଷ୍ଟ୍ରୀୟକରଣ କରିପାରିବେ ତେବେ ଭାରତର ବିକାଶକୁ କେହି ରୋକିପାରିବେ ନାହିଁ ଏବଂ ତତସହିତ ଆବଶ୍ୟକ ହେଉଛିରୋଜଗାର ସୃଷ୍ଟିକାରୀ ଆର୍ଥିକ ବିକାଶ।


ମୋବାଇଲ୍: ୯୪୩୭୧୨୩୮୯୨


# ସଫଳ କର୍ମ ସମ୍ପାଦନର ମାର୍ଗ ବ୍ୟବସ୍ଥିତ ବିଶ୍ରାମ




ଡ. ଉଷାରାଣୀ ଦାଶ


ବିଶ୍ରାମ ମଣିଷର ଶକ୍ତି, ସ୍ୱାସ୍ଥ୍ୟ, ସୃଜନଶୀଳତା, ସଫଳ କର୍ମ ସମ୍ପାଦନ ଓ ଜୀବନର ଉତ୍କର୍ଷତା ପାଇଁ ଏକ ପ୍ରମୁଖ ଉପାଦାନ ଯାହାକର୍ମ ଓ ବିଶ୍ରାମର ସମନ୍ୱୟ ଉପରେ ନିର୍ଭର କରିଥାଏ।ଜୁପରନ୍ତୁ ମାତ୍ରାଧିକ ବସ୍ତୁବାଦୀ ଚିନ୍ତାଧାରା, ସାମାଜିକ ଗଣମାଧ୍ୟମର ଦବଦବା, ମୋବାଇଲ, କମ୍ପ୍ୟୁଟର, କୃତ୍ରିମ ବୁଦ୍ଧିମତାର କରାଳଛାୟାର ପ୍ରଭାବ ସହିତ ଅତିରିକ୍ତ ଘରୋଇକରଣର ବିଷ ପ୍ରକ୍ରିୟାରେ ଆଜି ମଣିଷ ଜୀବନରୁ ବିଶ୍ରାମ ଶବ୍ଦଟି ଅପହରଣ ହୋଇ ସଞ୍ଜ୍ଞା ହରାଇଥିବାପରି ଜଣାପଡୋପିଲାଟିଏ ଜନ୍ମ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଶରୀର ଓ ମନକୁ ଅବିରତ ସାମାଜିକ ଗଣମାଧ୍ୟମରେ ବୁଡାଇ ନିଜର ମାନସିକ, ଶାରୀରିକ ଓ ଆର୍ଥିକ ଭାରସାମ୍ୟ ହରାଇ ବସିଛି।ଶିକ୍ଷିତ, ଅର୍ଦ୍ଧ ଶିକ୍ଷିତ ବା ଅଶିକ୍ଷିତ ଯୁବକଟି ନିଜର ଜୀବିବା ପାଇଁ ବିଭିନ୍ନ କାର୍ଯ୍ୟର ଅଘୋଷିତ ମାନସିକ ବା ଶାରୀରିକ ଚାପରେ ତାର ଜୀବନକୁ ଗୋଟିଏ ଯନ୍ତ୍ର ଭଳି ପରିଚାଳିତକରୁଛିନ୍ତୁ।

ନିଆଁରେ ଘିଅ ଢାଳିବାପରି ମଝିରେ ମଝିରେ ଇନ୍ଫୋସିସର ପ୍ରତିଷ୍ଠାତା ନାରାୟଣ ମୂର୍ତ୍ତିଙ୍କ ପରି କିଛି ଲାଭଖୋର ଘରୋଇ ବେପାରୀ ଭାରତର ଯୁବଶକ୍ତି ଦିନକୁ ୧୨ଘଣ୍ଟାରୁ ଅଧିକ ପରିଶ୍ରମ କରିବାର ଆବଶ୍ୟକତାକୁ ଯଥାର୍ଥ କରିବାକୁ ଲାଗିପଡ଼ିଛନ୍ତିନ୍ତୁ।ଯଦିଓ ସରକାରଙ୍କ ନିୟମ ଅନୁସାରେ ଜଣେବ୍ୟକ୍ତି ଦିନକୁ ୮ ଘଣ୍ଟା କାର୍ଯ୍ୟକରି ଠିକ ପାରିଶ୍ରମିକ ପାଇବାକୁ ହକଦାର ତଥାପି ପ୍ରାୟ ୯୦ପ୍ରତିଶତରୁ ଅଧିକ ଘରୋଇ ସଂସ୍ଥାରେ ଯୁବକ ଯୁବତୀମାନେ ଦୀର୍ଘ ବର୍ଷ ଧରି ଅଳ୍ପ ପାରିଶ୍ରମିକରେ ଦିନକୁ ୧୨ ରୁ ୧୬ ଘଣ୍ଟାଧରି କାମ କରି ଆସୁଛନ୍ତି ଯାହା ସରକାରଙ୍କୁ ବା ଘରୋଇ ଅନୁଷ୍ଠାନଗୁଡ଼ିକର ମାଲିକମାନଙ୍କ ଆଖିକୁ ଦେଖାଯାଇ ନଥାଏ, କାରଣ ସେଠାରେ ସେମାନଙ୍କ ଅଧିକ ଲାଭ ମିଳିଥାଏ।ମଣିଷର ଲହୁ ଲହୁରୁ ସେମାନେ ନିଜର ଆୟକୁ ଅନୈତିକ ଉପାୟରେ ବହୁଗୁଣିତ କରି ଅଷ୍ଟାଦଶ ଶତାବ୍ଦୀର ଦାସତ୍ୱ ପ୍ରଥାକୁ ସମର୍ଥନ କରୁଥିବା ଛଦ୍ମ ଦେଶଭକ୍ତ ଇଂରେଜ ମାନଙ୍କ ପରି ଧର୍ମନାମରେ ଅର୍ଥଦାନ ହେଉ ବା ଲମ୍ବା ଭାଷଣ ମାଧ୍ୟମରେ ଅଧିକ ଶ୍ରମ ସମୟକୁ ଯଥାର୍ଥ କରିବା ପାଇଁ ଲାଗିପଡନ୍ତି ଯାହାକୁ ଶାସକ, ଧାର୍ମିକ ଓ ଧନୀକ ଗୋଷ୍ଠୀର ଏକ ଚକ୍ରବୋଲି କୁହାଯାଏ ଏବଂ ଅଷ୍ଟାଦଶ ଶତାବ୍ଦୀରୁ ଆଜି ପର୍ଯ୍ୟନ୍ତ ଏକ ବିକଶିତ ରୂପରେ ଏହା ବିଦ୍ୟମାନ। ଯଦିଓ ଶ୍ରମ ବିନା ଜୀବନ ଅର୍ଥହୀନ ସେହିପରି ବିଶ୍ରାମ ବିନା ଜୀବନ କ୍ଲାନ୍ତିମୟ ଓ ରୋଗାକ୍ରାନ୍ତ ହୋଇପଡ଼େ। ଆଧୁନିକ ଯୁଗରେ ମଣିଷ ଅତ୍ୟଧିକ ବ୍ୟସ୍ତତା, ପ୍ରତିଯୋଗିତା ଓ ଚାପରେ ରହି ବିଶ୍ରାମର ମୂଲ୍ୟକୁ ଅନେକ ସମୟରେ ଭୁଲିଯାଉଛି। କିନ୍ତୁ ଏହା ନିରାଟ ସତ୍ୟଯେ, ବିଶ୍ରାମ ବିନା କୌଣସି ମଣିଷ ଦୀର୍ଘକାଳ ସୁସ୍ଥ, ସୁଖୀ ଓ ସଫଳ ହୋଇ ରହିପାରିବ ନାହିଁ।ବିଶ୍ରାମକୁ ଆଳସ୍ୟ କୁହାଯାଇ ନପାରେ ବରଂ ଏହା ଶକ୍ତିର ପୁନଃ ଜାଗରଣ ଯାହା କେବଳ କାମ ବନ୍ଦ କରି ଶୋଇ ରହିବାକୁ ସୂଚାଇବା ବଦଳରେ ଶରୀର ଓ ମନକୁ କ୍ଳାନ୍ତିରୁ ମୁକ୍ତ କରି ନୂତନ ଶକ୍ତି ସଞ୍ଚୟ କରିବାର ପ୍ରକ୍ରିୟାକୁ ବୁଝାଇଥାଏ। ଶୋଇବା, ଆରାମ କରିବା, ଧ୍ୟାନ କରିବା, ସଙ୍ଗୀତ ଶୁଣିବା, ପ୍ରକୃତି ସହ ସମୟ କାଟିବା ଆଦି ବିଶ୍ରାମର ରୂପ ଯାହାକୁ ଶ୍ରମର ସଫଳତାର ଗୁପ୍ତ ମନ୍ତ୍ର, ଯନ୍ତ୍ରଣା ଉପଶମ ଓ ଆରୋଗ୍ୟ ପାଇଁ ତଥା ଅସ୍ୱସ୍ତି ଦୂର କରିବା ପାଇଁ ଏକ ଅବଧି ବୋଲି ଧରାଯାଇପାରେ।

ପ୍ରାଚୀନକାଳରୁ ବିଶ୍ରାମକୁ ମଣିଷ ଜୀବନର ଏକ ଅଂଶ ଭାବରେ ଗ୍ରହଣ କରାଯାଇଛି। ବୈଷ୍ଣବ ଧର୍ମରେ ଏହାକୁ ଭକ୍ତି ଅଭ୍ୟାସ ଏବଂ କ୍ଳାନ୍ତିରୁ ଉପଶମ ମାର୍ଗ କୁହାଯାଇଥିବା ବେଳେ, ଆୟୁର୍ବେଦର ଅଷ୍ଟାଙ୍ଗ ହୃଦୟମ୍ ଅନୁସାରେ ଭଲ ଜୀବନ ସୁନିଶ୍ଚିତ କରିବା ପାଇଁ ସୁଷମ ଖାଦ୍ୟ, ସଂଯମ ଆଚରଣ ଓ ବିଶ୍ରାମ ବା ଭଲ ନିଦ୍ରା ହେଉଛି ତିନୋଟି ସ୍ତମ୍ଭ।ସେହିପରି ଭାରତୀୟ ଇତିହାସ ଏବଂ ସ୍ୱାସ୍ଥ୍ୟ ବିଜ୍ଞାନରେଏହା ଆରାମ, ଆରୋଗ୍ୟ ଏବଂ ଯନ୍ତ୍ରଣା ଉପଶମର ମାର୍ଗ ଭାବରେ ଗୃହୀତହୁଭାରତୀୟ ସଂସ୍କୃତିରେ ଯୋଗ ଓ ଧ୍ୟାନବିଶ୍ରାମର ରୂପ ସହିତ ବେଦ, ଉପନିଷଦ ଓ ଗୀତାରେ କର୍ମ ସହିତ ବିଶ୍ରାମର ସନ୍ତୁଳନର କଥା କୁହାଯାଇଛି। ବୌଦ୍ଧବାଣୀରେ 'ନ ଅତ୍ୟଧିକ ଭୋଗ, ନ ଅତ୍ୟଧିକ କଷ୍ଟ' ଓ ସାଙ୍ଖ୍ୟାନ-ଗୃହ୍ୟ-ସୂତ୍ରଅନୁସାରେ ବିଶ୍ରାମ ହେଉଛି ମଣିଷର ଆଶୀର୍ବାଦପୂର୍ଣ୍ଣ ଏବଂ ଆନନ୍ଦମୟ ଗୃହ।ସେହିପରି ବାଲ୍ମୀକି ରାମାୟଣ ଅନୁସାରେ ବିଶ୍ରାମଶବ୍ଦଟି ଶାନ୍ତିର ଏକ ଅବସ୍ଥାକୁ ବୁଝାଏ। ସେଥିପାଇଁ କୁହାଯାଏ ବିଶ୍ରାମ ହେଉଛି ଜୀବନର ରିଚାର୍ଜ ବଟନ୍।

ଆଜିକାଲି ଅଧିକାଂଶ ଲୋକ ଲୋଭ, ଧନ, ଏବଂ ଛଦ୍ମ ସଫଳତା ପଛରେ ଧାବମାନ କାରଣରୁ ବିଶ୍ରାମକୁ ଅବହେଳା କରୁଛନ୍ତି, ଯାହାସ୍ୱାସ୍ଥ୍ୟ ଓ ଶାନ୍ତି ପାଇଁ ଗୁରୁତର ସମସ୍ୟା ସୃଷ୍ଟି କରୁଛି। ବିଶ୍ରାମ ଅଭାବରେ ଟାଇପ୍ ୨ ମଧୁମେହ, ହୃଦରୋଗ, ସ୍ଥୂଳତା, ଅବସାଦ, ଦୁର୍ବଳତା, ପାକସ୍ଥଳୀ ସମସ୍ୟା, ଅନ୍ତଃସ୍ରାବୀ ରୋଗ, ମେଟାବୋଲିକ୍ ସିଣ୍ଡ୍ରୋମ୍, ସ୍ନାୟୁଗତ ବ୍ୟାଧି, ଚିଡି ଚିଡାପଣ, ମାନସିକ ଚାପ ଆଦି ସମସ୍ୟା ସୃଷ୍ଟି ହୋଇ ପ୍ରାଣଘାତକ ହେଉଅଛି।ଯଦିଓ ଜୀବନରେ ଅର୍ଥ ଓ ପ୍ରକୃତ ସଫଳତା ଜରୁରୀ, କିନ୍ତୁ ସେଥିପାଇଁ ବିଶ୍ରାମକୁ ଅବହେଳା କରିବା ଗ୍ରହଣୀୟ ନୁହେଁ। ସମୟମତେ ବିଶ୍ରାମ ନେଲେ ଶରୀର ସୁସ୍ଥ ରହିବ ଏବଂ ସଫଳତା ମଧ ଦୀର୍ଘକାଳୀନ ହେବ।ବିଶ୍ରାମହୀନତା ମଣିଷର କାର୍ଯ୍ୟକ୍ଷମତା କମାଇବା ସହିତ ଆୟୁକୁ ହ୍ରାସ କରିଥାଏ। ତେଣୁ 'ବେଟର ଲେଟ ଦେନ ନେଭର' ପ୍ରତି ଆମେ ଯତ୍ନଶୀଳ ହେବା ଜରୁରୀ। ପୁରୁଣା ଦିନରେ ଲୋକମାନେ ଜାଣୁଥିଲେ ଯେ କାମ ଓ ବିଶ୍ରାମର ସନ୍ତୁଳନ ରହିଲେ ହିଁ ଜୀବନ ସୁସ୍ଥ ଓ ସୁଖମୟ ହୁଏ। ସେମାନଙ୍କର ଜୀବନଶୈଳୀ ସରଳ ଥିଲା ଓ ପ୍ରକୃତି ସହ ଗଭୀର ସମ୍ପର୍କ ଥିବାରୁ ବିଶ୍ରାମ ସ୍ୱାଭାବିକ ଭାବେ ତାଙ୍କ ଜୀବନର ଏକ ଅଂଶ ଭାବରେ ଥିଲା।ସୂର୍ଯ୍ୟ ଉଦୟରୁସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ କର୍ମରତ, ମଧ୍ୟାହ୍ନରେ ବିଶ୍ରାମ ଓ ସନ୍ଧ୍ୟାରେ ପରିବାର ଓ ପଡ଼ୋଶୀଙ୍କ ସହ ସମୟ କାଟିବା ଥିଲା ଏକ ଚିରାଚରିତ ବିଶ୍ରାମ ପ୍ରକ୍ରିୟା। ଗାଁ ଚଉପାଢିରେଗପ, ଗୀତ ଓ ଭାଗବତ ଟୁଙ୍ଗିର ଭଜନଆଦି ମାଧ୍ୟମରେ ମନକୁ ଶାନ୍ତକରି ରାତିରେ ପର୍ଯ୍ୟାପ୍ତ ନିଦ୍ରାରେ ଶୋଇଯାଉଥିଲେ।ପର୍ବପର୍ବାଣୀ ଓ ଉତ୍ସବଗୁଡ଼ିକ ମଧ ବିଶ୍ରାମର ଏକ ଉପାୟ ଥିଲା। ରଜ, ନୂଆଖାଇ, ଦୀପାବଳୀ ପରି ପର୍ବଗୁଡ଼ିକରେ କାମକୁ କମ୍ କରି ସମସ୍ତେ ବିଶ୍ରାମ ଓ ବିନୋଦନରେ ମନ ଦେଉଥିଲେ।ଶାରୀରିକ କାମ ସହ ମାନସିକ ସନ୍ତୁଳନ ପାଇଁ ଯୋଗ, ପ୍ରାଣାୟାମ, ଧ୍ୟାନ ଓ ଭଜନର ଅଭ୍ୟାସ ଥିଲା। ଏହା ମନକୁ ସ୍ଥିର ରଖୁଥିଲା ଓ ଚିନ୍ତା ଦୂର କରୁଥିଲା।ଭାରତର ପାରମ୍ପରିକ ବିଶ୍ରାମ ବ୍ୟବସ୍ଥାମାନଙ୍କ ମଧ୍ୟରେ ଆଷାଢ଼ରୁ ଆଶ୍ୱିନ ପର୍ଯ୍ୟନ୍ତ ଚାରି ମାସରେ ପାଳିତ ଚାତୁର୍ମାସ୍ୟ ବ୍ରତ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।ଏହାଦ୍ୱାରା କେବଳ ମଣିଷମାନେ ବିଶ୍ରାମ ନେଉ ନଥିଲେ, ପ୍ରକୃତି ମଧ ବିନାବାଧା ଏବଂ ପ୍ରଭାବରେ ପୁନର୍ଜୀବିତ ହୋଇ ପାରୁଥିଲା।ଏତଦ ବ୍ୟତୀତ ଭାରତୀୟ ପରମ୍ପରାରେ ଏକାଦଶୀ, ଅମାବାସ୍ୟା, ପୂର୍ଣ୍ଣିମା, ସଂକ୍ରାନ୍ତି ଆଦି ମାସିକ ଓ ପାକ୍ଷିକ ବିଶ୍ରାମ ଉପବାସ ମାଧ୍ୟମରେ ସ୍ଥିର ହୋଇଥିଲା ଯାହା ଶରୀର ପାଇଁ ବିଶ୍ରାମ।

ଆଧୁନିକ ସହରୀ ଜୀବନରେ ଚାକିରିଜୀବୀମାନେ ବିଶେଷ କରି ବେସରକାରୀ ଅନୁଷ୍ଠାନର ଚାକିରିଜୀବୀମାନେ ଦୀର୍ଘ ସମୟ ପରିଶ୍ରମ ବା କମ୍ପ୍ୟୁଟର ସାମ୍ନାରେ ବସି କାମ, ଟାର୍ଗେଟ୍ ପୂରଣର ଚାପହେତୁ ଘରକୁ ଫେରିଲେ ମଧ ଇମେଲ୍ ଓ ଅତିରିକ୍ତ କାମକୁ ମୋବାଇଲ୍ ଓ ଲାପଟପ୍ରେ କରିବାକୁ ବାଧ ହୁଅନ୍ତି। ସେମାନେ ସ୍ୱଳ୍ପ ପରିଶ୍ରମିକରେ ଭବିଷ୍ୟତ ସୁଖଆଶାରେ ଦିନରାତି କାମ କରି ଶାରୀରିକ ରୋଗ ଓ ମାନସିକ ଚାପର ବଶବର୍ତ୍ତୀ ହେଉଛନ୍ତି। ପରିବାର ସହ ସମୟ କାଟିବା କିମ୍ବା ନିଜ ପାଇଁ କିଛି ସମୟ ଦେବାକୁ ଭୁଲିଯାଉଛନ୍ତି ଫଳରେପରିବାରିକ ସୁଖଶାନ୍ତି ବ୍ୟାଘାତ ହେଉଛି।ଛାତ୍ରଛାତ୍ରୀମାନେ ସଫଳତା ପାଇଁ ଅତ୍ୟଧିକ ଚାପରେ ରହି ସକାଳରୁ ସନ୍ଧ୍ୟା ପର୍ଯ୍ୟନ୍ତ ବିଶ୍ରାମ ପାଉ ନଥିବାରୁ ଶାରୀରିକ ଓ ମାନସିକ ଥକାପଣର ସମ୍ମୁଖୀନ ହେଉଛନ୍ତି।

ପାରମ୍ପରିକ ଜ୍ଞାନ ପରି ଆଧୁନିକ ଗବେଷଣାରୁ ଜଣାଯାଇଛି ବିଶ୍ରାମ, କାର୍ଯ୍ୟ ପରି ଗୁରୁତ୍ୱପୂର୍ଣ୍ଣ। ଯଦି ଆମେ ଶରୀରକୁ ବିଶ୍ରାମ ଦେଉ ତେବେ ବ୍ୟସ୍ତ ବହୁଳ ଜୀବନଶୈଳୀରୁ ଜାତ ରୋଗରୁ ନିଜକୁ ସୁସ୍ଥ ରଖିପାରିବା। ମନକୁ ଆରାମ ଏବଂ ପୁନର୍ଜୀବିତ କରିବା ପାଇଁ ବିଶ୍ରାମ ଆବଶ୍ୟକ ଓ ସମସ୍ତଙ୍କ ସହମତରେ ନିର୍ଦ୍ଦିଷ୍ଟ ସମୟ ଚୟନ କରିବାକୁ ପଡ଼ିବନ୍ତୁ। ଆମ ଜୀବନରେ ପୁଣି ଥରେ ଶୈଳୀ ଅନୁସାରେ ବିଶ୍ରାମ ନେବାର ସମୟ ଆସିଛି।ସେଥିପାଇଁ ସର୍ବପ୍ରଥମେ ୨୪ଘଂ୭ କାର୍ଯ୍ୟ କରିବାର ସଂସ୍କୃତିକୁ ତ୍ୟାଗ କରିବାକୁ ପଡ଼ିବ। ପ୍ରତିଦିନ ନିର୍ଦ୍ଦିଷ୍ଟ ସମୟ ଶୋଇବା ନିମିତ୍ତ ବିନିଯୋଗ କରିବାକୁ ପଡ଼ିବ।କାର୍ଯ୍ୟ ସମୟ ବାହାରେ କାର୍ଯ୍ୟ-ସମ୍ବନ୍ଧୀୟ ଯୋଗାଯୋଗକୁ ଅଣଦେଖା କରିବାକୁ ପଡ଼ିବ।ବ୍ୟକ୍ତି, ସମାଜ, କାର୍ଯ୍ୟାଳୟ, ଓ ସରକାରବିଶ୍ରାମକୁ ମାନବୀୟ ଅଧିକାର ଭାବରେ ସ୍ୱୀକାର କରି ଏକ ସ୍ପଷ୍ଟ ନୀତି, ନିୟମ, କିମ୍ବା ସଂକଳ୍ପନେବା ଆବଶ୍ୟକ। ବିଶ୍ରାମ ଅଧିକାରକୁ ସଂରକ୍ଷିତ କରିବା ପାଇଁ ପ୍ରସ୍ତାବିତ 'ଅଧିକାର ବିଚ୍ଛିନ୍ନ ବିଲ୍' ର ନୂତନତମ ସଂସ୍କରଣ ଉପରେ ସଂସଦରେ ହୋଇଥିବା ବିତର୍କ ସ୍ୱାଗତଯୋଗ୍ୟ। ଆମେ ଆମର ନିଜ ଜୀବନ ଏବଂ ପରିସଂସ୍ଥା ପାଇଁ ସକ୍ରିୟ ଭାବରେ ବିଶ୍ରାମକୁ ଅନୁସରଣ କରିବା ଆବଶ୍ୟକ। ଲମ୍ବା ସମୟଧରି କାର୍ଯ୍ୟ କଲେ ମାନବ ଶରୀରରବାୟୋଲଜିକାଲ ରିଦମ୍ନଷ୍ଟ ହୁଏ।ତେଣୁ ପ୍ରତ୍ୟେକ କାର୍ଯ୍ୟନିର୍ଘଣ୍ଟ ୮ଘଣ୍ଟାରୁ ଅଧିକ ହେବା ଉଚିତ ନୁହେଁ ଏବଂ କାର୍ଯ୍ୟସ୍ଥଳରେ 'ସ୍ୱଳ୍ପବିଶ୍ରାମ'ର ଏକ ନିର୍ଘଣ୍ଟର ଆବଶ୍ୟକ।ସରକାରୀ ବା ବେସରକାରୀ ସଂସ୍ଥାରେ ସମାନ କାର୍ଯ୍ୟ ପାଇଁ ସମାନ ବେତନକୁ କଡାକଡି ଭାବରେ ପାଳନ ହେବା ଆବଶ୍ୟକ ଯାହା ସମସ୍ତ କର୍ମଚାରୀଙ୍କୁ ସମ୍ମାନର ସହିତ କାର୍ଯ୍ୟ କରିବା ସହିତ ଗୁଣାତ୍ମକ ଫଳାଫଳ ଦେଇପାରିବ। ଭାରତୀୟ ସଂସ୍କୃତିରେ ଜୀବନକୁ କେବଳ କର୍ମମୟ ନୁହେଁବରଂ ଶ୍ରମ ଓ ବିଶ୍ରାମର ସନ୍ତୁଳନ ଭାବରେ ଦେଖାଯାଇଛି। ଆଧୁନିକ ଯୁଗରେ ଯଦିଓ ସପ୍ତାହାନ୍ତ ଦିନେ ବା ଦୁଇଦିନ ଛୁଟି ପ୍ରଦାନ କରାଯାଉଛି, ଭାରତୀୟ ପରମ୍ପରାରେ ଦିନ, ମାସ ଓ ଋତୁ ଆଧାରିତ ବିଶ୍ରାମ ବ୍ୟବସ୍ଥା ରହିଥିଲା। ଭାରତୀୟ ଜୀବନଦର୍ଶନରେ ବିଶ୍ରାମକୁ ଶରୀର, ମନ ଓ ପ୍ରକୃତିକୁ ସନ୍ତୁଳିତ ରଖିବାର ଉପାୟ ଭାବରେ ଦେଖାଯାଇଛି। ଯୋଗ, ଧ୍ୟାନ, ବ୍ରତ, ଉପବାସ ଓ ପର୍ବପର୍ବାଣୀସବୁର ମୂଳରେ ବିଶ୍ରାମର ତତ୍ତ୍ୱ ଲୁକ୍କାୟିତ ହୋଇ ରହିଛି।ତେଣୁ ବିଶ୍ରାମ ଶରୀରର ମୌନ ଚିକିତ୍ସା ଓ ସଫଳ କର୍ମ ସମ୍ପାଦନର ମାର୍ଗ।


**ଏମ୍ସ, ଭୁବନେଶ୍ୱର, ମୋବାଇଲ୍: ୯୪୩୮୧୩୩୬୧୨**

## ଦିଲ୍ଲୀରେ ଗର୍ଜିଲେ ଟିଏମ୍‌ସି ସାଂସଦ ଓ କର୍ମୀ

# ଶାହଙ୍କ ବାସଭବନ ଆଗରେ ବିକ୍ଷୋଭ

**ନୂଆଦିଲ୍ଲୀ, ୯।୧:** ପଶ୍ଚିମବଙ୍ଗରେ ରାଜନୀତି ସରଗରମ। ବିଧାନସଭା ନିର୍ବାଚନ ପୂର୍ବରୁ ମୁହାଁମୁହିଁ ଟିଏମସି ଏବଂ କେନ୍ଦ୍ର ସରକାର। ଗୁରୁବାର କୋଲକାତାରେ ଆଇ-ପ୍ୟାକ୍ ର କାର୍ଯ୍ୟାଳୟରେ ଇଡି ଚଢଉ କରିଥିଲା। କିଛି ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ ଜବତ କରିଥିଲା କେନ୍ଦ୍ରୀୟ ସଂସ୍ଥା। ଯାହାକୁ ନେଇ




ଟିଏମସି ନେତ୍ରୀ ତଥା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ହୋ ହଲ୍ଲା କରିଥିଲେ। ସଲ୍ଟ ଲେକ୍ ପାଖରେ ଥିବା ଆଇ-ପ୍ୟାକ୍ କାର୍ଯ୍ୟାଳୟ ଆଗରେ ସେ ଧାରଣା ଦେବା ସହ କେନ୍ଦ୍ର ଗୃହମନ୍ତ୍ରୀଙ୍କ ଉପରେ ବର୍ଷିଥିଲେ। ଶୁକ୍ରବାର ଟିଏମସିର ଆନ୍ଦୋଳନ ଦିଲ୍ଲୀରେ ପହଞ୍ଚିଛି । ଅମିତ ଶାହଙ୍କ ବାସଭବନର ଆଗରେ ବିରୋଧ ପ୍ରଦର୍ଶନ ବେଳେ ଟିଏମସି ନେତା ଏବଂ କର୍ମୀଙ୍କୁ ପୁଲିସ ଉଠାଇ ନେଇଛି ।

ଗୁରୁବାର ଇଡିର ଆକ୍ସନ୍ ପରେ ମମତା ଆନ୍ଦୋଳନ କରିବେ ବୋଲି ଧମକ ଦେଇଥିଲେ। ଇଡି ନିର୍ବାଚନ ଆଗରୁ ଟିଏମସିର କିଛି ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ ନେଇଯାଇଥିବା ସେ ଅଭିଯୋଗ କରିଥିଲେ। ଯାହାକୁ ନେଇ ଆଜି ଦିଲ୍ଲୀରେ ଏକାଠି ହୋଇଛନ୍ତି ଟିଏମସି ନେତା ଏବଂ ସାଂସଦ। ଏହାସହ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ବାସଭବନ ଆଗରେ ଧାରଣା ଦେଇଛନ୍ତି। ତେବେ ଧାରଣ ଦେବା ସମୟରେ ପୁଲିସ ସାଂସଦ ମହୁଆ ମୋଇତ୍ରା ଏବଂ ଡେରେକ୍ ଓ ବ୍ରିଏନଙ୍କୁ ଉଠାଇ ନେଇଛି।

ଶୁକ୍ରବାର ସକାଳେ ଟିଏମସିର ନେତା ଶାହଙ୍କ ବାସଭବନ ଆଗରେ ବିରୋଧ ପ୍ରଦର୍ଶନ କରିଛନ୍ତି। ଅନେକ ପ୍ଲାକାର୍ଡ ଧରି ପଶ୍ଚିମବଙ୍ଗରେ ବିଜେପି ଚଲାଇଥିବା ରାଜନୀତିକୁ ବଙ୍ଗବାସୀ ବିରୋଧ କରିଥିବା ନାରା ଦେଇଛନ୍ତି। ଇଡି ମଧ ସରକାରୀ ଚାପରେ କାର୍ଯ୍ୟ କରୁଥିବା ସେମାନେ ଅଭିଯୋଗ କରିଛନ୍ତି। ଆନ୍ଦୋଳନ ବେଳେ ଗଣମାଧମକୁ ମହୁଆ କହିଛନ୍ତି ଯେ, ଗୁରୁବାର ଇଡି କିପରି ନିଜ କ୍ଷମତାର ଦୁରୁପଯୋଗ କରିଛି ତାହା ସାରା ଦେଶ ଦେଖିଛି । ଗୃହ ମନ୍ତ୍ରାଳୟ ଏଥିପାଇଁ ଦାୟୀ। ଇଡିକୁ ଟିଏମସିର ଗୁରୁତ୍ୱପୂର୍ଣ୍ଣ ରଣନୀତି ଚୋରି ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଟିଏମସି ଏମପି କୀର୍ତ୍ତି ଆଜାଦ୍ ମଧ ସମାନ କଥା କହିଛନ୍ତି।

## ଆମେରିକା-ଭାରତ ବାଣିଜ୍ୟ ଚୁକ୍ତି

# ଟ୍ରମ୍ପଙ୍କ ସହ ୮ଥର କଥା ହୋଇଥିଲେ ମୋଦୀ

**ନୂଆଦିଲ୍ଲୀ,୯।୧:** ଆମେରିକା ଏବଂ ଭାରତ ମଧରେ ଚାଲିଥିବା ବାଣିଜ୍ୟ ଚୁକ୍ତି ଆଲୋଚନା ସମ୍ପର୍କରେ ଆମେରିକା ବାଣିଜ୍ୟ ସଚିବ ହାୱାର୍ଡ ଲୁଟନିକଙ୍କ ବିବୃତ୍ତି ଚର୍ଚ୍ଚା ବଢ଼ାଇଛି। ସେ ଦାବି କରିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବାଣିଜ୍ୟ ଚୁକ୍ତି ସମ୍ପର୍କରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଫୋନ୍ କରି ନାହାନ୍ତି, ଯାହା କାରଣରୁ ଏହି ଚୁକ୍ତି ହୋଇପାରିନାହିଁ। ଅନ୍ୟପଟରେ ଲୁଟନିକଙ୍କ ଏହି ଯୁକ୍ତିକୁ ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ ପ୍ରତ୍ୟାଖ୍ୟାନ କରିଛି। ବିଦେଶ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସୱାଲ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ମୋଦୀ ଟ୍ରମ୍ପଙ୍କ ସହ ଆଠ ଥର କଥା ହୋଇଛନ୍ତି।

**ଧରାପଡ଼ିଲା ଆମେରିକାର ମିଛ**

ଆମେରିକାର ବାଣିଜ୍ୟ ସଚିବ ହାୱାର୍ଡ ଲୁଟନିକଙ୍କ ବିବୃତ୍ତି ସମ୍ପର୍କରେ ବୈଦେଶିକ ମନ୍ତ୍ରଣାଳୟ କହିଛି, ଭାରତ ଏବଂ ଆମେରିକା ଗତ ବର୍ଷ ଫେବ୍ରୁଆରି ମାସରୁ ଏକ ବାଣିଜ୍ୟ ଚୁକ୍ତି ପାଇଁ ଆଲୋଚନା କରୁଛନ୍ତି। ଉଭୟ ପକ୍ଷ ଅନେକ ପର୍ଯ୍ୟାୟ ଆଲୋଚନା କରିଛନ୍ତି। ରିପୋର୍ଟ ହୋଇଥିବା ମନ୍ତବ୍ୟରେ ଦିଆଯାଇଥିବା ଏହି ଆଲୋଚନାର ବିବରଣୀ ସତ୍ୟ ନୁହେଁ। ଆମେ ଏହି ଚୁକ୍ତି ସମାପ୍ତ କରିବାକୁ ଆଶା କରୁଛୁ। ଭାରତୀୟ ପ୍ରଧାନମନ୍ତ୍ରୀ ଏବଂ ଟ୍ରମ୍ପ ୨୦୨୫ରେ ଆଠ ଥର ଫୋନ୍ ମାଧ୍ୟମରେ ଆଲୋଚନା କରିଛନ୍ତି, ଆମର ବ୍ୟାପକ ସହଭାଗୀତାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଛନ୍ତି। ଆମେ ଏକ ଚୁକ୍ତିକୁ ଚୂଡ଼ାନ୍ତ କରିବା ପାଇଁ ଏକ ସହମତିରେ ପହଞ୍ଚିଛୁ।



ବିଦେଶ ମନ୍ତ୍ରଣାଳୟର ମୁଖପାତ୍ର ଶ୍ରୀ ଜୟସୱାଲ କହିଛନ୍ତି, ଭାରତ ଏବଂ ଆମେରିକା ଗତ ଫେବ୍ରୁଆରି ୧୩ ତାରିଖ ଠାରୁ ଏକ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତି ଉପରେ ଆଲୋଚନା କରିବାକୁ ପ୍ରତିବଦ୍ଧ। ସେବେଠାରୁ ଉଭୟ ପକ୍ଷ ଏକ ସନ୍ତୁଳିତ ଏବଂ ପାରସ୍ପରିକ ଲାଭଦାୟକ ବାଣିଜ୍ୟ ଚୁକ୍ତିରେ ପହଞ୍ଚିବା ପାଇଁ ଅନେକ ପର୍ଯ୍ୟାୟ ଆଲୋଚନା କରିଛନ୍ତି। ଅନେକ ଥର ଆମେ ଏକ ଚୁକ୍ତିରେ ପହଞ୍ଚିବାର ବହୁତ ନିକଟତର ହୋଇଛୁ। ଆମେ ଦୁଇଟି ପରିପୂରକ ଅର୍ଥନୀତି ମଧ୍ୟରେ ଏକ ପାରସ୍ପରିକ ଲାଭଦାୟକ ବାଣିଜ୍ୟ ଚୁକ୍ତିରେ ଆଗ୍ରହୀ ଏବଂ ଏହାକୁ ସମାପ୍ତ ହେବାର ଆଶା କରୁଛୁ। ଆମେରିକା ଏବଂ ଭାରତ ମଧ୍ୟରେ ଏକ ବାଣିଜ୍ୟ ଚୁକ୍ତି ସମ୍ପର୍କରେ ଏପର୍ଯ୍ୟନ୍ତ କିଛି ଚୂଡ଼ାନ୍ତ ହୋଇନାହିଁ, ଯାହା କାରଣରୁ ଭାରତ ୫୦ ପ୍ରତିଶତ ଆମେରିକୀୟ ଶୁଳ୍କ ସମ୍ମୁଖୀନ ହେଉଛି।



# ମନ୍ଦିର ଭିତରେ ୩୭ ବାଘ ଛାଲ

**ଭଦୋଦରା,୯।୧:** ଗୁଜରାଟର ଭଦୋଦରାର ରାଜପିପଲା ମନ୍ଦିରର କେୟାର ଟେକରଙ୍କ ମୃତ୍ୟୁ ପରେ ମନ୍ଦିରରେ ଥିବା ତାଙ୍କ କୋଠରିରେ ରହସ୍ୟମୟ ଘଟଣା ଦେଖିବାକୁ ମିଳିଛି। ମନ୍ଦିରରୁ ୩୭ଟି ବାଘ ଛାଲ ଏବଂ ୧୩୩ଟି ନଖ ମିଳିଛି। ବାଘ ଛାଲ ଉପରେ ରଙ୍ଗ ବୋଳାଯାଇଛି ବୋଲି ବନ ବିଭାଗ କର୍ମଚାରୀ ସନ୍ଦେହ କରୁଛନ୍ତି। ତେଣୁ ବାଘ ଛାଲ ଏବଂ ନଖଗୁଡ଼ିକୁ ପରୀକ୍ଷା ପାଇଁ ପଠାଯିବ ବୋଲି ବନ ବିଭାଗ ଅଧିକାରୀ ଜୟପାଲ ସିଂହ କହିଛନ୍ତି, ଆମେ ସେଗୁଡ଼ିକୁ ପରୀକ୍ଷା କରାଇବୁ। କେୟାର ଟେକର ମାଧବାନନ୍ଦ ମନ୍ଦିରରେ ବହୁବର୍ଷ ଧରି ରହୁଥିଲେ ଏବଂ ଏହାର ଦାୟିତ୍ୱ ନେଇଥିଲେ। ସେ କେବେବି କାହାକୁ ତାଙ୍କ କୋଠରି ଭିତରକୁ ଯିବାକୁ ଦେଉନଥିଲେ। ତାଙ୍କ ମୃତ୍ୟୁ ପରେ ଯେତେବେଳେ ମନ୍ଦିର ପରିଚାଳନା କମିଟି ଏକ ନୂତନ କୋଠା ନିର୍ମାଣ କରିବାକୁ ନିଷ୍ପତ୍ତି ନେଲା, ଏହି ଚମଡ଼ା, ନଖ ଏବଂ ଦାନ୍ତ ସଂପର୍କରେ ଜଣାପଡ଼ିଥିଲା। ବନ ଅଧିକାରୀମାନେ କହିଛନ୍ତି ଯେ, ମାଧବାନନ୍ଦ ମଧ୍ୟପ୍ରଦେଶର ବାସିନ୍ଦା ଥିଲେ।

# ଟ୍ରମ୍ପଙ୍କୁ ଚେତାବନୀ ଦେଲେ ଖାମେନି

**ତେହେରାନ,୯।୧:** ଇରାନରେ ଗୋଟିଏ ପଟେ ଆନ୍ଦୋଳନ ଜାରି ରହିଥିବା ବେଳେ ଅନ୍ୟପଟେ ଟ୍ରମ୍ପ ଯୁଦ୍ଧ ପାଇଁ ବାରମ୍ବାର ଧମକ ଦେଉଛନ୍ତି। ତେଣୁ ଘଟଣାକୁ ନେଇ ଚିନ୍ତାରେ ଇରାନ ସରକାର। ସର୍ବୋଚ୍ଚ ନେତା ଅୟାତୋଲ୍ଲା ଅଲ୍ଲୀ ଖାମେନି ଆନ୍ଦୋଳନରତ ଲୋକଙ୍କୁ ଶାନ୍ତ ରହିବାକୁ ଅନୁରୋଧ କରିଛନ୍ତି। ଡୋନାଲ୍ଡ ଟ୍ରମ୍ପଙ୍କୁ ଇଙ୍ଗିତ କରି ଶୁକ୍ରବାର ଖାମେନି କହିଛନ୍ତି ଯେ, ପ୍ରଦର୍ଶନକାରୀମାନେ ଅନ୍ୟ ଦେଶର ରାଷ୍ଟ୍ରପତିଙ୍କୁ ଖୁସି କରିବା ପାଇଁ ନିଜ ଦେଶର ରାସ୍ତାକୁ ନଷ୍ଟ କରୁଛନ୍ତି। ଅଲି ଖାମେନି ସମର୍ଥକମାନଙ୍କୁ ଏକଜୁଟ ରହିବାକୁ ଅନୁରୋଧ କରିଛନ୍ତି। ଏନେଇ ସେ ଦେଶର ପ୍ରିୟ ଯୁବବର୍ଗ, ସମସ୍ତେ ପ୍ରସ୍ତୁତି ଏବଂ ଏକତା ବଜାୟ ରଖନ୍ତୁ। ଏକାଠି ଥିବା ରାଷ୍ଟ୍ର ଯେକୌଣସି ଶତ୍ରୁକୁ ପରାସ୍ତ କରିବ ବୋଲି ଖାମେନି ଦେଶବାସୀଙ୍କୁ ଆହ୍ୱାନ ଦେଇଛନ୍ତି।

ଏଥିସହିତ ସେ କିଛି ଲୋକଙ୍କୁ ଚେତାବନୀ ଦେଇ କହିଛନ୍ତି ଯେ, ଇସଲାମିକ୍ ଗଣରାଜ୍ୟ



**ଆଗ ନିଜ ଦେଶର ସମସ୍ୟା ବୁଝିବାକୁ ପରାମର୍ଶ**

**ଆନ୍ଦୋନକାରୀଙ୍କୁ ବି ସମାଲୋଚନା କଲେ**

ବିଦେଶୀ ଶକ୍ତି ପାଇଁ ଭଡ଼ାଟିଆ ସୈନିକ ଭାବରେ କାର୍ଯ୍ୟ କରୁଥିବା ବ୍ୟକ୍ତିମାନଙ୍କୁ ସହ୍ୟ କରିବ ନାହିଁ। ଏଥିସହିତ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଉଦ୍ଦେଶ୍ୟରେ ମଧ ଚେତାବନୀ ଜାରି କରିଛନ୍ତି। ଇରାନ ଉପରେ ମନ୍ତବ୍ୟ ଦେବା ଅପେକ୍ଷା ନିଜ ଦେଶର ସମସ୍ୟା ଉପରେ ଧାନ ଦେବାକୁ ଖାମେନି ଟ୍ରମ୍ପଙ୍କୁ ପରାମର୍ଶ ଦେଇଛନ୍ତି। ତେହେରାନ ଏବଂ ୱାଶିଂଟନ ମଧରେ ଉତ୍ତେଜନା ବୃଦ୍ଧି ପାଇବା ମଧରେ ଖାମେନିଙ୍କର ଏଭଳି ମନ୍ତବ୍ୟ ସାମ୍ନାକୁ ଆସିଛି। ଆମେରିକା ଓ ଇରାନ ମଧରେ ଉତ୍ତେଜନା ବୃଦ୍ଧି ପାଇଥିବା ବେଳେ କିଛି ବିମାନ ଚଳାଚଳ ସ୍ଥଗିତ ରକାଯାଇଛି। ଶୁକ୍ରବାର ଦିନ ଦୁବାଇ ଏବଂ ତେହେରାନ, ଶିରାଜ ଏବଂ ମଶହାଦ ସମେତ ଅନେକ ଇରାନ ସହର ମଧରେ ଉଡ଼ାଣ ପାଇଁ ସ୍ଥିର ହୋଇଥିବା ଅତି କମରେ ୬ ବିମାନ ବାତିଲ କରାଯାଇଛି। ଇରାନରେ ସରକାର ବିରୋଧୀ ପ୍ରତିବାଦ ଦେଶବ୍ୟାପୀ ଚାଲିଛି। ଯୁବକମାନେ ଇସ୍ଲାମିକ ଶାସନରେ ଅତିଷ୍ଠ ଥିବା କହୁଛନ୍ତି। ଇରାନ ଅର୍ଥନୀତି ହ୍ରାସ ପାଇବା ଓ ଏହାର ମୁଦ୍ରା ରିଆଲ ଡଲାର ତୁଳନାରେ ରସାତଳକୁ ଯିବା ନେଇ ଆନ୍ଦୋଳନ ଆରମ୍ଭ ହୋଇଥିଲା। ଇରାନବାସୀ ଆଉ ଇସ୍ଲାମିକ ଶାସନ ଚାହୁଁ ନାହାନ୍ତି ବୋଲି ଏକପ୍ରକାର ଘୋଷଣା କରିସାରିଲେଣି।

# ରାଜଧାନୀରେ ଜାଡ଼ ସାଙ୍ଗକୁ ବର୍ଷା

**ନୂଆଦିଲ୍ଲୀ,୯।୧:** ଏପଟେ ପ୍ରବଳ ଜାଡ଼, ସେପଟେ ବର୍ଷା ମାଡ଼। ଥଣ୍ଡାରେ ଥରୁଛନ୍ତି ରାଜଧାନୀବାସୀ। ଆଜି ସକାଳେ ଦିଲ୍ଲୀର ବିଭିନ୍ନ ସ୍ଥାନରେ ବର୍ଷା ହେବା କାରଣରୁ ବାଦଲରେ ଢାଙ୍କି ହେଇଛି ପୂରା ରାଜଧାନୀ। ଆକାଶ ମେଘାଚ୍ଛନ୍ନ ରହିଛି। ଜନଜୀବନ ଗୋଟେ ପ୍ରକାର ଜାଡ଼ ଯାତନାରେ ଛଟପଟ ହେଉଛି। ଆଜି ସକାଳେ ଦିଲ୍ଲୀରେ ହାଲୁକା ବର୍ଷା ଯୋଗୁଁ ତାପମାତ୍ରା ପ୍ରାୟ ୬ ଡିଗ୍ରୀ ସେଲସିୟସକୁ ହ୍ରାସ ପାଇଥିଲା। ଶୁକ୍ରବାର ସକାଳେ ଅନେକ ଅଞ୍ଚଳରେ ହାଲୁକା ବର୍ଷା ହୋଇଥିଲା, ଯାହା ପାଗକୁ ଆହୁରି ବିଗାଡ଼ି ଦେଇଛି। ମହାମାୟା ଫ୍ଲାଏଓଭର, ଅକ୍ଷରଧାମ ସମେତ ଦିଲ୍ଲୀ-



ନୋଏଡାର ଅନେକ ସ୍ଥାନରେ ବର୍ଷା ରେକର୍ଡ କରାଯାଇଛି। ଆକାଶ ମେଘୁଆ ରହିଛି ଏବଂ ତାପମାତ୍ରା ଖସିଛି। ଗତ କିଛିଦିନ ଧରି, ଦିଲ୍ଲୀ, ୟୁପି, ପଞ୍ଜାବ, ହରିୟାଣା ସମେତ ଉତ୍ତର ଭାରତର ରାଜ୍ୟଗୁଡ଼ିକରେ ପ୍ରବଳ ଶୀତ ଜାରି ରହିଛି। ସେପଟେ ପାଣିପାଗ ବିଭାଗ ଆଗାମୀ ୫ରୁ ୭ ଦିନ ପାଇଁ ଉତ୍ତର-ପଶ୍ଚିମ ଭାରତ ଏବଂ ବିହାରରେ ଘନ କୁହୁଡ଼ି ହେବାର ପୂର୍ବାନୁମାନ କରିଛି। ଆଗାମୀ ୨ରୁ ୩ ଦିନ ମଧରେ ଉତ୍ତର-ପୂର୍ବ, ମଧ ଭାରତ, ପଶ୍ଚିମବଙ୍ଗ ଏବଂ ସିକିମର କିଛି ସ୍ଥାନରେ ଘନ କୁହୁଡ଼ି ହେବାର ସମ୍ଭାବନା ରହିଛି। କୁହୁଡି ପାଇଁ ଦେଖାଯିବନି ରାସ୍ତାଘାଟ, ତେଣୁ ଗାଡ଼ି ଚାଳକମାନଙ୍କୁ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦିଆଯାଇଛି। ହାଲୁକା ବର୍ଷା କାରଣରୁ ପ୍ରଦୂଷଣ ହ୍ରାସ ହେବ ବୋଲି ଆଶା କରାଯାଉଛି। ତଥାପି, ବର୍ତ୍ତମାନ ପାଇଁ ଶୀତ ଲହରୀ ଜାରି ରହିବ ଏବଂ ଥଣ୍ଡାରୁ ମୁକ୍ତି ପାଇବାର କୌଣସି ସମ୍ଭାବନା ନାହିଁ ବୋଲି କହିଛି ପାଣିପାଗ ବିଭାଗ।

# ଏପଟେ ଜାଡ଼, ସେପଟେ ବୁଡ଼
## ପ୍ରୟାଗରାଜରେ ପ୍ରବଳ କୁହୁଡ଼ି



**ଲକ୍ଷ୍ନୌ,୯।୧:** ଏପଟେ ଜାଡ଼ ସେପଟେ ବୁଡ଼। ପ୍ରବଳ ଥଣ୍ଡା ଭିତରେ ଜାରି ରହିଛି ପ୍ରୟାଗରାଜରେ ପବିତ୍ର ବୁଡ଼। ସଙ୍ଗମ ସ୍ଥଳରେ ଜମୁଛି ଭକ୍ତଙ୍କ ପ୍ରବଳ ଭିଡ଼। ପ୍ରୟାଗରାଜରେ ଚାଲିଥିବା ମାଘ ମେଳା ମହୋତ୍ସବରେ ସଙ୍ଗମରେ ଭକ୍ତ ଏବଂ ସନ୍ୟାସୀମାନଙ୍କୁ ଦେଖିବାକୁ ମିଳୁଛି। କୁହୁଡ଼ି ପାଇଁ କମ୍ ଦୃଶ୍ୟମାନତା ହେଉଥିଲେ ହେଁ ଜାରି ରହିଛି ଭକ୍ତଙ୍କ ଆଗମନ। ସଙ୍ଗମ ଅଞ୍ଚଳକୁ କୁହୁଡ଼ି ଘୋଡ଼ାଇ ରଖିଥିବା ବେଳେ ସକାଳେ ସକାଳେ ପବିତ୍ର ତ୍ରିବେଣୀ ଘାଟରେ ବୁଡ଼ ପକାଉଛନ୍ତି ଶତାଧିକ ବ୍ୟକ୍ତି। ପ୍ରୟାଗରାଜରେ ଏଭଳି ମନୋରମ ଦୃଶ୍ୟ ଭକ୍ତଙ୍କୁ ବିଚଳିତ କରିଛି। ମାଘ ମେଳାରେ ହାଡ଼ଭଙ୍ଗା ଜାଡ ପାଇଁ ମଣିଷ ତ୍ରାହି ତ୍ରାହି ଡାକୁଥିବା ବେଳେ ଥଣ୍ଡା ସତ୍ତ୍ୱେ ବି ଲକ୍ଷ ଲକ୍ଷ ଭକ୍ତ ତ୍ରିବେଣୀ ସଙ୍ଗମରେ ପବିତ୍ର ବୁଡ଼ ପକାଇବା ପାଇଁ ସବୁ କଷ୍ଟକୁ ସହୁଛନ୍ତି। ୩ ତାରିଖରୁ ଆରମ୍ଭ ହୋଇଥିବା ଏହି ମହାକୁମ୍ଭ ମେଳା ଶିବରାତ୍ରୀ ପର୍ଯ୍ୟନ୍ତ ଚାଲିବ। ଲକ୍ଷ ଲକ୍ଷ ଲୋକଙ୍କ ସମାଗମ ସହ ଏଠାରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି।

## ମୋଦିଙ୍କୁ ଚିଠି ଲେଖିଲେ କେସି ତ୍ୟାଗୀ
# ନୀତୀଶଙ୍କୁ ମିଳୁ ଭାରତ ରତ୍ନ

**ପାଟନା,୯।୧:** ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଦଶମ ଥର ଲାଗି ରାଜ୍ୟର ମୁଖ୍ୟମନ୍ତ୍ରୀ ହୋଇ ରେକର୍ଡ କରିଛନ୍ତି। ଏବେ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କୁ ଭାରତ ରତ୍ନ ମିଳୁ ବୋଲି



ତାଙ୍କ ଦଳ ଜେଡିୟୁ ଦାବି କରିଛି। ଦଳର ରାଷ୍ଟ୍ରୀୟ ଅଧକ୍ଷ କେସି ତ୍ୟାଗି ନୀତୀଶଙ୍କ ଲାଗି ଭାରତ ରତ୍ନ ଦାବି କରି ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ପତ୍ର ମଧ ଲେଖିଛନ୍ତି। ଚୌଧୁରୀ ଚରଣ ସିଂହ ଏବଂ କର୍ପୂରୀ ଠାକୁରଙ୍କ ଭଳି ନୀତୀଶ କୁମାରଙ୍କୁ ଭାରତ ରତ୍ନ ଦିଆଯାଉ ବୋଲି ସେ ଚିଠିରେ ଲେଖିଛନ୍ତି। କେସି ତ୍ୟାଗୀ କହିଛନ୍ତି ଯେ, ବିହାର ଏବଂ ଦେଶ ପ୍ରତି ନୀତିଶ କୁମାରଙ୍କ ସେବାକୁ ସମ୍ମାନିତ କରିବାର ଏହାଠାରୁ ଭଲ ଉପାୟ ଆଉ କିଛି ହୋଇନପାରେ। ତଥାପି ଜଣେ ଜୀବିତ ବ୍ୟକ୍ତିଙ୍କୁ ଭାରତ ରତ୍ନ ପ୍ରଦାନ କରାଯିବା ବିରଳ। ତ୍ୟାଗୀ କହିଛନ୍ତି ଯେ, ପ୍ରାୟ ଅଧ ଡଜନ ମାମଲା ଅଛି ଯେଉଁଥିରେ ଜୀବିତ ବ୍ୟକ୍ତିଙ୍କୁ ଭାରତ ରତ୍ନ ପ୍ରଦାନ କରାଯାଇଛି। ସାଧାରଣତଃ, ଜାନୁଆରୀ ମାସରେ ପ୍ରଧାନମନ୍ତ୍ରୀ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଭାରତ ରତ୍ନ ଘୋଷଣା କରନ୍ତି। ଗତବର୍ଷ, କୃଷକ ନେତା ଚୌଧୁରୀ ଚରଣ ସିଂହ ଏବଂ ମହାନ ସମାଜବାଦୀ ନେତା କର୍ପୂରୀ ଠାକୁରଙ୍କ ପାଇଁ ଭାରତ ରତ୍ନ ଘୋଷଣା କରାଯାଇଥିଲା। ଗତବର୍ଷ ବିହାର ବିଧାନସଭା ନିର୍ବାଚନରେ, ନୀତିଶ କୁମାରଙ୍କ ନେତୃତ୍ୱରେ ଏନଡିଏ ୨୦୦ ରୁ ଅଧିକ ଆସନ ଜିତିଥିଲା ଏବଂ ଏକ ବଡ଼ ବିଜୟ ହାସଲ କରିଥିଲା। ନୀତିଶ କୁମାର ୨୦୦୫ ରୁ ପ୍ରାୟ ଲାଗାତାର ବିହାରର ମୁଖ୍ୟମନ୍ତ୍ରୀ ଭାବରେ କାର୍ଯ୍ୟ କରିଆସିଛନ୍ତି।

## ଆମେରିକାକୁ ଡେନମାର୍କର ଧମକ

# ଆଗ ମାରିବୁ, ତା'ପରେ କଥାବାର୍ତ୍ତା

**ନୂଆଦିଲ୍ଲୀ, ୯।୧:** ଆଗ ଗୁଳିମାଡ଼ କରିବୁ, ତା'ହେଲେ କଥାବାର୍ତ୍ତା ହେବ। ଆମେରିକାକୁ ଏପରି ଢଙ୍ଗରେ ଧମକ ଦେଇଛି ଡେନମାର୍କର ପ୍ରତିରକ୍ଷା ମନ୍ତ୍ରଣାଳୟ। ଯଦି କେହି ଡେନମାର୍କ ଉପରେ ଆକ୍ରମଣ କରିବ କିମ୍ବା ଡେନମାର୍କ ନିୟନ୍ତ୍ରଣରେ ଥିବା ଅଞ୍ଚଳରେ ଅନୁପ୍ରବେଶ କରିବ, ତା'ହେଲେ ଦେଶର ସୈନିକମାନେ ତୁରନ୍ତ ଯୁଦ୍ଧ କ୍ଷେତ୍ରକୁ ଓହ୍ଲାଇବେ। ନିଜ କମାଣ୍ଡରମାନଙ୍କ ନିର୍ଦ୍ଦେଶକୁ ଅପେକ୍ଷା ନ କରି ସେମାନେ ଗୁଳିମାଡ଼ କରିବେ। ଆଗ ଗୁଳି କରିବୁ, ତା'ହେଲେ କଥାବାର୍ତ୍ତା ହେବ। ଆମେରିକାକୁ ଏପରି ଢଙ୍ଗରେ ଧମକ ଦେଇଛି ଡେନମାର୍କର ପ୍ରତିରକ୍ଷା ମନ୍ତ୍ରଣାଳୟ। ଗ୍ରୀନଲାଣ୍ଡକୁ ଦଖଲ କରିବା ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସମ୍ଭାବ୍ୟ ସାମରିକ କାର୍ଯ୍ୟାନୁଷ୍ଠାନର ଚିନ୍ତା କରୁଥିବା



ବେଳେ ଡେନମାର୍କ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଏପରି କୁହାଯାଇଛି। କୋଲ୍ଡ ୱାର ଯୁଗର ୧୯୫୨ ନିର୍ଦ୍ଦେଶରେ ସ୍ପଷ୍ଟ ରୂପରେ କୁହାଯାଇଛି ଯେ ଯଦି କୌଣସି ବିଦେଶୀ ସେନା ଡେନମାର୍କ ଅଞ୍ଚଳକୁ ଧମକ ଦେବ, ତା'ହେଲେ ସୈନିକମାନେ ନିର୍ଦ୍ଦେଶକୁ ଅପେକ୍ଷା କରିବା ବଦଳରେ ପ୍ରଥମେ ଗୁଳି ମାଡ଼ କରିବେ। ଏହାକୁ ଡେନମାର୍କ କାର୍ଯ୍ୟକାରୀ କରିବାକୁ ଆଦୌ ପଛଘୁଞ୍ଚା ଦେବ ନାହିଁ ବୋଲି ପ୍ରତିରକ୍ଷା ମନ୍ତ୍ରଣାଳୟ ଗୋଟିଏ ସ୍ଥାନୀୟ ଗଣମାଧମକୁ ସୂଚନା ଦେଇଛି। ଗ୍ରୀନଲାଣ୍ଡରେ ଥିବା ଡେନମାର୍କର ମିଳିଟାରୀ ପ୍ରାଧିକରଣ ଯୁଗ୍ମ ଆର୍କଟିକ କମାଣ୍ଡ ଆକ୍ରମଣ ହେଲେ, କ'ଣ କରାଯିବ ତା'ର ବିଚାର କରୁଛି। ଏପରି ସ୍ଥିତିରେ ମନ୍ତ୍ରଣାଳୟର ବୟାନ ସାମ୍ନାକୁ ଆସିଛି। ଗ୍ରୀନଲାଣ୍ଡର ଦେଖାଶୁଣା ଡେନମାର୍କ କରୁଛି। କିନ୍ତୁ ନିକଟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ଅଞ୍ଚଳ ଉପରେ ସମ୍ଭାବ୍ୟ ଆକ୍ରମଣ କରି ନିଜ ଦଖଲକୁ ନେବାକୁ ଚିନ୍ତା କରୁଥିବା ସଙ୍କେତ ଦେଇଥିଲେ।

## ୩୬ ମିସାଇଲ୍, ୨୪୨ ଡ୍ରୋନ୍ ଆକ୍ରମଣ

# ୟୁକ୍ରେନ ଉପରେ ଋଷର ଘନଘନ ହମଲା

**ନୂଆଦିଲ୍ଲୀ, ୯।୧:** ୟୁକ୍ରେନରେ ଧ୍ୱଂସ ଲୀଳା ରଚିଲେ ଋଷ୍ ବାୟୁସେନା। ୩୬ ମିସାଇଲ୍ ସହ ୨୪୨ ଡ୍ରୋନ ଦ୍ୱାରା ଆକ୍ରମଣ କରିଛି। ଦୁଇ ଦେଶ ମଧରେ ଚାଲିଥିବା ଶାନ୍ତି ଆଲୋଚନା ମଧରେ ଆକ୍ରମଣ କରିଛନ୍ତି ଭ୍ଲାଦିମିର୍ ପୁଟିନ। ପୁଟିନଙ୍କ ବାସଭବନରେ ହୋଇଥିବା ଆକ୍ରମଣ ପରେ ଏହା ଋଷ ତରଫରୁ କାଉଣ୍ଟର୍ ଆଟାକ୍ ବୋଲି କୁହାଯାଉଛି।

ଗୋଟିଏ ଦିଗରେ ଆମେରିକା-ଭେନେଜୁଏଲା ମଧ୍ୟରେ ଯୁଦ୍ଧ। ଅନ୍ୟ ଦିଗରେ ଗ୍ରୀନଲ୍ୟାଣ୍ଡକୁ କବଜା କରିବା ପାଇଁ ଡୋନାଲ୍ଡ ଟ୍ରମ୍ପଙ୍କ ଆଖି। ସେପଟେ ମହାସାଗରରେ ଋଷିଆ-ୟୁଏସ ମୁହାଁମୁହିଁ। ଏହା ଭିତରେ ଋଷ ଦେଖାଇଛି ନିଜର ପତିଆରା। ସିଧାସଳଖ ନାଟୋକୁ ଦେଇଛି ଚ୍ୟାଲେଞ୍ଜ।

କିଭ୍ ର ଦାବି ଅନୁସାରେ, ଋଷିଆ ଗୁରୁବାର ରାତିରେ ୟୁକ୍ରେନର ଅନେକ ସ୍ଥାନରେ ଆକ୍ରମଣ କରିଛି। ୩୬ଟି ହାଇପରସୋନିକ୍ ମିସାଇଲରେ ଆଟାକ୍ ହୋଇଛି। ଏହାସହ ଡ୍ରୋନ୍ ମଧ୍ୟ ବ୍ୟବହାର ହୋଇଛି। ଯେଉଁଥିରେ ୪ ଜଣ ସାଧାରଣ ନାଗରିକ ପ୍ରାଣ ହରାଇଛନ୍ତି।

ୟୁକ୍ରେନ ବୈଦେଶିକ ମନ୍ତ୍ରୀ କହିଛନ୍ତି ଯେ, ୟୁରୋପୀୟ ୟୁନିୟନ ଏବଂ ନାଟୋ ସୀମାରେ ମିସାଇଲ୍ ଆଟାକ୍ ହୋଇଛି।



ଯାହା ୟୁରୋପର ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରୁଛି। କିଭ୍ ର ସହଯୋଗୀଙ୍କ ପାଇଁ ଆକ୍ରମଣ ସତର୍କ ଘଣ୍ଟି ସଦୃଶ ଅଟେ। ରାଷ୍ଟ୍ରପତି ଜେଲେନସ୍କି ଋଷର ଆକ୍ରମଣକୁ କଡା ଭାଷାରେ ନିନ୍ଦା କରିଛନ୍ତି। ସେ କହିଛନ୍ତି ଯେ, ଆକ୍ରମଣରେ କତାର ଦୂତାବାସର ବିଲ୍ଡିଂ କ୍ଷତିଗ୍ରସ୍ତ ହୋଇଛି। ଏହାପରେ ସ୍ଥାନୀୟ ଅଞ୍ଚଳରେ ସମସ୍ତ ପ୍ରତିକାର ବ୍ୟବସ୍ଥା ଗ୍ରହଣ କରାଯାଇଛି। ୨୦ଟି ସାଧାରଣ ନାଗରିକଙ୍କ ଘର କ୍ଷତିଗ୍ରସ୍ତ ହୋଇଛି। ଆକ୍ରମଣରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ପାଇଁ ସେ ଶୋକ ବ୍ୟକ୍ତ କରିଛନ୍ତି।

ଋଷିଆ କହିଛି ଯେ, ଡିସେମ୍ବର ମାସରେ ପୁଟିନଙ୍କ ଘରେ ଆକ୍ରମଣ ହୋଇଥିଲା । ଯାହା ବିରୋଧରେ ଏବେ ଆକ୍ସନ୍ ନିଆଯାଉଛି। ନିଜ ସୁରକ୍ଷା ପାଇଁ ମସ୍କୋ ଜବାବ ଦେଇଛି। ପୁଟିନଙ୍କ ବାସଭବନରେ ଆକ୍ରମଣ ପରେ ସାରା ବିଶ୍ୱ ସ୍ତବ୍ଧ ହୋଇଯାଇଥିଲା। ଘଟଣା ପାଇଁ ୟୁକ୍ରେନକୁ ଦାୟୀ କରିଥିଲା କ୍ରେମଲିନ୍। କିନ୍ତୁ ୟୁକ୍ରେନ ଆକ୍ରମଣ ପଛରେ ହାତ ନଥିବା ଦାବି କରିବା ସହ ତା ବିରୋଧରେ ଅଣାଯାଉଥିବା ଅଭିଯୋଗକୁ ଖଣ୍ଡନ କରିଥିଲା। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ମଧ୍ୟ ଘଟଣା ବାବଦରେ ତାଙ୍କୁ ପୁଟିନ ନିଜେ ଫୋନ୍ ଯୋଗେ ଖବର ଦେଇଥିବା କହିଥିଲେ।

## କୋଲକାତା ଡ୍ରାମା: ସୁପ୍ରିମକୋର୍ଟ ଯାଇପାରେ ଇଡି

**ନୂଆଦିଲ୍ଲୀ ୯।୧:** ଆଇ-ପିଏସି ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଏବେ ସୁପ୍ରିମକୋର୍ଟକୁ ଯିବାକୁ ବିଚାର କରୁଛି। ସୂତ୍ର ଅନୁସାରେ ଇଡି ଲିଗାଲ ଟିମ୍ ସବୁ ଆଇନଗତ ବିକଳ୍ପ ଉପରେ ବିଚାର କରୁଛନ୍ତି ଓ ଏ ନେଇ ଖୁବ ଶୀଘ୍ର ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇପାରେ। ଏହି ମାମଲାରେ ଶୁକ୍ରବାର କୋଲକାତା ହାଇକୋର୍ଟରେ ଶୁଣାଣି ହୋଇନାହିଁ। ଅନ୍ୟପକ୍ଷରୁ ତତ୍କାଳ ଶୁଣାଣି




ନିମନ୍ତେ ଇଡିର ଆବେଦନକୁ ମୁଖ୍ୟ ବିଚାରପତି ଜଷ୍ଟିସ୍ ସୁଜୟ ପାଲଙ୍କ ଅଧକ୍ଷତାରେ ଗଠିତ ଖଣ୍ଡପୀଠ ଅଗ୍ରାହ୍ୟ କରିଦେଇଛନ୍ତି ଓ କହିଛନ୍ତି ଜଷ୍ଟିସ୍ ସୁଭ୍ରା ଘୋଷଙ୍କ ଏକଲ ପୀଠ ଦ୍ୱାରା ନିର୍ଦ୍ଧାରିତ ତାରିଖରେ ମାମଲାର ଶୁଣାଣି ହେବ।ଉଲ୍ଲେଖଯୋଗ୍ୟ ଯେ, ଗୁରୁବାର ଇଡି ଆଇ-ପିଏସି କାର୍ଯ୍ୟାଳୟ ଓ ଏହାର ସହ ସଂସ୍ଥାପକ ପ୍ରତୀକ ଜୈନଙ୍କ ଆବାସ ଉପରେ ଚଢଉ କରିଥିଲା। ଏହାର ସୂଚନା ମିଳିବା ମାତ୍ରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଘଟଣାସ୍ଥଳରେ ପହଞ୍ଚିବା ସହ ଜରୁରି କାଗଜପତ୍ର ନିଜ ନିୟନ୍ତ୍ରଣକୁ ନେଇଥିଲେ। ମମତା ଅଭିଯୋଗ କରିଛନ୍ତି ଯେ ୨୦୨୬ ବିଧାନସଭା ନିର୍ବାଚନ ପୂର୍ବରୁ ଇଡି ତୃଣମୂଳ କଂଗ୍ରେସର ଗୋପନ କାଗଜପତ୍ର, ହାର୍ଡ ଡିସ୍କ ଓ ଗୋପନୀୟ ସଙ୍ଗଠନାତ୍ମକ ଡାଟା ହାତେଇବାକୁ ଉଦ୍ୟମ କରିଛି। ଏହାର କୌଣସି ପ୍ରକାରର ଆର୍ଥିକ ଅନିୟମିତତା ସହିତ ସମ୍ପର୍କ ନାହିଁ। ତେବେ ଇଡି କହିଛି ଯେ ଯେତେବେଳେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଘଟଣାସ୍ଥଳରେ ପହଞ୍ଚିଲେ ସେଠାରେ ଏକ ଡ୍ରାମା ଭଳି ପରିସ୍ଥିତି ଉପୁଜିଥିଲା। ମମତା ବାନାର୍ଜୀ ଘଟଣାସ୍ଥଳରେ ଥିବା ପ୍ରତୀକ ଜୈନଙ୍କ ଫୋନକୁ ନିଜେ ନେଇଯାଇଥିଲେ ଓ ପାଖରେ ରଖିଥିଲେ। ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ ଇଡିର ୩ ଜଣ ଅଧିକାରୀଙ୍କୁ କିଛି ବି ରେକର୍ଡ କରିବାକୁ ମନା କରିଥିଲେ।

## ଚାକିରି ପାଇଁ ଜମି ଦୁର୍ନୀତି ମାମଲା

# ବଢ଼ିଲା ଲାଲୁ ପରିବାରର ଅଡୁଆ

**ପାଟନା, ୯।୧:** ବହୁ ଚର୍ଚ୍ଚିତ ଚାକିରି ପାଇଁ ଜମି ଦୁର୍ନୀତି ମାମଲାରେ ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ଲାଲୁ ପ୍ରସାଦ ଯାଦବ ଓ ତାଙ୍କ ପରିବାରର ଅଡୁଆ ବଢ଼ିଛି। ଆଜି ଦିଲ୍ଲୀର ଗୋଟିଏ କୋର୍ଟ ଲାଲୁଙ୍କ ପରିବାର ସଦସ୍ୟଙ୍କ ବିରୋଧରେ ଚାର୍ଜଫ୍ରେମ କରିଛନ୍ତି। ଅର୍ଥାତ ଏବେ କୋର୍ଟରେ ମାମଲା ଚାଲିବା ପାଇଁ ବାଟ ଫିଟିଛି। ଲାଲୁ ପ୍ରସାଦ ଯାଦବ ରେଳମନ୍ତ୍ରୀ ଥିବା ବେଳେ ଜମି ବଦଳରେ ଚାକିରି ଦେଇଥିବା ଅଭିଯୋଗ ହୋଇଛି। ଆଜି କୋର୍ଟଙ୍କ ନିର୍ଦ୍ଦେଶ ପରେ ଏହି ହାଇପ୍ରୋଫାଇଲ ମାମଲାର ଟ୍ରାଏଲ ପାଇଁ ବାଟ ଫିଟିଛି।

୨୦୦୪ରୁ ୨୦୦୯ ଯାଏ ଦେଶରେ ୟୁପିଏ ସରକାରର ଶାସନ ଚାଲିଥିଲା। ଏହି ସମୟରେ ଲାଲୁ ପ୍ରସାଦ ଯାଦବ ଦେଶର ରେଳମନ୍ତ୍ରୀ ରହିଥିଲେ। ରେଳମନ୍ତ୍ରୀ ଥିବା ବେଳେ ସେ ଜମି ବଦଳରେ ଚାକିରି ଦେଇଥିବା ଅଭିଯୋଗ ହୋଇଛି।



ଦିଲ୍ଲୀ କୋର୍ଟର ସ୍ୱତନ୍ତ୍ର ବିଚାରପତି ବିଶାଲ ଗୋଗନେ କହିଛନ୍ତି ଯେ, ଦୁର୍ନୀତି, ଠକେଇ ଓ ଅପରାଧିକ ଷଡ଼ଯନ୍ତ୍ରର ସ୍ପଷ୍ଟ ମାମଲା ସାମ୍ନାକୁ ଆସିଛି। ଲାଲୁ ପ୍ରସାଦ ଯାଦବ, ତାଙ୍କ ପତ୍ନୀ ରାବ୍ରୀ ଦେବୀ, ପୁଅ ତେଜସ୍ୱୀ ଯାଦବ, ତେଜ ପ୍ରତାପ ଯାଦବ, ଝିଅ ମିସା ଭାରତୀ, ହେମା ଯାଦବ ଓ ଅନ୍ୟମାନଙ୍କ ବିରୋଧରେ ମାମଲା ଚାଲିବ।

**ଚାର୍ଜଫ୍ରେମ କଲେ କୋର୍ଟ, ଚାଲିବ ଶୁଣାଣି**

ଅଭିଯୁକ୍ତଙ୍କ ବିରୋଧରେ ଦୁର୍ନୀତି ନିରୋଧ ଆଇନ ଅନୁସାରେ ଚାର୍ଜଫ୍ରେମ କରାଯାଉଛି। ବିଚାରପତିଙ୍କ କହିବା କଥା ଯେ ଲାଲୁ ଯାଦବ ଓ ତାଙ୍କ ପରିବାରର ସଦସ୍ୟମାନେ ଗୋଟିଏ ଅପରାଧ ଏଣ୍ଟରପ୍ରାଇଜେସ ଭାବେ କାର୍ଯ୍ୟ କରୁଥିଲେ। ସେମାନେ ଗୋଟିଏ ବିରାଟ ଷଡ଼ଯନ୍ତ୍ରର ଅଂଶବିଶେଷ ଥିଲେ। ସେମାନେ ଭାରତୀୟ ରେଳବାଇରେ ନିଯୁକ୍ତି ଆଶାୟୀଙ୍କୁ ନିଜ ଜାଲରେ ଫସାଇ ନିଜର ସମ୍ପତ୍ତି ବୃଦ୍ଧି କରିଥିଲେ।

ଲାଲୁ ପ୍ରସାଦ ଯାଦବଙ୍କ ସହଯୋଗୀମାନେ ମଧ ଭାରତର ବିଭିନ୍ନ ସ୍ଥାନରେ ଜମି ବଦଳରେ ରେଳବାଇ ଚାକିରି ଦେବାରେ ସମସ୍ତ ପ୍ରକାରର ସହାୟତା କରିଥିଲେ ବୋଲି ସିବିଆଇ ଚାର୍ଜଶିଟରୁ ସ୍ପଷ୍ଟ ହୋଇଥିବା କୋର୍ଟ କହିଛନ୍ତି। ମାମଲାରୁ ମୁକ୍ତି ଦେବା ପାଇଁ ଲାଲୁ ଓ ତାଙ୍କ ପରିବାର କରିଥିବା ଆବେଦନକୁ କୋର୍ଟ ଖାରଜ କରି ଦେଇଛନ୍ତି। ଏହି ମାମଲାରେ ୪୬ ଜଣଙ୍କ ବିରୋଧରେ ଚାର୍ଜଫ୍ରେମ କରାଯାଉଛି। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଜାନୁଆରୀ ୨୯ରେ ହେବ।

ସିବିଆଇ ଅଭିଯୋଗ କରିଛି ଯେ, ଲାଲୁ ପ୍ରସାଦ ଯାଦବଙ୍କ ପରିବାର ଲୋକ ଓ ପରିବାର ସହ ଜଡ଼ିତ ଥିବା କମ୍ପାନୀ ମାର୍କେଟ ମୂଲ୍ୟ ତୁଳନାରେ ଅତି କମ ଦାମରେ ଜମି ହାତେଇଥିଲେ। ଅଧିକାଂଶ ଜମି କାରବାର ନଗଦ ଟଙ୍କାରେ ହୋଇଥିଲା। ଏହା ବଦଳରେ ରେଳବାଇର ବିଭିନ୍ନ ଜୋନରେ ଲୋକଙ୍କୁ ରେଳବାଇ ଚାକିରି ଯୋଗାଇ ଦିଆଯାଇଥିଲା। ସିବିଆଇ ବ୍ୟତୀତ ଏହି ମାମଲାରେ ଇଡି ମଧ ମନି ଲଣ୍ଡରିଂ ମାମଲା ରୁଜୁ କରି ତଦନ୍ତ କରୁଛି।

୧୬ତମ ସଚିବାଳୟ ଓପନ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ

# ଭାସ୍କର ଏବଂ କମଳାକାନ୍ତ 'ଭେଟେରାନ ଡବଲ୍ସ' ବିଜେତା



**ଭୁବନେଶ୍ୱର, ୯।୧(ସଂଚାର ବ୍ୟୁରୋ):** ଓଡ଼ିଶା ରାଜ୍ୟ ସଚିବାଳୟ ବ୍ୟାଡମିଣ୍ଟନ ଆସୋସିଏସନ ଆନୁକୂଲ୍ୟରେ ଲୋକ ସେବା ଭବନସ୍ଥିତ ସଚିବାଳୟ ମିନି ଷ୍ଟାଡିୟମଠାରେ ୧୬ତମ ସଚିବାଳୟ ଓପନ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ସଫଳତାର ସହ ସମ୍ପନ୍ନ ହୋଇଯାଇଛି। ଜାନୁଆରୀ ୬ରୁ ୯ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ମଧ୍ୟରେ କଡ଼ା ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳିଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ଗୃହ, ରାଜସ୍ୱ, ନଗର ଉନ୍ନୟନ, ବାଣିଜ୍ୟ, ପୂର୍ତ୍ତ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଅର୍ଥ, ଏମଏସଏମଇ, ପରିବହନ, ମହିଳା ଓ ଶିଶୁ ବିକାଶ, ପର୍ଯ୍ୟଟନ, ଜଳସମ୍ପଦ, ଗଣଶିକ୍ଷା, ଆଇନ, ଶକ୍ତି, ଉଚ୍ଚଶିକ୍ଷା, ସଂସଦୀୟ ବ୍ୟାପାର, ସାଧାରଣ ପ୍ରଶାସନ, ସାଧାରଣ ଉଦ୍ୟୋଗ ଏବଂ ଶିଳ୍ପ ଭଳି ପ୍ରାୟ ସମସ୍ତ ପ୍ରମୁଖ ବିଭାଗର ପ୍ରତିଯୋଗୀମାନେ ଅଂଶଗ୍ରହଣ କରିଥିଲେ।

ଏହି ସମସ୍ତ ବିଭାଗର ପ୍ରତିଯୋଗୀଙ୍କୁ ହରାଇ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ଅତିରିକ୍ତ ଶାସନ ସଚିବ ଭାସ୍କର ରାୟତୋ ଏବଂ ବିଭାଗୀୟ ଓଏସଡି କମଳାକାନ୍ତ ବେହେରା 'ଭେଟେରାନ ପୁରୁଷ ଡବଲ୍ସ' ବର୍ଗରେ ଚାମ୍ପିଅନ୍ ହୋଇ ବିଭାଗ ପାଇଁ ଗୌରବ ଆଣିଦେଇଛନ୍ତି।

ଏହି ଚାରିଦିନିଆ ଟୁର୍ଣ୍ଣାମେଣ୍ଟରେ ଖେଳାଳିଙ୍କ ଉତ୍ସାହ ବେଶ ଅଧିକ ଥିଲା। ବିଭିନ୍ନ ବର୍ଗର ଅଂଶଗ୍ରହଣକାରୀଙ୍କ ସଂଖ୍ୟା ନିମ୍ନରେ ପ୍ରଦତ୍ତ: ପୁରୁଷ ସିଙ୍ଗଲ୍ସ: ୫୨ ଜଣ, ପୁରୁଷ ଡବଲ୍ସ: ୪୩ଟି ଦଳ, ଭେଟେରାନ ପୁରୁଷ ସିଙ୍ଗଲ୍ସ: ୬ ଜଣ, ଭେଟେରାନ ପୁରୁଷ ଡବଲ୍ସ: ୬ଟି ଦଳ, ମହିଳା ଡବଲ୍ସ: ୮ଟି ଦଳ, ମିକ୍ସଡ୍ ଡବଲ୍ସ: ୧୫ଟି ଦଳ ସଚିବାଳୟର ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ଏବଂ ଅଧିକାରୀମାନଙ୍କ ମଧ୍ୟରେ ଖେଳକୁଦ ପ୍ରତି ଆଗ୍ରହ ସୃଷ୍ଟି କରିବା ପାଇଁ ଏହି ପ୍ରୟାସକୁ ସମସ୍ତେ ପ୍ରଶଂସା କରିଛନ୍ତି।

ଜାତୀୟ ବିଦ୍ୟାଳୟ ସମୂହ ତୀରନ୍ଦାଜ ପ୍ରତିଯୋଗିତା

# ସ୍ୱର୍ଣ୍ଣ ପରେ ଓଡ଼ିଶା ପାଇଁ ବ୍ରୋଞ୍ଜ ପଦକ



**ଭୁବନେଶ୍ୱର, ୯।୧(ସଂଚାର ବ୍ୟୁରୋ):** ଝାଡ଼ଖଣ୍ଡର ରାଞ୍ଚିଠାରେ ଆୟୋଜିତ ୬୯ତମ ଜାତୀୟ ବିଦ୍ୟାଳୟ ସମୂହ ୧୭ ବର୍ଷରୁ କମ୍ ବୟସର ବାଳକ ଓ ବାଳିକା ତୀରନ୍ଦାଜ ପ୍ରତିଯୋଗିତାରେ ଓଡ଼ିଶାର ଛାତ୍ରଛାତ୍ରୀ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଓଡ଼ିଶା ପାଇଁ ବ୍ରୋଞ୍ଜ ପଦକ ଆଣିଛନ୍ତି ଓଡ଼ିଶାର ସୁନୀତା ନାଏକ। କେନ୍ଦୁଝରସ୍ଥିତ ଏସଏମଆର୍ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ସୁନୀତା ନାଏକ ୬୦ ମିଟର ଅଲିମ୍ପିକ୍ସ ରାଉଣ୍ଡରେ ଓଡ଼ିଶା ପାଇଁ ବ୍ରୋଞ୍ଜ ପଦକ ଆଣିଛନ୍ତି। ୬ ଜାନୁଆରୀ ୨୦୨୬ରୁ ୧୦ ଜାନୁଆରୀ ୨୦୨୬ ପର୍ଯ୍ୟନ୍ତ ରାଞ୍ଚିଠାରେ ଏହି ପ୍ରତିଯୋଗିତା ଆୟୋଜିତ ହେଉଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନ ଓଡ଼ିଶା ରାଜ୍ୟ ବିଦ୍ୟାଳୟ କ୍ରୀଡ଼ା ସଂଗଠନ ପକ୍ଷରୁ ଓଡ଼ିଶାରୁ ମୋଟ୍ ୧୮ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ, ଯେଉଁଥିରେ ୧୧ ଜଣ ବାଳିକା ଓ ୭ ଜଣ ବାଳକ ସାମିଲ୍ ଥିଲେ। ପୂର୍ବରୁ ରୋହିତ କୁମାର ମାରାଣ୍ଡି ଓ ରେଶମା ମଲ୍ଲିକ ୪ ଟି ସ୍ୱର୍ଣ୍ଣ ପଦକ ହାସିଲ କରିଛନ୍ତି।

● ହରିଦାସପୁର-ପାରାଦୀପ ରେଳ ପ୍ରକଳ୍ପ

## ବିଳମ୍ବିତ ରେଳ ପ୍ରକଳ୍ପ ଦୁଇବର୍ଷରେ ସମ୍ପୂର୍ଣ୍ଣ

**ପ୍ରଗତି ମଞ୍ଚ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ପ୍ରକଳ୍ପ କାମକୁ ତ୍ୱରାନ୍ୱିତ କରୁଛି**

ନୂଆଦିଲ୍ଲୀ, ୯।୧: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଗଠିତ ପ୍ରଗତି ମଞ୍ଚ ଦେଶର ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ପ୍ରକଳ୍ପ କାମକୁ ତ୍ୱରାନ୍ୱିତ କରିବାରେ କିଭଳି ପ୍ରମୁଖ ଭୂମିକା ଗ୍ରହଣ କରିଛି, ତାହାର ଏକ ଜ୍ୱଳନ୍ତ ଉଦାହରଣ ହେଉଛି ହରିଦାସପୁର-ପାରାଦୀପ ନୂତନ ରେଳ ଲାଇନ ପ୍ରକଳ୍ପ। ଓଡ଼ିଶାର ଖଣି ସମୃଦ୍ଧ ଅଞ୍ଚଳକୁ ଦେଶର ସବୁଠୁ ଗୁରୁତ୍ୱପୂର୍ଣ୍ଣ ଗଭୀର ଜଳ ବନ୍ଦରକୁ ଯୋଡ଼ୁଥିବା ୮୫ କିମି ଲମ୍ବ ଏହି ରେଳ ପ୍ରକଳ୍ପକୁ ୧ ଜାନୁଆରୀ ୧୯୯୭ରେ ମଞ୍ଜୁର କରାଯାଇଥିଲା। ସ୍ପଷ୍ଟ ରଣନୀତିକ ଯଥାର୍ଥତା ଏବଂ ବୈଷୟିକ ପ୍ରସ୍ତୁତି ସତ୍ତ୍ୱେ, ପ୍ରକଳ୍ପ କାର୍ଯ୍ୟକାରିତାରେ ବିଳମ୍ବ ହୋଇଥିଲା। ଜମି ଅଧିଗ୍ରହଣ ବିଳମ୍ବ, ଆର୍ଥିକ ସମସ୍ୟା ଏବଂ ଲାଇସେନ୍ସ ଓ ଅନୁମୋଦନରେ ବିଳମ୍ବ ଭଳି କାରଣରୁ ପ୍ରକଳ୍ପ ନିର୍ମାଣ ସମ୍ପୂର୍ଣ୍ଣ ହୋଇପାରିନଥିଲା ଏବଂ ଏହାର ଖର୍ଚ୍ଚ ମଧ୍ୟ ବଢ଼ି ବଢ଼ି ଚାଲିଥିଲା। ଦୁଇ ଦଶନ୍ଧିରୁ ଅଧିକ ସମୟ ଧରି ବିଳମ୍ବିତ ହୋଇ ପଡ଼ି ରହିଥିବା ହରିଦାସପୁର-ପାରାଦୀପ ରେଳ କରିଡର ଶେଷରେ ଜୀବନ୍ୟାସ ପାଇଥିଲା। ୩୧ ଜୁଲାଇ ୨୦୨୦ରେ ଅର୍ଥାତ୍ ପ୍ରଗତି ବୈଠକରେ ସମୀକ୍ଷା ହେବାର ମାତ୍ର ଦୁଇ ବର୍ଷ ମଧ୍ୟରେ ପ୍ରକଳ୍ପକୁ ଲୋକାର୍ପଣ କରାଯାଇଥିଲା।




ଇଡି ତଲାସି ବିରୋଧରେ ବାହାରିଲା ରାଲି

# ମମତାଙ୍କ ବିଶାଳ ପ୍ରତିବାଦ ଶୋଭାଯାତ୍ରା



**କୋଲକାତା, ୯।୧(ସଂଚାର ବ୍ୟୁରୋ):** ଗୁରୁବାର ଆଇ-ପ୍ୟାକ୍ କାର୍ଯ୍ୟାଳୟରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ତଲାସିକୁ ନେଇ ସୃଷ୍ଟି ହୋଇଥିବା ଅଭୂତପୂର୍ବ ଉତ୍ତେଜନାର ପ୍ରତିବାଦରେ ତୃଣମୂଳ ସୁପ୍ରିମୋ ମମତା ବାନାର୍ଜୀ ଶୁକ୍ରବାର ରାସ୍ତାକୁ ଓହ୍ଲାଇଥିଲେ। ଆଗାମୀ ବିଧାନସଭା ନିର୍ବାଚନରେ ତୃଣମୂଳର ରଣନୀତିକୁ ନଷ୍ଟ କରିବା ପାଇଁ ଇଡିର ଏହି ଅଭିଯାନକୁ ଶାସକ ଦଳ ଏକ ଯୋଜନାବଦ୍ଧ ଷଡ଼ଯନ୍ତ୍ର ଭାବରେ ଦେଖୁଛି। ମୁଖ୍ୟମନ୍ତ୍ରୀ ଶୁକ୍ରବାର ଅପରାହ୍ନରେ ତାଙ୍କ ଦଳର ସାଂସଦ, ବିଧାୟକ ଏବଂ ଅନେକ ସେଲିବ୍ରିଟିଙ୍କ ସହିତ ଏକ ବିଶାଳ ପ୍ରତିବାଦ ଶୋଭାଯାତ୍ରା ଆରମ୍ଭ କରିଥିଲେ। ଇଡି ତଦନ୍ତ ସମୟରେ ଆଇ-ପ୍ୟାକ୍ କାର୍ଯ୍ୟାଳୟରେ ଶାରୀରିକ ଭାବରେ ପ୍ରବେଶ କରି ସବୁଜ ଫାଇଲ୍ ଏବଂ ଲାପଟପ୍ ଉଦ୍ଧାର କରି ମମତା ଯେଉଁ ମନୋଭାବ ଦେଖାଇଥିଲେ, ତାହା ଏଦିନର ଶୋଭାଯାତ୍ରାରେ ଦେଖିବାକୁ ମିଳିଥିଲା। ସେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ବିରୁଦ୍ଧରେ ରାଜନୈତିକ ପ୍ରତିଶୋଧ ପରାୟଣତା ଅଭିଯୋଗ କରି ରାସ୍ତାରୁ ପ୍ରତି-ଲଢ଼େଇ ପାଇଁ ଆହ୍ୱାନ ଦେଇଥିଲେ। ଯାଦବପୁର ୮ବି ବସ୍ ଷ୍ଟାଣ୍ଡରୁ ଆରମ୍ଭ ହୋଇଥିବା ଏହି ମହାନ ଶୋଭାଯାତ୍ରାର ଗନ୍ତବ୍ୟସ୍ଥଳ ଥିଲା ହାଜରା ମୋଡ଼। ପ୍ରାୟ ୭ କିଲୋମିଟର ଲମ୍ବା ଏହି ଶୋଭାଯାତ୍ରାରେ, ତୃଣମୂଳର ଷ୍ଟାର ସାଂସଦ ଏବଂ ବିଧାୟକମାନେ ମମତା ବାନାର୍ଜୀଙ୍କ ସହିତ ଆଗ ଧାଡିରେ ଯୋଗ ଦେଇଥିଲେ। ଦେବ, ସାୟନୀ ଘୋଷ, ରଚନା ବାନାର୍ଜୀ, ସୋହମ ଚକ୍ରବର୍ତ୍ତୀ, ଜୁନ୍ ମାଲିଆ ଏବଂ ଲଭଲି ମୈତ୍ରଙ୍କୁ ଦିଦିଙ୍କ ପାଖରେ ଏକ ସ୍ୱରରେ ଚାଲିବାର ଦେଖାଯାଇଥିଲା।

● ଗଙ୍ଗାସାଗର ମେଳାରେ ଭୟାବହ ଅଗ୍ନିକାଣ୍ଡ

# ପୋଡ଼ିଗଲା ଏକାଧିକ ଅସ୍ଥାୟୀ ଆଶ୍ରୟସ୍ଥଳୀ

**କୋଲକାତା, ୯।୧(ସଂଚାର ବ୍ୟୁରୋ):** ଗଙ୍ଗାସାଗର ମେଳା ଆରମ୍ଭ ହେବା ପୂର୍ବରୁ ଆତଙ୍କ ବ୍ୟାପିଗଲା। ଶୁକ୍ରବାର ପ୍ରତ୍ୟୁଷରେ ଗଙ୍ଗାସାଗର ମେଳାର କପିଳମୁନି ମନ୍ଦିର ସଂଲଗ୍ନ ୨ ନମ୍ବର ରାସ୍ତା ପାର୍ଶ୍ୱରେ ନିର୍ମିତ ଏକାଧିକ ଅସ୍ଥାୟୀ ଆଶ୍ରୟସ୍ଥଳରେ ହଠାତ୍ ନିଆଁ ଲାଗିଯାଇଥିଲା। କିଛି ମୁହୂର୍ତ୍ତ ମଧ୍ୟରେ ନଡ଼ା ଛାତରେ ତିଆରି ଘରଗୁଡ଼ିକ ଜଳିବାକୁ ଲାଗିଲା। ଗୋଟିଏ ପରେ ଗୋଟିଏ, ପ୍ରଚଣ୍ଡ ନିଆଁରେ ଅସ୍ଥାୟୀ ଆଶ୍ରୟସ୍ଥଳଗୁଡ଼ିକ ପୋଡ଼ି ପାଉଁଶ ହୋଇଗଲା।



ଗଙ୍ଗାସାଗରର ୨ ନମ୍ବର ସ୍ନାନ ଘାଟ ନିକଟରେ ଏହି ଅଗ୍ନିକାଣ୍ଡ ଘଟିଛି। ପ୍ରାରମ୍ଭିକ ଭାବରେ ଜାଣିବାକୁ ମିଳିଛି ଯେ, ମେଳା ଅବସରରେ ବିଭିନ୍ନ ବିଭାଗର ଶିବିର ଏବଂ ଅସ୍ଥାୟୀ ତମ୍ବୁ ସ୍ଥାପନ କରାଯାଉଥିଲା। ଏହି ତମ୍ବୁଗୁଡ଼ିକ ମଧ୍ୟରୁ ଅଧିକାଂଶ ସରକାରୀ ଅଧିକାରୀ ଏବଂ ସାମ୍ବାଦିକଙ୍କ ରହିବାର କଥା ଥିଲା। ସୂଚନା ଓ ସଂସ୍କୃତି ବିଭାଗର ଅଧିକାରୀମାନେ ମଧ୍ୟ ସେଠାରେ ରହିବାର କଥା। ପ୍ରତ୍ୟୁଷରେ ଅଗ୍ନିକାଣ୍ଡ ଘଟିବାରୁ ଅଞ୍ଚଳରେ ତୀବ୍ର ଆତଙ୍କ ସୃଷ୍ଟି ହୋଇଥିଲା। ଖବର ପାଇବା ପରେ ଏକାଧିକ ଦମକଳ ଗାଡ଼ି ଶୀଘ୍ର ଘଟଣାସ୍ଥଳରେ ପହଞ୍ଚିଥିଲା। ଦମକଳ କର୍ମୀମାନେ ନିଆଁକୁ ଆୟତ୍ତ କରିବାକୁ ଦୀର୍ଘ ସମୟ ଧରି ଚେଷ୍ଟା କରିଥିଲେ।

ଏହି ଘଟଣାରେ ଏପର୍ଯ୍ୟନ୍ତ କୌଣସି ମୃତାହତର ଖବର ମିଳିନାହିଁ। ତେବେ, କ୍ଷୟକ୍ଷତିର ପରିମାଣ ବହୁତ ବଡ଼ ହେବ ବୋଲି ଆଶା କରାଯାଉଛି। ସର୍ଟ ସର୍କିଟ କିମ୍ବା ଅନ୍ୟ କୌଣସି କାରଣରୁ ଅଗ୍ନିକାଣ୍ଡ ଘଟିଛି କି ନାହିଁ ତାହା ଦମକଳ ବାହିନୀ ତଦନ୍ତ କରୁଛି। ଗଙ୍ଗାସାଗର ମେଳା ଆରମ୍ଭ ହେବା ପୂର୍ବରୁ, ଏହି ଅଗ୍ନିକାଣ୍ଡକୁ ନେଇ ସୁରକ୍ଷା ଏବଂ ଅଗ୍ନି ନିର୍ବାପନ ବ୍ୟବସ୍ଥା ସମ୍ପର୍କରେ ନୂତନ ପ୍ରଶ୍ନ ଉଠିବା ଆରମ୍ଭ ହୋଇଛି।

## ଏସ୍ଆଇଆର୍ ଶୁଣାଣି ପାଇଁ ଶାରୀରିକ ଉପସ୍ଥିତି ଜରୁରି ନୁହେଁ

**କୋଲକାତା, ୯।୧(ସଂଚାର ବ୍ୟୁରୋ):** ରାଜ୍ୟର ଅଗଣିତ ପ୍ରବାସୀ ଶ୍ରମିକ ଏବଂ ବିଦେଶରେ ପାଠପଢ଼ୁଥିବା ଛାତ୍ରଛାତ୍ରୀଙ୍କ ପାଇଁ ନିର୍ବାଚନ କମିଶନ ଏକ ଆଶ୍ୱସ୍ତି ନିଷ୍ପତ୍ତି ନେଇଛନ୍ତି। ଏବେଠାରୁ, ଭୋଟର ତାଲିକାର ସଂଶୋଧନ କିମ୍ବା ଯାଞ୍ଚ ସହିତ ଜଡିତ ଏସ୍ଆଇଆର୍ ଶୁଣାଣିରେ ଶାରୀରିକ ଉପସ୍ଥିତି ଆଉ ବାଧ୍ୟତାମୂଳକ ନୁହେଁ। କମିଶନ ଜଣାଇଛନ୍ତି ଯେ ଯେଉଁମାନେ କାମ କିମ୍ବା ପାଠପଢ଼ା ଯୋଗୁଁ ରାଜ୍ୟ ବାହାରେ ରହୁଛନ୍ତି ସେମାନେ ଏକ ସ୍ୱତନ୍ତ୍ର ପୋର୍ଟାଲ ମାଧ୍ୟମରେ ଅନଲାଇନରେ ଡକ୍ୟୁମେଣ୍ଟ ଦାଖଲ କରି ଶୁଣାଣିରେ ଅଂଶଗ୍ରହଣ କରିବାର ସୁଯୋଗ ପାଇବେ। କମିଶନଙ୍କ ନୂତନ ନିର୍ଦ୍ଦେଶାବଳୀରେ ଏହା ମଧ୍ୟ କୁହାଯାଇଛି ଯେ, ଯଦି ସମ୍ପୃକ୍ତ ବ୍ୟକ୍ତି ଅନଲାଇନରେ ଡକ୍ୟୁମେଣ୍ଟ ଦାଖଲ କରିବାକୁ ଅସମର୍ଥ ହୁଅନ୍ତି, ତେବେ ପରିବାରର ଜଣେ ସଦସ୍ୟ ନିର୍ଦ୍ଦିଷ୍ଟ କାର୍ଯ୍ୟାଳୟକୁ ଯାଇ ଆବଶ୍ୟକ ଡକ୍ୟୁମେଣ୍ଟ ଦାଖଲ କରିପାରିବେ ଏବଂ ତାଙ୍କ ପକ୍ଷରୁ ଶୁଣାଣି ପ୍ରକ୍ରିୟା ସମାପ୍ତ କରିପାରିବେ।

ଧମକପୂର୍ଣ୍ଣ ମେଲକୁ ଅଣଦେଖା

# ଚକୋଲେଟ ବାଣ୍ଟିଲେ ରାଜ୍ୟପାଳ



**କୋଲକାତା, ୯।୧(ସଂଚାର ବ୍ୟୁରୋ):** ଗୁରୁବାର, ରାଜ୍ୟପାଳ ସି.ଭି ଆନନ୍ଦ ବୋଷଙ୍କୁ ହତ୍ୟା ଧମକ ମିଳିଥିଲା। ଧମକପୂର୍ଣ୍ଣ ଇ-ମେଲ୍କୁ ଅଣଦେଖା କରି, ରାଜ୍ୟପାଳ ଶୁକ୍ରବାର କୋଲକାତାର ରାସ୍ତାକୁ ଓହ୍ଲାଇଥିଲେ। ସେ ଡେକର୍ସ ଲେନ୍‌ର ଏକ ଖାଦ୍ୟ ଦୋକାନରେ ମଧ୍ୟ କଥା ହୋଇଥିଲେ । ଏହା ବ୍ୟତୀତ, ହେୟାର ଷ୍ଟ୍ରିଟ୍ ଥାନାର ପୁଲିସ ରାଜ୍ୟପାଳଙ୍କୁ ଧମକ ଦେବା ଅଭିଯୋଗରେ ନ୍ୟୁଟାଉନର ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି। ସେ ଗୁରୁବାର ଘୋଷଣା କରିଥିଲେ ଯେ, ଧମକପୂର୍ଣ୍ଣ ଇ-ମେଲ୍ ସତ୍ତ୍ୱେ ସେ ରାସ୍ତାକୁ ଓହ୍ଲାଇବେ। ସେ କହିଛନ୍ତି, ମୁଁ ପ୍ରସ୍ତାବ ଦେଇଥିଲି। ମୁଁ ସୁରକ୍ଷା କର୍ମୀ ବିନା ରାସ୍ତାରେ ବୁଲିବି।ମୋର ସୁରକ୍ଷା ଅଧିକାରୀମାନେ ସେମାନଙ୍କ କର୍ତ୍ତବ୍ୟର ସ୍ୱାର୍ଥରେ ମୋତେ ଏପରି କରିବାକୁ ଦେଇ ନଥିଲେ। ମୁଁ ସମସ୍ତଙ୍କ କର୍ତ୍ତବ୍ୟକୁ ସମର୍ଥନ କରେ। ତେଣୁ ଶେଷରେ, ମୁଁ ଆପତ୍ତି କରିନଥିଲି। ମୋର କୌଣସି ଭୟ ନାହିଁ ମେଲ୍ ଆସିବାକୁ ଦିଆଗୁରୁବାରର ଇଡି ଚଢ଼ାଉକୁ ନେଇ ରାଜ୍ୟ ରାଜନୀତି ସରଗରମ ହୋଇଛି। ଏହି ପରିପ୍ରେକ୍ଷୀରେ ରାଜ୍ୟପାଳ କହିଛନ୍ତି, "ମୁଁ ଗୁରୁବାରର ପ୍ରସଙ୍ଗରେ ଯିବାକୁ ଚାହୁଁନାହିଁ ମାମଲାଟି ବର୍ତ୍ତମାନ ବିଚାରାଧୀନ ରହିଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ୫୦୦ ମିଟର...

ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି, ଜିତ କୋଚ ବସ୍ ସିମଲା ଜିଲ୍ଲାର କୁପବୀରୁ ସୋଲନ ଯାଉଥିଲା। କୁହୁଡ଼ି ଏବଂ ଥଣ୍ଡା କାରଣରୁ ରାସ୍ତା ଖସଡ଼ା ହୋଇଥିଲା। ଏହା ଯୋଗୁ ବସ୍ ନିୟନ୍ତ୍ରଣ ହରାଇ ଦୁର୍ଘଟଣାର ଶିକାର ହୋଇଥିଲା। ସଂଗଡାହ ରାଜଗଡ଼ ନୋହରାଧାରରୁ ପୁଲିସ ଯବାନ ଘଟଣାଘଟଣାସ୍ଥଳରେ ପହଞ୍ଚିଛନ୍ତି। ଜିଲ୍ଲା ସିରମୋରର ପୁଲିସ ଅଧୀକ୍ଷକ ନିଶ୍ଚିତ ସିଂହ ନେଗୀ ମଧ୍ୟ ଦୁର୍ଘଟଣାସ୍ଥଳରେ ପହଞ୍ଚିଛନ୍ତି। ସେପଟେ ରାଜ୍ୟ ମୁଖ୍ୟମନ୍ତ୍ରୀ ସୁଖବିନ୍ଦର ସିଂ ଖୁସୁ ଗଭୀର ଶୋକ ବ୍ୟକ୍ତ କରି ମୃତାହତଙ୍କ ପରିବାରକୁ ସମସ୍ତ ସହଯୋଗ ଯୋଗାଇ ଦିଆଯିବ ବୋଲି କହିଛନ୍ତି। ବିଜେପି ଜାତୀୟ ସଭାପତି ଜେପି ନଡ୍ଡା ଓ ବିଭିନ୍ନ ରାଜନୈତିକ ବ୍ୟକ୍ତି ଏହି ଘଟଣାକୁ ନେଇ ଦୁଃଖ ପ୍ରକାଶ କରିଛନ୍ତି।

## ପର୍ଯ୍ୟଟନ...

କୋଟି କିମ୍ବା ଊର୍ଦ୍ଧ୍ୱ ପ୍ରକଳ୍ପ ପାଇଁ ୧୦୦ କୋଟି ପର୍ଯ୍ୟନ୍ତ ସରକାର ରିହାତି ପ୍ରଦାନ କରିବେ ବୋଲି କ୍ୟାବିନେଟ ନିଷ୍ପତ୍ତି ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କହିଛନ୍ତି। ଚିଲିକା, କେବିକେ ଅଞ୍ଚଳ, କନ୍ଧମାଳ ଓ ଗଜପତିର ସ୍ୱତନ୍ତ୍ର ଜୋନ ବ୍ୟତୀତ ହୀରାକୁଦ, ସାତକୋଶିଆ, ବଲାଙ୍ଗୀର ଓ ବରଗଡ଼ ଅନ୍ତର୍ଗତ ଗନ୍ଧମାର୍ଦ୍ଦନ ପାହାଡ଼, ସିମିଳିପାଳ, ରତ୍ନଗିରି-ଉଦୟଗିରି-ଲଳିତଗିରି ଏବଂ ଭିତରକନିକା ଭଳି ଉଚ୍ଚ ସମ୍ଭାବ୍ୟ ପର୍ଯ୍ୟଟନସ୍ଥଳୀଗୁଡ଼ିକରେ ସ୍ୱତନ୍ତ୍ର ଜୋନ ସମ୍ପ୍ରସାରଣକୁ କ୍ୟାବିନେଟ ଅନୁମୋଦନ କରିଛି। ଏହି ସ୍ୱତନ୍ତ୍ର ଜୋନରେ ପର୍ଯ୍ୟଟନ ପ୍ରକଳ୍ପ ଏବଂ ମହିଳା, ଅନୁସୂଚିତ ଜାତି ଜନଜାତି ଓ ଭିନ୍ନକ୍ଷମ ଉଦ୍ୟୋଗୀଙ୍କୁ ଅଧିକ ରିହାତି ମିଳିବ। ୧୦୦ କୋଟି ପର୍ଯ୍ୟନ୍ତ ନିବେଶ ପାଇଁ ୬୦ କୋଟି ପର୍ଯ୍ୟନ୍ତ ଏବଂ ୨୦୦ କୋଟି କିମ୍ବା ଊର୍ଦ୍ଧ୍ୱ ପ୍ରକଳ୍ପକୁ ୧୨୦ କୋଟି ପର୍ଯ୍ୟନ୍ତ ରିହାତି ଦିଆଯିବ। ସେହିଭଳି ବିଭିନ୍ନ ଉଦୀୟମାନ ପର୍ଯ୍ୟଟନ କ୍ଷେତ୍ର ପାଇଁ ଲକ୍ଷ୍ୟଯୁକ୍ତ ସବସିଡି ବ୍ୟବସ୍ଥା କରାଯାଇଛି। ସଂଗ୍ରହାଳୟ ଓ ଐତିହ୍ୟ ସମ୍ପତ୍ତି ପାଇଁ ୪୦ ପ୍ରତିଶତ ପର୍ଯ୍ୟନ୍ତ ପୁଂଜି ରିହାତି ଏବଂ ବୈଦ୍ୟୁତିକ ଡଙ୍ଗା, ବୈଦ୍ୟୁତିକ କାରାଭାନ ଏବଂ ହସ୍ତକଳା ବିଷୟବସ୍ତୁ କମ୍ପ୍ଲେକ୍ସ ପାଇଁ ୫୦ ପ୍ରତିଶତ ପର୍ଯ୍ୟନ୍ତ ପୁଞ୍ଜି ରିହାତି ଦିଆଯିବ। ରାଜ୍ୟରେ ପ୍ରର୍ଯ୍ୟଟନ ଚାହିଦାକୁ ବୃଦ୍ଧି କରିବା ପାଇଁ ଡେଷ୍ଟିନେସନ ୱେଡିଂ, ଲଗଜରୀ କ୍ୟାମ୍ପିଂ ଭଳି ପର୍ଯ୍ୟଟନ କ୍ଷେତ୍ର ପାଇଁ ମଧ୍ୟ ପ୍ରୋତ୍ସାହନ ଦେବେ ସରକାର। ଏହାବ୍ୟତିତ ପର୍ଯ୍ୟଟନ ବିଭାଗ ଦ୍ୱାରା ଅଧିସୂଚିତ ପର୍ଯ୍ୟଟନସ୍ଥଳୀ, ଓଡିଶା ମଧ୍ୟରେ ଏବଂ ରାଜ୍ୟ ବାହାରେ ମୁମ୍ବାଇ, ଦିଲ୍ଲୀ, ବେଙ୍ଗାଲୁରୁ, ଚେନ୍ନାଇ ଓ କୋଲକାତା ଏହି ପାଞ୍ଚଟି ମେଟ୍ରୋ ସହର ସହ ଆଗ୍ରା, ବାରାଣାସୀ, ଗୋଆ, କୋଚି ଏବଂ ଜୟପୁରରେ ପ୍ରାମାଣିତ ଓଡିଶା ଖାଦ୍ୟର ପ୍ରୋତ୍ସାହନ ପାଇଁ ଏକ ସମର୍ପିତ ପୁଞ୍ଜିନିବେଶ ଏବଂ ଖର୍ଚ୍ଚ ସହାୟତା ପ୍ରଦାନ କରାଯିବ। ଓଡିଆ ଖାଦ୍ୟର ପରିଚୟକୁ ସୁଦୃଢ଼ କରିବା ଲକ୍ଷ୍ୟରେ ଏହି ସହାୟତା ଦିଆଯିବ। ଏଥିସହ ପର୍ଯ୍ୟଟନ ସେବା ପ୍ରଦାନକାରୀ ଏବଂ ହୋମଷ୍ଟେ ମାଲିକଙ୍କୁ ଘରୋଇ ଏବଂ ବିଦେଶୀ ପର୍ଯ୍ୟଟନ ପ୍ରୋତ୍ସାହନ କାର୍ଯ୍ୟକ୍ରମରେ ଯୋଗଦେବାକୁ ପ୍ରୋତ୍ସାହନ ଦେବାକୁ କ୍ୟାବିନେଟ ଅନୁମୋଦନ କରିଛି। ପର୍ଯ୍ୟଟନ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ ରାଜ୍ୟ ପର୍ଯ୍ୟଟନ ପରାମର୍ଶଦାତା ପରିଷଦ ଗଠନ କରାଯିବ। ୨୦୩୬ ସୁଦ୍ଧା ରାଜ୍ୟରେ ୧୫ ହଜାର ତାରକା ବର୍ଗ ହୋଟେଲ କୋଠରୀ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖାଯାଇଛି। ସେହିପରି କେନ୍ଦ୍ର ସରକାରଙ୍କ ଲକ୍ଷ୍ୟଭିତ୍ତିକ ସାଧାରଣ ବଣ୍ଟନ ବ୍ୟବସ୍ଥା ଆଦେଶ ୨୦୧୫ ଆଧାରରେ ରାଜ୍ୟ ସାଧାରଣ ବଣ୍ଟନ ବ୍ୟବସ୍ଥା ଆଦେଶ ୨୦୧୬ ଏବଂ ଓଡିଶା ରାଜ୍ୟ ଖାଦ୍ୟ ସୁରକ୍ଷା ନିୟମ ୨୦୨୦ରେ ସଂଶୋଧନକୁ କ୍ୟାବିନେଟ ମଂଜୁରୀ ଦେଇଛି। ତଦନୁଯାୟୀ ଖାଦ୍ୟ ସୁରକ୍ଷା ଅନ୍ତର୍ଭୁକ୍ତ ସମସ୍ତ ହିତାଧିକାରୀଙ୍କ ଇ-କେୱାଇସି ଯାଞ୍ଚ, ନାବାଳକଙ୍କ ନାମରେ ସ୍ୱତନ୍ତ୍ର ରାସନ କାର୍ଡ ଜାରି ନକରିବା, ନିଷ୍କ୍ରିୟ ଓ ଅଯୋଗ୍ୟ ରାସନ କାର୍ଡକୁ ରଦ୍ଦ କରାଯିବ। ଏହାଦ୍ୱାରା ଅଯୋଗ୍ୟ ପରିବାର ଚିହ୍ନଟ କରିବା ସହ ରିହାତି ଖାଦ୍ୟଶସ୍ୟର ଜାଲିଆତି ପରି ଦୀର୍ଘକାଳୀନ ସମସ୍ୟାର ସମାଧାନ ହୋଇପାରିବ ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି। ଓଡିଶା ସାଧାରଣ ବଣ୍ଟନ ବ୍ୟବସ୍ଥା ଆଇନ ୨୦୧୬ର ଧାରା ୨୭(କ)ରେ ମଧ୍ୟ ସଂଶୋଧନକୁ କ୍ୟାବିନେଟ ମଂଜୁରୀ ଦେଇଛି। ଏହି ସଂଶୋଧନ ଅନୁଯାୟୀ ରାସନକାର୍ଡଧାରୀ ଘରର ମୁଖ୍ୟ କିମ୍ବା କାର୍ଡଧାରୀ ଘରର ଅଧିକୃତ ସଦସ୍ୟଙ୍କୁ କାର୍ଡରେ ଥିବା ଯେକୌଣସି ସଦସ୍ୟଙ୍କ ମୃତ୍ୟୁଜନିତ ତଥ୍ୟକୁ ଲୁଚାଇ ନ ରଖି ଯୋଗାଣ ଅଧିକାରୀ କିମ୍ବା ନିକଟସ୍ଥ ଡିଲରଙ୍କୁ ଜଣାଇବା ବାଧ୍ୟତାମୂଳକ। ଏଥିରେ ବ୍ୟତିକ୍ରମ କରି ତଥ୍ୟ ଗୋପନ ରଖି ପିଡିଏସ ସାମଗ୍ରୀ ଗ୍ରହଣ କଲେ କାର୍ଡରେ ଥିବ ବ୍ୟକ୍ତିଙ୍କ ମୃତ୍ୟୁ ତାରିଖଠାରୁ ତାଙ୍କ ନାଁରେ ଗ୍ରହଣ କରାଯାଇଥିବା ସମସ୍ତ ସାମଗ୍ରୀର ମୂଲ୍ୟ ସମ୍ପୃକ୍ତ ପରିବାରଠାରୁ ଦେଢ଼ଗୁଣ ହାରରେ ଆଦାୟ କରାଯିବ। ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଆଧାରରେ ପ୍ରସ୍ତୁତ ରାଜ୍ୟ ଖାଦ୍ୟ ସୁରକ୍ଷା ଆଇନ-୨୦୨୦ରେ ଅନ୍ତ୍ୟୋଦୟ ଯୋଜନା ଏବଂ ସାର୍ବଜନୀନ ବଣ୍ଟନ ବ୍ୟବସ୍ଥାରେ ସ୍ୱତଃ ଯୋଗ ହେବା ଏବଂ ବାଦ ପଡିବା ମାନଦଣ୍ଡରେ ସଂଶୋଧନକୁ ଆଜି କ୍ୟାବିନେଟ ମଞ୍ଜୁରୀ ଦେଇଛି। ଗ୍ରାମାଞ୍ଚଳରେ ୧୦ ହଜାର ଏବଂ ସହରାଞ୍ଚଳରେ ୧୫ ହଜାରରୁ ଅଧିକ ମାସିକ ଆୟ କରୁଥିଲେ ସ୍ୱତଃ ବାଦ ମାନଦଣ୍ଡରେ ଅନ୍ତର୍ଭୁକ୍ତ ହେଉଥିଲେ। ଏବେ ଏହି ମାନଦଣ୍ଡକୁ ଗ୍ରାମାଞ୍ଚଳରେ ୧୫ ହଜାର ଏବଂ ସହରାଞ୍ଚଳରେ ୨୦ ହଜାରକୁ ବୃଦ୍ଧି କରାଯାଇଛି।

## ୬୩ ଦୁର୍ଦ୍ଧାନ୍ତ...

ଗାଡ଼ିକୁ ବିସ୍ଫୋରଣରେ ଉଡ଼ାଇଦେବା, ଗୁଳିଗୋଳା ବିନିମୟ ଓ ହତ୍ୟାକାଣ୍ଡ ଭଳି ମାମଲା ପ୍ରମୁଖ। ସେମାନେ ପୁଲିସର ଅହରହ ଅପରେସନ ଯୋଗୁ ଜୀବନ ପ୍ରତି ବିପଦ ଥିବା ଆଶଙ୍କା କରି ଆତ୍ମସମର୍ପଣର ବାଟ ବାଛିଥିବା ଏସ୍‌ପି କହିଛନ୍ତି।

## ଫଳାଫଳଭିତ୍ତିକ...

ବିକଶିତ କରିବା, ଆମର 'ଅମୃତ ପିଢ଼ି'କୁ ମାକାଉଲେ ମାନସିକତାରୁ ବାହାର କରି ଆଣିବା ଏବଂ ବିକଶିତ ଭାରତ ପାଇଁ ଏକ ମାନବ ସମ୍ବଳ ଗଠନ କରିବା ପାଇଁ ମଧ୍ୟ ସମସ୍ତେ ଦାୟିତ୍ୱ ନିର୍ବାହ କରିବା ଆବଶ୍ୟକ ବୋଲି କେନ୍ଦ୍ର ମନ୍ତ୍ରୀ କହିଛନ୍ତି। ସେ ଆହୁରି କହିଛନ୍ତି ଯେ ସମଗ୍ର ଶିକ୍ଷା ଯୋଜନାକୁ 'ଫଳାଫଳଭିତ୍ତିକ' ଓ ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକ ଢାଞ୍ଚାରେ ପରିଣତ କରିବାକୁ ହେବ, ଯାହା ଜାତୀୟ ଶିକ୍ଷା ନୀତି-୨୦୨୦ର ଉଦ୍ଦେଶ୍ୟ ସହ ଜଡ଼ିତ। ଶ୍ରୀ ପ୍ରଧାନ ସମସ୍ତ ଏକାଡେମିକ ବିଶେଷଜ୍ଞ, ବିଭିନ୍ନ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀ, ଶିକ୍ଷା ମନ୍ତ୍ରଣାଳୟ ଓ ଅଂଶଗ୍ରହଣକାରୀ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ୨୦୨୬-୨୦୨୭ ଶିକ୍ଷା ବର୍ଷ ପାଇଁ ଏକ ସାମଗ୍ରିକ ବାର୍ଷିକ ଯୋଜନା ପ୍ରସ୍ତୁତ କରିବାକୁ ପରାମର୍ଶ ଦେଇଛନ୍ତି। ଏହା ଏକ ଜାତୀୟ ଆନ୍ଦୋଳନରେ ପରିଣତ ହେବା ଉଚିତ। ଯେତେବେଳେ ଆମର 'ବିଚାର'ଗୁଡ଼ିକ ଏକାଠି ହେବ, ସେତେବେଳେ ଆମର 'ଦକ୍ଷତା' ମଧ୍ୟ ବୃଦ୍ଧି ପାଇବ। ଶ୍ରୀ ପ୍ରଧାନ ଆହୁରି କହିଛନ୍ତି ଯେ ଆମକୁ ବିଦ୍ୟାଳୟଗୁଡ଼ିକୁ ସମାଜକୁ ଫେରାଇବାକୁ ହେବ। ସରକାର ବ୍ୟବସ୍ଥା ଓ ଦରମା ପାଇଁ ଦାୟିତ୍ୱ ନେବେ, କିନ୍ତୁ ବିଦ୍ୟାଳୟର ପରିଚାଳନା ଦାୟିତ୍ୱରେ ସମାଜର ସକ୍ରିୟ ଅଂଶଗ୍ରହଣ ରହିବା ଆବଶ୍ୟକ। ଏହାଛଡ଼ା ଟେକ୍ନୋଲୋଜି ଓ ଡିଜିଟାଇଜେସନର ସଠିକ୍ ବ୍ୟବହାର ଦ୍ୱାରା ପରୀକ୍ଷା ବୋଝ କମାଇ ଶିକ୍ଷାକୁ ସହଜ କରିବା ପାଇଁ ସେ ସବୁ ରାଜ୍ୟକୁ ସେମାନଙ୍କର 'ଶ୍ରେଷ୍ଠ ଅଭ୍ୟାସ' ଉପରେ ଆଲୋଚନା କରିବାକୁ ପରାମର୍ଶ ଦେଇଛନ୍ତି।

## ଥରୁଛି...

ମାଇନସ୍ ୧ ଡିଗ୍ରୀ ତାପମାତ୍ରା ରହିଥିବା ଜଣାପଡ଼ିଛି।

ଅନ୍ୟପକ୍ଷରେ ଜି ଉଦୟଗିରିରେ ୨.୬ ଡିଗ୍ରୀ ସେଲସିଅସକୁ ଖସିଛି। ଦ୍ୱିତୀୟରେ ରାଉରକେଲା ରେକର୍ଡ କରିଛି। ରାଉରକେଲାରେ ସର୍ବନିମ୍ନ ତାପମାତ୍ରା ୩.୬ ଡିଗ୍ରୀ ସେଲସିଅସ ରେକର୍ଡ କରାଯାଇଛି।

ମାଇନସ ୧ ଡିଗ୍ରୀକୁ ଖସିଛି ଶିମିଳିପାଳ ତାପମାତ୍ରା। ଗତ ଦୁଇ ଦିନଧରି ଶିମିଳିପାଳରେ ଶୂନ୍ ଡିଗ୍ରୀରେ ତାପମାତ୍ରା ଥିବା ବେଳେ ଆଜି ମାଇନସ୍ ୧ ଡିଗ୍ରୀକୁ ଖସିଛି। ଶିମିଳିପାଳର ବିଭିନ୍ନ ଅଞ୍ଚଳରେ ତୁଷାର ପାତ ହେଇଛି। ରାଜଧାନୀରେ ପାରଦ ପୁଣି ୯ ଡିଗ୍ରୀ ଛୁଇଁଛି। ୯.୪ ଡିଗ୍ରୀ ସହ ୧୯୫୨ ମସିହାର ରାତ୍ରି ତାପମାତ୍ରାକୁ ଦୋହରାଇଛି ରାଜଧାନୀ। କଟକରେ ୯ ଡିଗ୍ରୀ ତଳକୁ ଖସିଛି ପାରଦ। କଟକରେ ୮.୬ ଡିଗ୍ରୀ ସେଲସିଅସ ତାପମାତ୍ରା ରେକର୍ଡ କରାଯାଇଛି।

## ଖଣି...

ହଇଚଇ ସୃଷ୍ଟି କରିଥିଲା। ଏହି ଘଟଣାରେ ଜିଲ୍ଲା ଦାୟିତ୍ୱରେ ଥିବା ଯାଜପୁର ଖଣି ଉପନିର୍ଦ୍ଦେଶକ ଓ ଜଗତ୍‌ସିଂହପୁର ଖଣି ଅଧିକାରୀଙ୍କ ଦରମା ବନ୍ଦ କରାଯବା ସହ ନିଲମ୍ବନ ପାଇଁ ଜିଲ୍ଲାପାଳ ରାଜ୍ୟ ଇସ୍ପାତ ଓ ଖଣି ବିଭାଗକୁ ସୁପାରିସ୍ କରିଥିଲେ। ତେବେ ଖଣି ବିଭାଗ ଜିଲ୍ଲା ଖଣି ଅଫିସରଙ୍କୁ ନିଲମ୍ବିତ କରିଛନ୍ତି। ଏହି ଘଟଣାରେ ଜିଲ୍ଲାର କିଛି ଓଏଏସ୍ ଅଫିସର ଖଡ୍ଗହସ୍ତ ହୋଇ ମେଳି ହେବାରେ ଲାଗିଛନ୍ତି। ନିକଟରେ ସମୁଦ୍ରକୂଳିଆ ଡାକ ବଙ୍ଗଳାରେ ଜିଲ୍ଲାର ଡଜନେରୁ ଅଧିକ ଓଏଏସ୍ ଅଫିସର ଏକାଠି ହୋଇଥିଲେ। ଏମାନଙ୍କ ମଧ୍ୟରେ ଏଡିଏମ୍, ବିଡିଓଙ୍କଠାରୁ ଆରମ୍ଭ କରି ତହସିଲଦାରଙ୍କ ପର୍ଯ୍ୟନ୍ତ ଅଧିକାରୀ ରହିଥିଲେ। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଜିଲ୍ଲାପାଳଙ୍କ ପଦକ୍ଷେପକୁ ବିରୋଧ କରି ଏମାନେ ଏକାଠି ହୋଇଥିବା ବେଳେ ଜିଲ୍ଲାପାଳଙ୍କୁ ତଡ଼ିବା ପାଇଁ ଆଲୋଚନା କରିଥିଲେ।

ତେବେ ରାଜଧାନୀରୁ ମାତ୍ର ୭୦ କିଲୋମିଟର ଦୂରରେ ଥିବା ଜିଲ୍ଲାରେ ଏଭଳି ପ୍ରଶାସନିକ ନାଟ ଚାଲିଥିବା ବେଳେ ଏହାକୁ ଜିଲ୍ଲାର ନେତାମାନେ ବେଶ୍ ଉପଭୋଗ କରୁଛନ୍ତି। ଏଭଳି ମେଳି ପଛରେ କିଛି ନେତାଙ୍କ ପ୍ରଚ୍ଛନ୍ନ ସମର୍ଥନ ଥିବା କୁହାଯାଉଛି। କାରଣ ବାଲିଚୋରି ଘଟଣାରେ ମାଲମାଲ ଟ୍ରକ ଜବତ ପରେ ବହୁ ରାଜନେତା ଓ ଅଫିସର କ୍ଷତିଗ୍ରସ୍ତ ହୋଇଛନ୍ତି। ସେମାନଙ୍କର ଅନେକ ବେନାମୀ ଗାଡ଼ି ଜବତ ହୋଇଥିବା ବେଳେ ମାସିକିଆ ଆୟ ମଧ୍ୟ ବନ୍ଦ ହୋଇଥିବା ନେଇ ଆଲୋଚନା ଚାଲିଛି। ତେବେ ଓଏଏସ୍‌ମାନେ ମେଳି ହୋଇ ଜିଲ୍ଲାପାଳଙ୍କ ବିରୁଦ୍ଧରେ ଷଡ଼ଯନ୍ତ୍ର କରୁଥିବା ଖବର ଏବେ ରାଜଧାନୀରେ ପହଞ୍ଚିବା ପରେ ପ୍ରଶାସନିକ ମହଲରେ ହଇଚଇ ହୋଇଛି। ଏହାକୁ ନେଇ ପ୍ରଶାସନିକ ମହଲରେ ଆଲୋଚନା ହେବା ସହ ମେଳି ହୋଇଥିବା ଓଏଏସ୍‌ମାନଙ୍କ ସଂକ୍ରାନ୍ତରେ ସବିଶେଷ ତଥ୍ୟ ସଂଗ୍ରହ ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ସୂଚନା ମିଳୁଛି।

## ବଢ଼ିବ...

ଥିବା ବିଶ୍ୱ ଦକ୍ଷତା କେନ୍ଦ୍ରର ସମ୍ପ୍ରସାରଣ ସହିତ ଲଜିଷ୍ଟିକ୍ସ, ଡିଜିଟାଲ ଆନିମେସନ ଏବଂ ସ୍ୱାସ୍ଥ୍ୟସେବାର ପ୍ରଚଳନ ଭଳି ନୂଆ ପାଠ୍ୟକ୍ରମ ପ୍ରଚଳନ ହେବ। ସେମିକଣ୍ଡକ୍ଟର, ଆଇଟି ଏବଂ ଏରୋସ୍ପେସ ପାଇଁ ଭୁବନେଶ୍ୱର, ବ୍ରହ୍ମପୁର ଓ ସମ୍ବଲପୁରରେ ଗୋଟିଏ ଲେଖାଏଁ କ୍ୟାମ୍ପସ ହେବ। ସମାନ୍ତରାଳ ଭାବେ ରାଜ୍ୟର ପାଞ୍ଚଟି ସରକାରୀ ଆଇଟିଆଇକୁ ଉତ୍କର୍ଷ ଆଇଟିଆଇ ଭାବେ ଉନ୍ନୀତ କରାଯିବ ଏବଂ ଏକ ନୂଆ ରୋଡମ୍ୟାପ ଦ୍ୱାରା ସମସ୍ତ ୭୨ଟି ସରକାରୀ ଆଇଟିଆଇକୁ ସୁଦୃଢ଼ କରାଯିବ। ଦ୍ୱିତୀୟ ପର୍ଯ୍ୟାୟ ପ୍ରକଳ୍ପ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହେଲେ ୬୦ ହଜାରରୁ ଅଧିକ ଯୁବକଯୁବତୀ ଉପକୃତ ହେବେ। ଏଥିରେ ବାଳିକା, ଅନୁସୂଚିତ ଜାତି ଜନଜାତି, ଦିବ୍ୟାଙ୍ଗ ଓ ବିଶେଷ ଭାବେ ଦୁର୍ବଳ ଜନଜାତୀ ଗୋଷ୍ଠିର ଅଂଶଗ୍ରହଣକୁ ଗୁରୁତ୍ୱ ଦିଆଯିବ। ଏହି ପ୍ରକଳ୍ପ ପାଇଁ ମୋଟ ବ୍ୟୟ ଅଟକଳ ୧୧୪୦ କୋଟି ଧାର୍ଯ୍ୟ ହୋଇଥିବା ବେଳେ ଏଡିବି ୫୭୦ କୋଟି ଟଙ୍କା ପ୍ରଦାନ କରିବ।

ଟାଟା ପାୱାର ନବୀକରଣୀୟ ଶକ୍ତି ଲିମିଟେଡର ସମନ୍ୱିତ ସୌର ଉତ୍ପାଦନ ସୁବିଧାକୁ ମଧ୍ୟ କ୍ୟାବିନେଟ ମଞ୍ଜୁରୀ ଦେଇଛି। ଏହାଦ୍ୱାରା ଟାଟା ପାୱାର ଅକ୍ଷୟ ଶକ୍ତି ଲିମିଟେଡ ଏକ ସମନ୍ୱିତ ଇନଗଟ-ୱେଫର ଏବଂ ସୌର ସେଲ ଉତ୍ପାଦନ ପ୍ରକଳ୍ପ ଟାଟାର ସ୍ୱତନ୍ତ୍ର ଅର୍ଥନୈତିକ କ୍ଷେତ୍ରରେ ପ୍ରତିଷ୍ଠା କରିବ। ଏହା ପ୍ରଥମ ପ୍ରକାରର ସୌର ଉତ୍ପାଦନ ସୁବିଧା ଭାବେ ପ୍ରତିଷ୍ଠା ହେବ। ଏହି ପ୍ରକଳ୍ପରେ ପ୍ରାୟ ୧୦ ହଜାର କୋଟି ନିବେଶ ସହ ୫ ହଜାରରୁ ଅଧିକ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଏହାଦ୍ୱାରା ୨୦୩୦ ସୁଦ୍ଧା ୧୦୦ ଗିଗାୱାଟ ସୌର ମଡ୍ୟୁଲ ଉତ୍ପାଦନ କ୍ଷମତା ହାସଲ କରିବାରେ ଭାରତର ଲକ୍ଷ୍ୟକୁ ସହଜ କରିବ। ଏହା କାଚ, ରାସାୟନିକ ପଦାର୍ଥ, ପ୍ୟାକେଜିଂ, ଲଜିଷ୍ଟିକ ଭଳି ଏମଏସଏମଇ କ୍ଷେତ୍ରକୁ ମଧ୍ୟ ପ୍ରୋତ୍ସାହିତ କରିବ ବୋଲି ସେ କହିଛନ୍ତି। ସମନ୍ୱିତ ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପ ଜରିଆରେ କେନ୍ଦୁଝର ଓ ବାଲେଶ୍ୱର ଜିଲ୍ଲାର ୬୦ହଜାର ହେକ୍ଟର ଜମିକୁ ଜଳସେଚନ ସୁବିଧା ଯୋଗାଇଦେବାକୁ ଲକ୍ଷ୍ୟ ରଖାଯାଇଛି। ସେ ମଧ୍ୟରୁ ୩ ହଜାର ହେକ୍ଟର ଜମିକୁ ଜଳସେଚନ କରାଯାଇଛି। ଅବଶିଷ୍ଟ ୫୭ ହଜାର ହେକ୍ଟର ଜମିକୁ ଭୂତଳ ପାଇପ ଲାଇନ ବ୍ୟବସ୍ଥାରେ ୯ଟି ପ୍ୟାକେଜରେ ସମ୍ପୂର୍ଣ୍ଣ କରାଯିବ। ଏଥିପାଇଁ ୩୧୦ କୋଟି ୪୧ଲକ୍ଷ ୯୫ ହଜାର ଟଙ୍କାର ଟେଣ୍ଡରକୁ କ୍ୟାବିନେଟ ମଞ୍ଜୁରୀ ଦେଇଛି। ସେହିଭଳି ପାର୍ବତୀଗିରି ବୃହତ ଉଠା ଜଳସେଚନ ପ୍ରକଳ୍ପର କ୍ଲଷ୍ଟର-୩୧ ପାଇଁ ୧୯୦ କୋଟି ୩୭ ଲକ୍ଷ ୭୫ ହଜାର ଟଙ୍କାର ଟେଣ୍ଡରକୁ ମଞ୍ଜୁରୀ ଦେଇଛି କ୍ୟାବିନେଟ୍। ଜଳ ଜୀବନ ମିଶନ ଯୋଜନାରେ କେନ୍ଦ୍ରୀୟ ଅନୁଦାନ ରାଶିକୁ ଅଗ୍ରୀମ ଭାବେ ରାଜ୍ୟ ସରକାର ବହନ କରି କେନ୍ଦ୍ରୀୟ ଅନୁଦାନ ଆସିଲା ପରେ ଭରଣା କରିବା ପାଇଁ ରାଜ୍ୟ ସରକାରଙ୍କୁ ଆଜି ରାଜ୍ୟ କ୍ୟାବିନେଟ ମଞ୍ଜୁରୀ ଦେଇଛି। ସେହିପରି ଭାରତୀୟ ନାଗରିକ ସଂହିତା ସହ ସମନ୍ୱୟ ରକ୍ଷା କରି ଓଡ଼ିଶା ରାଜ୍ୟ ପ୍ରୋସିକ୍ୟୁସନ ସର୍ଭିସରେ ସଂଶୋଧନ ପ୍ରସ୍ତାବକୁ ମଧ୍ୟ ମଞ୍ଜୁରୀ ମିଳିଛି।

## ବ୍ୟକ୍ତିଗତ...

ବିରୋଧୀ ଦଳ ନେତା ଓ ବିରୋଧୀ ଦଳ ସହ ସମ୍ପର୍କରେ ଥିବା କିଛି ବ୍ୟକ୍ତିଙ୍କ ଫଟୋ ମଧ୍ୟ ଛଡ଼ାଯାଇଥିଲା। ଏବେ ଫଟୋ ବଦଳରେ ସୋସିଆଲ ମିଡିଆରେ ବିଭିନ୍ନ ଭିଡିଓ ଘୂରି ବୁଲୁଛି। ତେବେ ଏହିସବୁ ଭିଡିଓରେ ଏଭଳି କିଛି ଆପତ୍ତିଜନକ ଚିତ୍ର ଓ ଶବ୍ଦ ରହିଛି, ଯାହା ସମ୍ପୃକ୍ତ ନେତା ଓ ବ୍ୟକ୍ତିବିଶେଷଙ୍କୁ ନିନ୍ଦିତ କରିବା ସକାଶେ ଯଥେଷ୍ଟ ହେଉଛି। କାରଣ ପୂର୍ବରୁ ଏଭଳି କାର୍ଟୁନ ଭିଡିଓ ଆସୁଥିବା ବେଳେ ସାଧାରଣ ଲୋକେ କାର୍ଟୁନରେ ଥିବା ନେତା କିମ୍ବା ବ୍ୟକ୍ତିଙ୍କୁ ଚିହ୍ନିବା କଷ୍ଟକର ହେଉଥିଲା। ଏବେ କିନ୍ତୁ ଏଆଇ ଭିଡିଓରେ ଅବିକଳ ଫଟୋ ଆସିଯାଉଥିବାରୁ ସମ୍ପୃକ୍ତ ବ୍ୟକ୍ତି କିମ୍ବା ନେତା ସହଜରେ ଚିହ୍ନା ପଡ଼ିଯାଉଛନ୍ତି। ନେତାଙ୍କ ସହ ସେମାନଙ୍କ ପତ୍ନୀ, ପିଲା ଓ ଅନ୍ୟ ମହିଳାଙ୍କ ଭିଡିଓ ଏବେ ସୋସିଆଲ ମିଡିଆରେ ଦ୍ରୁତ ଗତିରେ ଭାଇରାଲ୍ ହେଉଛି। ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ, ବିରୋଧୀ ଦଳ ନେତାଙ୍କ ବିରୋଧରେ ଆସୁଥିବା ଏଭଳି ଏଆଇ ଫଟୋ ଓ ଭିଡିଓକୁ ରୋକିବା ସକାଶେ ସାଇବର ପୁଲିସ୍ ନିଜ ଆଡୁ ମାମଲା ରୁଜୁ କରିବା ବିଧେୟ। ସମ୍ପୃକ୍ତ ନେତା କିମ୍ବା ତାଙ୍କ ଦଳ ବି ମାମଲା ରୁଜୁ କରିପାରିବେ। ହେଲେ ସେଭଳି କିଛି ହେଉ ନ ଥିବାରୁ ଏବେ ଏଭଳି ସମାଲୋଚନା ଓ ନିନ୍ଦିତ ଭିଡିଓର ସଂଖ୍ୟା ବଢ଼ିବାରେ ଲାଗିଛି। ଛଦ୍ମବେଶୀ ସାଇବର ଯୋଦ୍ଧାମାନେ ଏଥିରେ ଲାଗି ପଡ଼ିଛନ୍ତି। ଏବେଠାରୁ ଏହାକୁ ନିୟନ୍ତ୍ରଣ କରା ନ ଗଲେ ଆଗକୁ ସ୍ଥିତି ଅଧିକ ଜଟିଳ ହେବ ବୋଲି ସାଇବର ବିଶେଷଜ୍ଞମାନେ ଚେତାଇଦେଲେଣି। କାରଣ ଇତିମଧ୍ୟରେ ଗୋଟିଏ ଏଆଇ ପ୍ଲାଟଫର୍ମକୁ ବ୍ୟବହାର କରାଯାଇ ମହିଳା ଓ ଶିଶୁମାନଙ୍କର ଅବିକଳ ଅଶ୍ଳୀଳ ଫଟୋ ଓ ଭିଡିଓ ପ୍ରସ୍ତୁତ ନଜରକୁ ଆସିବା ପରେ କେନ୍ଦ୍ର ସରକାର ସମ୍ପୃକ୍ତ ଏଆଇ ପ୍ଲାଟଫର୍ମକୁ ନୋଟିସ୍ ଜାରି କରିଛନ୍ତି। ତେଣୁ ରାଜ୍ୟର ରାଜନୈତିକ ଦଳମାନେ ଏବେଠାରୁ ସତର୍କ ନ ହେଲେ ଆଗକୁ କେବଳ ସେମାନେ ନିନ୍ଦିତ ହେବେନାହିଁ, ଏଆଇ ଜାଲରେ ପଡ଼ି କଲବଲ ହେବା ନିଶ୍ଚିତ ବୋଲି ବିଶେଷଜ୍ଞମାନେ ସତର୍କ କରିଦେଇଛନ୍ତି।

**ଆନନ୍ଦପୁର କଲେଜ ନିଯୁକ୍ତିରେ ମହାଘୋଟାଲା**

## ଉପଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ହେଲା ଇଣ୍ଟରଭ୍ୟୁ

**ଆନନ୍ଦପୁର,୯।୧ (ସଂଚାର ବ୍ୟୁରୋ):** କେନ୍ଦୁଝର ଜିଲ୍ଲା ଆନନ୍ଦପୁର କଲେଜରେ ଦୁଇଟି ପୋଷ୍ଟର ନିଯୁକ୍ତି ପାଇଁ ମହାଘୋଟାଲା ହୋଇଥିବା ଅଭିଯୋଗ ହୋଇଛି। ଖବର ଅନୁଯାୟୀ କଲେଜର ଖେଳ ପ୍ରଶିକ୍ଷକ ଅଧାପକ ଏବଂ ରାସାୟନିକ ବିଭାଗର ଲାବୋଟରୀ ସହଯୋଗୀ ପୋଷ୍ଟ ଦୁଇଟିର ଆବଶ୍ୟକ ମନେକରି କଲେଜ କର୍ତ୍ତୃପକ୍ଷ ଏହାର ସାକ୍ଷାତକାର ପାଇଁ ପ୍ରସ୍ତୁତି କରିଥିଲେ। ତେବେ ଏହି ସାକ୍ଷାତକାରରେ ଅଳ୍ପ ସଂଖ୍ୟାରେ ଅର୍ଥାତ୍ ହାତ ଗଣତି କେଇ ଜଣଙ୍କୁ ନେଇ ସାକ୍ଷାତକାର ଅୟୋଜନ କରାଯାଇଥିବା ବେଳେ ମ୍ୟାନେଜିଂ ବୋର୍ଡର ସଭାପତି ଆନନ୍ଦପୁର ଉପଜିଲ୍ଲାପାଳ ଉପସ୍ଥିତ ନଥିଲେ। ତେବେ ଏନେଇ ଉପଜିଲ୍ଲାପାଳଙ୍କୁ ଯୋଗାଯୋଗ କରିବାରୁ ସେ ଅନୁପସ୍ଥିତ ଥିବା କହି ଆଜି ଅଳ୍ପ ସଂଖ୍ୟାରେ ସାକ୍ଷାତକାର ପାଇଁ ଯଦି ଯୋଗ ଦେଇଛନ୍ତି ତାହାକୁ ଆଉ ଗୋଟେ ଦିନ କରାଯିବାକୁ ମୁଁ କଲେଜ ପ୍ରିନ୍ସପାଲଙ୍କୁ କହିଦେଉଚି। ଦୁଃଖ ଓ ପରିତାପର ବିଷୟ ଉପଜିଲ୍ଲାପାଳଙ୍କ ଅନୁପସ୍ଥିତିରେ କିଭଳି ଏହି ସାକ୍ଷାତକାର କରାଗଲା ଏବଂ ପ୍ରିନ୍ସପାଲଙ୍କ କାର୍ଯ୍ୟଶୈଳୀକୁ ନେଇ ବୁଦ୍ଧିଜୀବୀ ମହଲରେ ପ୍ରଶ୍ନ ଉଠିଛି।

ଆନନ୍ଦପୁର କଲେଜ ବହୁ ପୁରାତନ କଲେଜ ହେଇଥିଲେ ମଧ ହାତଗଣତି କେଇ ଜଣ ସାକ୍ଷାତକାର ପାଇଁ ଯୋଗ ଦେଇଥିବାରୁ ସନ୍ଦେହ ସୃଷ୍ଟି ହୋଇଛି। ଏହି ସାକ୍ଷାତକାର ପାଇଁ ବିଜ୍ଞାପନ ଜାରି ହୋଇଥିଲା କି ନାହିଁ ବୋଲି ମଧ ପ୍ରଶ୍ନ ଉଠିଛି। ଏହି ନିଯୁକ୍ତି ପକ୍ରିୟା ଘୋଟାଲାରେ କେଉଁମାନେ ସଂପୃକ୍ତି ଅଛନ୍ତି ତାଙ୍କୁ ଚିହ୍ନଟ କରି ଉପଜିଲ୍ଲାପାଳ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି। ତେବେ ଦେଖିବାକୁ ବାକି ରହିଲା ଉପଜିଲ୍ଲାପାଳ କଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି।

# ଧାନମଣ୍ଡି ଖୋଲିବା ଦାବିରେ ରାସ୍ତାରୋକ

**ନୀଳଗିରି,୯।୧ (ସଂଚାର ବ୍ୟୁରୋ):** ଜାନୁଆରୀ ମାସ ଅଧା ହେବାକୁ ବସିଲାଣି। କିନ୍ତୁ ସରକାରୀ ଧାନମଣ୍ଡି ଖୋଲାଯାଇ ଚାଷୀଙ୍କ ଠାରୁ ଧାନ କିଣାଯାଇ ନାହିଁ। ଫଳରେ ଚାଷୀମାନେ ଅଭାବୀ ବିକ୍ରିରେ ସମ୍ମୁଖୀନ ହେଉଛନ୍ତି। ବେପାରୀମାନେ କମ୍ ଦାମ୍‌ରେ ଧାନ ଚାଷୀଙ୍କ ଠାରୁ ନେଇ ଯାଉଛନ୍ତି। ଚାଷୀମାନେ ବିଭିନ୍ନ ସୂତ୍ରରୁ ଟଙ୍କା କରଜ କରି ଚାଷ କରିଛନ୍ତି। ଯେହେତୁ ଚାଷ ଅମଳ ସରିଲାଣି ସେଥି ପାଇଁ ଋଣ ପରିଶୋଧ ପାଇଁ ଋଣ ଦେଇଥିବା ସଂସ୍ଥାମାନେ ଚାଷୀଙ୍କ ଉପରେ ଜୁଲମ୍ କରୁଛନ୍ତି। ସେଥି ପାଇଁ ଚାଷୀମାନେ ବାଧ ହୋଇ କମ୍ ଦାମ୍ ରେ ଧାନ ବିକ୍ରି କରୁଛନ୍ତି।

ଉକ୍ତ ଘଟଣାକୁ ଗୁରୁତ୍ୱର ସହ ନେଇ ଭିଟାମାଟି ଓ ଜୀବନ ଜୀବିକା ସୁରକ୍ଷା ମଞ୍ଚ ପକ୍ଷରୁ ସରକାରୀ ଧାନମଣ୍ଡି ଖୋଲିବା ପାଇଁ




ଆଜି ସୁରକ୍ଷା ମଞ୍ଚର ଆବାହକ ବିଜୟ କୁମାର ପାତ୍ରଙ୍କ ନେତୃତ୍ୱରେ ଗରଡିହି ଛକ ଠାରେ ରାସ୍ତାରୋକ କରାଯାଇଥିଲା। ଦୀର୍ଘ ୩ଘଣ୍ଟା ରାସ୍ତାରୋକ ହେବା ପରେ, ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ ପ୍ରଦୀପ କୁମାର ଦାସ, ଏଆରସିଏସ ବିଷ୍ଣୁ ମୋହନ ମଲ୍ଲିକ, ଏସିଏସଓ ବିଦ୍ୟୁତଲତା ନାୟକ ଓ ଯୋଗାଣ ଅଧିକାରୀ ରାଜଲକ୍ଷ୍ମୀ ପଣ୍ଡା ଉପସ୍ଥିତ ରହି ଆନ୍ଦୋଳନ କାରୀ ଚାଷୀ ମାନଙ୍କ ସହିତ ଆଲୋଚନା କରିଥିଲେ। ଆସନ୍ତା କାଲି ଅର୍ଥାତ ଶନିବାର ଠାରୁ ନୀଳଗିରିର ସମସ୍ତ ସରକାରୀ ଧାନମଣ୍ଡି ଖୋଲିବା ସହିତ ଚାଷୀଙ୍କ ଠାରୁ ଧାନ କିଣା ଯିବ ବୋଲି ପ୍ରତିଶ୍ରୁତି ପାଇବା ପରେ, ରାସ୍ତାରୋକ ପ୍ରତ୍ୟାହୃତ ହୋଇଥିଲା।

ଉକ୍ତ ରାସ୍ତା ରୋକରେ ଭିଟାମାଟି ଓ ଜୀବନ ଜୀବିକା ସୁରକ୍ଷା ମଞ୍ଚର ସଦସ୍ୟ ସତ୍ୟଜିତ ଦାସ, ସୁରେଶ ନାୟକ, ଯୋଗାନନ୍ଦ ଦାଶ, ମନୋରଞ୍ଜନ ସାହୁ, ମହେଶ୍ୱର ଭୁଆଁ, କାଳିଆ ପାତ୍ର, ଉମାକାନ୍ତ ଷଡଙ୍ଗୀ, ଲକ୍ଷ୍ମୀଧର ସାହୁ, ଶ୍ୟାମ ସିଂ, ରାମଚନ୍ଦ୍ର ସିଂ, ପୁରୁଷୋତ୍ତମ ଖଣ୍ଡେଇ, ଗଜେନ୍ଦ୍ର ସିଂ, ପୁରୁଷୋତ୍ତମ ବାରିକ, ନାରାୟଣ ଧାମୁଡ଼ିଆ, ଅମରେନ୍ଦ୍ର ନାୟକ, ଯୋଗେନ୍ଦ୍ର ଦାସ, ରାମଚନ୍ଦ୍ର ପଢ଼ିଆରୀଙ୍କ ସମେତ ବହୁ ଚାଷୀ ଉପସ୍ଥିତ ଥିଲେ।

## ଦିଲ୍ଲୀ ପରେଡ୍‌କୁ ଗଲେ ନବରଙ୍ଗପୁର କଲେଜର ୬ ଛାତ୍ର



**ନବରଙ୍ଗପୁର, ୯।୧ (ସଂଚାର ବ୍ୟୁରୋ):** ଦିଲ୍ଲୀରେ ଆସନ୍ତା ସାଧାରଣତନ୍ତ୍ର ଦିବସ ପରେଡ୍ ପାଇଁ ମନୋନୀତ ହୋଇଥିବା ନବରଙ୍ଗପୁର କଲେଜର ୬ଜଣ ଛାତ୍ର ଆଜି ଗସ୍ତ କରିଛନ୍ତି। ସେମାନେ ହେଲେ ଯୁକ୍ତ୩ ପଦାର୍ଥ ବିଜ୍ଞାନ ଛାତ୍ର ତଥା କମ୍ପାନି କ୍ୱାର୍ଟରମାଷ୍ଟର ସର୍ଜେଣ୍ଟ ଆଦର୍ଶ ପ୍ରତ୍ୟୁଷ କର୍କରା, ଯୁକ୍ତ ୩ ରାଜନୀତି ବିଜ୍ଞାନ ଛାତ୍ର ଓ ଜୁନିୟର ଅଣ୍ଡର ଅଫିସର ମାରୁତି ହରିଜନ, ଓଡିଆ ବିଭାଗର ପାଉଲ୍ ସୁନା, ଇତିହାସ ଛାତ୍ର କୃଷ୍ଣ ଜାନୀ, ଇଂରାଜୀ ବିଭାଗ ଛାତ୍ର କର୍ପୋରାଲ ଯୋଗେଶ୍ୱର ମାଝୀ ଓ ରାଜନୀତି ବିଜ୍ଞାନର ଲାନ୍ସ କର୍ପୋରାଲ ଲକ୍ଷ୍ମଣ ଗୌଡ। ପ୍ରତ୍ୟୁଷ ଗାର୍ଡ- ଅଫ୍ -ଅନର ଓ ମାରୁତି କର୍ତ୍ତବ୍ୟପଥ ପ୍ୟାରେଡ ପାଇଁ ମନୋନୀତ ହୋଇଛନ୍ତି। କ୍ୟାଡେଟ ପାଉଲ କଳା ଓ ସଂସ୍କୃତି କାର୍ଯ୍ୟକ୍ରମ ସହିତ ସଙ୍ଗୀତ ପରିବେଷଣ କରିବେ। ସେଭଳି କୃଷ୍ଣ, ଯୋଗେଶ୍ୱର, ଲକ୍ଷ୍ମଣ ପ୍ରଧାନମନ୍ତ୍ରୀ ରାଲି ପାଇଁ ମନୋନୀତ ହୋଇଛନ୍ତି । ଦିଲ୍ଲୀ ପ୍ୟାରେଡ ରାଜ୍ୟର ବିଭିନ୍ନ ମହାବିଦ୍ୟାଳୟରୁ ମୋଟ ୧୨୭ ଏନସିସି କ୍ୟାଡେଟ୍ ଦିଲ୍ଲୀପାଇଁ ମନୋନୀତ ହୋଇଛନ୍ତି। ସେମାନଙ୍କ ମଧରେ ଜିଲ୍ଲାର ୬ଜଣ କ୍ୟାଡେଟ ରହିଥିବାରୁ ଏହା କଲେଜ ଓ ଜିଲ୍ଲାପାଇଁ ଗୌରବର ବିଷୟ ବୋଲି ଏନସିସି ଶିକ୍ଷକ ରହିମ ଖରା କହିଛନ୍ତି।

## କୋକୁଆ ଭୟରେ ବିନା ପଞ୍ଜିକୃତ ଔଷଧ ଦୋକାନୀ



**ଏକ ମାସ ମଧ୍ୟରେ ଡ୍ରଗ୍ସ ବିଭାଗର ତିନି ଥର ଯାଞ୍ଚ**

**କାକଟପୁର/ଅସ୍ତରଙ୍ଗ,୯।୧ (ସଂଚାର ବ୍ୟୁରୋ):** ସ୍ୱାସ୍ଥ୍ୟ ବିଭାଗ, ପ୍ରଶାସନର ନୀରବତା ପାଇଁ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଂଚଳରେ ଛତୁ ଫୁଟିଲା ଭଳି ଖୋଲି ଯାଇଛି ନିମ୍ନମାନର ଔଷଧ କାରବାର ଦୋକାନ। ଯାହାଫଳରେ ନିମ୍ନମାନର ଔଷଧ ଖାଇ ରୋଗୀଙ୍କ ରୋଗ ବୃଦ୍ଧି ପାଉଛି। ଏହା ସହ ବିନା ଫାର୍ମାସିଷ୍ଟରେ ଔଷଧ ବିକ୍ରି କରୁଛନ୍ତି ଅସାଧୁ ବ୍ୟବସାୟୀ। ବାରମ୍ବାର ଖବର ପ୍ରକାଶିତ ପରେ ଏକ ମାସ ମଧ୍ୟରେ ଡ୍ରଗ୍ସ ବିଭାଗର ବାରମ୍ବାର ଗ୍ରସ୍ତ ଔଷଧ କାରବାର କିମ୍ବା ବିନା ଲାଇସେନ୍ସ ଦୋକାନ କରିଥିବା ଔଷଧ ବ୍ୟବସାୟୀଙ୍କ ମନରେ ଛନକା ସୃଷ୍ଟି ହୋଇଛି।

ଖବର ମୁତାବକ, ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଂଚଳରେ ପ୍ରତି ଗାଁରେ ଛତୁ ଫୁଟିଲା ଭଳି ଖୋଲିଛି ଔଷଧ ଦୋକାନ। ଏଥିରେ ବିଭିନ୍ନ କମ୍ପାନୀର ନକଲି ଔଷଧ ବିକ୍ରି କରୁଥିବା ଅଭିଯୋଗ ହେଉଛି। ଏ ନେଇ ଖବର ପ୍ରକାଶିତ ପରେ ଏକ ମାସ ମଧ୍ୟରେ ତିନି ଥର ଡ୍ରଗ୍ସ ବିଭାଗ ଗ୍ରସ୍ତ। ଡିସେମ୍ବର ୧୯(ଶୁକ୍ରବାର) ପରେ ତୃତୀୟ ଥର ଜାନୁୟାରୀ ୦୯ତାରିଖ ପୂର୍ବାହ୍ନ ୧୧ଘଟିକାରେ ପୁରୀ ଅତିରିକ୍ତ ଭେଷଜ ନିୟନ୍ତ୍ରକ ଡ଼ଃ ସୁଦର୍ଶନ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ପୁରୀ ଭେଷଜ ନିରୀକ୍ଷକ ଜ୍ଞାନଦା ଶୁଭଦର୍ଶନୀ ନନ୍ଦ, ପୁରୀ ରେଞ୍ଜ ୨ଭେଷଜ ନିରୀକ୍ଷକ ହିତେଶ କୁମାର ବେହେରା,ଖୋର୍ଦ୍ଧା ଭେଷଜ ନିରୀକ୍ଷକ ଅର୍ଦ୍ଧେନ୍ଦୁ ଶେଖର ମାନ ସିଂ ଗ୍ରସ୍ତ କରି ଶୁକ୍ରବାର ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଶିଶୁଅ ଛକରେ ଥିବା ଏକ ଔଷଧ ଦୋକାନରେ ଦିନ ତମାମ ଯାଞ୍ଚ କରିଥିଲେ। ଏହା ସହ ଅନେକ ନମୁନା ସଂଗ୍ରହ କରି ବିଭାଗୀୟ ଅଧିକାରୀ ନେଇଥିଲେ। ଭେଷଜ ବିଭାଗ ନିର୍ଦ୍ଦିଷ୍ଟ ଔଷଧ ଦୋକାନରେ ଚଢ଼ାଉ ଖବର ପାଇଁ ଅଚାନକ ବ୍ୟବସାୟୀ କ୍ଷଣିକ ମଧରେ ଔଷଧ ଦୋକାନ ତାଲା ପକାଇ ପଳାଇ ଯାଇଥିଲେ।

ଏ ନେଇ ଡ୍ରଗ୍ସ ବିଭାଗ ଅଧିକାରୀ କହିଛନ୍ତି ଆଗାମୀ ଦିନରେ ସ୍ୱତନ୍ତ୍ର ଟିମ୍, ପୋଲିସ ଓ ତହସିଲଦାରଙ୍କ ଉପସ୍ଥିତ ରେ ଔଷଧ ଦୋକାନ ଯାଞ୍ଚ ସହ ସିଲ ମଧ କରାଯିବ।

## ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା-୨୦୨୬ ଉଦ୍‌ଯାପିତ



**ବାଲିଅନ୍ତା,୯।୧ (ସଂଚାର ବ୍ୟୁରୋ):** ବାଲିଅନ୍ତା ବ୍ଲକ ଅଧୀନ ଭିଙ୍ଗାରପୁର ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ୩ ଦିନ ଧରି ଚାଲିଥିବା ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଭୁବନେଶ୍ୱର – ୨୦୨୬ ଉଦଯାପିତ ହୋଇଯାଇଛି। ଏହି ଅବସରରେ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ରବି ନାରାୟଣ ସେନାପତି, ଭୁବନେଶ୍ୱର ଉପ ଜିଲ୍ଲାପାଳ ମନୋରଞ୍ଜନ ସାହୁ, କୃଷି ନିର୍ବାହୀ ଯନ୍ତ୍ରୀ ସୁଧାଂଶୁ ଶେଖର ଦାସ, ଭୁବନେଶ୍ୱର ଜିଲ୍ଲା କୃଷି ଅଧିକାରୀ ମନୋରଞ୍ଜନ ରାଉଳ, ଭୁବନେଶ୍ୱର କୃଷି ଅଧିକାରୀ ପରେଶ କୁମାର ପଣ୍ଡା,ମନୋରଞ୍ଜନ ମିଶ୍ର,ଶିବାଶିଷ ମିଶ୍ର,ଅବସରପ୍ରାପ୍ତ ଜିଲ୍ଲା କୃଷି ଅଧିକାରୀ କଲ୍ୟାଣ ରାୟ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କୃଷିର ବିକାଶ, ରୋଗ ପୋକ ନିରାକରଣ, ଆଧୁନିକ ପଦ୍ଧତିରେ ଚାଷ ନେଇ ବିଭିନ୍ନ କୃଷି ଯନ୍ତ୍ରପାତି ବ୍ୟବହାର, ମୃତ୍ତିକା ପରୀକ୍ଷା, ଫସଲରେ ଜୈବିକ ସାର ପ୍ରୟୋଗ ନେଇ ଚାଷୀଙ୍କୁ ପରାମର୍ଶ ଦେଇଥିଲେ। ଏନେଇ ଆୟୋଜିତ ସଭାରେ ଉପ ଜିଲ୍ଲାପାଳ ସଭାପତିତ୍ୱ କରିଥିଲେ। ବିଭିନ୍ନ ପଞ୍ଚାୟତର ୫ ଜଣ ସଫଳ ଚାଷୀଙ୍କୁ ଅତିଥିବୃନ୍ଦ ସମ୍ବର୍ଦ୍ଧିତ କରିଥିଲେ।

## ରୋଗୀଙ୍କ ଜୀବନ ସହିତ ଖେଳ ଖେଳୁଛି ୧୦୮ ଆମ୍ବୁଲାନ୍ସ

**ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଅଧା ରାସ୍ତାରେ ରୋଗୀ ହଟହଟା**



**ନୀଳଗିରି,୯।୧ (ସଂଚାର ବ୍ୟୁରୋ):** ଔପଦା ବ୍ଲକବାଉଁଶବଣିଆ ପଞ୍ଚାୟତ ବାଲିଓରା ଗ୍ରାମର ସୀତାନାଥ ସ୍ୱାଇଁଙ୍କ ମାନସିକ ଅନଗ୍ରସର ଝିଅ ମିନତି ସ୍ୱାଇଁ (୩୪) ଆଜି ଅପରାହ୍ନ ପ୍ରାୟ ୪ଘଟିକା ସମୟରେ ନିଜ ଘର ବାଡ଼ିରେ ଏକ ପିଜୁଳି ଗଛକୁ ଚଢ଼ି ପିଜୁଳି ତୋଳୁଥିବା ବେଳେ ଗଛରୁ ଖସି ତଳେ ପଡ଼ିଯିବାରୁ ଚେତାଶୂନ୍ୟ ହୋଇପଡ଼ିଥିଲେ। ଏଥିରେ ତାଙ୍କର କମର ଓ ଗୋଡ଼ରେ ଶକ୍ତ ଆଘାତ ଲାଗିଥିଲା। ପରିବାର ଲୋକ ୧୦୮ଆମ୍ବୁଲାନ୍ସ କୁ ଫୋନ କରିବାରୁ ଈଶ୍ୱରପୁର ମେଡିକାଲରେ ଥିବା ଓ.ଡି. ୦୨.ବି.ଜେ.୯୬୮୫ ନମ୍ବର ବିଶିଷ୍ଟ ୧୦୮ଆମ୍ବୁଲାନ୍ସ ବାଲିଓରା ଗ୍ରାମରେ ପହଞ୍ଚି ରୋଗୀ ନେଇ ନୀଳଗିରି ଡାକ୍ତରଖାନାକୁ ଆସୁଥିବା ବେଳେ ନୀଳଗିରି ମେଡିକାଲ ପହଞ୍ଚିବାକୁ ଆଉ ମାତ୍ର ୯୦୦ମିଟର ଦୂରତା ଥିବାବେଳେ ଆମ୍ବୁଲାନ୍ସଟି ନୀଳଗିରି ଦୁର୍ଗାମଣ୍ଡପ ରାସ୍ତା ପାର୍ଶ୍ୱରେ ଖରାପ ହୋଇ ପ୍ରାୟ ଅଧଘଣ୍ଟାଏ ରାସ୍ତା ଉପରେ ପଡ଼ି ରହିଥିଲା। ରୋଗୀ ସେମିତି ଗାଡ଼ିଭିତରେ ରହି ଛଟପଟ ହେଉଥିଲା ବେଳେ ଆମ୍ବୁଲାନ୍ସ ଡ୍ରାଇଭର ଗାଡ଼ି ଛାଡି ଉଭାନ ହୋଇଯାଇଥିଲା। ପରେ ପାରିବାର ବର୍ଗଙ୍କ ସହଯୋଗରେ ନୀଳଗିରି ମେଡିକାଲରୁ ଅନ୍ୟ ଏକ ୧୦୮ଆମ୍ବୁଲାନ୍ସ ଆସି ରୋଗୀଙ୍କୁ ନେଇ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ତେବେ ଖରାପ ହୋଇଥିବା ଆମ୍ବୁଲାନ୍ସ ଟି ବହୁଦିନ ଧରି ମରାମତି ଅଭାବରୁ ଏଭଳି ଅବସ୍ଥା ହୋଇଛି ବୋଲି ପରେ ଆମ୍ବୁଲାନ୍ସ ଡ୍ରାଇଭର ଆସି ସଫେଇ ଦେଇଥିଲେ। ତେବେ ରୋଗୀ ସେବାରେ ନିୟୋଜିତ ୧୦୮ଆମ୍ବୁଲାନ୍ସ ସଠିକ ସମୟରେ ମରାମତି କରିବା ସହିତ ନିରବଛିନ୍ନ ରୋଗୀ ସେବା ଦେବାକୁ ସାଧାରଣରେ ଦାବୀ ହୋଇଛି। ଅପରପକ୍ଷରେ ନୀଳଗିରି ଏସଡିଏମଓ ଡ଼. ସତ୍ୟନାରାୟଣ ନାୟକ ଘଟଣା ସମ୍ପର୍କରେ ତଦନ୍ତ କରିବେ ବୋଲି କହିଛନ୍ତି।

## ୧୪ରୁ ମର୍ଣ୍ଣିଂ କ୍ରିକେଟ କ୍ଲବର ଟୁର୍ଣ୍ଣାମେଣ୍ଟ୍

**ପାରାଦ୍ୱୀପ,୯।୧ (ସଂଚାର ବ୍ୟୁରୋ):** ଆସନ୍ତା ଜାନୁୟାରୀ ୧୪ ତାରିଖରେ ମର୍ଣ୍ଣିଙ୍ଗ କ୍ରିକେଟ କ୍ଲବ ପକ୍ଷରୁ ଜୟଦେବ ସଦନ ସମ୍ମୁଖ ପଡିଆରେ ଆୟୋଜିତ ହେବାକୁ ଯାଉଛି ୧୫ତମ ବାର୍ଷିକ କ୍ରିକେଟ ଟୁର୍ଣ୍ଣାମେଣ୍ଟ୍। ଏହି ଟୁର୍ଣ୍ଣାମେଣ୍ଟରେ କଟକ, ପୁରୀ ଭୁବନେଶ୍ୱର, ଜଗତସିଂହପୁର ଓ କେନ୍ଦ୍ରାପଡାର ୮ଟି ଦଳ ଭାଗ ନେବେ। ଦିବାରାତ୍ର ହେବାକୁ ଥିବା ଏହି ଟେନିସ ବଲ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ବଛାବଛା କ୍ରିକେଟ୍ ଟିମ୍‌କୁ ଆମନ୍ତ୍ରିତ କରାଯାଇଛି। ଦୀର୍ଘ ୧୫ବର୍ଷ ଧରି ଏହି ଟୁର୍ଣ୍ଣାମେଣ୍ଟ ଶାନ୍ତି ଶୃଙ୍ଖଳା ଭାବେ ମର୍ଣ୍ଣିଙ୍ଗ କ୍ରିକେଟ୍ କ୍ଲବ ପାରାଦୀପ ପକ୍ଷରୁ ଆୟୋଜିତ ହୋଇଆସୁଛି। ବିନା ଏଣ୍ଟ୍ରି ଫିସ୍‌ରେ ଏହି ଟୁର୍ଣ୍ଣାମେଣ୍ଟରେ ୮ଟି ଦଳ ଭାଗ ନେଉଥିବା ବେଳେ ପ୍ରତ୍ୟେକ ଦଳକୁ ଯିବା ଆସିବା ପାଇଁ 'ଟିଏ ଡିଏ' ସହିତ ଖେଳାଳୀମାନେ ରହିବା ପାଇଁ ସମ୍ପୂର୍ଣ୍ଣ ବ୍ୟବସ୍ଥା କରାଯାଇଛି। ପାରାଦୀପର ବିଶିଷ୍ଟ ଶ୍ରମିକ ନେତା ସ୍ୱର୍ଗତ ଦୋଳ ଗୋବିନ୍ଦ ଦାସଙ୍କ ସ୍ମୃତିରେ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜନ କରାଯାଉଛି ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ ଆୟୋଜକ ଙ୍କ ପକ୍ଷରୁ କୁହାଯାଇଛି। ପ୍ରତିବର୍ଷ ପରି ଚଳିତଥର ମଧ ବହୁ ଦର୍ଶକ ଏହି ଟୁର୍ଣ୍ଣାମେଣ୍ଟ କୁ ଉପଭୋଗ କରିବେ ବୋଲି ଆଶା କରା ଯାଉଥିବା ବେଳେ ଏହି ବାର୍ତ୍ତା ସମସ୍ତ ଙ୍କ ନିକଟରେ ପହଞ୍ଚିବା ପାଇଁ ମର୍ଣ୍ଣିଙ୍ଗ କ୍ରିକେଟ କ୍ଲବ ପକ୍ଷରୁ ନିବେଦନ କରାଯାଇଛି।



**ଗଞ୍ଜାମ ବ୍ଲକରେ ଧାନ ଉଠାଣି ବିଳମ୍ବ**

## ମଣ୍ଡିରେ ପଡିରହିଛି ଧାନବସ୍ତା, ଚିନ୍ତାରେ ଚାଷୀ



**ଛତ୍ରପୁର,୯।୧ (ସଂଚାର ବ୍ୟୁରୋ):** ଗଞ୍ଜାମ ବ୍ଲକ ଅନ୍ତର୍ଗତ ବିଭିନ୍ନ ପ୍ୟାଡି ପର୍ଚ୍ଚେଜ ସେଣ୍ଟର (ପିପିସି) ଗୁଡ଼ିକରେ ଏବେ ଧାନ କିଣା ପ୍ରକ୍ରିୟା ସ୍ୱାଭାବିକ ଭାବେ ବିଳମ୍ବ ହେବାରୁ ଚାଷୀମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଗତ ଡିସେମ୍ବର ମାସରେ ଧାନ କିଣିବା ଅବସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ବିଶେଷ ଆଡମ୍ବରରେ ଧାନ ମଣ୍ଡି ଉଦଘାଟନ କରାଯାଇଥିଲା। କିନ୍ତୁ ଲୋକଦେଖା ଉଦଘାଟନ ଓ ଘୋଷଣା ହୋଇଥିବା ସତ୍ତେ ମଧ ଧାନ ଉଠାଣି ପ୍ରକ୍ରିୟା ଏପର୍ଯ୍ୟନ୍ତ ଗତି ପାଇପାରିନାହିଁ।

ସୂଚନା ଅନୁଯାୟୀ ବିଭିନ୍ନ ପିପିସି ଗୁଡ଼ିକରେ ହଜାର ହଜାର ବସ୍ତା ଧାନ ଅସୁରକ୍ଷିତ ଅବସ୍ଥାରେ ପଡି ରହିଛି। ଧାନ ଉଠାଣି ପାଇଁ ମିଲରମାନଙ୍କୁ ନିୟମିତ ଭାବେ ଆଦେଶ ଦିଆଯାଇଥିଲେ ମଧ, ଉଠାଣିର ଗତି ଅତ୍ୟନ୍ତ ମନ୍ଥର ରହିଛି। ସେହିପରି ଅନଲାଇନ୍ ଟୋକେନ ଅପଡେଟ୍ ସିଷ୍ଟମରେ ପ୍ରତିଦିନ ନୂଆ ସମସ୍ୟା ଦେଖାଯାଉଛି। ରେଜିଷ୍ଟର ଥିବା ଚାଷୀମାନେ ସମୟରେ ଟୋକେନ ପାଉନାହାନ୍ତି, ଡାଟା ସଠିକ୍ ହେଉନାହିଁ, ଟୋକେନ ଥିଲେ ମଧ ସ୍ଲଟ୍ ନିର୍ଦ୍ଦିଷ୍ଟ ହେଉନାହିଁ ବୋଲି ଚାଷୀମାନେ ଗୁରୁତର ଅଭିଯୋଗ କରିଛନ୍ତି।

ପ୍ରଥମ ପର୍ଯ୍ୟାୟରେ ଗଞ୍ଜାମ ବ୍ଲକକୁ ସରକାର ପକ୍ଷରୁ ୭୨,୦୦୦ କୁଇଣ୍ଟାଲ ଧାନ ସଂଗ୍ରହ ଲକ୍ଷ୍ୟ ଦିଆଯାଇଥିଲା। କିନ୍ତୁ ଏପର୍ଯ୍ୟନ୍ତ ୧,୧୦୦ କୁଇଣ୍ଟାଲ ଅର୍ଥାତ୍ ସମ୍ପୂର୍ଣ୍ଣ ଲକ୍ଷ୍ୟର ମାତ୍ର ୧.୫% ମାତ୍ର ଧାନ ଉଠାଣି ହୋଇଛି, ଯାହା ଏକ ଗଭୀର ଚିନ୍ତାର ବିଷୟ ହୋଇଛି। ଏହି ଅହେତୁକ ବିଳମ୍ବ ପାଇଁ ପିପିସି, ମିଲର ଏସୋସିଏସନ୍ ଓ ବିଭାଗୀୟ ଅଧିକାରୀଙ୍କ ମଧରେ ସମନ୍ୱୟ ଅଭାବ ମୁଖ୍ୟ କାରଣ ବୋଲି ଚାଷୀମାନଙ୍କ ଅଭିଯୋଗ।

## କଂଗ୍ରେସରୁ ରଜନୀ ପାଢ଼ୀ ନିଲମ୍ବିତ

**ହିଞ୍ଜିଳିକାଟୁ,୯।୧ (ସଂଚାର ବ୍ୟୁରୋ):** ୨୦୨୪ ସାଧାରଣ ନିର୍ବାଚନରେ ଗଞ୍ଜାମ (ପଶ୍ଚିମ) ସାଙ୍ଗଠନିକ ଜିଲ୍ଲା କଂଗ୍ରେସ ଅନ୍ତର୍ଗତ ହିଞ୍ଜିଳିକାଟୁ ନିର୍ବାଚନ ମଣ୍ଡଳୀରୁ କଂଗ୍ରେସ ବିଧାୟକ ପ୍ରାର୍ଥୀ ହୋଇଥିବା ରଜନୀକାନ୍ତ ପାଢ଼ୀଙ୍କୁ ଆଜି ଦଳରୁ ନିଲମ୍ବିତ କରାଯାଇଛି। ଏନେଇ ପ୍ରଦେଶ କଂଗ୍ରେସ ଶୃଙ୍ଖଳାଗତ କମିଟି ଅଧ୍ୟକ୍ଷ ସୁଜୀତ ପାଢ଼ୀ ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି। ରଜନୀ ପାଢ଼ୀ ବିଭିନ୍ନ ସମୟରେ କଂଗ୍ରେସ ସଭାପତିଙ୍କ ନାମ ଅପବ୍ୟବହାର କରି ଦଳୀୟ ଶୃଙ୍ଖଳା ଭଙ୍ଗ କରିବାର ଅଭିଯୋଗରେ ପ୍ରଦେଶ କଂଗ୍ରେସ ଶୃଙ୍ଖଳାଗତ କମିଟି ଅନୁଧ୍ୟାନ କରି ରଜନୀ କାନ୍ତ ପାଢ଼ୀଙ୍କୁ ଦଳରୁ ନିଲମ୍ବିତ କରିଛି।

## ଅନ୍ତର୍ଜାତୀୟ ବୌଦ୍ଧ ସମ୍ମିଳନୀ ନିମନ୍ତେ ପ୍ରସ୍ତୁତି ପର୍ବର ଦ୍ୱିତୀୟ ସମୀକ୍ଷା ବୈଠକ



**ଯାଜପୁର,୯।୧ (ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲାପାଳଙ୍କ ଉପସ୍ଥିତିରେ ମାନ୍ୟବର ବଡ଼ଚଣା ବିଧାୟକ ଅମର କୁମାର ନାୟକଙ୍କ ଅଧକ୍ଷତାରେ ଦ୍ୱିତୀୟ ବୌଦ୍ଧ ଗୁରୁ ପଦ୍ମସମ୍ଭବଙ୍କ ପ୍ରାର୍ଥନା ସମାରୋହ ତଥା ଅନ୍ତର୍ଜାତୀୟ ବୌଦ୍ଧ ସମ୍ମିଳନୀ ନିମନ୍ତେ ପ୍ରସ୍ତୁତି ପର୍ବର ଦ୍ୱିତୀୟ ପର୍ଯ୍ୟାୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ ପୂର୍ବ ବୈଠକରେ ବିଭିନ୍ନ ବିଭାଗକୁ ଦିଆଯାଇଥିବା କାର୍ଯ୍ୟର ସ୍ଥିତି ଓ ପ୍ରସ୍ତୁତିର ସମୀକ୍ଷା କରାଯାଇଥିଲା। ଆସନ୍ତା ଜାନୁଆରୀ ୧୧ ରୁ ୧୬ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି ବୌଦ୍ଧ ସମ୍ମିଳନୀରେ ଦେଶ ବିଦେଶରୁ ୧୭୦୦ରୁ ଉର୍ଦ୍ଧ୍ୱ ବୌଦ୍ଧ ସନ୍ନ୍ୟାସୀ, ଧର୍ମାବଲମ୍ବୀମାନେ ଯୋଗ ଦେବା ସହ ଉଦୟଗିରି, ରତ୍ନଗିରି, ଲଳିତଗିରି ଆଦି ବୌଦ୍ଧ କୀର୍ତ୍ତିରାଜିମାନ ପରିଦର୍ଶନ କରିବେ। ଏହା ସହିତ ଆସୁଥିବା ପର୍ଯ୍ୟଟକମାନଙ୍କ ରହଣି, ସମ୍ମିଳନୀ ସ୍ଥଳ, ସିସିଟିଭି କ୍ୟାମେରା ଲଗେଇବା, ଟ୍ରାଫିକ ନିୟନ୍ତ୍ରଣ, ରାସ୍ତାଗୁଡ଼ିକ ଆଲୋକୀକରଣ, ପରିମଳ ଓ ସ୍ୱଚ୍ଛତା ବଜାୟ ରଖିବା, ନିଶା ଦ୍ରବ୍ୟ ବିକ୍ରି ଓ ସେବନ ଉପରେ କଟକଣା, ଭାରୀଯାନ ଯାତାୟାତ ଉପରେ ପ୍ରତିବନ୍ଧକ ଲଗେଇବା ନେଇ ବିଭାଗୀୟ ଅଧିକାରୀ ଓ କାର୍ଯ୍ୟକାରୀ ସଂସ୍ଥାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକରେ ଜିଲ୍ଲାପାଳ ଅମ୍ବର କୁମାର କର, ବିଭିନ୍ନ ବିଭାଗର ଅଧିକାରୀ, ବୌଦ୍ଧ ମହୋତ୍ସବ ସମିତିର କର୍ମକର୍ତ୍ତା ଏବଂ ବହୁ ବୁଦ୍ଧିଜୀବୀମାନେ ଯୋଗ ଦେଇଥିଲେ।

**● ଶିଶୁ ନ୍ୟାୟ ଆଇନର ଖୋଲାଖୋଲି ଉଲ୍ଲଙ୍ଘନ**

## ବିଚାରାଧୀନ ୨ ବର୍ଷର ଶିଶୁକୁ ମା' ହାତରେ ଛାଡ଼ିଦେଲେ ଉପଜିଲ୍ଲାପାଳ

**ଯାଜପୁର,୯।୧ (ସଂଚାର ବ୍ୟୁରୋ):** ନ୍ୟାୟିକ ବ୍ୟବସ୍ଥାକୁ ଖୋଲା ଅସମ୍ମାନ, ଶିଶୁ ନ୍ୟାୟ ଆଇନର ସ୍ପଷ୍ଟ ଉଲ୍ଲଂଘନ ଓ କ୍ଷମତା ବାହାରେ ହସ୍ତକ୍ଷେପ ଏହି ସମସ୍ତ ଗୁରୁତର ଅଭିଯୋଗ ଏବେ ଯାଜପୁର ଉପଜିଲ୍ଲାପାଳ ତାପସ ରଂଜନ ଦେହୁରୀଙ୍କ ବିରୋଧରେ। ପାରିବାରିକ ବିବାଦ ଓ ପୂର୍ବ ଶିଶୁ ନିର୍ଯ୍ୟାତନା ଅଭିଯୋଗ ଯୋଗୁଁ ଶିଶୁ ମଙ୍ଗଳ କମିଟି ତତ୍ତ୍ୱାବଧାନରେ ଥିବା ୨ ବର୍ଷର ବିଚାରଧୀନ ଶିଶୁପୁତ୍ରକୁ ସିଡବ୍ଲୁସିକୁ ଅନ୍ଧାରରେ ରଖି, ବେଆଇନ ଭାବେ ତା'ର ମା' ହାତରେ ଛାଡ଼ିଦେଇଥିବା ଅଭିଯୋଗ ଉଠିଛି। ଘଟଣା ଅନୁଯାୟୀ, ଯାଜପୁର ଟାଉନ ପୁଲିସ ପ୍ରଶାସନିକ ହେପାଜତରେ ଥିବା ଶିଶୁକୁ ଉପଜିଲ୍ଲାପାଳଙ୍କ କୋର୍ଟରେ ହାଜର କରାଇବାକୁ ଆଣିଥିଲା। କିନ୍ତୁ ଶୁଣାଣି ସମୟରେ ଆଇନଗତ ପ୍ରକ୍ରିୟାକୁ ଅଗ୍ରାହ୍ୟ କରି, ଉପଜିଲ୍ଲାପାଳ କ୍ଷମତା ଦେଖାଇ ଶିଶୁକୁ ତା'ର ମା' ସହ ଛାଡ଼ିଦେଇଥିଲେ। ଏହା ପରେ ମା' ଶିଶୁକୁ ନେଇ ଫେରାର ହୋଇଯାଇଛନ୍ତି। ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି, ଏହି ମା' ପୂର୍ବରୁ ୧୩ ମାସର ଶିଶୁକୁ ବିଡ଼ି ଟଣାଇବା ଘଟଣାର ଭିଡିଓ ସାମ୍ନାକୁ ଆସିବା ପରେ, ତତ୍କାଳୀନ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଶିଶୁଟିକୁ ଉଦ୍ଧାର କରାଯାଇଥିଲା। ସେହି ପ୍ରସଙ୍ଗ ଥିବା ସତ୍ତ୍ୱେ ଉପଜିଲ୍ଲାପାଳଙ୍କ ଏଭଳି ଅଦାୟିତ୍ୱପୂର୍ଣ୍ଣ ନିଷ୍ପତ୍ତି ପ୍ରଶାସନିକ ମହଲକୁ ଆଶ୍ଚର୍ଯ୍ୟଚକିତ କରିଛି। ଏହି ଘଟଣାକୁ ନ୍ୟାୟିକ ବ୍ୟବସ୍ଥାର ଗୁରୁତର ଅସମ୍ମାନ ବୋଲି ବର୍ଣ୍ଣନା କରି, ଜିଲ୍ଲା ଶିଶୁ ମଙ୍ଗଳ କମିଟି (ସିଡବ୍ଲ୍ୟୁସି) ତୀବ୍ର ପ୍ରତିବାଦ କରିଛି।

## ସୋଆ କପ୍ ଉଦ୍‌ଯାପିତ: ଜ୍ଞାନରଞ୍ଜନ ଓ ସୋଲାନ୍‌ସି ଓଭରଅଲ ଚାମ୍ପିଆନ୍



**ଭୁବନେଶ୍ୱର,୯।୧ (ସଂଚାର ବ୍ୟୁରୋ):** ଏକମାସ ଧରି ଶିକ୍ଷା ଓ ଅନୁସନ୍ଧାନ ଡିମ୍ଡ ଟୁ ବି ବିଶ୍ୱବିଦ୍ୟାଳୟରେ ସୋଆ କପ୍ ନିମନ୍ତେ ଚାଲିଥିବା ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାରେ ଜ୍ଞାନ ରଞ୍ଜନ ବାରିକ ଓ ସୋଲାନ୍‌ସି ଉରମାନି ପୁରୁଷ ଓ ମହିଳା ବିଭାଗରେ ଯଥାକ୍ରମେ ଶ୍ରେଷ୍ଠ କ୍ରୀଡ଼ାବିତ ଭାବେ ପୁରସ୍କୃତ ହୋଇଛନ୍ତି।

ବିଶ୍ୱବିଦ୍ୟାଳୟ ପରିସରରେ ବୁଧବାର ଅନୁଷ୍ଠିତ ଏହି ପ୍ରତିଯୋଗିତାରେ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁରସ୍କାର ବଣ୍ଟନ କରିଥିଲେ। ବିଭିନ୍ନ ଟ୍ରାକ୍ ଓ ଫିଲ୍ଡ ପ୍ରତିଯୋଗିତାରେ ଭାଗ ନେଇ କମ୍ପ୍ୟୁଟର ସାଇନ୍‌ସ ଇଞ୍ଜିନିୟରିଂ ଛାତ୍ର ବାରିକ ହାଇଜମ୍ପ ଓ ଲଙ୍ଗଜମ୍ପରେ ପ୍ରଥମ ହେବା ସହ ୧୦୦ ମିଟର ସ୍ପ୍ରିଂଟରେ ୩ୟ ସ୍ଥାନ ଅଧିକାର କରିଥିଲେ। ସେହିପରି ସମ ନର୍ସିଂ କଲେଜ ଛାତ୍ରୀ ଉର୍‌ମାନି ୧୦୦ ମିଟର, ୨୦୦ ମିଟର ଓ ୪୦୦ ମିଟର ସ୍ପ୍ରିଂଟରେ ପ୍ରଥମ ହେବା ସହ କଲେଜର ରିଲେ ଟିମ୍‌ର ସଦସ୍ୟା ଭାବେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଏହି ପ୍ରତିଯୋଗିତାରେ କମ୍ପ୍ୟୁଟର ସାଇନ୍ସ ଇଞ୍ଜିନିୟରିଂ ବିଭାଗ ସାମଗ୍ରିକ ଭାବେ ଚମ୍ପିୟାନ ଘୋଷିତ ହୋଇଥିଲେ। ଏଥିରେ ବ୍ୟାଡମିଣ୍ଟନ, ବାସ୍କେଟବଲ୍, ଚେସ୍, କ୍ରିକେଟ, ଫୁଟବଲ, କବାଡ଼ି, ଖୋ ଖୋ, ସଫ୍ଟବଲ୍, ଟେବୁଲ ଟେନିସ, ଟେନିସ, ଥ୍ରୋବଲ ଓ ଭଲିବଲ ନିମନ୍ତେ ପ୍ରତିଯୋଗିତା ହୋଇଥିଲା।

ଉଦ୍‌ଯାପନୀ ଉତ୍ସବରେ ସୋଆ ଉପକୁଳପତି ପ୍ରଫେସର ପ୍ରଶାନ୍ତ କୁମାର ପାତ୍ର ଓ ପୂର୍ବତନ ରଞ୍ଜି ଟ୍ରଫି ତଥା ଇଣ୍ଡିଆ-ଏ ଖେଳାଳୀ ସଞ୍ଜୟ ଶତପଥୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଅଭିନେତା, ପ୍ରଯୋଜକ ଏବଂ କଳର୍ସ ଟିଭି ଚ୍ୟାନେଲ୍‌ର କ୍ରିଏଟିଭ ହେଡ ପ୍ରୀତିରାଜ ଶତପଥୀ ଏବଂ ଶିଶୁ କଳାକାର ଅନମୋଲ ପତି ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। କୁଳପତି ପ୍ରଫେସର ନନ୍ଦ ସବୁ ପ୍ରତିଯୋଗୀମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଛାତ୍ର ଜୀବନରେ କ୍ରୀଡ଼ାର ମହତ୍ୱ ବିଷୟରେ ମତ ରଖିଥିଲେ।

## ଐତିହ୍ୟସମ୍ପନ୍ନ ପୋତାଗଡ଼ ଦୁର୍ଗର ବିକାଶ 'ଅପହଞ୍ଚ'

● ଦୀର୍ଘ ମିଆଦ ଯୋଜନା ନାହିଁ
● ବିଭାଗ ପରେ ବିଭାଗ ବାରମ୍ବାର ବଦଳୁଛି
● ଦୁର୍ଗରୁ ମୁଁହ ଫେରାଉଛନ୍ତି ପର୍ଯ୍ୟଟକ

**ଛତ୍ରପୁର,୯।୧ (ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲ୍ଲାର ଗଞ୍ଜାମ ସହରରେ ଥିବା ଐତିହ୍ୟ ପୋତାଗଡ଼ ଆଜି ଅବହେଳିତ ହୋଇ ପଡ଼ିରହିଛି । ପୋତାଗଡ଼ ଦୁର୍ଗର ଦାୟିତ୍ୱ ପ୍ରତିକ୍ଷଣ ଭିନ୍ନ ବିଭାଗଙ୍କ ମଧରେ ବାରମ୍ବାର ବଦଳିବାରୁ, କୌଣସି ଏକ ବିଭାଗ ଦୀର୍ଘମିଆଦି ଯୋଜନା କରିପାରୁ ନାହିଁ। ପୋତାଗଡ଼ ଦୁର୍ଗ କାହାର ଅଧୀନରେ? ଏହି ପ୍ରଶ୍ନର ସ୍ପଷ୍ଟ ଉତ୍ତର ଏପର୍ଯ୍ୟନ୍ତ କୌଣସି ବିଭାଗ ପାଖରେ ନଥିବା ଆଲୋଚନାର ବିଷୟ ହୋଇରହିଛି।

ବ୍ରିଟିଶମାନଙ୍କ ଦ୍ୱାରା ୧୮ ଶତାବ୍ଦୀରେ ନିର୍ମିତ ଏହି ଦୁର୍ଗ, ସେତେବେଳେ ଗଞ୍ଜାମ ତାଲୁକାର ପ୍ରମୁଖ ସାମରିକ, ପ୍ରଶାସନିକ ଓ ବ୍ୟାପାରିକ କେନ୍ଦ୍ର ଥିଲା। କିନ୍ତୁ ବର୍ତ୍ତମାନ ଏହା କୃତ୍ରିମ ଜଙ୍ଗଲ, ଘନ ଗଛଲତା ଓ ଅବହେଳାର ଛାୟାରେ ଲୁଚି ଯାଇଛି। ଅନେକ ପୁରାତନ ସଂରଚନା ଭାଙ୍ଗି ପଡ଼ିବାକୁ ଲାଗିଛି। ଫଳରେ ପର୍ଯ୍ୟଟକ ପୋତାଗଡ଼ ଦୁର୍ଗରୁ ମୁଁହ ଫେରାଉଛନ୍ତି। ଅର୍କିଓଲୋଜି ବିଭାଗ ଦ୍ୱାରା ଗ୍ରହଣ କରାଯାଇଥିବା କିଛି ସଂରକ୍ଷଣାତ୍ମକ କାର୍ଯ୍ୟ ମଧ ଅସନ୍ତୋଷର କାରଣ ହୋଇଛି। ଯେଉଁଠି ପୁରାତନ କୀର୍ତ୍ତିକୁ ରକ୍ଷା କରିବା ବଦଳରେ ଇଟା ଦେଇ ବନ୍ଦ କରିଦେବା ଭଳି ଅପ୍ରାଯୋଗିକ ପଦକ୍ଷେପ ଦେଖାଯାଇଛି। ସେହିପରି ଗଡ଼ଖାଇକୁ ରୁଷିକୁଲ୍ୟା ନଦୀ ସହିତ ସଂଯୋଗ କରିବା ଓ ପୋତାଗଡ଼କୁ ସୁନ୍ଦରୀକରଣ କରିବା ପାଇଁ ଜଳସେଚନ ବିଭାଗ ୬ କୋଟି ଟଙ୍କା ମୂଲ୍ୟର ପ୍ରକଳ୍ପ ଆରମ୍ଭ କରିଥିଲା। କିନ୍ତୁ ୩ ବର୍ଷ ବିତିଗଲା କାମ ଆଧାରେ ଅଟକିଛି। ଧୀର ଗତି, ବିଳମ୍ବ, ନିରୀକ୍ଷଣ ଅଭାବକୁ ନେଇ ଅସନ୍ତୋଷ ବଢ଼ିଛି।

ଗଞ୍ଜାମ ଜିଲ୍ଲାପାଳ ନିକଟରେ ପୋତାଗଡ଼ ପରିଦର୍ଶନ କରି ପୁନରୁଦ୍ଧାର ପାଇଁ ଡିଟେଇଲ ପ୍ରୋଜେକ୍ଟ ରିପୋର୍ଟ ପ୍ରସ୍ତୁତ କରିବା ଦାୟିତ୍ୱ ପର୍ଯ୍ୟଟନ ବିଭାଗକୁ ଦେଇଛନ୍ତି। ପର୍ଯ୍ୟଟନ ବିଭାଗର ତାଲିକାରେ ପୋତାଗଡ଼ ରହିଛି। ଏ ସବୁ ମଧରେ ଗଞ୍ଜାମ ଏନଏସି ପୋତାଗଡ଼ ବିକାଶର ମଙ୍ଗ ଧରିଛି। ନିଜ ଅଂଶରୁ ବ୍ୟୟ ବହୁଳ ଅର୍ଥ ବରାଦ କରି କିଛି ଉଦ୍ୟମ ଆରମ୍ଭ କରିଛି, କିନ୍ତୁ ସମନ୍ୱୟ ଅଭାବରୁ ଲାଭଦାୟକ ହୋଇପାରୁନାହିଁ। ଏପରିକି ଏହାର କୀର୍ତ୍ତିରାଜକୁ କିପରି ସଂରକ୍ଷଣ କରାଯିବ ତାର ଦୀର୍ଘ ମିଆଦ ମାଷ୍ଟର ପ୍ଲାନ କାହା ପାଖରେ ନାହିଁ। ଯଦି ସମୟରେ ଯଥାଚିତ ପଦକ୍ଷେପ ନିଆଯାଇନଥାଏ, ତେବେ ଗଞ୍ଜାମର ଏହି ଗର୍ବ ଓ ପରିଚୟ ସମ୍ପଦ ଧ୍ୱଂସ ହୋଇଯିବାର ଆଶଙ୍କା ରହିଛି ବୋଲି ସଚେତନ ମହଲ ମନେ କରୁଛନ୍ତି।



**AFFIDAVIT**

By virtue of an affidavit sworn before Executive Magistrate (Kanika) dated 09/01/2026.

I, SABITRI SHOW, Address At-Deogaon, Post – Chhadesh , Ps-Rajkanika, Kendrapada, Odisha, Pin-754227 declare that I have changed my name from SABITRI SAHOO to SABITRI SHOW. Henceforth, I shall be known as SABITRI SHOW for all purposes.

**SABITRI SHOW**

**AFFIDAVIT**

By virtue of an affidavit sworn before Executive Magistate, Bhubaneswar, dated 12.11.2025.

I, Bibek Sasmal S/O- Bijaya Kumar Sasmal, Resident of Plot No.573, Gandamunda, Po/Ps-Khandagiri, Bhubaneswar, Dist-Khordha, Odisha, Pin-751030. declare that I have changed my name from Bibek Kumar Sasmal to Bibek Sasmal. Henceforth, I shall be known as Bibek Sasmal for all purposes.

**BIBEK SASMAL**

# ଚାଷୀଙ୍କ ଆକାଉଣ୍ଟରୁ କୋଟିଏ ଟଙ୍କା ହଡ଼ପ

**ଆଳି,୯।୧(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ ଜୁଆଣିଆ ପଞ୍ଚାୟତର ଚାଷୀମାନଙ୍କ ଆକାଉଣ୍ଟରୁ ଏକ କୋଟି ଟଙ୍କା ଆତ୍ମସାତ ହୋଇଥିବା

- ବ୍ୟାଙ୍କ ମ୍ୟାନେଜର ଓ କର୍ମଚାରୀଙ୍କ ସମ୍ପୃକ୍ତି ଅଭିଯୋଗ
- ଆଳିରେ ଚାଷୀ ଶୋଷଣର ଆଉ ଏକ ନିଦର୍ଶନ

ନେଇ ଅଭିଯୋଗ ହୋଇଛି । ଏହି ଟଙ୍କାକୁ କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଆଳି ଶାଖାର ମ୍ୟାନେଜର ଓ ଅନ୍ୟ କର୍ମଚାରୀମାନେ ହଡ଼ପ କରିଥିବା ଅଭିଯୋଗ ଆଣି ଜୁଆଣିଆର ଶତାଧିକ ଚାଷୀ ଆଳି ଥାନାରେ ବ୍ୟାଙ୍କ କର୍ମଚାରୀଙ୍କ ନାମରେ ଲିଖିତ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ ଜୁଆଣିଆ ଗ୍ରାମର ୧୩୨ଜଣ



ଚାଷୀଙ୍କୁ ଗତ ଡିସେମ୍ବର ମାସରେ ୮୦ ହଜାର ଟଙ୍କା ଲେଁଖାଏ କୃଷି ଋଣ କଟକ କେନ୍ଦ୍ର ସମବାୟ ବ୍ୟାଙ୍କରୁ ମିଳିଥିଲା। ଚାଷୀଙ୍କ ଜମାଖାତାକୁ ଏହି ଟଙ୍କା ଚଢ଼ିବା ପରେ ୨୦ ଜଣ ଚାଷୀ ଟଙ୍କା ଉଠାଇଥିବା ବେଳେ ଶହରୁ ଅଧିକ ଚାଷୀଙ୍କ ଆକାଉଣ୍ଟରୁ ଗତ ୮ତାରିଖ ଦିନ ସବୁ ଟଙ୍କା ଉଠିଯାଇଛି । ହଠାତ ଖାତାରୁ ଟଙ୍କା ଉଠିଯିବା ପରେ ଚାଷୀମାନେ ବ୍ୟାଙ୍କରେ ଜଣାଇଥିଲେ। ମ୍ୟାନେଜରଙ୍କ ଅନୁପସ୍ଥିତି ଯୋଗୁଁ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା ।

ଏଠାରେ ପ୍ରଶ୍ନ ଉଠୁଛି ଜୁଆଣିଆ ଗ୍ରାମର ୧୩୨ଜଣ ଚାଷୀଙ୍କ ଆକାଉଣ୍ଟରେ ଗତ ଡିସେମ୍ବର ୧୯ ତାରିଖରେ ବ୍ୟାଙ୍କ ପକ୍ଷରୁ ଋଣ ଟଙ୍କା ଜମା ହୋଇଥିବା ବେଳେ ଗତ ଜାନୁୟାରୀ ୮ତାରିଖ ସନ୍ଧ୍ୟାରେ ସେମାନଙ୍କ ଆକାଉଣ୍ଟରୁ କିଭଳି ଭାବେ ଟଙ୍କା ଉଠାଗଲା । ବ୍ୟାଙ୍କ ପକ୍ଷରୁ ଚାଷୀଙ୍କୁ ମିଳିଥିବା ଖାତା ବିବରଣୀରୁ ଜଣାପଡିଛି ଯେ, ଏହି ଟଙ୍କା ସେମାନଙ୍କ ଆକାଉଣ୍ଟରେ ଭୁଲରେ ଚଢ଼ିଯାଇଛି, ଯାହାକି ପୁନର୍ବାର ଉଠାଇ ନିଆଯାଇଛି। ଏକା ସମୟରେ କିଭଳି ଭାବେ ୧୩୨ ଚାଷୀଙ୍କ ଆକାଉଣ୍ଟରେ ଭୁଲରେ ଋଣ ଟଙ୍କା ଚଢ଼ାଗଲା ତାହା ଏବେ ବଡ଼ ପ୍ରଶ୍ନ ସୃଷ୍ଟି କରିଛି । ଏହି ଘଟଣା ହିଁ ସ୍ପଷ୍ଟ କରୁଛି ଯେ, ଆଳି କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଅଧୀନରେ ଥିବା ସମବାୟ ସମିତି ଗୁଡିକରେ କିଭଳି ଚାଷୀମାନଙ୍କୁ ଶୋଷଣ କରାଯାଉଛି।

## ଅର୍ଦ୍ଧଦଗ୍ଧ ଶବ ଉଦ୍ଧାର ଘଟଣା
# ଗୁଣି ସନ୍ଦେହରେ ହତ୍ୟା, ୩ ଗିରଫ

**ଟିକାବାଲି, ୯।୧(ସଂଚାର ବ୍ୟୁରୋ):** ଚକାପାଦ ବ୍ଲକ୍ ଅନ୍ତର୍ଗତ ଲାଇନ୍ ପଡ଼ା - ପସରା ଘାଟି ରାସ୍ତାର ଲାଇନ୍ ପଡ଼ାଠାରୁ ପାଞ୍ଚ କିମି ଦୂର ସୁଉଚ୍ଚ ଚୂନ ଘାଟି ରାସ୍ତା ପାର୍ଶ୍ୱରେ ଜନୈକ ଯୁବକକୁ ହତ୍ୟାକରି ପୋଡ଼ି ଦିଆଯାଇଥିବା ଅଭିଯୋଗରେ ଟିକାବାଲି ପୁଲିସ ତିନି ଅଭିଯୁକ୍ତଙ୍କୁ ତ୍ୱରିତ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଖଲିବେରେଣା ଗ୍ରାମର ଦୁଇ ଭାଇ ପ୍ରକାଶ ହଂସ (୨୩) ଓ ମୁକେଶ ହଂସ (୨୭) ଏବଂ ଜିତେନ୍ଦ୍ର ଗୁରୁ(୨୫)। ସୂଚନା ଅନୁଯାୟୀ, ଖଜୁରୀପଡ଼ା ଥାନା ଅନ୍ତର୍ଗତ ଖଲିବେରେଣା ଗ୍ରାମର ଦାଶରଥି ବଗର୍ତ୍ତୀଙ୍କ ପୁଅ ଦୁର୍ଯ୍ୟୋଧନ ବଗର୍ତ୍ତୀ(୩୫) ରବିବାର ସନ୍ଧ୍ୟା ବେଳେ ନିଜ ଘରୁ ନୂଆଗାଁକୁ ଚିକେନ୍ ଆଣିବାକୁ ଯାଇ ଫେରିନଥିଲେ। ଏନେଇ ଖଜୁରୀପଡ଼ା ଥାନାରେ ମଙ୍ଗଳବାର ଦିନ ନିଖୋଜ ମାମଲା ରୁଜୁ ହୋଇଥିଲା। ପରିବାର ଲୋକେ ବହୁ ଖୋଜାଖୋଜି ପରେ ବୁଧବାର ଦିନ ଉକ୍ତ ଘାଟି ରାସ୍ତା ପାର୍ଶ୍ୱରେ ଦୁର୍ଯ୍ୟୋଧନଙ୍କ ଅର୍ଦ୍ଧଦଗ୍ଧ ଶବକୁ ଦେଖିଥିଲେ। ଏହାପରେ ବାପା ଦାଶରଥି ବଗର୍ତ୍ତୀ ଟିକାବାଲି ଥାନାରେ ଏତାଲା ଦେଇଥିଲେ। ହତ୍ୟାକାଣ୍ଡରେ ବ୍ୟବହୃତ କାଠ, ପଥର ଓ ମୋଟର ସାଇକେଲ ଜବତ ହୋଇଛି। ଅଭିଯୁକ୍ତମାନଙ୍କୁ ଡାକ୍ତରୀ ପରୀକ୍ଷା ପରେ ଜି ଉଦୟଗିରି କୋର୍ଟ ଚାଲାଣ କରାଯିବ ବୋଲି ଟିକାବାଲି ଥାନା ଅଧିକାରୀ ପ୍ରଜ୍ଞା ରୀତାମ୍ବରା କର ସୂଚନା ଦେଇଛନ୍ତି।

## ଶିକ୍ଷକ, ଅଧ୍ୟାପକ ଏବଂ କର୍ମଚାରୀଙ୍କ ସମସ୍ୟାର ସମାଧାନ
# ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ସହ ଉଚ୍ଚସ୍ତରୀୟ କମିଟିର ଆଲୋଚନା

**ଭୁବନେଶ୍ୱର, ୯।୧(ସଂଚାର ବ୍ୟୁରୋ):** ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ଉଚ୍ଚଶିକ୍ଷା ବିଭାଗ ଅଧୀନରେ କାର୍ଯ୍ୟରତ ବିଭିନ୍ନ ଶିକ୍ଷକ/ ଅଧ୍ୟାପକ ଏବଂ କର୍ମଚାରୀମାନଙ୍କର ସମସ୍ୟାକୁ ଗୁରୁତ୍ୱର ସହ ଗ୍ରହଣ କରି ଏହାର ସମାଧାନ କରିବା ନିମନ୍ତେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶ କ୍ରମେ ଅଶୋକ କୁମାର ତ୍ରିପାଠୀ (ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ଅଧିକାରୀ)ଙ୍କ ଅଧ୍ୟକ୍ଷତାରେ ଗଠିତ ହୋଇଥିବା ଉଚ୍ଚସ୍ତରୀୟ କମିଟି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି।



ଉଚ୍ଚଶିକ୍ଷା ବିଭାଗ ଅଧୀନରେ ରହିଥିବା ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରେ କାର୍ଯ୍ୟ କରୁଥିବା ଅଧ୍ୟାପକ ଓ କର୍ମଚାରୀମାନଙ୍କ ସମସ୍ୟା ଏବଂ ବିଭିନ୍ନ ଅଧ୍ୟାପକ ଓ କର୍ମଚାରୀ ସଂଘର ଦାବିକୁ ତର୍ଜମା କରିବା ପରେ ଏହାର କିପରି ସମାଧାନ କରାଯାଇ ପାରିବ ସେ ସମ୍ବନ୍ଧରେ ଶ୍ରୀ ତ୍ରିପାଠୀ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ। ଏଥିସହ ଉଚ୍ଚଶିକ୍ଷାରେ ଜାତୀୟ ଶିକ୍ଷା ନୀତି-୨୦୨୦ ପ୍ରଣୟନ ହେବା ପରେ ଅଧ୍ୟାପକଙ୍କର ଦକ୍ଷତା ବିକାଶ, ଓଡ଼ିଶା ବିଶ୍ୱବିଦ୍ୟାଳୟ (ସଂଶୋଧନ) ଅଧିନିୟମ-୨୦୨୪ ଲାଗୁ ହେବା ପରେ ବିଶ୍ୱବିଦ୍ୟାଳୟରେ ଖାଲି ପଡ଼ି ରହିଥିବା କୁଳପତି ଓ ଅଧ୍ୟାପକ ପଦବୀ ପୂରଣକୁ ତ୍ୱରାନ୍ୱିତ କରିବା, ମହାବିଦ୍ୟାଳୟକୁ ସ୍ୱୟଂଶାସିତ ମାନ୍ୟତା ପ୍ରଦାନ ଏବଂ ଖାଲି ରହିଥିବା ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ପଦବୀ ପୂରଣ, ବିଭିନ୍ନ ଅଧ୍ୟାପକ ଓ କର୍ମଚାରୀ ସଂଘର ନ୍ୟାର୍ଯ୍ୟ ଦାବି ପୂରଣ ଆଦି ସମ୍ପର୍କରେ ଶ୍ରୀ ତ୍ରିପାଠୀ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ।

## କମେଣ୍ଟ ମରାରୁ ଗଣ୍ଡଗୋଳ
### ୪ ଜଣଙ୍କୁ କୋର୍ଟଚାଲାଣ

**ଧର୍ମଶାଳା,୯।୧ (ସଂଚାର ବ୍ୟୁରୋ):** ନାବାଳିକାକୁ କମେଣ୍ଟ ମରାକୁ ନେଇ ରସୁଲପୁର ବ୍ଲକ ଅଧୀନସ୍ଥ ଝାଲପଡା ଗ୍ରାମରେ ଗଣ୍ଡଗୋଳ ଘଟିଛି। ଏହି ଘଟଣାରେ ଉଭୟ ପକ୍ଷରୁ ୪ଜଣ ଆହତ ହୋଇଥିବା ବେଳେ ପୁଲିସ ଉଭୟ ପକ୍ଷରୁ ମୋଟ ୪ ଜଣଙ୍କୁ ଗିରଫକରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଝାଲପଡାର ସାଗର ମଲ୍ଲିକ ଓ ଅନ୍ୟ ଏକ ଗୋଷ୍ଠୀର ସାଗର ମଲ୍ଲିକ, ପ୍ରଶାନ୍ତ ମଲ୍ଲିକ ଓ ସୁଶାନ୍ତ ମଲ୍ଲିକ। ଗୁରୁବାର ସନ୍ଧ୍ୟାରେ ମହେନ୍ଦ୍ର ମଲ୍ଲିକଙ୍କ ନାବାଳିକା ନାତୁଣୀ ନଦୀ ବନ୍ଧ ରାସ୍ତା ଦେଇ ଯାଉଥିବା ବେଳେ ଏହି ଗ୍ରାମର ସାଗର ମଲ୍ଲିକ କମେଣ୍ଟ ମାରିଥିଲେ। ଏନେଇ ମହେନ୍ଦ୍ରଙ୍କ ପରିବାର ପକ୍ଷରୁ ଏହି ଘଟଣା ପଚରାଉଚରା କରିବା ସମୟରେ ଉଭୟଙ୍କ ମଧ୍ୟରେ ବଚସା ହୋଇ ଗଣ୍ଡଗୋଳ ହୋଇଥିଲା। ଏହି ଘଟଣାରେ ଉଭୟ ପକ୍ଷରୁ ୪ଜଣ ଆହତ ହୋଇଥିଲେ।

# ହୀରାକୁଦରେ ବିଦେଶୀ ପକ୍ଷୀଙ୍କ ଆଗମନ

**ସମ୍ବଲପୁର, ୯।୧ (ସଂଚାର ବ୍ୟୁରୋ):** ହୀରାକୁଦ ଜଳଭଣ୍ଡାର ହ୍ରଦର ୧୭୫୦ ବର୍ଗ କିଲୋମିଟର ଅଞ୍ଚଳରେ ଚଳିତ ବର୍ଷ ଶୀତ ଋତୁରେ ଆସିଥିବା ଦେଶ ବିଦେଶର ପକ୍ଷୀମାନଙ୍କ ଗଣନା ଆସନ୍ତା ୧୮ ତାରିଖ ଦିନ କରାଯିବ। ଏଥିପାଇଁ ହୀରାକୁଦ ବନ୍ୟପ୍ରାଣୀ ଡ଼ିଭିଜନ ପକ୍ଷରୁ ପ୍ରସ୍ତୁତି ଚୂଡ଼ାନ୍ତ ରହିଛି। ଜଳଭଣ୍ଡାର ଓ ଆଖପାଖରେ ଥିବା ଜଳାଶୟ ସହିତ ଜଙ୍ଗଲକୁ ନେଇ ପକ୍ଷୀଗଣନା ସକାଶେ ୨୧ ଟି ସେକ୍ସନ କରାଯାଇଛି। ଏଥିରେ ୩୨ ଜଣ ପକ୍ଷୀ ବିଶେଷଜ୍ଞ ଏବଂ ୩୮ ଜଣ କ୍ଷେତ୍ରସ୍ଥଳର ଅଧିକାରୀ ଏବଂ କର୍ମଚାରୀ ସାମିଲ ହେବେ ବୋଲି ଡ଼ିଭିଜନର ଡ଼ିଏଫଓ ଅଂଶୁପ୍ରଜ୍ଞା ଦାସ କହିଛନ୍ତି। ଏବେ ପକ୍ଷୀମାନଙ୍କ କଳରବରେ ହୀରାକୁଦ ହ୍ରଦ ମୁଖରିତ ହେଉଛି। ଏହି ହ୍ରଦକୁ ନଭେମ୍ବର ମାସରୁ ପକ୍ଷୀମାନେ ଆସିଥାନ୍ତି। ହୀରାକୁଦ ହ୍ରଦରେ ଭାରତର ଇଗ୍ରେଟସ, ହେରନ୍ତି, କର୍ମୋମୋରା,



ଲାଫଷ୍ଟିଙ୍ଗ ପ୍ରଭୃତି ପ୍ରଜାତିର ପକ୍ଷୀ ଆସନ୍ତି। ଶୀତ ଋତୁରେ ଆସୁଥିବା ପରିବ୍ରାଜକ ପକ୍ଷୀଙ୍କ ମଧ୍ୟରେ ଋଷ, ସାଇବେରିଆ, କେନ୍ଦ୍ରିୟ ଏସିଆର ପିଂଟଲ, ସୋଭଲର, ଟିଲ, ପୋଚାର୍ଡ, ମଙ୍ଗୋଲିଆ, ତିବେଟ ଏବଂ କେନ୍ଦ୍ରିୟ ଏସିଆର ବାର ହେଡେଡ ଗୁସ, ୟୁରୋପ ଓ ଋଷର ଗଡ ୱିଥ, ସେଣ୍ଡ ପାଇପର୍ସ ଓ ସ୍ନାଇପ ଏବଂ ୟୁରୋପ ଓ କେନ୍ଦ୍ରିଅ ଏସିଆ ଦେଶ ସମୁହରୁ ବ୍ରାଉନ ହେଡେଡ ଗଲ, ୱିସ୍କର୍ଡ ଟର୍ଣ୍ଣ ପ୍ରଭୃତି ପ୍ରଜାତିର ପକ୍ଷୀ ରହିଛନ୍ତି। ଗତବର୍ଷ ପକ୍ଷୀଗଣନା ସମୟରେ ରେକର୍ଡ ୧୨୨ ପ୍ରଜାତିର ୩ ଲକ୍ଷ ୭୭ହଜାର ୭୩୨ ଦେଶ ବିଦେଶର ପକ୍ଷୀ ହୀରାକୁଦ ଆସିଥିଲେ।

# ଚାଲାଣ ବେଳେ ୮୩ଟି କଇଁଛ ଉଦ୍ଧାର

- ୨ ଗିରଫ, ବାଇକ୍ ଜବତ



**ମୈଦଲପୁର,୯।୧(ସଂଚାର ବ୍ୟୁରୋ):** ଦକ୍ଷିଣ ଓଡ଼ିଶାରେ କଇଁଛ ଶିକାର ଓ ବେଆଇନ ଚାଲାଣ ଘଟଣାର ପର୍ଦ୍ଦାଫାସ ହୋଇଛି। ବନ ବିଭାଗର କର୍ମଚାରୀମାନେ ଅତର୍କିତ ଚଢ଼ଉ କରି ୮୩ଟି ଜୀବନ୍ତ କଇଁଛ ଜବତ କରିଛନ୍ତି। ଏଗିଡ଼ିକ କଳାହାଣ୍ଡି ଜିଲ୍ଲାରୁ ଆସିଥିଲା। ନବରଙ୍ଗପୁରଜିଲ୍ଲା ଡାବୁଗାଁ ରେଞ୍ଜ ଅଧିନ ମୈଦଲପୁର ବନବିଭାଗ ୮୩ ଗୋଟି ଜୀବନ୍ତ କଇଁଛ ଉଦ୍ଧାର କରି ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ବ୍ୟବହୃତ ବାଇକ ଜବତ କରାଯାଇଛି। ଚାଲାଣକାରୀ ଦୁଇ ଅଭିଯୁକ୍ତ ହେଲେ ଡାବୁଗାଁ ଥାନା ଚାଟିଗୁଡା ଗ୍ରାମର ପବିତ୍ର ସରକାର (୩୦) ଓ ରାମ ପ୍ରସାଦ ସରକାର(୩୪)। କଳାହାଣ୍ଡି ଜିଲ୍ଲା ଆମପାଣି ଠାରୁ ଚାଟିଗୁଡ଼ାକୁ ଚାଲାଣ କରୁଥିବା ସମୟରେ ମୈଦଲପୁର ବନବିଭାଗ ବିଶେଷ ସୂତ୍ରରୁ ଖବର ପାଇ ମୈଦଲପୁର ନିକଟରେ ଚଢ଼ାଉ କରିଥିଲେ। ଚାଲାଣ କରୁଥିବା ଦୁଇ ଅଭିଯୁକ୍ତଙ୍କୁ ଅଟକ ରଖି ପଚରାଉଚରା କରି ଚାଲାଣ ହୋଉଥିବା ଜାଣିବାକୁ ପାଇଥିଲେ। ଘଟଣାସ୍ଥଳରୁ କଇଁଛ ଉଦ୍ଧାର କରିବା ସହ ବ୍ୟବହୃତ ବାଇକ ଜବତ କରି ଦୁଇ ଚାଲାଣକାରୀ ଅଭିଯୁକ୍ତଙ୍କୁ ଗିରଫ କରିଛନ୍ତି। ସୂଚନା ଥାଉକି ୨୦୨୩ ମସିହା ଜୁନ ମାସରେ ମୈଦଲପୁର ପୁଲିସ ପକ୍ଷରୁ ୯୨ ଗୋଟି ଜୀବନ୍ତ କଇଁଛ ଉଦ୍ଧାର କରିଥିଲେ। ଏହି ଚଢ଼ଉ ସମୟରେ ଡାବୁଗାଁ ବନାଞ୍ଚଳ ଅଧିକାରୀ ରାମଚନ୍ଦ୍ର ଭତ୍ରା, ମୈଦଲପୁର ଫରେଷ୍ଟର ମଧୁସୂଦନ ପାତ୍ର, ବସନ୍ତ କୁମାର ନାୟକ, ଉମାଶଙ୍କର ମିଶ୍ର, ସରସ୍ୱତୀ ମେହେର, ମଧୁସ୍ମିତା ତ୍ରିପାଠୀ, ବୈଦ୍ୟନାଥ ମାଝୀ ଓ ଝାଡ଼େଶ୍ୱର ହରିଜନ ପ୍ରମୁଖ ସାମିଲ ଥିଲେ।

- ବୋମା ଧମକ ପରେ ହାଇଆଲର୍ଟ

# କୋର୍ଟ ପରିସରରେ ବଢ଼ିଲା ସୁରକ୍ଷା ବ୍ୟବସ୍ଥା

**କଟକ ୯।୧(ସଂଚାର ବ୍ୟୁରୋ):** ବୋମା ଧମକ ପରେ କୋର୍ଟ ପରିସରରେ ବଢ଼ିଲା ସୁରକ୍ଷା ବ୍ୟବସ୍ଥା। ହାଇକୋର୍ଟ ସମେତ ନିମ୍ନ ଅଦାଲତରର ଆଜି ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଉଭୟ ସ୍ଥାନରେ ଅଧିକ ସାଢ଼େ ୩ ପ୍ଲାଟୁନ ସଶସ୍ତ୍ର ବାହିନୀ ମୁତୟନ ହୋଇଛନ୍ତି। ଉଭୟ ହାଇକୋର୍ଟ ଏବଂ ଜିଲ୍ଲା ଜଜ୍ କୋର୍ଟରେ ଅଧିକ ସଂଖ୍ୟକ ମେଟାଲ ଡିଟେକ୍ଟର ଲାଗିଛି। ସମସ୍ତ ପ୍ରବେଶ ଏବଂ ପ୍ରସ୍ଥାନ ଦ୍ୱାରରେ କଡ଼ାକଡ଼ି ଚେକିଂ କରାଯାଉଛି। ହାଇକୋର୍ଟ ଭିତରକୁ କୌଣସି ବକ୍ସ କିମ୍ବା ବ୍ୟାଗ୍ ଅବା ଜିନିଷପତ୍ର ନେବା ଉପରେ ପ୍ରତିବନ୍ଧକ ଲାଗୁ କରାଯାଇଛି। ଏଭଳି ସୁରକ୍ଷା ବ୍ୟବସ୍ଥାକୁ ନେଇ ଆଇନଜୀବୀମାନେ ସନ୍ତୋଷ ପ୍ରକଟ କରିଛନ୍ତି। ସୂଚନାଯୋଗ୍ୟ ଯେ, ରାଜ୍ୟର ୩ଟି କୋର୍ଟକୁ ବୋମାରେ ଉଡ଼ାଇ ଦେବା ନେଇ ଧମକପୂର୍ଣ୍ଣ ଇ-ମେଲ୍ ଆସିବା ପରେ ସାରା ରାଜ୍ୟରେ ହଇଚଇ ସୃଷ୍ଟି ହୋଇଥିଲା। ଦେବଗଡ଼, ସମ୍ବଲପୁର ଏବଂ କଟକ ଜିଲ୍ଲା କୋର୍ଟକୁ ଧମକପୂର୍ଣ୍ଣ ମେଲ୍ ଆସିଥିଲା। ତେବେ ପରେ ଜଣାପଡ଼ିଥିଲା ଯେ ଏହା ଏକ ଗୁଜବ ସୃଷ୍ଟିକାରୀ ଇ-ମେଲ୍ ଥିଲା। ଦେଶର ଆଉ ୬ଟି ରାଜ୍ୟରେ ମଧ ସମାନ ଧରଣର ମେଲ୍ ଆସିଥିବା ବେଳେ ସେଠାରେ ମଧ ଚେକିଂ କରାଯାଇଥିଲା। ଘଟଣାର ତଦନ୍ତ ଆରମ୍ଭ ହୋଇଥିଲା। ଉଭୟ କ୍ରାଇମବ୍ରାଞ୍ଚ ଏବଂ ସାଇବର ସେଲ ମାମଲାର ତଦନ୍ତ ଆରମ୍ଭ କରିଛି ବୋଲି ପୁଲିସ କମିଶନର କହିଥିଲେ। ଧମକପୂର୍ଣ୍ଣ ଇ-ମେଲ୍‌ର ସୋର୍ସ କ'ଣ ତାହା ଜାଣିବା ଲାଗି ପୁଲିସ ସବୁ ପ୍ରକାରର ଚେଷ୍ଟା କରୁଛି ବୋଲି କହିଥିଲେ ପୁଲିସ କମିଶନର। ଏଭଳି ହୀନକାର୍ଯ୍ୟରେ ଯେଉଁମାନେ ସମ୍ପୃକ୍ତ, ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ହାଇକୋର୍ଟ ବାର୍ ଆସୋସିଏସନ ତରଫରୁ ଦାବି ହୋଇଥିଲା।

- ରାତି ଅଧରେ ସ୍ୱର୍ଗଦ୍ୱାରରେ ଚାଞ୍ଚଲ୍ୟ

# ସାମାନ୍ୟ ବଚସାରୁ ହତ୍ୟାକାଣ୍ଡ: ଜଣେ ମୃତ

**ପୁରୀ, ୯।୧ (ସଂଚାର ବ୍ୟୁରୋ):** ମଣିଷର ଶେଷ ଠିକଣା ସ୍ୱର୍ଗଦ୍ୱାର। ସ୍ୱର୍ଗଦ୍ୱାରରେ ଶବ ସଂସ୍କାର କଲେ ଆତ୍ମା ସ୍ୱର୍ଗପ୍ରାପ୍ତି ହୋଇଥାଏ ବୋଲେ ବିଶ୍ୱାସ ରହିଛି । ଦିନରାତିରେ ଶହ ଶହ ଶବ ସ୍ୱର୍ଗଦ୍ୱାରକୁ ଆସୁଛି। ଗୁରୁବାର ରାତି ୧ଟା ବେଳେ ଭଦ୍ରକର ଜଣେ ବୃଦ୍ଧଙ୍କ ଶବଦାହ ପାଇଁ ସମ୍ପର୍କୀୟମାନେ ସ୍ୱର୍ଗଦ୍ୱାର ଆସିଥିଲେ। ଶବଦାହ ଚାଲିଥିବା ବେଳେ ଅସ୍ଥି ଶୀତଳ ପାଇଁ ପଇଡ ଆଣିବାକୁ ୨ଜଣ ଯୁବକ ରଞ୍ଜନ ଦାସ ଓ ମାନସ ରଞ୍ଜନ ନାୟକ ଚୈତନ୍ୟ ଛକରେ କଥାବାର୍ତ୍ତା ହୋଇ ଯାଉଥିବା ବେଳେ ସେଠାରେ ବସିଥିବା ଜଣେ ଯୁବକ କାହିଁକି ପାଟି କରୁଛ ବୋଲି କହିବାରୁ ସେଠାରେ ବଚସା ହୋଇଥିଲା। ବସିଥିବା ଯୁବକ ହଠାତ ପକେଟରୁ ଛୁରି କାଢ଼ି ରଞ୍ଜନ ଦାସର ବେକକୁ ଆକ୍ରମଣ କରିଥିଲା। ତାକୁ ରକ୍ଷାକରିବାକୁ ଯାଇ ମାନସ ଆହତ ହୋଇଥିଲା। ରଞ୍ଜନ ଦାସ ଗୁରୁତର ହେବାରୁ ତାଙ୍କୁ ଚିକିତ୍ସାଳୟକୁ ନିଆଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁତର ଆହତ ମାନସ ଚିକିତ୍ସିତ ହେଉଛନ୍ତି। ମୃତ ଯୁବକ ହେଲେ ଭଦ୍ରକ ଜିଲ୍ଲା ବନ୍ତ ଥାନା ଅନ୍ତର୍ଗତ ଅପଣ୍ଡା ଗ୍ରାମର। ଧର୍ମକ୍ଷେତ୍ର ପୁରୀରେ ସ୍ୱର୍ଗଦ୍ୱାର ଭଳି ପବିତ୍ର ସ୍ଥାନରେ ଏଭଳି ଅଘଟଣକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି। ହତ୍ୟାକାଣ୍ଡ ସମ୍ପର୍କରେ ସମୁଦ୍ରକୂଳ ଥାନା ପକ୍ଷରୁ ମାମଲା ରୁଜୁ କରାଯାଇ ଅଭିଯୁକ୍ତକୁ ଧରିବା ପାଇଁ ତଦନ୍ତ ଜାରି ରହିଛି ।

## ବିଧାନସଭା କମିଟିର ଓଡ଼ିଶା ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ଼ ପରିଦର୍ଶନ
# ଖଦି ପିନ୍ଧିବା, ଗ୍ରାମୀଣ ଅର୍ଥନୀତିକୁ ସମୃଦ୍ଧକରିବା

**ଭୁବନେଶ୍ୱର, ୯।୧(ସଂଚାର ବ୍ୟୁରୋ):** ଖଦି ସ୍ୱଦେଶୀ, ସ୍ୱାଭିମାନ ଓ ସମୃଦ୍ଧିର ପ୍ରତୀକ। ଅଧିକରୁ ଅଧିକ ଖଦି ପିନ୍ଧିଲେ, ଗ୍ରାମୀଣ ଅର୍ଥନୀତି ସମୃଦ୍ଧ ହୋଇପାରିବ ବୋଲି ବିଧାନସଭା ପେପର୍ସ ଲେଡ୍ ଅନ୍ ଦ ଟେବୁଲ୍ କମିଟି ସମୀକ୍ଷା ବୈଠକରେ ମତ ପ୍ରକାଶ ପାଇଛି। ଓଡ଼ିଶା ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ଼ ପରିଦର୍ଶନ ସମୟରେ ଖଦିର ପୁନରୁତ୍ଥାନ ପାଇଁ ଆଲୋଚନାରେ ମତ ପ୍ରକାଶ ପାଇଛି।



ବିଧାନସଭା କମିଟି ସମ୍ମୁଖରେ ଖଦି ବୋର୍ଡ଼ ସଦସ୍ୟ ଓ ବୁଣାକାରମାନେ ଖଦିର ପୁନରୁତ୍ଥାନ ପାଇଁ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋକପାତ କରିଥିଲେ। ଆବଶ୍ୟକୀୟ କଞ୍ଚାମାଲ୍ ଯୋଗାଣ, ରିହାତି ବୃଦ୍ଧି, ବୁଣାକାରଙ୍କୁ ଭତ୍ତା ପ୍ରଦାନ, ନୂଆ ଗୋଦାମ ଗୃହ ନିର୍ମାଣ, ଚଳନ୍ତି ପୁଞ୍ଜି, ନୂତନ କର୍ମଚାରୀ ନିଯୁକ୍ତି, ଦକ୍ଷତା ବିକାଶ ପାଇଁ ପ୍ରଶିକ୍ଷଣ, ବିପଣନ, ଡିଜିଟାଲ ମାର୍କେଟିଂ, ନୂତନ ବିକ୍ରୟକେନ୍ଦ୍ର ଖୋଲିବା ଆଦି ପଦକ୍ଷେପ ଗ୍ରହଣ କରିବାକୁ ସେମାନେ ଅନୁରୋଧ କରିଥିଲେ। ସ୍ଥାନୀୟ ଓଡ଼ିଶା ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ଼ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ବୈଠକରେ ବିଧାନସଭା ପେପର୍ସ ଲେଡ୍ ଅନ୍ ଦ ଟେବୁଲ୍ କମିଟି ଅଧ୍ୟକ୍ଷ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ ସ୍ୱାଇଁ, କମିଟି ସଭ୍ୟ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର, ପାରଳାଖେମୁଣ୍ଡି ବିଧାୟକ ରୂପେଶ କୁମାର ପାଣିଗ୍ରାହୀ, ଗୁଣୁପୁର ବିଧାୟକ ସତ୍ୟଜିତ ଗମାଙ୍ଗୋ, ବୋର୍ଡ଼ ଅଧ୍ୟକ୍ଷ ଡି. ପ୍ରଶାନ୍ତ କୁମାର ରେଡ୍ଡୀ, ସଚିବ ସଞ୍ଜୟ ମିଶ୍ର, ବୋର୍ଡ଼ ସଦସ୍ୟା ଡ. ଅରୁନ୍ଧତୀ ଦେବୀ, ସଦସ୍ୟ ଅଜୟ ନାୟକ, କେନ୍ଦ୍ର ଖଦି କମିଶନର ରାଜ୍ୟ ନିର୍ଦ୍ଦେଶକ ସୁଭାଷ ଛେତ୍ରୀ, ଖଦି ବୋର୍ଡ଼ର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।

# ଯୁବତୀଙ୍କ ଅଶ୍ଳୀଳ ଫଟୋ ପ୍ରଘଟ କରି ଯୁବକ ଗିରଫ

**ଗଞ୍ଜାମ, ୯।୧ (ସଂଚାର ବ୍ୟୁରୋ):** ପୁରୁଷୋତ୍ତମପୁର ଅଞ୍ଚଳର ଜଣେ ଯୁବକ କିଶୋର କୁମାର ସାମଲକୁ ବ୍ରହ୍ମପୁରର ସାଇବର ଥାନା ପୁଲିସ୍ ଜଣେ ଯୁବତୀଙ୍କ ଫଟୋ ପ୍ରଘଟ କରିବା ଅଭିଯୋଗରେ ଗିରଫ କରିଛି। ପୁଲିସ ଏହି ଯୁବକଠାରୁ ଫଟୋ ଭାଇରାଲ କରିଥିବା ମୋବାଇଲ୍ ଫୋନ୍ ଟିକୁ ମଧ ଜବତ କରିଛି। ଯୁବକ ଜଣକ ଗତ ୫ ବର୍ଷ ଧରି ସଂପୃକ୍ତ ଯୁବତୀ ସହ ସଂପର୍କରେ ରହିଥିଲେ। କିଛି ମାସ ତଳେ ଯୁବତୀ ଜଣକ ଚାକିରି ପାଇଥିଲେ। କୌଣସି କାରଣକୁ ନେଇ ଉଭୟଙ୍କ ମଧ୍ୟରେ ବିବାଦ ହୋଇଥିଲା ଓ ଏହି ଘଟଣା ପରେ ଯୁବକ ଜଣକ ଯୁବତୀଙ୍କ ଅଶ୍ଳୀଳ ଫଟୋ ବିଭିନ୍ନ ଗଣମାଧ୍ୟମରେ ଭାଇରାଲ କରିଥିଲେ। ଘଟଣା ସଂପର୍କରେ ଯୁବତୀ ଜଣକ ବ୍ରହ୍ମପୁର ସାଇବର ଥାନାରେ ଅଭିଯୋଗ କରିବା ପରେ ପୁଲିସ୍ ଅଭିଯୁକ୍ତ କିଶୋର କୁମାର ସାମଲକୁ ଗିରିଫ କରି କୋର୍ଟଚାଲାଣ କରିଛି।

# ଟାଙ୍ଗିଆ ଚୋଟରେ ଭାଇର ମୃତ୍ୟୁ

**ରାୟଗଡ଼ା,୯।୧(ସଂଚାର ବ୍ୟୁରୋ):** ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ବଡ଼ବାପାଙ୍କ ପୁଅ ଟାଙ୍ଗିଆ ଚୋଟରେ ସାନବାପାଙ୍କ ପୁଅର ମୃତ୍ୟୁ ଘଟିଛି। ରାୟଗଡ଼ା ଜିଲା ମୁନିଗୁଡ଼ା ବ୍ଲକ ଅମ୍ବାଦଳା ଥାନା ଇଚ୍ଛାପୁର ପଞ୍ଚାୟତର ବଡ଼ନାଗଝରି ଗ୍ରାମରେ ଶୁକ୍ରବାର ଏଭଳି ହତ୍ୟାକାଣ୍ଡ ଘଟିଛି। ମୃତକ ହେଲେ ବଡ଼ନାଗଝରି ଗ୍ରାମର ବଡ଼ନୁନା କଡିମ୍। ଅମ୍ବାଦଳା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଅଭିଯୁକ୍ତ ବିଶ୍ୱମ୍ବର କଡିମଙ୍କୁ ଗିରଫ କରିଛି। ସୂଚନା ଅନୁଯାୟୀ, ସାନବାପା ପୁଅ ବଡନୁନା ତାଙ୍କ କାନ୍ଦୁଲ ବାଡ ରକ୍ଷଣାବେକ୍ଷଣ ପାଇଁ ଜମିକୁ ଯାଉଥିବା ବେଳେ ପୂର୍ବରୁ ବଡ଼ବାପା ପୁଅ ବିଶ୍ୱମ୍ବର ତାଙ୍କ ଜମିରେ ଥିବା ଏକ ଜାମୁ କୋଳି ଗଛ କାଟୁଥିଲେ। ଏତେ ବଡ଼ ଗଛ କାହିଁକି କାଟି ଦେଉଛ ବୋଲି ବଡନୁନା ବିଶ୍ୱମ୍ବରକୁ ପଚାରିବାରୁ ସେ ଗଛରୁ ଓହ୍ଲାଇ ଆସିଥିଲେ। ଉଭୟଙ୍କ ମଧ୍ୟରେ ଗଛକଟାକୁ ନେଇ ବଚସା ହେବା ପରେ ବିଶ୍ୱମ୍ବର ଉତ୍ତ୍ୟକ୍ତ ହୋଇ ହାତରେ ଧରିଥିବା ଟାଙ୍ଗିଆରେ ବଡନୁନାଙ୍କୁ ଆକ୍ରମଣ କରିଥିଲେ। ଫଳରେ ଘଟଣାସ୍ଥଳରେ ବଡନୁନାଙ୍କ ମୃତ୍ୟୁ ହୋଇଛି। ଅନ୍ୟପଟେ ବଡ଼ନୁନାଙ୍କ ସ୍ତ୍ରୀ ଓ ନାବାଳିକା ଝିଅ କାନ୍ଦୁଲ ବାଡ଼ରେ ଅପେକ୍ଷା କରିଥିବା ବେଳେ ସେ ନ ପହଞ୍ଚିବାରୁ ତାଙ୍କୁ ଖୋଜାଖୋଜି କରିଥିଲେ। ବାପାଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଝିଅ ଦେଖି ଗାଁ ଲୋକଙ୍କୁ ଜଣାଇବା ପରେ ସେମାନେ ପୁଲିସକୁ ଖବର ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ହତ୍ୟାରେ ବ୍ୟବହୃତ ଟାଙ୍ଗିଆକୁ ପୁଲିସ ଜବତ କରିଛି।

# 'ଜାତୀୟ ବାଉଁଶ ସମ୍ମିଳନୀ ୨୦୨୬' ଉଦ୍‌ଘାଟିତ

**ଭୁବନେଶ୍ୱର, ୯।୧(ସଂଚାର ବ୍ୟୁରୋ):** ଓଡ଼ିଶାର ବାଉଁଶ କ୍ଷେତ୍ରକୁ ରାଜ୍ୟର ସବୁଜ ଅର୍ଥନୀତିର ଏକ ପ୍ରମୁଖ ସ୍ତମ୍ଭ ଭାବରେ ଗଢ଼ିତୋଳିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ପଟିଆସ୍ଥିତ ହୋଟେଲ କ୍ରିଷ୍ଟାଲ କ୍ରାଉନଠାରେ 'ଜାତୀୟ ବାଉଁଶ ସମ୍ମିଳନୀ ୨୦୨୬' ଅନୁଷ୍ଠିତ ହୋଇଯାଇଛି। ୱାନ ଫ୍ୟୁଚର ଫାଉଣ୍ଡେସନ ଦ୍ୱାରା ଆୟୋଜିତ ଏହି ଏକଦିବସୀୟ କାର୍ଯ୍ୟକ୍ରମରେ ନୀତି ନିର୍ଦ୍ଧାରକ, ଶିଳ୍ପ ଜଗତର ନେତୃବୃନ୍ଦ ଏବଂ ସ୍ଥାୟୀ ଡିଜାଇନ୍ ବିଶେଷଜ୍ଞଙ୍କ ସମେତ ୨୦୦ରୁ ଅଧିକ ପ୍ରତିନିଧି ଯୋଗ ଦେଇଥିଲେ। ଗ୍ରାମୀଣ ସମୃଦ୍ଧି ଓ ଏକ ନବୀକରଣ ଯୋଗ୍ୟ ସମ୍ପଦ ଭାବେ ବାଉଁଶର ବ୍ୟାପକ ସମ୍ଭାବନା ଉପରେ ଏଠାରେ ଆଲୋଚନା କରାଯାଇଥିଲା।



ଏହି ସମ୍ମିଳନୀକୁ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗର ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ ଉଦ୍‌ଘାଟନ କରିଥିଲେ। ସେ ସଭାକୁ ସମ୍ବୋଧିତ କରି କହିଥିଲେ ଯେ, ଏହି କାର୍ଯ୍ୟକ୍ରମ ରାଜ୍ୟର ବାଉଁଶ ଶିଳ୍ପକୁ ଏକ ଶକ୍ତିଶାଳୀ ରୂପ ଦେବା ପାଇଁ ଏକ ସାମୂହିକ ପ୍ରୟାସ। ସ୍ଥାନୀୟ କାରିଗରମାନଙ୍କୁ ଡିଜିଟାଲାଇଜ୍ କରିବା ଏବଂ ସେମାନଙ୍କ ବଜାର ପରିସରକୁ ବୃଦ୍ଧି କରିବା ପାଇଁ ମନ୍ତ୍ରୀ ଶ୍ରୀ ସିଂଖୁଣ୍ଟିଆ ବାଉଁଶ ସାମଗ୍ରୀର ଅନଲାଇନ୍ ବିକ୍ରୟ ନିମନ୍ତେ ଏକ ସ୍ୱତନ୍ତ୍ର ୱେବସାଇଟ୍ ର ଶୁଭାରମ୍ଭ କରିଥିଲେ। ଏହି ଅବସରରେ 'ୱାନ ଫ୍ୟୁଚର ଫାଉଣ୍ଡେସନ'ର ପରାମର୍ଶଦାତା ଗୁରୁ ପ୍ରସାଦ ମିଶ୍ର, ସମ୍ମିଳନୀର ମୁଖ୍ୟ ସମନ୍ୱୟକାରୀ ଶାରଦା ପ୍ରସାଦ ପଣ୍ଡା ଏବଂ ବିଶ୍ୱ ବାଉଁଶ ଦୂତ ତଥା ସ୍ଥାୟୀ ଡିଜାଇନ୍ ବିଶେଷଜ୍ଞ ଡଃ ରେବେକା ରିଉବେନ୍ସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

## ଓୟୁଜେ ପ୍ରତିଷ୍ଠା ଦିବସରେ ମନ୍ତ୍ରୀଙ୍କ ସୂଚନା
# ସାମ୍ବାଦିକଙ୍କ ଦାବି ପୂରଣ ପ୍ରକ୍ରିୟା ଆରମ୍ଭ ହୋଇଛି

**ଭୁବନେଶ୍ୱର, ୯।୧(ସଂଚାର ବ୍ୟୁରୋ):** ରାଜ୍ୟରେ ସାମ୍ବାଦିକମାନଙ୍କ ଲାଗି ପେନ୍‌ସନ୍ ଲାଗୁ, ଅନୁକମ୍ପା ରାଶି ବୃଦ୍ଧି ଓ ସୁରକ୍ଷା ଆଇନ ପ୍ରଣୟନ ଆଦି ପ୍ରସଙ୍ଗ ଉପରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ପ୍ରକ୍ରିୟା ଆରମ୍ଭ ହୋଇଛି। ସମସ୍ତ ବିଷୟକୁ ତର୍ଜମା କରାଯାଇ ଖୁବ୍‌ଶୀଘ୍ର

## ସାମ୍ବାଦିକଙ୍କ ପାଇଁ କମିବ ସରକାରୀ ବଙ୍ଗଳା ଦେୟ

ଏ ବାବଦରେ ଅନୁକୂଳ ନିଷ୍ପତ୍ତି ନିଆଯିବ ବୋଲି ଆଇନ୍, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି।

ଶୁକ୍ରବାର ଜୟଦେବ ଭବନଠାରେ ଆୟୋଜିତ ଓଡ଼ିଶା ସାମ୍ବାଦିକ




ୟୁନିଅନ୍ (ଓୟୁଜେ)ର ୫୪ତମ ପ୍ରତିଷ୍ଠା ଦିବସ ସମାରୋହରେ ମୁଖ୍ୟଅତିଥି ରୂପେ ଯୋଗଦେଇ ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଥିଲେ ଯେ, ଓୟୁଜେର ଦାବିକ୍ରମେ ବିଭିନ୍ନ ସରକାରୀ ବଙ୍ଗଳା ଓ ଆବାସସ୍ଥଳୀ ଲାଗି ବୃଦ୍ଧି ହୋଇଥିବା ଦେୟକୁ ସାମ୍ବାଦିକଙ୍କ ଲାଗି ୩୦୦ ଟଙ୍କାକୁ କମାଇ ଦିଆଯିବ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଘୋଷଣା କରିଥିଲେ।

ଉତ୍ସବକୁ ଉଦ୍‌ଘାଟନ କରି ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବବ୍ୟାପାର ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀ ଓଡ଼ିଆ ସାମ୍ବାଦିକତାର ଇତିହାସ ଯେତିକି ପ୍ରାଚୀନ ସେତିକି ସମୃଦ୍ଧି ବୋଲି ଉଲ୍ଲେଖ କରିବା ସହ ଭାଷାକୁ ଶୁଦ୍ଧ ଓ ଋଦ୍ଧିମନ୍ତ କରିବାରେ ସାମ୍ବାଦିକମାନଙ୍କର ସକ୍ରିୟ ସହଯୋଗ କାମନା କରିଥିଲେ। ଉତ୍ସବରେ ସଭାପତିତ୍ୱ କରି ଓୟୁଜେର ସଭାପତି ପ୍ରସନ୍ନ ମହାନ୍ତି ୟୁନିଅନ୍ ପକ୍ଷରୁ ନିରନ୍ତର ଭାବରେ ଉପସ୍ଥାପନ କରାଯାଉଥିବା ପେନ୍‌ସନ୍, ପ୍ରୋଟେକ୍ସନ ଓ ଆକ୍ରିଡ଼େସନ ପ୍ରସଙ୍ଗରେ ସରକାର ତୁରନ୍ତ ପଦକ୍ଷେପ ଗ୍ରହଣ ନ କଲେ ଓୟୁଜେ ବାଧହୋଇ ପୁଣିଥରେ ଆନ୍ଦୋଳନର ରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଥିଲେ। ସାମ୍ବାଦିକଙ୍କ ଲାଗି ଉଦ୍ଦିଷ୍ଟ ଅନୁକମ୍ପା ରାଶିର ପରିମାଣକୁ ୪ଲକ୍ଷରୁ ୧୦ଲକ୍ଷ ଟଙ୍କାକୁ ବୃଦ୍ଧି କରିବାକୁ ସେ ଦାବି କରିଥିଲେ। ବିଶେଷ ଅତିଥିରୂପେ ଲୋକସଭା ସଦସ୍ୟ ପ୍ରଦୀପ ପୁରୋହିତ, ଭୁବନେଶ୍ୱର ମଧ ବିଧାୟକ ଅନନ୍ତ ନାରାୟଣ ଜେନା ଯୋଗଦେଇଥିଲେ।

# କୁରାଢ଼ୀରେ ହାଣି ପୁଅକୁ ହତ୍ୟା

**କରଞ୍ଜିଆ, ୯।୧(ସଂଚାର ବ୍ୟୁରୋ):** କୁରାଢ଼ୀ ଚୋଟରେ ବାପା ନେଲା ପୁଅର ଜୀବନ। ପୁଅଟିଏ ପାଇବା ପାଇଁ ଲୋକେ କେତେ ଦିଅଁ ଦେବତା ପୂଜା କରୁଥିବା ବେଳେ ଏଠି ପୁଅର ଜୀବନ ନେଇଯାଇଛି ଖୋଦ୍ ବାପା। ଏଭଳି ଏକ ଲୋମହର୍ଷଣକାରୀ ହତ୍ୟାକାଣ୍ଡ ଘଟିଛି ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ଥାନା ଭରାଣ୍ଡିଆ ଗ୍ରାମରେ। ସୂଚନାଯୋଗ୍ୟ ଯେ, ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ଥାନା ଭରାଣ୍ଡିଆ ଗ୍ରାମର ଅନାମ ବାଉଁଶିଆ ନିଜ ବଡ଼ ପୁଅ ତପନ

**ବାପାର ଥାନାରେ ଆତ୍ମସମର୍ପଣ**

ବାଉଁଶିଆକୁ ଏକ କୁରାଢ଼ୀରେ ହାଣି ହତ୍ୟା କରିବା ପରେ ଥାନାରେ ଆତ୍ମସମର୍ପଣ କରିଛନ୍ତି। ବାପା ଅନାମ ବାଉଁଶିଆ ଘରେ ରୋଷେଇ କରୁଥିବା ବେଳେ ପୁଅ ତପନ ମଦ ପିଇ ଘରକୁ ଆସିଥିଲେ। ବାପାଙ୍କୁ ପାଟିତୁଣ୍ଡ କରିବା ସହିତ ଗୋଇଠା ମାରିଥିଲେ ପୁଅ। ଏଥିରେ ବାପା ଅନାମ ରାଗିଯାଇ ଏକ କୁରାଢ଼ୀରେ ତପନକୁ ଆକ୍ରମଣ କରିଥିଲେ। ପୁଅକୁ ହତ୍ୟା କରିବା ପରେ ଠାକୁରମୁଣ୍ଡା ଥାନାରେ ନିଜେ ଯାଇ ଆତ୍ମସମର୍ପଣ କରିଛି ଅଭିଯୁକ୍ତ ବାପା। ତେବେ ଏନେଇ ଠାକୁରମୁଣ୍ଡା ଥାନା ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ







ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର। ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୩୫,୮୨୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୨୪,୫୦୦ ଟଙ୍କା ଛୁଇଁଛି । ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୩୫,୮୨୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୨୪,୫୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୩୫,୮୨୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୨୪,୫୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୩୫,୯୭୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୨୪,୬୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୩୬,୫୮୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୨୫,୨୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୩୫,୮୨୦ ଓ ୧,୨୪,୫୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୪୦,୦୦୦ ଟଙ୍କା ହୋଇଛି।




ଗାଡ଼ିରେ ପେଟ୍ରୋଲ କିମ୍ବା ଡିଜେଲ ପକାଇବା ପୂର୍ବରୁ ଜାଣି ନିଅନ୍ତୁ ଦର। ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୦.୯୩ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୫୧ ପଇସା ରହିଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୪ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୯୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୮ ପଇସା ରହିଛି।

# ଏଜିଆର୍ ପ୍ରସଙ୍ଗରେ ଭୋଡାଫୋନ୍ ଭିଆଇକୁ ଆଶ୍ୱସ୍ତି

ନୂଆଦିଲ୍ଲୀ,୯।୧: ଆଡଜଷ୍ଟେଡ ଗ୍ରସ୍ ରେଭେନ୍ୟୁ(ଏଜିଆର୍) ପ୍ରସଙ୍ଗରେ ଭୋଡାଫୋନ୍ ଆଇଡିଆକୁ (ଭିଆଇ) ଆଶ୍ୱସ୍ତି। ଶୁକ୍ରବାର କମ୍ପାନି ଏକ ଫାଇଲିଂରେ ଏନେଇ ସୂଚନା ଦେଇଛି। କମ୍ପାନି କହିଛି, ୨୦୦୭ରୁ ୨୦୧୯ ଆର୍ଥିକ ବର୍ଷ ପାଇଁ ଦେବାକୁ ଥିବା ଏଜିଆର ଦେୟକୁ ଫ୍ରିଜ୍ କରାଯାଇଛି। ଏହାର ଅର୍ଥ ଏହି ରାଶି ପୈଠ କରିବାକୁ କମ୍ପାନି ଉପରେ କୌଣସି ଚାପ ରହିବ ନାହିଁ ଏବଂ ପରେ ଦେୟ କରାଯାଇପାରିବ।




ତେବେ ରିପୋର୍ଟ ଅନୁସାରେ, କମ୍ପାନି ଏହି ବକେୟା ରାଶିକୁ ୨୦୨୬ ମାର୍ଚ୍ଚ ଠାରୁ ପୈଠ କରିବା ଆରମ୍ଭ କରିବ। ପ୍ରଥମ ପର୍ଯ୍ୟାୟରେ, ୨୦୨୬ ମାର୍ଚ୍ଚ ଠାରୁ ୨୦୩୧ ମାର୍ଚ୍ଚ ପର୍ଯ୍ୟନ୍ତ କମ୍ପାନି ଏହି ରାଶି ପୈଠ କରିବ। ଏହି ସମୟ ଅବଧିରେ କମ୍ପାନି ବାର୍ଷିକ ସର୍ବାଧିକ ୧୨୪ କୋଟି ଟଙ୍କା ପ୍ରଦାନ କରିବ। ସେହିଭଳି ପରବର୍ତ୍ତୀ ସମୟରେ ୨୦୩୨ ମାର୍ଚ୍ଚରୁ ୨୦୩୫ ମାର୍ଚ୍ଚ ପର୍ଯ୍ୟନ୍ତ ବାର୍ଷିକ ୧୦୦ କୋଟି ଟଙ୍କା ପୈଠ କରିବ।

କମ୍ପାନି ପକ୍ଷରୁ ଆହୁରି କୁହାଯାଇଛି ଯେ, ଏଜିଆର୍ ଦେୟର ପୁନଃଗଣନା ପାଇଁ ଦୂରସଂଚାର ବିଭାଗ ଏକ କମିଟି ଗଠନ କରିବ। କମିଟିର ନିଷ୍ପତ୍ତି ଚୂଡ଼ାନ୍ତ ହେବ। ଆଉ ଏହା ପରେ ନୂତନ ରାଶି ମାର୍ଚ୍ଚ ୨୦୩୫ରୁ ମାର୍ଚ୍ଚ ୨୦୪୧ ମଧ୍ୟରେ ସମାନ ବାର୍ଷିକ କିସ୍ତିରେ ପ୍ରଦାନ କରାଯିବ।

ସୂଚନାଥାଉକି, ୨୦୨୫ ଡିସେମ୍ବର ୩୧ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏକ ବୈଠକରେ ଭୋଡାଫୋନ୍ ଆଇଡିଆକୁ ଏହି ଆଶ୍ୱସ୍ତି ମିଳିଥିଲା। ସରକାର କମ୍ପାନିର ପୁରୁଣା ଦେୟ ତୁରନ୍ତ ପୈଠ କରିବା ନିଷ୍ପତ୍ତିକୁ ରୋକ୍ ଲଗାଇବା ସହ ଏହି ବକେୟା ରାଶିକୁ ଫ୍ରିଜ କରିଥିଲେ।ଏହା ଯୋଗୁ ଅତ୍ୟଧିକ ଋଣଗ୍ରସ୍ତ ଭୋଡାଫୋନ୍ ଆଇଡିଆକୁ ବଡ଼ ଆଶ୍ୱସ୍ତି ମିଳିଥିଲା। ଏଜିଆର୍ ବା ଆଡଜଷ୍ଟେଡ୍ ଗ୍ରସ ରେଭେନ୍ୟୁ, ହେଉଛି ସେହି ଆୟ ଯାହା ଉପରେ ଟେଲିକମ୍ କମ୍ପାନିଗୁଡ଼ିକ ସରକାରଙ୍କୁ ଲାଇସେନ୍ସ ଫି ଏବଂ ସ୍ପେକ୍ଟ୍ରମ୍ ଚାର୍ଜ ଦେବାକୁ ବାଧ ହୋଇଥାନ୍ତି। ଏଥିରେ କେବଳ ମୋବାଇଲ୍ ସେବାରୁ ରାଜସ୍ୱ ନୁହେଁ ବରଂ ସୁଧ, ଭଡ଼ା, ଜମି ଏବଂ ସମ୍ପତ୍ତି ବିକ୍ରିରୁ ଆୟ ଭଳି ଅନ୍ୟାନ୍ୟ ଆୟ ମଧ ଅନ୍ତର୍ଭୁକ୍ତ।

ଉଲ୍ଲେଖଯୋଗ୍ୟ, ଭୋଡାଫୋନ୍ ଆଇଡିଆ ଦୀର୍ଘ ଦିନରୁ କ୍ଷତି ସହି ଆସୁଛି। କିନ୍ତୁ ଏବେ ଏହାର ସ୍ଥିତିରେ କିଛିଟା ଉନ୍ନତି ପରିଲକ୍ଷିତ ହୋଇଛି। ଆର୍ଥିକ ବର୍ଷ ୨୦୨୬ର ଦ୍ୱିତୀୟ ତ୍ରୈମାସିକରେ, କମ୍ପାନିର କ୍ଷତି ୫,୫୨୪ କୋଟି ଟଙ୍କାକୁ ହ୍ରାସ ପାଇଛି। ଯାହା ଗତ ବର୍ଷର ସମାନ ତ୍ରୈମାସିକରେ ୭,୧୭୬ କୋଟି ଟଙ୍କା ଥିଲା। କମ୍ପାନିର ପ୍ରତି ଉପଭୋକ୍ତାଙ୍କ ଠାରୁ ହାରାହାରି ରାଜସ୍ୱ ବା ଏଆରପିୟୁ ମଧ ବଢ଼ିଛି। ଗତ ବର୍ଷ ସେପ୍ଟେମ୍ବର ତ୍ରୈମାସିକରେ କମ୍ପାନିର ଏଆରପିୟୁ ୧୮୦ ଟଙ୍କାକୁ ବୃଦ୍ଧି ପାଇଛି। ଯାହା ବର୍ଷେ ତଳେ ୧୬୬ ଟଙ୍କା ଥିଲା। ଗ୍ରାହକମାନେ ଭଲ ପ୍ଲାନ ନେବା ସହ ଟାରିଫ୍ ବୃଦ୍ଧି ଯୋଗୁ ଏହି ବୃଦ୍ଧି ଘଟିଛି। ବର୍ତ୍ତମାନ ଭୋଡାଫୋନ୍ ଆଇଡିଆରେ ସରକାରଙ୍କର ୪୯ ପ୍ରତିଶତ ଅଂଶଧନ ଅଛି। ଏଥିରୁ ସ୍ପଷ୍ଟ ହେଉଛି ସରକାର କମ୍ପାନିକୁ କ୍ଷତିରୁ ମୁକୁଳିବାରେ ବେଶ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଉଛନ୍ତି।




### ଇପିଏଫ୍‌ଓ ଉପରେ ଏକ ବଡ଼ ଘୋଷଣା

## ଦରମା ବୃଦ୍ଧି କରିବାକୁ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ସୁପ୍ରିମକୋର୍ଟ

ଭୁବନେଶ୍ୱର,୯।୧: ସୁପ୍ରିମକୋର୍ଟ କର୍ମଚାରୀ ଭବିଷ୍ୟନିଧି ପାଣ୍ଠି (ଇପିଏଫ୍) ଯୋଜନାରେ ଦରମା ସୀମା ସଂଶୋଧନ କରିବା ଉପରେ ଚାରି ମାସ ମଧ୍ୟରେ ନିଷ୍ପତ୍ତି ନେବାକୁ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ସୀମା ଗତ ୧୧ ବର୍ଷ ଧରି ଅପରିବର୍ତ୍ତିତ ରହିଛି। ସାମାଜିକ କର୍ମୀ ନବୀନ ପ୍ରକାଶ ନୌଟିୟାଲଙ୍କ ଦ୍ୱାରା ଦାୟର ଏକ ଆବେଦନ ଉପରେ ବିଚାରପତି ଜେ.କେ. ମାହେଶ୍ୱରୀ ଏବଂ ଏ.ଏସ. ଚାନ୍ଦୁରକରଙ୍କ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି। ଆବେଦନ ଅନୁଯାୟୀ, କର୍ମଚାରୀଙ୍କ ପାଇଁ ସାମାଜିକ ସୁରକ୍ଷା ଯୋଜନା ପରିଚାଳନା କରୁଥିବା କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ (ଇପିଏଫ୍‌ଓ) ୧୫,୦୦୦ ରୁ ଅଧିକ ମାସିକ ଆୟ ଥିବା କର୍ମଚାରୀଙ୍କୁ କଭର କରେ ନାହିଁ। ଆବେଦନକାରୀ ଓକିଲ ପ୍ରଣବ ସଚଦେବ ଏବଂ ନେହା ରାଠି ଯୁକ୍ତି ଦେଇଥିଲେ ଯେ ଦେଶର ଅନେକ ସ୍ଥାନରେ ସର୍ବନିମ୍ନ ମଜୁରୀ ଏହି ସୀମା ଅତିକ୍ରମ କରିବା ସତ୍ତ୍ୱେ, ଇପିଏଫ୍ ମଜୁରୀ ସୀମାରେ କୌଣସି ପରିବର୍ତ୍ତନ କରାଯାଇ ନାହିଁ। ଏହା ବହୁ ସଂଖ୍ୟକ କର୍ମଚାରୀଙ୍କୁ ସାମାଜିକ ସୁରକ୍ଷା ଏବଂ ଭବିଷ୍ୟନିଧି ପାଣ୍ଠି ଲାଭରୁ ବଞ୍ଚିତ କରୁଛି। ଆବେଦନର ନିଷ୍କର୍ଷ କରି ସୁପ୍ରିମକୋର୍ଟ ଆବେଦନକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ଯେ ଦୁଇ ସପ୍ତାହ ମଧ୍ୟରେ କେନ୍ଦ୍ର ସରକାରଙ୍କୁ ଏକ ପ୍ରତିନିଧିତ୍ୱ ଏବଂ ନିର୍ଦ୍ଦେଶର ଏକ କପି ଦାଖଲ କରିବା ସହିତ ସରକାର ଚାରି ମାସ ମଧ୍ୟରେ ନିଷ୍ପତ୍ତି ନେବା ଉଚିତ। ଆବେଦନରେ ଯୁକ୍ତି ଦିଆଯାଇଥିଲା ଯେ ଗତ ୭୦ ବର୍ଷ ମଧ୍ୟରେ ମଜୁରୀ ସୀମା ସଂଶୋଧନ ମନଇଚ୍ଛା ହୋଇଛି, କେତେକ ସମୟରେ ୧୩-୧୪ ବର୍ଷ ବ୍ୟବଧାନ ପରେ ମଧ ଏପରି ଘଟୁଛି। ଏହି ସମୟ ମଧ୍ୟରେ, ମୁଦ୍ରାସ୍ଫୀତି, ସର୍ବନିମ୍ନ ମଜୁରୀ କିମ୍ବା ମୁଣ୍ଡପିଛା ଆୟ ଭଳି ଆର୍ଥିକ ସୂଚକ ସହିତ କୌଣସି ସମ୍ପର୍କ ବଜାୟ ରଖାଯାଇ ନଥିଲା। ଆବେଦନ ଅନୁଯାୟୀ, "ଏହି ଅସଙ୍ଗତ ନୀତି ଯୋଗୁଁ, ପୂର୍ବ ତୁଳନାରେ ବର୍ତ୍ତମାନ କମ୍ କର୍ମଚାରୀ ଇପିଏଫ୍ ଯୋଜନାରୁ ଉପକୃତ ହେଉଛନ୍ତି। ୨୦୨୨ ମସିହାରେ, ଏକ ଇପିଏଫ୍‌ଓ ସବ୍-କମିଟି ଦରମା ସୀମା ବୃଦ୍ଧି କରିବା ଏବଂ ଯୋଜନାରେ ଅଧିକ କର୍ମଚାରୀଙ୍କୁ ଅନ୍ତର୍ଭୁକ୍ତ କରିବା ପାଇଁ ସୁପାରିଶ କରିଥିଲା, ଯାହାକୁ କେନ୍ଦ୍ରୀୟ ବୋର୍ଡ ଦ୍ୱାରା ଅନୁମୋଦନ କରାଯାଇଥିଲା। ତଥାପି, କେନ୍ଦ୍ର ସରକାର ଏପର୍ଯ୍ୟନ୍ତ ଏହା ଉପରେ କୌଣସି ନିଷ୍ପତ୍ତି ନେଇନାହାଁନ୍ତି।" ଆବେଦନ ଅନୁଯାୟୀ, ଗତ ୭୦ ବର୍ଷ ମଧ୍ୟରେ ଇପିଏଫ୍ ଯୋଜନାର ଦରମା ସୀମାରେ ସଂଶୋଧନର ବିଶ୍ଳେଷଣରୁ ଜଣାପଡ଼େ ଯେ ପ୍ରଥମ ୩୦ ବର୍ଷରେ ଏହା ଏକ ଅନ୍ତର୍ଭୁକ୍ତିମୂଳକ ଢାଞ୍ଚା ଥିଲା, ଗତ ତିନି ଦଶନ୍ଧି ଧରି ଏହା ସ୍ପଷ୍ଟ ଭାବରେ ଅଧିକ କର୍ମଚାରୀଙ୍କୁ ବାଦ ଦେବାର ଏକ ମାଧ୍ୟମ ପାଲଟିଛି।

### ଟିସିଏସ୍‌ର କଡ଼ା ନିୟମ

## ଅଫିସ ଆସିବାର ନିୟମ ମାନିନଥିବା କର୍ମଚାରୀଙ୍କ ଦରମା ବୃଦ୍ଧି ବନ୍ଦ

ନୂଆଦିଲ୍ଲୀ,୯।୧: ଦେଶର ସର୍ବବୃହତ୍ ଆଇଟି କମ୍ପାନୀ ଟାଟା କନ୍‌ସଲ୍ଟାନ୍ସି ସର୍ଭିସେସ୍ (ଟିସିଏସ୍) ଏହାର 'ୱାର୍କ ଫ୍ରମ୍ ଅଫିସ୍' ନୀତିକୁ କଡ଼ାକଡ଼ି କରିଛି। ନିର୍ଦ୍ଦିଷ୍ଟ କ୍ୱାର୍ଟରରେ ଅଫିସ୍ ଆସିବାର ନିୟମ ପାଳନ କରିନଥିବା କିଛି କର୍ମଚାରୀଙ୍କର ବାର୍ଷିକ ଦରମା ବୃଦ୍ଧି ପ୍ରକ୍ରିୟାକୁ କର୍ପୋରେଟ୍ ସ୍ତରରେ ବନ୍ଦ ରଖାଯାଇଛି। ଟିସିଏସ୍ ହେଉଛି ଭାରତର ପ୍ରଥମ ବଡ଼ ଆଇଟି କମ୍ପାନୀ, ଯିଏ କର୍ମଚାରୀଙ୍କୁ ସପ୍ତାହର ୫ ଦିନ ଅଫିସ୍‌ରେ ଉପସ୍ଥିତ ରହିବାକୁ ବାଧ୍ୟତାମୂଳକ କରିଛି। ଅନ୍ୟ କମ୍ପାନୀଗୁଡ଼ିକ ଏବେବି ହାଇବ୍ରିଡ୍ ମଡେଲରେ ଦୁଇରୁ ତିନି ଦିନ ଅଫିସ୍ ଆସିବାକୁ ନିୟମ ରଖିଛନ୍ତି।

କମ୍ପାନୀର ଆଭ୍ୟନ୍ତରୀଣ ରିପୋର୍ଟ ଅନୁଯାୟୀ, ଯେଉଁ କର୍ମଚାରୀମାନେ ଜୁଲାଇରୁ ସେପ୍ଟେମ୍ବର ୨୦୨୫ କ୍ୱାର୍ଟର୍ସ ପର୍ଯ୍ୟନ୍ତ ଡବ୍ଲୁଏଫଓ ନିୟମ ପାଳନ କରିନାହାନ୍ତି, ସେମାନଙ୍କର ବାର୍ଷିକ ଆପ୍ରାଇଜାଲ୍ ଫଳାଫଳକୁ ଅଟକାଇ ଦିଆଯାଇଛି।

ଇମେଲ୍ ରେ କର୍ମଚାରୀଙ୍କୁ ଚେତାବନୀ ଦିଆଯାଇଛି ଯେ ଯଦି ପରବର୍ତ୍ତୀ କ୍ୱାର୍ଟର୍ସରେ ଅନୁପାଳନ ଜାରି ରହେ, ତେବେ ସେମାନଙ୍କୁ ଚଳିତ ଆର୍ଥିକ ବର୍ଷରେ ସମ୍ପୂର୍ଣ୍ଣ ରୂପେ ବାଦ୍ ଦିଆଯିବ, ଅର୍ଥାତ୍ ସେମାନଙ୍କୁ ସେ ବର୍ଷ ପାଇଁ କୌଣସି ପ୍ରଦର୍ଶନ ବ୍ୟାଣ୍ଡ ମିଳିବ ନାହିଁ। ଟିସିଏସ୍ ପୂର୍ବରୁ ହିଁ କର୍ମଚାରୀଙ୍କ ପ୍ରଦର୍ଶନ ଫଳାଫଳ ଓ ପରିବର୍ତ୍ତନଶୀଳ ଦରମାକୁ ଶାରୀରିକ ଉପସ୍ଥାନ ସହ ଯୋଡ଼ି ସାରିଛି।

ଏହି ନିଷ୍ପତ୍ତି ଫ୍ରେଶର୍ କର୍ମଚାରୀଙ୍କ ପାଇଁ ଅଧିକ ଗୁରୁତ୍ୱ ବହନ କରେ, କାରଣ ଟିସିଏସ୍ ୨୦୨୨ରେ ପାର୍ଶ୍ୱ ନିଯୁକ୍ତି ପାଇଁ ବାର୍ଷିକ ଆପ୍ରାଇଜାଲ୍ ବନ୍ଦ କରିସାରିଛି। ଟିସିଏସ୍ ପକ୍ଷରୁ ଏହି ରିପୋର୍ଟ ଉପରେ କୌଣସି ପ୍ରତିକ୍ରିୟା ପ୍ରକାଶ ପାଇନାହିଁ।

# କୋହ୍ଲାପୁରୀ ଚପଲ ପରେ ଏବେ ଲଞ୍ଚକଲା ଚା'ରୁ ପ୍ରେରିତ ପରଫ୍ୟୁମ

## ଭାରତରୁ 'ପ୍ରାଡା'କୁ ମିଳିଲା ନୂଆ ପ୍ରେରଣା




ନୂଆଦିଲ୍ଲୀ ୯।୧: ଇଟାଲୀର ଫେମସ ଫ୍ୟାସନ କମ୍ପାନୀ ପ୍ରାଡା ଏବେ ପୁଣି ଥରେ ଚର୍ଚ୍ଚାରେ। ଏଥର ଭାରତର ସବୁଠୁ ପ୍ରିୟ ପରମ୍ପରା ମଧ୍ୟରୁ ଅନ୍ୟତମକୁ ଏକ ନୂଆ ଓ ଅନନ୍ୟ ରୂପ ଦେଇଛି। ଗତ ବର୍ଷ କୋହ୍ଲାପୁରୀ ଚପଲ ବିବାଦ ପରେ ବ୍ରାଣ୍ଡ 'ଇନଫ୍ୟୁଜନ ଡେ ସେଣ୍ଟଲ ଚା ଇୟୋ ଡେ ପରଫ୍ୟୁମ' ଲଞ୍ଚ କରିଛି। ଏହା ଅଳେଇଚ ମିଶ୍ରଣରେ ପ୍ରେରିତ ଏକ ୟୁନିସେକ୍ସ ପରଫ୍ୟୁମ ଓ ଏହି ପରଫ୍ୟୁମ ପ୍ରାଡାର ଲେସ୍ ଇନଫ୍ୟୁସନ୍ସ କଲେକ୍ସନର ଅଂଶବିଶେଷ।

ପ୍ରାଡା ୱେବସାଇଟେରେ ଏହି ପରଫ୍ୟୁମର ମୂଲ୍ୟ ପାଖାପାଖି ୧୯୦ ଡଲାର ଅର୍ଥାତ ୧୭,୦୦୦ ଟଙ୍କା ରଖାଯାଇଛି। ଏଥିରେ ମଲାଇବାର ଚନ୍ଦନକୁ ଚା ର ମସାଲାଦାର ନୋଟସ୍ ସହିତ ମିଳା ଯାଇଛି। ଯାହାକୁ ସିଟ୍ରସ ଓ ଅଳେଇଚର ସ୍ପର୍ଶରେ ଏକ ସୁଗନ୍ଧିତ ରୂପ ଦିଆଯାଇଛି। ଏହି ପରଫ୍ୟୁମକୁ ସିଲ କରାଯାଇଥିବା ବୋତଲ ମଧ ଏହାର ଥିମକୁ ପ୍ରଦର୍ଶିତ କରୁଛି, ଯାହା ଭାରତୀୟଙ୍କ ଚା କପକୁ ମନେ ପକାଇ ଦେଉଛି। ପ୍ରାଡା ଇଂଷ୍ଟାଗ୍ରାମରେ ଏହି ପ୍ରଡକ୍ଟକୁ ଲଞ୍ଚ କରି ଉଲ୍ଲେଖ କରିଛି ଯେ 'ଏକ ନୂଆ ଇନଫ୍ୟୁଜନ, ଯାହାକୁ ଅଲଗା ପ୍ରକାରେ ତିଆରି କରାଯାଇଛି'। ସୋସିଆଲ ମିଡିଆରେ ଏବେ ଏହା ବନାଗ୍ନି ଭଳି ବ୍ୟାପି ଯାଇଛି।

ତେବେ ଏହି ପରଫ୍ୟୁମର ଲଞ୍ଚ ଭାରତରେ ପ୍ରାଡାର କୋହ୍ଲାପୁରୀ ଚପଲ ବିବାଦକୁ ପୁଣି ତାଜା କରିଦେଇଛି। ୨୦୨୫ରେ ବମ୍ବେ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ ହୋଇଥିଲା। ଏଥିରେ ଅଭିଯୋଗ କରାଯାଇଥିଲା ଯେ ଅନ୍ତର୍ଜାତୀୟ ବ୍ରାଣ୍ଡ ପ୍ରାଡା ତାର ସମର କଲେକ୍ସନରେ କୋହ୍ଲାପୁର ଡିଜାଇନକୁ ନକଲ କରିଛି। ଏହାର ଜବାବରେ ପ୍ରାଡା ପ୍ରତିଷ୍ଠିତ ଚପଲ ପଛର ଐତିହ୍ୟକୁ ବୁଝିବା ପାଇଁ ଭାରତୀୟ କାରିଗରଙ୍କ ସହ ସମ୍ପର୍କ କରିଥିଲା।

ଏହା ପରେ ଡିସେମ୍ବର ମାସ ମଧ୍ୟରେ ପ୍ରାଡା ମହାରାଷ୍ଟ୍ରର ଏଲଆଇଡିସିଓମଏମ ଓ କର୍ଣ୍ଣାଟକର ଏଲଆଡିକେଏଆର ସହିତ କୋହ୍ଲାପୁରୀ ଚପଲରୁ ପ୍ରେରିତ ପ୍ରକଳ୍ପ ଲାଗି ଏକ ବୁଝାମଣାରେ ସ୍ୱାକ୍ଷର କରିଥିଲା। ଏହି ସହଯୋଗ ଭାରତର ପ୍ରାଚୀନ ପାରମ୍ପରିକ ନିର୍ମାଣ ଜ୍ଞାନକୌଶଳକୁ ପ୍ରାଡାର ସମକାଳୀନ ଡିଜାଇନ ସହିତ ଯୋଡା ଯିବ। କୋହ୍ଲାପୁର ଚପଲର ଏକ ସୀମିତ ସଂସ୍କରଣ ତିଆରି କରାଯିବ। ଏଥିରେ ମାତ୍ର ୨ହଜାର ହଳ ଚପଲ ରହିବ, ଯାହାର ମୂଲ୍ୟ ପାଖାପାଖି ୮୦୦ ୟୁରୋ ଅର୍ଥାତ ୮୪ ହଜାର ଟଙ୍କା ପ୍ରତି ଯୋଡା ରହିବ ଓ ଏହା ୨୦୨୬ରୁ ସାରା ବିଶ୍ୱର ୪୦ ପ୍ରାଡା ଷ୍ଟୋର ଓ ଅନଲାଇନରେ ଉପଲବ୍ଧ ହେବ।

ପ୍ରାଡାର ବରିଷ୍ଠ ଅଧିକାରୀ ଲରେନ୍ସ ବର୍ଟେଲୀ ଗଣମାଧ୍ୟମକୁ କହିଛନ୍ତି ଯେ ଏହାର ଉଦ୍ଦେଶ୍ୟ ଶିଳ୍ପକୁ ବୈଶ୍ୱିକ ସ୍ତରରେ ପରିଚିତ କରିବା ଓ କାରିଗରଙ୍କୁ ଉଚିତ ପୈଠ ସୁନିଶ୍ଚିତ କରିବା। ସେହିପରି କାରିଗରଙ୍କୁ ଭାରତ ଓ ଇଟାଲୀସ୍ଥିତ ପ୍ରାଡା ଆକାଡେମୀରେ ପ୍ରଶିକ୍ଷଣ ମଧ ପ୍ରଦାନ କରିବା ବୋଲି ସେ କହିଛନ୍ତି। ଏଲଆଇଡିକମ୍ ପରିଚାଳନା ନିର୍ଦ୍ଦେଶିକା ପ୍ରେରଣା ଦେଶଭ୍ରତା କହିଛନ୍ତି ଯେ ପ୍ରାଡା ଭଳି ବୈଶ୍ୱିକ ବ୍ରାଣ୍ଡ ଯଦି ଥରଟିଏ ଏହି ଶିଳ୍ପକୁ ସମର୍ଥନ କରିବା ଆରମ୍ଭ କରିଦିଏ ତେବେ ସାରା ବିଶ୍ୱରେ ଏପରି ଉତ୍ପାଦର ଚାହିଦା ସ୍ୱାଭାବିକ ଭାବେ ବୃଦ୍ଧି ହେବା ଏକ ପ୍ରକାର ନିଶ୍ଚିତ।

### ସାଲୁଣିରେ ବ୍ଲକସ୍ତରୀୟ ଜଳ ବିଭାଜିକା ମହୋତ୍ସବ

## ମୃତ୍ତିକା ଓ ଜଳ ବିନା ଜୀବନ ଅସମ୍ଭବ: ଅରୁଣ



**ନୟାଗଡ଼,୯।୧(ସଂଚାର ବ୍ୟୁରୋ):** ନୟାଗଡ଼ ମୃତ୍ତିକା ସଂରକ୍ଷଣ ଓ ଜଳବିଭାଜିକା ପକ୍ଷରୁ ବ୍ଲକ ସ୍ତରୀୟ ଜଳବିଭାଜିକା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ନୟାଗଡ଼ ବ୍ଲକ ନାଟୁଗାଁ ପଞ୍ଚାୟତ ସାଲୁଣୀ ଗାଁରେ ଅନୁଷ୍ଠିତ ମହୋତ୍ସବରେ ମୁଖ୍ୟ ଅତିଥି ଭାବେ ନୟାଗଡ଼ ବିଧାୟକ ଡ଼ ଅରୁଣ କୁମାର ସାହୁ ଯୋଗ ଦେଇଥିଲେ। ମୃତ୍ତିକା ସଂରକ୍ଷଣ ଓ ଜଳବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ଉପେନ୍ଦ୍ର କୁମାର ପରିଡ଼ାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ଜିଲ୍ଲା ପରିଷଦ ସଦସ୍ୟ ସୁବାଷ ଚନ୍ଦ୍ର କହଁର, ନାଟୁଗାଁ ସରପଞ୍ଚ ସାଗରବାଳା ବରାଡ଼, ସମିତିସଭ୍ୟା ତୋଫାନୀ ଦାଶ, ଚମ୍ପତିପୁର ପଞ୍ଚାୟତ ସରପଞ୍ଚ ଅମର ପ୍ରସାଦ ସାଥୁଆ, କ୍ରିଦାଶପୁର ପଞ୍ଚାୟତ ସମିତିସଭ୍ୟା ବାସନ୍ତି ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ତାଙ୍କ ବକ୍ତବ୍ୟରେ, ଜଳ ବିଭାଜିକା ମହୋତ୍ସବର ଉଦ୍ଦେଶ୍ୟ ଉପରେ ଆଲୋଚନା ରଖିଥିଲେ। ଗ୍ରାମ କୃଷି ଉତ୍ପାଦନ ବୃଦ୍ଧିରେ ଜଳ ବିଭାଜିକାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା କହିଛନ୍ତି। କୃଷି ଓ କୃଷକର ଉନ୍ନତୀ ପାଇଁ ପ୍ରତ୍ୟେକ ସ୍ତରରେ ଉଦ୍ୟମ ଆବଶ୍ୟକ ବୋଲି ମତ ରଖିଥିଲେ। ମୃତ୍ତିକା ଓ ଜଳ ବୀନା ଜୀବନ ଅସମ୍ଭବ ବୋଲି କହିଥିଲେ। କୃଷି ବିଜ୍ଞାନ କେନ୍ଦ୍ର ବୈଜ୍ଞାନିକ ଡ଼ ଜ୍ଞାନ ରଞ୍ଜନ ସାହୁ ତାଙ୍କ ବକ୍ତବ୍ୟରେ ରସାୟନିକ ସାରର ସୀମିତ ବ୍ୟବହାର ଏବଂ ଜୈବିକ ସାର ବ୍ୟବହାର ଉପରେ ଆଲୋଚନା ରଖିଥିଲେ। ସମ୍ବାରିଆନାଳ ଅଣୁ ଜଳ ବିଭାଜିକା ସମ୍ପାଦକ ଚକ୍ରଧର ଜେନା ସ୍ଥାନୀୟ ଅଞ୍ଚଳରେ ହୋଇଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ଦ୍ୱାରା କିଭଳି କୃଷି ଉପଯୋଗୀ ହୋଇପାରୁଛି, ତାହା ଉପରେ ମତ ରଖିଥିଲେ।

● ଆଇଆଇସି ସ୍ତରରେ ବଦଳି କଲେ ଆରକ୍ଷୀ ଅଧିକ୍ଷକ

## ନୟାଗଡ଼ ଟାଉନ୍ ଥାନାକୁ ୨ଜଣ ଓ ରଣପୁର ଥାନାରେ ଜଣେ ଅତିରିକ୍ତ ଆଇଆଇସି ନିଯୁକ୍ତ

**ନୟାଗଡ଼,୯।୧(ସଂଚାର ବ୍ୟୁରୋ):** ନୟାଗଡ଼ ଜିଲ୍ଲାରେ ଥିବା ବିଭିନ୍ନ ଥାନାର ଆଇଆଇସି ସ୍ତରରେ ବଡ଼ ଧରଣର ବଦଳି କରିଛନ୍ତି ନୟାଗଡ଼ ଆରକ୍ଷୀ ଅଧିକ୍ଷକ ଏସ ସୁଶ୍ରୀ। ପ୍ରାୟତଃ ଥାନାରେ ଇନ୍ସପେକ୍ଟର ପାହ୍ୟାକୁ ପଦୋନ୍ନତି ପାଇଥିବା ଆଇଆଇସି ମାନଙ୍କୁ ଦାୟୀତ୍ୱ ଦେଇଛନ୍ତି ନୟାଗଡ଼ ଆରକ୍ଷୀ ଅଧିକ୍ଷକ। ତେବେ ନୟାଗଡ଼ ଟାଉନ୍ ଥାନାରେ ଆଇଆଇସି ରଶ୍ମୀରଂଜନ ପ୍ରଧାନ ଥିବା ବେଳେ ଦୁଇ ଜଣ ଅତିରିକ୍ତ ଆଇଆଇସିଙ୍କୁ ନିଯୁକ୍ତ କରାଯାଇଛି। ଦୁଇ ଅତିରିକ୍ତ ଆଇଆଇସି ହେଲେ ଫଟେଗଡ଼ ଥାନାର କାର୍ଯ୍ୟରତ ଆଇଆଇସି ପଞ୍ଚାନନ ପରିଡ଼ା ଓ ପୋଲିସ ମୁଖ୍ୟାଳୟରେ ଥିବା ଆଇଆଇସି ଲିଜା ମଲ୍ଲିକଙ୍କୁ ନୟାଗଡ଼ ଟାଉନ୍ ଥାନାରେ ନିଯୁକ୍ତ କରାଯାଇଛି। ସେହିପରି ପୋଲିସ ମୁଖ୍ୟାଳୟରେ କାର୍ଯ୍ୟରତ ଆଇଆଇସି ପ୍ରିୟତମା ପ୍ରଧାନଙ୍କୁ ନୟାଗଡ଼ ସଦର ଥାନାରେ ନିଯୁକ୍ତ କରାଯାଇଥିବା ବେଳେ ସଦର ଥାନାର ଆଇଆଇସି ଶରତ କୁମାର ସେଠୀଙ୍କୁ ପୋଲିସ ମୁଖ୍ୟାଳୟକୁ ବଦଳି କରାଯାଇଛି। ନୟାଗଡ଼ ପୋଲିସ ମୁଖ୍ୟାଳୟର ଆଇଆଇସି କୃତିବାସ ହରିଚନ୍ଦନଙ୍କୁ ଖଣ୍ଡପଡା ଥାନାକୁ, ଆଇଆଇସି ଅଜୟ ସାହୁଙ୍କୁ ଫତେଗଡ଼ ଥାନାକୁ, ଟଙ୍କଧର ଛତ୍ରିଆଙ୍କୁ ଗଣିଆ ଥାନାକୁ, ସତ୍ୟନାରାୟଣ ବାରିକଙ୍କୁ ଓଡ଼ଗାଁ ଥାନାକୁ ଆଇଆଇସି ଭାବେ ବଦଳି କରାଯାଇଥିବା ବେଳେ ସଂଘମିତ୍ରା ଚାନ୍ଦଙ୍କୁ ରଣପୁର ଥାନାର ଅତିରିକ୍ତ ଆଇଆଇସି ଭାବେ ନିଯୁକ୍ତ କରାଯାଇଛି। ଏବଂ ଗଣିଆ ଥାନାର କାର୍ଯ୍ୟରତ ଆଇଆଇସି ଲକ୍ଷ୍ମଣ ଦଣ୍ଡସେନାଙ୍କୁ ଆଇୟୁସିଏଡବ୍ଲ୍ୟୁ ବିଭାଗର ଦାୟୀତ୍ୱ ଦିଆଯାଇଛି।

## ବାର୍ଷିକ ଉତ୍ସବ ଓ ଅବସର କାଳୀନ ସମ୍ବର୍ଦ୍ଧନା ସଭା



**କଣାସ,୯।୧(ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା କଣାସ ବ୍ଲକ ଅନ୍ତର୍ଗତ ଗଡ଼ ବଡ଼ ପୁଟ ସଂଯୁକ୍ତ ଉଚ୍ଚ ବିଦ୍ୟାଳୟ ପରିସରରେ ଆଜି ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ଶିକ୍ଷକ ପିତବାସ ବରାଳ ଙ୍କୁ ଅବସର କାଳୀନ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରା ଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ମହାରଣା ଙ୍କ ଅଧକ୍ଷତା ଓ ଶିକ୍ଷକ ବୀରବର ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଉତ୍ସବ ରେ ମୁଖ୍ୟ ଅତିଥି ରୂପେ ସ୍ଥାନୀୟ ସରପଞ୍ଚ ଶ୍ରୀୟଙ୍କା ଗୁମାନ ସିଂହ, ମୁଖ୍ୟ ବକ୍ତା ରୂପେ ସହ ଶିକ୍ଷା ଅଧିକାରୀ ଗୋବର୍ଦ୍ଧନ ବେହେରା, ସମ୍ମାନୀତ ଅତିଥି ରୂପେ ସି ଆର ସି ସି ଭୂପତି ଭୂଷଣ ତ୍ରିପାଠୀ, ମମତା ସାହୁ, ପୂର୍ବତନ ପ୍ରଧାନ ଶିକ୍ଷକ ସୁରେଶ ଚନ୍ଦ୍ର ଶ୍ରୀଚନ୍ଦନ, ବୃନ୍ଦାବନ ପାହାଡ଼ୀସିଂହ, ରମେଶ ଚନ୍ଦ୍ର ଦାସ, ସୁବାସ ଚନ୍ଦ୍ର ଦାଶ, ମେନକା ଦେଇ, ଶିକ୍ଷକ ନେତା ପ୍ରତାପ କେଶରୀ ଛୋଟରାୟ, ବିଦ୍ୟାଳୟ ଆଲୁମୁନି କମିଟି ଅଧକ୍ଷ ସଂଗ୍ରାମ ପାଲଟା ସିଂହ, ଶିକ୍ଷାବିତ୍ ଭାସ୍କର ଚନ୍ଦ୍ର ସାମନ୍ତରାୟ ପ୍ରମୁଖ ଯୋଗଦେଇ ବାର୍ଷିକ ଉତ୍ସବରେ ବିଭିନ୍ନ ବିଭାଗରେ କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କୃତ କରିବା ସହ, ଅବସର ଗ୍ରହଣ କରିଥିବା ବିଦ୍ୟାଳୟକୃତୀ ଶିକ୍ଷକ ପିତବାସ ବରାଳଙ୍କ କାର୍ଯ୍ୟ ଦକ୍ଷତାର ଆଲୋଚନା କରି ଛାତ୍ର ଛାତ୍ରୀ ମାନେ ଏଥିରେ ଅନୁପ୍ରାଣିତ ହେବାପାଇଁ ଆହ୍ୱାନ ଦେଇଥିଲେ।

### ଢେଙ୍କାନାଳରେ ତେଜୁଛି ରାଜନୀତି

# ଜବରଦଖଲ ଉଚ୍ଛେଦକୁ ନେଇ ଉତ୍ତେଜନା

**ଢେଙ୍କାନାଳ,୯।୧ (ସଂଚାର ବ୍ୟୁରୋ):** ପୌର ସଂସ୍ଥା ପକ୍ଷରୁ ଜବର ଦଖଲ ଉଚ୍ଛେଦକୁ ନେଇ ତେଜୁଟି ରାଜନୀତି। କଲେଜ ବାଇପାସ୍ ଠାରୁ ବସ ଷ୍ଟାଣ୍ଡ ରାସ୍ତାର ଉଭୟ ପାର୍ଶ୍ୱରୁ ଜବର ଦଖଲ ଉଚ୍ଛେଦକୁ ଜିଲ୍ଲା ବିଜେଡି କାଉନସିଲର ତଥା ଖୋଦ୍ ଉପ ନଗରପାଳ ପ୍ରତିବାଦ କରିବା ଘଟଣା ଏବେ ଚର୍ଚ୍ଚା ହେଉଛି । ଉଠା ଦୋକାନୀ ମାନେ ପାର୍କିଂ ସ୍ଥାନକୁ କବ୍ଜା କରି ଟ୍ରାଫିକ ସମସ୍ୟା ସୃଷ୍ଟିକୁ ନଜର ଅନ୍ଦାଜ କରୁଛି ପୌର ପ୍ରଶାସନ। ଢେଙ୍କାନାଳ କଲେଜ ବାଇପାସ୍ ଠାରୁ ବସ ଷ୍ଟାଣ୍ଡ ପର୍ଯ୍ୟନ୍ତ ଚାଲିଛି ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା । ୪ଟି ଜେସିବି, ସଂଖ୍ୟାଧିକ ପୁଲିସ ମୁତୟନ ହୋଇଛନ୍ତି



। ସୌନ୍ଦର୍ଯ୍ୟୀକରଣ ଓ ଟ୍ରାଫିକ ସମସ୍ୟା ଦୂର ପାଇଁ ପୌରସଂସ୍ଥା ପକ୍ଷରୁ ଏହି ଉଚ୍ଛେଦ କରାଯାଉଛି । ଯାହାକୁ ବିରୋଧ କରିଛନ୍ତି ଖୋଦ ବିଜେଡି କାଉନ୍ସିଲର୍ ଓ ଉପନଗରପାଳ । ଗଣେଶ ବଜାର ମେଡିକାଲ ଛକ ଓ ବାଜିଚୌକ ଫ୍ଲାଏ ଓଭର୍ ରାସ୍ତାର ଉଭୟ ପାଖର ସରକାରୀ ଜାଗା ପ୍ରଭାବଶାଳୀଙ୍କ କବଜାରେ ! ରହିଛି, ଯାହା ପ୍ରକୃତ ଟ୍ରାଫିକ୍ ସମସ୍ୟା ସୃଷ୍ଟି କରୁଛି ।

ବଡ଼ବଡ଼ିଆ ବାବୁଙ୍କ ପ୍ରତି ଦରଦ କାହିଁକି ? ବୋଲି ପ୍ରଶ୍ନ କରିଛନ୍ତି ଉପନଗରପାଳ। ଗତ ବର୍ଷ ଗଜଲକ୍ଷ୍ମୀ ପୂଜା ପୂର୍ବରୁ ଢେଙ୍କାନାଳ ମୁଖ୍ୟ ବଜାର ରାସ୍ତା ପ୍ରଶସ୍ତିକରଣ କରାଯାଇ ଉଭୟ ପଟେ ପାର୍କିଂ ନେଇ ଚିହ୍ନଟ କରାଯାଇଥିଲା । ହେଲେ ଏବେ ସେଠାରେ ଉଠା ଦୋକାନୀ ବେପାର କରୁଛନ୍ତି ।

ଫଳରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେବା ସହ ମେଡିକାଲ ମୁଖ୍ୟ ରାସ୍ତାକୁ ସଂକୀର୍ଣ୍ଣ କରିବା ଫଳରେ ଆମ୍ବୁଲାନ୍ସ ସେବାରେ ବିଳମ୍ବ ଘଟୁଛି । ଏପରିକି ଭେଣ୍ଡିଂ ଜୋନ୍‌ରେ ଦୋକାନ ନେଉଥିବା ବ୍ୟବସାୟୀ ବି ରାସ୍ତା ଅବରୋଧ କରି ବସୁଥିବା ଅଭିଯୋଗ ହୋଇଛି ।

ଏଥିପ୍ରତି ପୌରପାଳିକାର ନିଘା ନାହିଁ! ଏନେଇ ପୌର ନିର୍ବାହୀ ଅଧିକାରୀ ସ୍ପଷ୍ଟ ମତ ନଦେବା ରାଜନୀତି କରଣ ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି । ଢେଙ୍କାନାଳ ପୌରସଂସ୍ଥା କ୍ଷମତା ଏବେ ବିଜେପି ହାତରେ । ତେଣୁ ମନଇଚ୍ଛା ଉଚ୍ଛେଦ ଚାଲୁଥିବା ଅଭିଯୋଗ ହେଉଛି ।

## ୧୯୮୭ ମାଟ୍ରିକ ବ୍ୟାଚ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ

**ବାଲିଅନ୍ତା,୯।୧(ସଂଚାର ବ୍ୟୁରୋ):** ଧଉଳି ପାଦଦେଶରେ ଆଜି ଜେମାଦେବୀ ଉଚ୍ଚ ବିଦ୍ୟାଳୟ ୧୯୮୭ ମସିହା ବ୍ୟାଚ ମାଟ୍ରିକ ଛାତ୍ରଛାତ୍ରୀମାନଙ୍କର ଏକ ବନ୍ଧୁମିଳନ ଓ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରାକ୍ତନ ଛାତ୍ରଛାତ୍ରୀମାନେ ୩୮ ବର୍ଷ ତଳର ବିଦ୍ୟାଳୟ ଜୀବନର ସ୍ମୃତିଚାରଣ କରିଥିଲେ। ମୃତ ସହପାଠୀଙ୍କ ଉଦ୍ଦେଶ୍ୟରେ ୨ ମିନିଟ ନିରବ ପ୍ରାର୍ଥନା କରିଥିଲେ। ଶିକ୍ଷକମାନଙ୍କ ଶିକ୍ଷାଦାନ ଠାରୁ ଆରମ୍ଭ କରି ସେତେବେଳେ ଘଟିଯାଇଥିବା ବିଭିନ୍ନ ଘଟଣାବଳୀକୁ ମନେ ପକାଇଥିଲେ। ପରସ୍ପର ମଧ୍ୟରେ କର୍ମମୟ ଜୀବନର ଆବେଗ ଓ ସୁଖ ଦୁଃଖ ବାଣ୍ଟିଥିଲେ। ଶେଷରେ ଚାରାରୋପଣ କରିଥିଲେ। ସମାଜସେବୀ ବୃନ୍ଦାବନ ସାହୁ ସମସ୍ତ କାର୍ଯ୍ୟ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

## ୭୨୮ ଛାତ୍ରଛାତ୍ର ଦେଲେ ଆଦର୍ଶ ପ୍ରବେଶିକା ପରୀକ୍ଷା




**କଣାସ,୯।୧(ସଂଚାର ବ୍ୟୁରୋ):** ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଷଷ୍ଠ, ସପ୍ତମ ଓ ଅଷ୍ଟମ ଶ୍ରେଣୀରେ ପଢ଼ିବା ପାଇଁ କଣାସ ବ୍ଲକରେ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ସରକାରୀ କଣାସ ଉଚ୍ଚ ବିଦ୍ୟାଳୟ, ଜଙ୍କିଆ ଗଡ଼ଶାହି ବିଦ୍ୟାନିକେତନ ଓ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଯାମଳଗୋଡା ତିନୋଟି କେନ୍ଦ୍ରରେ ଆଜି ଶାନ୍ତି ଶୃଙ୍ଖଳାର ସହିତ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। କଣାସ ସରକାରୀ ଉଚ୍ଚ ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀ ପାଇଁ ୨୯୯ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବା ପାଇଁ ଆବେଦନ କରିଥିବାବେଳେ ସେଥିମଧ୍ୟରୁ ୨୯୨ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ ଓ ୭ ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ରହିଥିଲେ। ସପ୍ତମଶ୍ରେଣୀ ପାଇଁ ମୋଟ ୨୫ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୨୪ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବାବେଳେ ଜଣେ ମାତ୍ର ଅନୁପସ୍ଥିତ ରହିଥିବାବେଳେ ଅଷ୍ଟମ ଶ୍ରେଣୀ ପାଇଁ ୭ ଜଣଙ୍କ ମଧ୍ୟରୁ ୬ ଜଣ ପରୀକ୍ଷା ଦେଇଥିବାବେଳେ ଜଣେ ଅନୁପସ୍ଥିତ ରହିଥିଲେ। ସେହିପରି ଜଙ୍କିଆ ଗଡ଼ଶାହି ବିଦ୍ୟାନିକେତନରେ ୨୦୦ ଜଣଙ୍କ ମଧ୍ୟରୁ ୧୯୪ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବାବେଳେ ୬ ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ରହିଥିଲେ। ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଯାମଳଗୋଦାରେ ୨୨୦ ଜଣ ଛାତ୍ରଛାତ୍ରୀମାନଙ୍କ ମଧ୍ୟରୁ ୨୧୨ ଜଣ ପରୀକ୍ଷା ଦେଇଥିବାବେଳେ ୮ ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ରହିଥିଲେ। ଷଷ୍ଠ ଶ୍ରେଣୀ ପାଇଁ ମୋଟ ୭୧୯ ଜଣ ପରୀକ୍ଷା ଦେବା ପାଇଁ ଆବେଦନ କରିଥିଲେ ସେଥିମଧ୍ୟରୁ ୬୯୮ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବାବେଳେ ୨୧ ଜଣ ଅନୁପସ୍ଥିତ ରହିଥିଲେ।

● ସମାଜସେବୀଙ୍କ ନିଆରା ପ୍ରୟାସ

## ନିଜସ୍ୱ ପ୍ରୟାସରେ କଲେ ରାସ୍ତା ନିର୍ମାଣ



**ନର୍ଲା,୯।୧(ସଂଚାର ବ୍ୟୁରୋ):** ନର୍ଲା ପଞ୍ଚାୟତ ସମିତି କାର୍ଯ୍ୟାଳୟ ନିକଟରେ ଥିବା ଜୟନ୍ତୀ ନଗର ପଡ଼ାର ରାସ୍ତା ମରାମତି ଅଭାବରୁ ଶୋଚନୀୟ ହୋଇ ପଡ଼ିଥିଲା। ଏହି ରାସ୍ତାକୁ ପୁନଃ ନିର୍ମାଣ କରିବା ପାଇଁ ପଡାବାସୀ ବାରମ୍ବାର ଦାବି କରି ଆସୁଥିଲେ ମଧ କୌଣସି ସୁଫଳ ମିଳିନଥିଲା। ଏହାକୁ ଦୃଷ୍ଟିରେ ରଖି ବିଶିଷ୍ଟ ସମାଜସେବୀ ଅଭୟ ନାଏକ ବର୍ଷ ତମାମ ନିଃସ୍ୱାର୍ଥପର ଭାବେ ଶ୍ରମଦାନ କରି ଏହି ରାସ୍ତା ନିର୍ମାଣ କରି ଅଞ୍ଚଳ ପାଇଁ ଅନନ୍ୟ ଉଦାହରଣ ସୃଷ୍ଟି କରିଛନ୍ତି। ଏସବୁ ଜନହିତକର କାର୍ଯ୍ୟ କରିବା ପାଇଁ ସେ ସ୍ୱର୍ଗତ ଦଶରଥ ମାଝୀଙ୍କ ଠାରୁ ପ୍ରେରଣା କରିଥିବା ପ୍ରକାଶ କରିଛନ୍ତି। ତେବେ ନର୍ଲା ବ୍ଲକ ଛକରୁ ଜୟନ୍ତୀ ନଗର ପଡ଼ା ପର୍ଯ୍ୟନ୍ତ ରାସ୍ତା ମରାମତି ହୋଇଯାଇଥିବାରୁ ପଡାବାସୀ ଅଭୟ ନାଏକଙ୍କୁ ଭୂୟସୀ ପ୍ରଶଂସା କରିଛନ୍ତି।

## ଛାତ୍ରଛାତ୍ରୀ ଓ ଅଭିଭାବକ ହଟହଟା

**କଣାସ,୯।୧(ସଂଚାର ବ୍ୟୁରୋ):** ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ତିନୋଟି କେନ୍ଦ୍ରରେ ଆଜି ଅନୁଷ୍ଠିତ ହେଉଥିଲା। ଆର୍ଡମିଟ କାର୍ଡରେ ଓଏଭି ଯାମଳଗୋଡା ପରିବର୍ତ୍ତେ ଓଏଭି କଣାସ ଲେଖା ଯାଇଥିବାରୁ ଅନେକ ଛାତ୍ରଛାତ୍ରୀ ଓ ଅଭିଭାବକ କଣାସରେ ପହଁଚି ହତବାଗ ହୋଇଥିଲେ ଏବଂ ଜୀବନ ମୂର୍ଚ୍ଛାରେ ସେଠାରୁ ୧୮ କିଲୋମିଟର ଦୂର ଯାମଳଗୋଦାକୁ ତରବରରେ ଆସି ପହଁଚିଥିଲେ ଏହି ଘଟଣାରେ କୌଣସି ସଠିକ ସୂଚନା ଦିଆଯାଇନଥିବାରୁ ଅଭାଭାବକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ମାତ୍ର ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଯାମଳଗୋଡା ଗେଟ ସମ୍ମୁଖରେ ଲେଖାଯାଇଥିବାବେଳେ ଆର୍ଡମିଟ କାର୍ଡରେ ପରୀକ୍ଷା କେନ୍ଦ୍ର ଓଏଭି କଣାସ, କଣାସ ପୁରୀ ଲେଖାଯାଇଛି। କଣାସ ବ୍ଲକ ଶିକ୍ଷା ଅଧିକାରୀ ରାମ ଚନ୍ଦ୍ର ବେହେରାଙ୍କୁ ଏ ସମ୍ପର୍କରେ ପଚାରିବାରୁ ସେ କୁହନ୍ତି ଏହିଭଳି ଆଜି ହୋଇଛି ଆଗାମୀ ଦିନରେ ଏଭଳି ନେହେବା ପାଇଁ ଉଚ୍ଚ ଅଧିକାରୀଙ୍କୁ ଜଣାଇବୁ।

## ଶୀତ ଲହରୀ ମୁକାବିଲା ନିମନ୍ତେ ଜରୁରୀକାଳୀନ ବୈଠକ

**ବାରିପଦା,୯।୧(ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲ୍ଲାରେ କିଛି ଦିନ ହେଲା ଶୀତର ପ୍ରକୋପ ବୃଦ୍ଧି ହୋଇଛି। ଏହାକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ହେମକାନ୍ତ ସୟ୍ ଙ୍କ ଅଧକ୍ଷତାରେ ଭିଡିଓ କନଫରେନ୍ସ ମାଧ୍ୟମରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଜିଲ୍ଲାପାଳ ଶ୍ରୀ ସୟ୍ ଅଧକ୍ଷତା କରି ଜିଲ୍ଲାର ବର୍ତ୍ତମାନ ସ୍ଥିତି ଉପରେ ସମୀକ୍ଷା କରିଛନ୍ତି। ଏହି ବୈଠକରେ ସମସ୍ତ ଅତିରିକ୍ତ ଜିଲ୍ଲାପାଳ, ଉପଜିଲ୍ଲାପାଳ, ବିଡ଼ିଓ, ତହସିଲଦାର, ସହରାଞ୍ଚଳ କାର୍ଯ୍ୟନିର୍ବାହୀ ଅଧିକାରୀ, ଅଗ୍ନିଶମ ସେବା ଅଧିକାରୀ, ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା ମଙ୍ଗଳ ଅଧିକାରୀ ଓ ଜିଲ୍ଲା ଜରୁରୀକାଳୀନ ଅଧିକାରିଣୀ ପ୍ରମୁଖ ଯୋଗ ଦେଇ ତାଙ୍କ ଦ୍ୱାରା ନିଆଯାଇଥିବା ଆବଶ୍ୟକୀୟ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ବର୍ତ୍ତମାନ ଯାଏଁ ଜିଲ୍ଲାର ସ୍ଥିତି ନିୟନ୍ତ୍ରଣ ମଧ୍ୟରେ ଥିବାରୁ ଜିଲ୍ଲାପାଳ ଶ୍ରୀ ସୟ୍ ସନ୍ତୋଷ ବ୍ୟକ୍ତ କରିଛନ୍ତି। ସମ୍ଭାବ୍ୟ ପାଗ ପରିବର୍ତ୍ତନକୁ ଲକ୍ଷ୍ୟ ରଖି ଆଜିର ବୈଠକରେ କେତେକ ମାର୍ଗଦର୍ଶିକା ଜାରି କରାଯାଇଛି। ଜିଲ୍ଲାର କୌଣସି ସ୍ଥାନରେ ଯେପରି କୌଣସି ବ୍ୟକ୍ତି ରାତିରେ ଖୋଲା ଆକାଶ ତଳେ ଆଶ୍ରୟ ନ ନିଅନ୍ତି, ତାହାକୁ ସୁନିଶ୍ଚିତ କରିବା ପାଇଁ ତତ୍ ପରିସରଭୁକ୍ତ ଅଧିକାରୀ ସିଭିଲ ସୋସାଇଟି ସହ ମିଳିତ ସମନ୍ୱୟରେ ନିକଟସ୍ଥ ଅଙ୍ଗନବାଡ଼ି କେନ୍ଦ୍ର, କମ୍ୟୁନିଟି ହଲ୍, ସ୍କୁଲ ଗୃହ, ସରକାରୀ ଗୃହ ଇତ୍ୟାଦି ଉପଯୁକ୍ତ ସ୍ଥାନରେ ରାତ୍ରିଯାପନ ସହ ଖାଦ୍ୟପେୟର ବ୍ୟବସ୍ଥା କରିବେ।

## ୧୯୭୭ ବ୍ୟାଚ ମାଟ୍ରିକ ଛାତ୍ରଙ୍କ ବନ୍ଧୁମିଳନ

**ବାଲିଅନ୍ତା,୯।୧(ସଂଚାର ବ୍ୟୁରୋ):** ଆଜି ବାଲକାଟି ପ୍ରତାପ ଶାସନ ବାଳକ ଉଚ୍ଚ ବିଦ୍ୟାଳୟ ୧୯୭୭ ବ୍ୟାଚ ପ୍ରାକ୍ତନ ମାଟ୍ରିକ ଛାତ୍ରଙ୍କର ପ୍ରତିବର୍ଷ ଭଳି ଏବର୍ଷ ବନ୍ଧୁମିଳନ କାର୍ଯ୍ୟକ୍ରମ ସ୍ଥାନୀୟ ଭାର୍ଗବୀ ନଦୀପଠା ଝାଉଁବଣ ମା ହାଣ୍ଡି ଶାଳରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରାକ୍ତନ ଛାତ୍ରଛାତ୍ରୀମାନେ ୪୮ ବର୍ଷ ତଳର ବିଦ୍ୟାଳୟ ଜୀବନର ସ୍ମୃତିଚାରଣ କରିଥିଲେ। ମୃତ ସହପାଠୀଙ୍କ ଉଦ୍ଦେଶ୍ୟରେ ୨ ମିନିଟ ନିରବ ପ୍ରାର୍ଥନା କରିଥିଲେ। ଶିକ୍ଷକମାନଙ୍କ ଶିକ୍ଷାଦାନ ଠାରୁ ଆରମ୍ଭ କରି ସେତେବେଳେ ଘଟିଯାଇଥିବା ବିଭିନ୍ନ ଘଟଣାବଳୀକୁ ମନେ ପକାଇଥିଲେ।

## ନିମ୍ନମାନର ରାସ୍ତା କାମ କରି ଗିଳି ଦେଲେ ୧୦ ଲକ୍ଷ ଟଙ୍କା



**କଳାହାଣ୍ଡି,୯।୧(ସଂଚାର ବ୍ୟୁରୋ):** କଳାହାଣ୍ଡି ର ଧର୍ମଗଡ଼ ବ୍ଲକ କାର୍ଯ୍ୟାଳୟ ଠାରୁ ମାତ୍ର ୩-୪କିମି ଦୂର ଛିଲିପା ପଞ୍ଚାୟତ କୁଟୁରୁ ଗାଁରେ କଂକ୍ରିଟ ରାସ୍ତା ନିର୍ମାଣ କାମ ଆରମ୍ଭହୋଇଛି। ଆରମ୍ଭରୁ ନିମ୍ନମାନର କାମ ହେଉଥିବା ନେଇ ଅଭିଯୋଗ ଉଠୁଛି। ଏପରିକି ନିର୍ମାଣ କାମର ଏକ ଭିଡିଓ ସୋସିଆଲ ମେଡିଆରେ ଘୁରି ବୁଲୁଛି। ଭିଡିଓରୁ ସ୍ପଷ୍ଟ ଜଣାପଡୁଛି ଯେ, ଖୁଲମଖୁଲା ଭାବେ ପ୍ରଶାସନଙ୍କ ଆଖି ଆଗରେ ଧୂଳି ମାରି ନିମ୍ନମାନର କାମ ହୋଉଥିବା ଜଣାପଡ଼ିଛି। ସୂଚନା ମତେ - ଛିଲିପା ପଞ୍ଚାୟତ କୁଟୁରୁ ଗ୍ରାମ ଦେବୀ ମନ୍ଦିର ଠାରୁ ବନ୍ଦତଳପଡ଼ା କଂକ୍ରିଟ ରାସ୍ତା କାମ କିଛି ଦିନ ହେବ ଆରମ୍ଭ ହୋଇଛି। ଲୋକେ କହୁଥିବା ବିଜେପିର ଆଗଧାଡ଼ିର ନେତା ତଥା ଟାଉଟର ଠିକାଦାର ବିନା ସୂଚନା ଫଳକ ରେ କାମ କରୁଥିବା ନେଇ ସ୍ଥାନୀୟ ଲୋକଙ୍କ ମୁହଁରେ ବିଭିନ୍ନ ପ୍ରଶ୍ନ ଉଠିବା ସହ ଏହା କେଉଁ ଯୋଜନାର ଅର୍ଥ କେତେ ପରିମାଣ ଓ କେତେ ମିଟର ଯାଏ କାମ ହେବ ସ୍ପଷ୍ଟ ଜଣା ପଡ଼ିନାହିଁ ଓ ଗ୍ରାମବାସୀଙ୍କ କହିବା ମତେ ମାଝୀ ପଡା ଗ୍ରାମମନ୍ଦିର ଠାରୁ ବନ୍ଦତଳପଡ଼ା ୨୫୦ମିଟର ଯାଏ କାମ ହେଉଥିବା ବେଳେ ଏଥିପାଇଁ ୧୦ଲକ୍ଷ ଟଙ୍କା ବିନିଯୋଗ ଥିବା ଜଣାପଡ଼ିଛି। ସିମେଣ୍ଟ କାମ କରାଯିବା ନିୟମ ହେଉଛି ପ୍ରଥମେ ମେଟାଲ ସିମେଣ୍ଟ ବାଲି ମିଶ୍ରଣ କରି ପକାଇବା କଥା କିନ୍ତୁ ସମ୍ପୃକ୍ତ ଟାଉଟର ଠିକାଦାର ଙ୍କ ନିର୍ଦ୍ଦେଶ କ୍ରମେ ଶ୍ରମିକ ମାନେ କେବଳ ବାଲିରେ ଅଳ୍ପ କିଛି ସେମେଣ୍ଟ ଦେଇ ବିଛା ଯାଉଥିବା ଗ୍ରାମବାସୀ ପ୍ରକାଶ କରନ୍ତି। କରାଯାଉଥିବା କାମକୁ ପରୀକ୍ଷା କଲେ ଜଣା ପଡେଯେ ଏପରିକି ହାତ ମାରିଦେଲେ ବାଲି ସବୁ ଉପୁଡି ପଡୁଥିବା ଦେଖାଦେଉଛି।

## କଣାସରେ ବ୍ୟାପିଲା ଜଣ୍ଡିସ

**କଣାସ,୯।୧(ସଂଚାର ବ୍ୟୁରୋ):** କଣାସ ବ୍ଲକରେ ପ୍ରବାହିତ ହେଉଥିବା ଦୟାନଦୀର ଜଳ ପ୍ରଦୁଷିତ ଯୋଗୁଁ ବର୍ଷ ତମାମ ଝାଡା ବାନ୍ତି ଲାଗିରହୁଥିବାବେଳେ କିଛି ଦିନ ହେଲା ଦଣ୍ଡିସ ରୋଗରେ ଆକ୍ରାନ୍ତ ହୋଇ ୯ ଜଣ ବ୍ୟକ୍ତି ଭୁବନେଶ୍ୱର ଓ କଟକ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି।

## ଅବସର ପ୍ରାପ୍ତ ଶିକ୍ଷକଙ୍କ ପରଲୋକ

**କଣାସ,୯।୧(ସଂଚାର ବ୍ୟୁରୋ):** କଣାସ ବ୍ଲକ କଣାସ ଗ୍ରାମପଞ୍ଚାୟତ ଡିମିରି ଗ୍ରାମରେ ଜନ୍ମ ଗ୍ରହଣ କରିଥିବା କୃତୀ ପ୍ରଧାନ ଶିକ୍ଷକ ରାଜ କିଶୋର ଦାସ ୯୫ ବର୍ଷଙ୍କର ଆଜି ବାର୍ଦ୍ଧକୀୟ ଜନିତ ହେତୁ ଆଜି ନିଜ ବାସ ଗୃହରେ ଅସୁସ୍ଥତା ଥିବାବେଳେ ପରଲୋକ ହୋଇଯାଇଛି। ତାଙ୍କର ଶବକୁ ଗ୍ରାମବାସୀମାନେ ଗ୍ରାମ୍ୟ ଶ୍ମଶାନକୁ ନେଇ ଶବ ସଂସ୍କାର କରିଥିଲେ। ପୁତ୍ର ସଂଗ୍ରାମ କେଶରୀ ଦାସ ମୁଖାଗ୍ନି ଦେଇଥିଲେ।

## ବନପାଳଙ୍କ ତତ୍ତ୍ୱାବଧାନରେ ୫ ଶହରୁ ଉର୍ଦ୍ଧ୍ୱ ପ୍ରାଣୀଙ୍କ ଚିକିତ୍ସା



**ଦିଗପହଣ୍ଡି,୯।୧(ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ସହଦେବ ଟିକରପଡ଼ା ପଞ୍ଚାୟତ ଲଖାରୀ ଅଭୟାରଣ୍ୟ ସଂଲଗ୍ନ ଜନଜାତି ବହୁଳ ପୋଡ଼ାଖାଲ ଓ କନିଆସାହି ଗ୍ରାମରେ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଗଜପତି ଜିଲା ଚନ୍ଦ୍ରଗିରି ବନାଞ୍ଚଳ ଭୀଷ୍ମଗିରି ସେକ୍ସନ କାର୍ଯ୍ୟାଳୟ ପକ୍ଷରୁ ଦୁଇଦିନ ବ୍ୟାପୀ ଚାଲିଥିବା ପ୍ରାଣୀ ଚିକିତ୍ସା ଶିବିର ଶୁକ୍ରବାର ଉଦଯାପିତ ହୋଇଯାଇଛି। ଚନ୍ଦ୍ରଗିରି ବନାଞ୍ଚଳ ଅଧିକାରୀ ରୂପକ କୁମାର ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ଭୀଷ୍ମଗିରି ବନପାଳ ଦେବାଶିଷ ଶତପଥିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ୫ ଶହରୁ ଉର୍ଦ୍ଧ୍ୱ ଗାଈ, ଗୋରୁ ଓ ଛେଳି ମାନଙ୍କୁ ଆବଶ୍ୟକ ଚିକିତ୍ସା କରାଯିବା ସହ ଚାଷୀଙ୍କୁ ମାଗଣାରେ ଔଷଧ ବିତରଣ କରାଯାଇଥିଲା। ଭୀଷ୍ମଗିରି ପ୍ରାଣୀ କାର୍ଯ୍ୟାଳୟ ଚିକିତ୍ସକ ଡ଼ା. ଦୀପକ କୁମାର ପ୍ରଧାନ,କର୍ମଚାରୀ କୃଷ୍ଣଚନ୍ଦ୍ର ମହାରଣା,ବଳରାମ ମହାରଣା,ବାଲାଜୀ ଦୋରା ଓ ସୁବାସ ସେଠୀ ପ୍ରମୁଖ ଉପସ୍ଥିତ ରହି ପ୍ରାଣୀ ମାନଙ୍କ ଚିକିତ୍ସା କରିଥିଲେ। ବନରକ୍ଷୀ ଗିରିଜା ଶଙ୍କର ଦୋରା, ସରୋଜ ମଲ୍ଲିକ, ଲକ୍ଷ୍ମୀପତି ଗମାଙ୍ଗ, ପ୍ରିୟଦର୍ଶିନୀ ସ୍ୱାଇଁଙ୍କ ସମେତ ପାରା ବନକର୍ମଚାରୀବୃନ୍ଦ ସମସ୍ତ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ।

## ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ସାତ ଆହତ, ୫ଜଣ ବାରିପଦା ପିଆରଏମ୍ ସ୍ଥାନାନ୍ତର



**ବୈଶିଙ୍ଗା,୯।୧(ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲାର ବୈଶିଙ୍ଗା ଥାନା ଅନ୍ତର୍ଗତ ୧୮ ନଂ ଜାତୀୟ ରାଜପଥର ଖଇରବଣି ଗ୍ରାମ ନିକଟସ୍ଥ ରୟାଲ ଢ଼ାବା ନିକଟରେ ଶୁକ୍ରବାର ଅପରାହ୍ନରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୭ ଜଣ ଆହତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ପାଞ୍ଚ ଜଣଙ୍କ ଅବସ୍ଥା ଖୁବ୍ ସଙ୍କଟାପନ୍ନ ଅବସ୍ଥାରେ ଥିବା ସୂଚନା ମିଳିଛି। ମିଳିଥିବା ସୂଚନା ମୁତାବକ ବାରିପଦା ଦିଗରୁ ଏକ ମାଲବାହୀ ଅଟୋ ନଂ ଓଡି୦୧ ୱାଇ ୯୭୫୦ ଆସୁଥିବା ବେଳେ ସମାନ ଦିଗରେ ଭୁଲ୍ ରାସ୍ତାରେ ଏକ ଯାତ୍ରୀବାହୀ ଅଟୋ ନଂ ଓଡି୦୧ ବିଏ ୭୮୧୮ ଛଅ ଜଣ ମହିଳାଙ୍କୁ ନେଇ ଯାଉଥିଲା। ସାମ୍ନା ସାମ୍ନି ହୋଇଯିବା ପରେ ଭାରସାମ୍ୟ ହରାଇ ପରସ୍ପରକୁ ଧକ୍କା ଦେଇଥିଲେ ଅଟୋ ଦୁଇଟି। ଖବରପାଇ ବୈଶିଙ୍ଗା ପୋଲିସ ଘଟଣାସ୍ଥଳରେ ପହଞ୍ଚି ପାଞ୍ଚ ଜଣଙ୍କ ଅବସ୍ଥା ଗୁରୁତର ଗୁରୁତର ଥିବା ଦେଖି ସେମାନଙ୍କୁ ବାରିପଦା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରିଥିଲେ। ଅନ୍ୟ ଦୁଇ ଜଣଙ୍କ ବୈଶିଙ୍ଗା ଡାକ୍ତରଖାନାରେ ଚିକିତ୍ସା ଚାଲିଥିବା ଜଣାପଡ଼ିଛି।

## ଜାତୀୟସ୍ତରୀୟ ଖୋ ଖୋ ଚାମ୍ପିୟନସିପରେ ଓଡ଼ିଶା ଦଳରେ ଅର୍ଜୁନ



**ବାରିପଦା,୯।୧(ସଂଚାର ବ୍ୟୁରୋ):** ତେଲେଙ୍ଗାନା ଠାରେ ଅନୁଷ୍ଠିତ ହେବାକୁ ଥିବା ୫୮ ତମ ବରିଷ୍ଠ ଜାତୀୟ ଖୋ ଖୋ ଚମ୍ପିୟାନସିପରେ ଅଂଶଗ୍ରହଣ କରୁଥିବା ଓଡିଶା ଦଳରେ ସ୍ଥାନ ପାଇଛନ୍ତି ମୟୁରଭଞ୍ଜର ଅର୍ଜୁନ ସିଂ ଏହି ଚମ୍ପିୟାନସିପ ତେଲେଙ୍ଗାନାର କାଜିପେଟ ରେଲୱେ ପଡିଆରେ ଚଳିତ ମାସ ୧୧ ରୁ ୧୫ ତାରିଖ ମଧ୍ୟରେ ଅନୁଷ୍ଠିତ ହେବ। ମୟୁରଭଞ୍ଜ ଏଥଲେଟିକ ଏସୋସିଏସନ ତରଫରୁ ପୁରୀ ସ୍ଥିତ ଜଗନ୍ନାଥ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଥିବା ଚୟନ ଶିବିରରେ ଉଚ୍ଚ ମାନର ଖେଳ ପ୍ରଦର୍ଶନ କରି ଅର୍ଜୁନ ଏହି ସୌଭାଗ୍ୟ ଅର୍ଜନ କରିଛନ୍ତି। କୋଚ ଧର୍ମେନ୍ଦ୍ର ପଣ୍ଡାଙ୍କ ଠାରୁ ପ୍ରଶିକ୍ଷଣ ପାଇ ରାଜ୍ୟ ଦଳରେ ସୁଯୋଗ ପାଇଛନ୍ତି ବୋଲି ଅର୍ଜୁନ ପ୍ରକାଶ କରିଛନ୍ତି । ଶାମାଖୁଣ୍ଟା ବ୍ଲକ ଅନ୍ତର୍ଗତ ମହୁଲକରକଚିଆ ଗ୍ରାମର ସୁଦାନ ସିଂ ଓ ବାସିନୀ ସିଂ ଙ୍କ ପୁତ୍ର ଅର୍ଜୁନ ବର୍ତ୍ତମାନ ଆନ୍ଧ୍ରପ୍ରଦେଶରେ ଶାରୀରିକ ଶିକ୍ଷା ପ୍ରଶିକ୍ଷଣ ନେଉଛନ୍ତି ।

## ବାଲ୍ୟବିବାହ ବନ୍ଦ ନେଇ ଆଇନ ସେବା ପ୍ରାଧିକରଣ ପକ୍ଷରୁ ତତ୍ପରତା




**ପାଟଣା,୯।୧(ସଂଚାର ବ୍ୟୁରୋ):** କେନ୍ଦୁଝର ଜିଲା ପାଟଣା ବ୍ଲକ ସଭାଗୃହରେ ଶୁକ୍ରବାର ଜିଲା ଆଇନ ସେବା ପ୍ରାଧିକରଣ ତରଫରୁ ବାଲ୍ୟବିବାହ ବନ୍ଦ, ନିଶାମୁକ୍ତ ରାଷ୍ଟ୍ର ଗଠନ ଓ ପରିବେଶ ସୁରକ୍ଷା ନେଇ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଆୟୋଜିତ ସଚେତନତା କାର୍ଯ୍ୟକ୍ରମ ପ୍ରାଧିକରଣ ସଂମ୍ପାଦକ ଅକ୍ଷୟ କୁମାର ଚକ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା।

ମୁଖ୍ୟଅତିଥି ଭବେ ଜିଲା ଆଇନ ସେବା ପ୍ରାଧିକରଣ ସଚିବ ସସ୍ମିତା ନନ୍ଦିନୀ ତ୍ରିପାଠୀ, ସମ୍ମାନୀତ ଆତିଥି ଭାବେ ସ୍ଥାୟୀଲୋକ ଅଦାଲତ ଅଧକ୍ଷ ଇ ବିଘ୍ନେଶ୍ୱର ରାଓ, ପାଟଣା ବ୍ଲକ ଅଧକ୍ଷା ବୀଣାପାଣି ନାୟକ, ପାଟଣା ବିଡିଓ ମାନସ କୁମାର ଦଣ୍ଡ ପାଟ, ଉପ ଆରକ୍ଷୀ ଅଧିକ୍ଷକ ଉଲ୍ଲାସୀ ମାଝି, ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଶୁଭେନ୍ଦୁ ସାଗର କୁମାର ନାଏକ, ସିଡିପିଓ କଳ୍ପନା ଦୋରା, ପାଟଣା ଥାନା ପକ୍ଷରୁ ଏସ୍‌ଆଇ ଲକ୍ଷ୍ମଣ ମାଝି ପ୍ରମୁଖ ସାମିଲ ହୋଇ ଉପସ୍ଥିତ ଲୋକ ପ୍ରତିନିଧି ଓ ଅଧିକାରୀଙ୍କୁ ଅବଗତ କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକର ପିଆରଆଇ ମେମ୍ବର, ସିଆରସି ଓ ସୟଂ ସହାୟିକା ମହିଳାମାନେ ସାମିଲ ହୋଇଥିଲେ।

## ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ



**ବେତନଟୀ,୯।୧(ସଂଚାର ବ୍ୟୁରୋ):** ବେତନଟୀ ବ୍ଲକ ଅନ୍ତର୍ଗତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଧନପୁର (କେଜିବିଭି) ଆନୁକୂଲ୍ୟରେ ବାର୍ଷିକ ଉତ୍ସବ ବଡ଼ ଧୂମଧାମ ରେ ଉଦଯାପିତ ହୋଇଯାଇଅଛି। ଉତ୍ସବର ଶୁଭାରମ୍ଭ ପ୍ରଦୀପ ପ୍ରଜ୍ୱଳନ ଓ ସ୍ୱାଗତ ସଂଗୀତ ଦ୍ୱାରା ହୋଇଥିଲା। ମୁଖ୍ୟ ଅତିଥି ଭାବେ ବେତନଟୀ ବ୍ଲକର ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ବିପ୍ଳବ କର ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଆଶୀର୍ବାଦମୟ ଉପଦେଶ ପ୍ରଦାନ କରିଥିଲେ। ତତପରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ନମିତା ମାଝୀ ବାର୍ଷିକ ବିବରଣୀ ପାଠ କରି ବିଦ୍ୟାଳୟର ସାମ୍ପ୍ରତିକ ସଫଳତା ଓ କାର୍ଯ୍ୟକଳାପ ବିଷୟରେ ଆଲୋକପାତ କରିଥିଲେ। ଏହି ଅବସରରେ ମୁଖ୍ୟ ବକ୍ତା ଭାବେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଶାଳବଣିର ପ୍ରଧାନଶିକ୍ଷକ ଉପେନ୍ଦ୍ରନାଥ ଜେନା, ସମାନ୍ନିତ ଅତିଥି ଭାବେ ଶାଳବଣି ସାମିଲ ନହଣ୍ଡାଶୋଳର ସରପଞ୍ଚ ଗୋବିନ୍ଦ ଚନ୍ଦ୍ର ହାଁସଦା, ବେତନଟୀ ବ୍ଲକର ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀଣୀ ଅପର୍ଣ୍ଣା ସାହୁ, ଆଞ୍ଚଳିକ ସାଧନ କର୍ମୀ ସଞ୍ଜୟ କୁମାର ପଣ୍ଡିତ ପ୍ରଭୃତି ଉପସ୍ଥିତ ଥିଲେ। ଉତ୍ସବକୁ ଅବସର କରି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ କରାଯାଇଥିଲା। ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ନୃତ୍ୟ, ଦେଶଭକ୍ତିମୟ ଗୀତ, ନାଟକ, କବିତାପାଠ ଓ ଅଭିନୟ ପ୍ରସ୍ତୁତି ସଭାର ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇଥିଲା।




# ସ୍ୱାସ୍ଥ୍ୟ ପାଇଁ ପ୍ରଭାବଶାଳୀ ମହୁ ଏବଂ ଗୋଲମରିଚ



ଆମ ରୋଷେଇ ଘରେ ଅନେକ କିଛି ଜିନିଷ ଥାଏ। ଯାହା କେବଳ ସ୍ୱାଦକୁ ଦ୍ୱିଗୁଣିତ କରି ନଥାଏ। ବରଂ ଆମ ସ୍ୱାସ୍ଥ୍ୟ ପାଇଁ ମଧ ଲାଭଦାୟକ ହୋଇଥାଏ। ଗୋଲମରିଚ ଏମିତି ଏକ ଜିନିଷ ଯାହା କୌଣସି ମହୋଷଧିଠାରୁ କମ୍ ନୁହେଁ। ଗୋଲମରିଚରେ ଭିଟାମିନ୍ ଏବଂ କ୍ୟାଲସିୟମ୍ ରହିଛି। ଯାହା ବେଲିଫ୍ୟାଟ୍ କମ୍ କରିବାରେ ସାହାଯ୍ୟ କରିଥାଏ। ଗୋଲମରିଚ ଗରମ ଜିନିଷ ହୋଇଥିବାରୁ ଶୀତଦିନ ପାଇଁ ଖୁବ୍ ଫଳପ୍ରଦ ବୋଲି ବିବେଚନା କରାଯାଏ। ଗୋଲମରିଚ ଖାଇବା ଦ୍ୱାରା ଗ୍ୟାଷ୍ଟ୍ରିକ୍ ଏବଂ ପେଟ ଯନ୍ତ୍ରଣା ଭଳି ସମସ୍ୟାରୁ ମଧ ମୁକ୍ତି ଦେଇଥାଏ।

ସେହିପରି ମହୁରେ ମଧ ଔଷଧୀୟ ଗୁଣ ଭରପୁର ମାତ୍ରାରେ ରହିଛି। ଗୋଲମରିଚ ସହିତ ମହୁ ମିଶାଇ ଖାଇବା ଦ୍ୱାରା ଏହା ଡିଟକ୍ସ ଭଳି କାମ କରିଥାଏ। ବହୁ ପୁରାତନ କାଳରୁ ମହୁ ଏବଂ ଗୋଲମରିଚ ସ୍ୱାସ୍ଥ୍ୟ ପାଇଁ ବରଦାନ ସଦୃଶ ହୋଇଥାଏ। ଯାହା ଖାଇବା ଦ୍ୱାରା ଅନେକ ସମସ୍ୟାରୁ ଆରାମ ମିଳିଥାଏ। ସକାଳେ ପ୍ରଥମେ ଗୋଟିଏ ଚାମଚ ମହୁ ସହିତ ଚିମୁଟାଏ ଗୋଲମରିଚ ଏକାଠି ଖାଇବା ଦ୍ୱାରା ଅନେକ ସ୍ୱାସ୍ଥ୍ୟ ଲାଭ ମିଳିଥାଏ। ଖାଲିପେଟରେ ଖାଇବା ଦ୍ୱାରା ଅଧିକ ସକରାତ୍ମକ ପ୍ରଭାବ ପଡିଥାଏ। ଏହାର ମିଶ୍ରଣ ସ୍ୱାସ୍ଥ୍ୟଗତ ସମସ୍ୟାରୁ ମୁକ୍ତି ଦେବାରେ ପ୍ରଭାବଶାଳୀ ହୋଇଥାଏ। ଏହି ମିଶ୍ରଣ ଆମର କେଉଁ ସବୁ ସମସ୍ୟାକୁ ଦୂର କରିଥାଏ ତେବେ ଆସନ୍ତୁ ଜାଣିବା।

**ଥଣ୍ଡା ଏବଂ କାଶରୁ ମୁକ୍ତି ଦିଏ:** ଖାସ୍ କରି ଶୀତଦିନେ ଥଣ୍ଡା, କାଶ ଏବଂ ଗଳା ଯନ୍ତ୍ରଣା ଭଳି ସମସ୍ୟା ସେଖିବାକୁ ମିଳିଥାଏ। ଏଭଳି ସମସ୍ୟା ଥିଲେ ମହୁ ଏବଂ ଗୋଲମରିଚ ଏକାଠି କରି ଖାଆନ୍ତୁ। ଯାହା ଏହି କଷ୍ଟରୁ ଆରାମ ମିଳିଥାଏ। ଏହି ମିଶ୍ରଣ ଖାଇବା ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତିକୁ ସୁଦୃଢ଼ କରିବାରେ ପ୍ରଭାବଶାଳୀ ପ୍ରମାଣିତ ହୋଇପାରେ। ଏଥିସହିତ ଭାଇରାଲ୍ ସଂକ୍ରମଣକୁ ରୋକିବା ପାଇଁ ମଧ ମହୁ ଏବଂ ଗୋଲମରିଚକୁ ଏକାଠି ସେବନ କରାଯାଇପାରିବ।

**ମେଟାବୋଲେଜିମ୍କୁ ବୃଦ୍ଧି କରେ:** ଯଦି ଆପଣ ଆପଣଙ୍କ ଶରୀରର ମେଟାବୋଲିଜିମ୍ ବୃଦ୍ଧି କରିବାକୁ ଚାହାଁନ୍ତି ତେବେ ମହୁ ସହିତ ଗୋଲମରିଚ ଏକାଠି ସେବନ କରନ୍ତୁ। ଏହା ଖାଇବା ଦ୍ୱାରା ଆପଣ ଆପଣଙ୍କ ଓଜନ ହ୍ରାସ କରିପାରିବେ। ଏହି ମିଶ୍ରଣ ମାଂସପେଶୀ ଯନ୍ତ୍ରଣାରୁ ମଧ ମୁକ୍ତି ଦେଇଥାଏ। ହାଡ଼ ଏବଂ ମାଂସପେଶୀକୁ ସୁଦୃଢ଼ କରିବା ପାଇଁ ଏହି ମିଶ୍ରଣ ସେବନ ପ୍ରଭାବଶାଳୀ ବୋଲି ପ୍ରମାଣିତ ହୋଇଛି।

**ଅନ୍ତନଳୀ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ:** ମହୁ ଏବଂ ଗୋଲମରିଚର ମିଶ୍ରଣ ଆପଣଙ୍କ ଅନ୍ତନଳୀ ସ୍ୱାସ୍ଥ୍ୟ ପାଇଁ ଫଳପ୍ରଦ ହୋଇଥାଏ। ଏଥିସହିତ ଏହି ମିଶ୍ରଣ ଆପଣଙ୍କର ଗ୍ୟାସ୍, କୋଷ୍ଠକାଠିନ୍ୟ ଏବଂ ବଦହଜମୀ ଭଳି ସମସ୍ୟାକୁ ଚୁଟକିରେ ଗାଏବ କରିବାରେ ସହାୟକ କରିଥାଏ। ଏଭଳି ସମସ୍ୟାର ସମ୍ମୁଖୀନ କରୁଥିଲେ ଚିନ୍ତା କରିବାର ନାହିଁ। ଏହି ଉପାୟରେ ଆପଣ ଏହି ସବୁ ସମସ୍ୟାରୁ ରକ୍ଷା ପାଇପାରିବେ। ସକାଳେ ଏହି ମିଶ୍ରଣ ଖାଇବା ଦ୍ୱାରା ଆପଣ କିଛି ଦିନ ମଧ୍ୟରେ ଫରକ୍ ଦେଖିବାକୁ ପାଇବେ।



## ଡାଲି ଖାଇବା ଦ୍ୱାରା ଓଜନ କମେ

ଶରୀର ପାଇଁ ପ୍ରୋଟିନ୍ ଖୁବ୍ ଦରକାରୀ। ଏହା ଓଜନ କଣ୍ଟ୍ରୋଲ୍ କରେ, ରକ୍ତଚାପ ନିୟନ୍ତ୍ରଣ ରଖେ, ଇମ୍ୟୁନିଟି ବଢାଏ। ଭାରତୀୟ ଖାଦ୍ୟରେ ଡାଲି ଏବଂ ଚଣା ଭେଜିଟରିଆନ୍ ପାଇଁ ଦୁଇଟି ପ୍ରୋଟିନ୍ ଯୁକ୍ତ ଖାଦ୍ୟ। ତେବେ ଆପଣଙ୍କ ମନକୁ ପ୍ରଶ୍ନ ଆସୁଥିବ ନିଶ୍ଚୟ, ଡାଲି ନା ଚଣା କେଉଁଥିରେ ଅଧିକ ପ୍ରୋଟିନ୍ ? ପ୍ରୋଟିନ୍ ର ସର୍ବଶ୍ରେଷ୍ଠ ସୋର୍ସ ଜାଣିବାପାଇଁ ପଢନ୍ତୁ ଏହି ଖବର...

**କେତେ ପ୍ରୋଟିନ୍ ମିଳେ ?**

୧୦୦ ଗ୍ରାମ୍ କଞ୍ଚା ଡାଲିରେ ପ୍ରାୟ ୨୨ ରୁ ୨୫ ଗ୍ରାମ୍ ପ୍ରୋଟିନ୍ ଥାଏ। ସେହିପରି ୧୦୦ ଗ୍ରାମ୍ କଞ୍ଚା ଚଣାରେ ପ୍ରାୟ ୧୯-୨୧ ଗ୍ରାମ ପ୍ରୋଟିନ୍ ଥାଏ। ହେଲେ ଡାଲି ଓ ଚଣାକୁ ରାନ୍ଧିବା ପରେ ଏଥିରେ ୮ ରୁ ୯ ଗ୍ରାମ୍ ପ୍ରୋଟିନ୍ ହୋଇଯାଏ। ଅର୍ଥାତ୍ ଡାଲି ଓ ଚଣା ତରକାରିରେ ବରାବର ପ୍ରୋଟିନ୍ ଥାଏ।

**କେଉଁଟା ଖାଇବା ଉଚିତ ?**

ସାଧାରଣତଃ ଡାଲି ଶୀଘ୍ର ହଜମ ହୋଇଯାଏ। ଏଥିପାଇଁ ଛୋଟ ପିଲା, ବୃଦ୍ଧ ଏବଂ ଡାଇବେଟିସ୍ ରୋଗୀଙ୍କ ପାଇଁ ଏହା ଉପଯୁକ୍ତ। ସେହିପରି ଚଣାରେ ଫାଇବର ଏବଂ ରେସିଷ୍ଟାଣ୍ଟ ଷ୍ଟାର୍ଚ ଅଧିକ ଥାଏ। ତେଣୁ ଅଧିକ ସମୟ ଯାଏ ଭୋକ ଲାଗେ ନାହିଁ। ତେବେ ଅଧିକ ମାତ୍ରାରେ ଚଣା ଖାଇବା ଦ୍ୱାରା ଗ୍ୟାସ୍ ହୁଏ, ପେଟ ଫୁଲିଯାଏ। ତେଣୁ ହଜମ କରିପାରୁନଥିବା ବ୍ୟକ୍ତି ଚଣା ଅପେକ୍ଷା ଡାଲି ଖାଇବା ଉଚିତ୍। ଡାଲି କମ୍ କ୍ୟାଲୋରୀ ଯୁକ୍ତ ହୋଇଥିବାରୁ ଏହା ଡାଇଟ୍ ରେ ଫିଟ୍ ହୋଇଯାଏ। ତେବେ ଭୋକ ନିୟନ୍ତ୍ରଣ କରିବାକୁ ଚଣା ଓ କମ୍ କ୍ୟାଲୋରୀ ଯୁକ୍ତ ଖାଦ୍ୟ ଖାଇବା ପାଇଁ ଡାଲି ସବୁଠୁ ଉପଯୁକ୍ତ।

## ମୂଳା ଖାଇଲେ ଗ୍ୟାସ୍ ହୁଏ କି ?

ମୂଳା ଖାଇଲେ ଗ୍ୟାସ୍ ହୁଏ। ସାଧାରଣତଃ ଏହି ପ୍ରଶ୍ନ ସମସ୍ତଙ୍କ ମନରେ ଥାଏ। ଗ୍ୟାସ୍, ଏସିଡିଟି ଓ ପେଟ ଫୁଲିବା ଯୋଗୁଁ କିଛି ଲୋକ ଏହାକୁ ଖାଆନ୍ତି ନାହିଁ। ହେଲେ ମୂଳାକୁ ଠିକ୍ ଉପାୟରେ ମୂଳା ଖାଇଲେ ଆଦୌ ଗ୍ୟାସ୍ ହେବ ନାହିଁ। ମୂଳାକୁ ପୋଷକ ତତ୍ତ୍ୱର ଭଣ୍ଡାର କୁହାଯାଏ। ଏଥିରେ ଭରପୁର ମାତ୍ରାରେ ଭିଟାମିନ୍ ସି, ଫାଇବର୍ ଏବଂ ପୋଷକ ତତ୍ତ୍ୱ ଥାଏ। ହ୍ୟୁମାନ ନ୍ୟୁଟ୍ରୋସନ୍ ଆଣ୍ଡ୍ ମେଟାବଲିଜିମ୍ ଷ୍ଟଡି ଅନୁସାରେ, ପୋଷକ ତତ୍ତ୍ୱ ରକ୍ତ ଶର୍କରା ସ୍ତରକୁ ନିୟନ୍ତ୍ରଣ କରେ। ଡାଇବେଟିସ୍ କମାଏ। ମୂଳାରେ ଜଳୀୟ ଅଂଶ ବି ଥାଏ। ଏହା ଶରୀରକୁ ହାଇଡ୍ରେଟ୍ ରଖେ ଏବଂ ଏଥିରେ ଫାଇବର ଥିବାରୁ ପେଟ ସୁସ୍ଥ ରୁହେ। ଭାରତରେ ଅଧିକାଂଶ ଧଳା ମୂଳା ଖାଆନ୍ତି। ହେଲେ ନାଲି ମୂଳାରେ କଡ଼ା ସ୍ୱାଦ ଥାଏ। ଏହି କାରଣରୁ ଅଧିକାଂଶ ଲୋକ ଏହାକୁ ନାପସନ୍ଦ କରୁଛନ୍ତି। ସେହିପରି ଧଳା ମୂଳାରେ ଅଧିକ ପାଣି ଥିବାରୁ ଏହା ଜଲଦି ହଜମ ହୋଇଯାଏ। ଗ୍ୟାସ୍ ନହେବାରୁ ବର୍ତ୍ତିବାକୁ ମୂଳାକୁ ଠିକ୍ ଢଙ୍ଗରେ ଖାଇବା ଉଚିତ୍। ଏଥିରେ ଲାଇଟ୍ ୱେଟ୍ ଖାଦ୍ୟ ତିଆରି କରନ୍ତୁ। ତେଲ ମସଲା ଦେଇ ମୂଳାକୁ ଭାଜି ଖାଇଲେ ପେଟ ସମସ୍ୟା ବଢେ। ଏଥିପାଇଁ ମୂଳାକୁ ସିଝାଇ କିମ୍ବା ଫ୍ରାଇ କରି ଖାଇବା ଉଚିତ୍। ଏହାଦ୍ୱାରା ଗ୍ୟାସ୍ ସମସ୍ୟା ଦୂର ହୁଏ। ସେହିପରି ମୂଳାକୁ ଆଚାର କିମ୍ବା ଫର୍ମେଣ୍ଟ କରି ଖାଇପାରିବେ। ଏହି ପ୍ରୋସେସ୍ କାରଣରୁ ପ୍ରୋବାୟୋଟିକ୍ସ ବଢେ। ପାଚନ କ୍ରିୟା ବଢେ। ମୂଳାକୁ କାଟି ଆପଲ ସାଇଡର୍ ଭିନେଗାରରେ ମ୍ୟାରିନେଟ୍ କରି ଲୁଣ ଓ ଚିନି ଦେଇ ଆଚାର ପ୍ରସ୍ତୁତ କରି ଖାଅନ୍ତୁ। ଏହାଦ୍ୱାରା ପେଟ ସମସ୍ୟା ଦୁର ହୁଏ। ସେହିଭଳି ମୂଳା ସହ ଲେମ୍ବୁ ଓ ଅଦା ଖାଇଲା ପାଚନ ତନ୍ତ୍ର ସୁସ୍ଥ ରୁହେ। ମୂଳା ସାଲାଡ୍ ରେ ଗୋଲମରିଚ ପକାଇ ଖାଇଲେ ପେଟ ଠିକ୍ ରୁହେ।



## ବ୍ୟାୟାମ ପରେ ଡ୍ରାଏଫ୍ରୁଟ୍ ଖାଇବା ଉଚିତ

ପ୍ରତିଦିନ ବ୍ୟାୟାମ ପରେ, ଶରୀରକୁ ତୁରନ୍ତ ଶକ୍ତି ଏବଂ ମାଂସପେଶୀ ସୁସ୍ଥତା ପାଇଁ ଭଲ ପୁଷ୍ଟିସାର ଆବଶ୍ୟକ ହୋଇଥାଏ। ଏପରି ସ୍ଥିତିରେ ଉତ୍ତମ ଖାଦ୍ୟ କେବଳ ଶୀଘ୍ର ଥକ୍କାପଣ ଦୂର କରିବାରେ ସାହାଯ୍ୟ କରେ। ତେଣୁ ବ୍ୟାୟାମ ପରେ ପ୍ରୋଟିନ୍ ଏବଂ କାର୍ବୋହାଇଡ୍ରେଟ୍ ଯୁକ୍ତ ଖାଦ୍ୟ ଖାଇବା ନିହାତି ଆବଶ୍ୟକ। ତେବେ ଆସନ୍ତୁ ଜାଣିବା ବ୍ୟାୟାମ ପରେ କେଉଁ ସବୁ ଖାଦ୍ୟ ଖାଇବା ଉଚିତ....



**ଦହି ଏବଂ ଫଳ:** ଗ୍ରୀକ୍ ଦହି ପ୍ରୋଟିନ୍ର ଏକ ଭଲ ଉତ୍ସ। କଟା କଦଳୀ କିମ୍ବା ବେରି ସହିତ ଏହାକୁ ଖାଇବା ଦ୍ୱାରା ଶକ୍ତି ମିଳିଥାଏ।

**ବ୍ରାଉନ୍ ବ୍ରେଡ୍ ସହିତ ପିନଟ୍ ବଟର:** ପିନଟ୍ ବଟରରେ ସୁସ୍ଥ ଚର୍ବି ଏବଂ ପ୍ରୋଟିନ୍ ଥାଏ, ବ୍ରାଉନ୍ ବ୍ରେଡରେ ଫାଇବର ଏବଂ କାର୍ବୋହାଇଡ୍ରେଟ୍ ଥାଏ।

**କଦଳୀ ସ୍ମୁଦି:** ପାଚିଲା କଦଳୀରେ ପୋଟାସିୟମ୍ ଏବଂ କାର୍ବୋହାଇଡ୍ରେଟ୍ ଭରପୂର। କ୍ଷୀର ଏବଂ ଅଳ୍ପ ମହୁ ମିଶାଇ ଏକ କଦଳୀ ସ୍ମୁଦି ତିଆରି କରନ୍ତୁ ଏବଂ ଆପଣଙ୍କ ବ୍ୟାୟାମ ପରେ ଏହାକୁ ପିଅନ୍ତୁ।

**ମୁଗ ଡାଲି ଚିଲ୍ଲା:** ମୁଗ ଡାଲିରେ ପ୍ରୋଟିନ୍ ଏବଂ ଫାଇବର ଉଭୟ ଥାଏ। ଏହାକୁ ତେଲ ବିନା ହାଲୁକା ଭଜା ଖାଆନ୍ତୁ, ଏହା ପାଚନ ଶକ୍ତି ମଧ ପ୍ରଦାନ କରେ।

**ସିଝା ଅଣ୍ଡା ଏବଂ ଟୋଷ୍ଟ:** ଅଣ୍ଡାରେ ଉଚ୍ଚମାନର ପ୍ରୋଟିନ୍ ଥାଏ, ଯାହା ମାଂସପେଶୀ ସୁସ୍ଥତାରେ ସାହାଯ୍ୟ କରେ। ଏହାକୁ ସମ୍ପୂର୍ଣ୍ଣ ଟୋଷ୍ଟ ସହିତ ଖାଇବା ଦ୍ୱାରା କାର୍ବୋହାଇଡ୍ରେଟ୍ ମଧ ମିଳିଥାଏ।

**ଡ୍ରାଏଫ୍ରୁଟ୍ :** ବାଦାମ, କିସମିସ୍, ଅଖରୋଟ ଏବଂ କାଜୁ ଭଳି ଶୁଖିଲା ଫଳ ତୁରନ୍ତ ଶକ୍ତି ପ୍ରଦାନ କରେ। ଏହାକୁ ସୀମିତ ପରିମାଣରେ ଖାଆନ୍ତୁ।

**ଭଜା ଚଣା:** ଭଜା ଚଣା ହେଉଛି ଫାଇବର ଏବଂ ପ୍ରୋଟିନର ଏକ ଭଲ ଉତ୍ସ। ଏହାକୁ ଖାଇଲେ ଶରୀରକୁ ତୁରନ୍ତ ଶକ୍ତି ମିଳିଥାଏ।

**ସାଣ୍ଡୱିଚ୍:** ବ୍ରାଉନ୍ ବ୍ରେଡକୁ ସାଣ୍ଡୱିଚ୍ କରି ଖାଇପାରିବେ। ଯାହା ପ୍ରୋଟିନ୍ ଏବଂ ଫାଇବରରେ ଭରପୂର ହୋଇଥାଏ। ଏହି ସାଣ୍ଡୱିଚ୍ ଶରୀରକୁ ପ୍ରଚୁର ଶକ୍ତି ପ୍ରଦାନ କରିଥାଏ।



## ସକାଳୁ ସକାଳୁ ଉଠିଲେ ମୁହଁ ବଙ୍କା ଲାଗୁଛି କି ?

ଷ୍ଟ୍ରୋକ୍ ଏକ ମେଡିକାଲ ଏମରଜେନ୍ସି, ଯାହା ସେତେବେଳେ ଘଟେ ଯେତେବେଳେ ମସ୍ତିଷ୍କକୁ ରକ୍ତ ପ୍ରବାହ ହଠାତ୍ ବନ୍ଦ ହୋଇଯାଏ କିମ୍ବା କମିଯାଏ। ଏହା ମସ୍ତିଷ୍କକୁ ଅକ୍ସିଜେନ ଏବଂ ଆବଶ୍ୟକୀୟ ପୁଷ୍ଟିକର ପଦାର୍ଥରୁ ବଞ୍ଚିତ କରେ। ଯଦି ତୁରନ୍ତ ଚିକିତ୍ସା ନ କରାଯାଏ ତେବେ ଏହା ବ୍ରେନ ଡ୍ୟାମେଜ, ପକ୍ଷାଘାତ ଏବଂ ଜୀବନ ପ୍ରତି ବିପଦପୂର୍ଣ୍ଣ ଜଟିଳତା ସୃଷ୍ଟି କରିପାରେ। ଡାକ୍ତରମାନେ କୁହନ୍ତି ଯେ ଷ୍ଟ୍ରୋକର ପ୍ରାରମ୍ଭିକ ଲକ୍ଷଣଗୁଡ଼ିକୁ ଲୋକେ ପ୍ରାୟତଃ ଅଣଦେଖା କରିଥାନ୍ତି, ବିଶେଷକରି ଯେତେବେଳେ ଏହା ଉଠିବା ସମୟରେ ଦେଖାଯାଏ।

ଷ୍ଟ୍ରୋକର ଦୁଇଟି ମୁଖ୍ୟ ପ୍ରକାରର ଅଟେ। ଏକ ଇସ୍କେମିକ୍ ଷ୍ଟ୍ରୋକ୍, ଯେଉଁଥିରେ ମସ୍ତିଷ୍କ ଶିରାରେ ରକ୍ତ ଜମାଟ ବାନ୍ଧିଥାଏ। ଏକ ହେମୋରେଜିକ୍ ଷ୍ଟ୍ରୋକ୍, ଯେଉଁଥିରେ ଏକ ଶିରା ଫାଟିଯାଏ କିମ୍ବା ଲିକ୍ ହୁଏ। ମିନି-ଷ୍ଟ୍ରୋକ୍ କିମ୍ବା ଟିଟିଏ ମଧ ଅଛି, ଯାହାକୁ ଭବିଷ୍ୟତରେ ଏକ ବଡ଼ ଷ୍ଟ୍ରୋକର ସତର୍କୀକରଣ ସଙ୍କେତ ଭାବରେ ବିବେଚନା କରାଯାଏ। ଉଚ୍ଚ ରକ୍ତଚାପ, ମଧୁମେହ, ଉଚ୍ଚ କୋଲେଷ୍ଟ୍ରଲ୍, ଧୂମପାନ, ମେଦବହୁଳତା, ହୃଦରୋଗ, ଶାରୀରିକ କାର୍ଯ୍ୟକଳାପର ଅଭାବ ଏବଂ ଅତ୍ୟଧିକ ମଦ୍ୟପାନ ପ୍ରମୁଖ କାରଣ। ସକାଳୁ ଉଠିବା ମାତ୍ରେ ଷ୍ଟ୍ରୋକର ଲକ୍ଷଣ ଦେଖାଯାଏ। ଯଦି ମୁହଁର ଗୋଟିଏ ପାର୍ଶ୍ୱ ଢିଲା କିମ୍ବା ବଙ୍କା ଲାଗୁଛି, କିମ୍ବା ହସିବା ସମୟରେ ମୁହଁ ଅସମାନ ଦେଖାଯାଉଛି ତେବେ ସତର୍କ ରୁହନ୍ତୁ। ହାତ କିମ୍ବା ଗୋଡରେ ହଠାତ୍ ଦୁର୍ବଳତା, ଝିମ୍ଝିମ୍ ହେବା, ବିଶେଷକରି ଶରୀରର ଗୋଟିଏ ପାର୍ଶ୍ୱରେ, ଷ୍ଟ୍ରୋକର ଏକ ପ୍ରମୁଖ ଲକ୍ଷଣ ହୋଇପାରେ। ହଠାତ୍ କଥା କହିବାରେ ଅସୁବିଧା ମଧ ଏକ ବିପଦଜନକ ଲକ୍ଷଣ। ଅସ୍ପଷ୍ଟ କଥାବାର୍ତ୍ତା, ବୁଝିହେଉନଥିବା ଶବ୍ଦ କିମ୍ବା ସରଳ ବାକ୍ୟଗୁଡ଼ିକୁ ପୁନରାବୃତ୍ତି କରିବାରେ ଅସୁବିଧାକୁ ହାଲୁକା ଭାବରେ ନିଆଯିବା ଉଚିତ୍ ନୁହେଁ। ହଠାତ୍ ଦୃଷ୍ଟିଶକ୍ତି ହ୍ରାସ, ଦ୍ୱିଗୁଣିତ ଦୃଷ୍ଟି, କିମ୍ବା ଗୋଟିଏ ଆଖିରେ ସମ୍ପୂର୍ଣ୍ଣ ଦୃଷ୍ଟିଶକ୍ତି ହରାଇବା ମଧ ଏକ ଷ୍ଟ୍ରୋକକୁ ସୂଚିତ କରେ। କିଛି ଲୋକ ସକାଳେ ହଠାତ୍ ଦ୍ୱନ୍ଦ୍ୱ, କଥା ବୁଝିବାରେ ଅସୁବିଧା, ସନ୍ତୁଳନ ହରାଇବା, କିମ୍ବା ଚାଲିବା ସମୟରେ ଝୁଣ୍ଟି ପଡ଼ିବା ଅନୁଭବ କରିପାରନ୍ତି। ବୟସ୍କ ବ୍ୟକ୍ତିଙ୍କ କ୍ଷେତ୍ରରେ ଏହି ଲକ୍ଷଣ ଦେଖାଗଲେ ତୁରନ୍ତ ଡ଼ାକ୍ତରଙ୍କ ପରାମର୍ଶ କରିବା ଜରୁରୀ ଅଟେ।ଷ୍ଟ୍ରୋକ୍ରେ ପ୍ରତ୍ୟେକ ସେକେଣ୍ଡ ମୂଲ୍ୟବାନ। ରୋଗୀକୁ ଯେତେ ଶୀଘ୍ର ଡାକ୍ତରଖାନାକୁ ନିଆଯିବ, ସେତେ ଅଧିକ ମସ୍ତିଷ୍କ କ୍ଷତିକୁ ରୋକାଯାଇପାରିବ। ଡାକ୍ତରମାନେ କୁହନ୍ତି ଯେ ସକାଳର ଏହି ଲକ୍ଷଣଗୁଡ଼ିକୁ ଅଣଦେଖା କରିବା, ଥକ୍କାପଣ, ନିଦ୍ରା ଅଭାବ କିମ୍ବା ସାଧାରଣ ଦୁର୍ବଳତା ହେତୁ ହେଉଛି ବୋଲି ଭାବିବା ମହଙ୍ଗା ପଡ଼ିପାରେ। ଯଦି ଆପଣ କିମ୍ବା ଆପଣଙ୍କ ପରିବାରର କେହି ସକାଳେ ଉଠିବା ପରେ ଏହି ଲକ୍ଷଣଗୁଡ଼ିକୁ ଅନୁଭବ କରନ୍ତି, ତେବେ ବିଳମ୍ବ କରନ୍ତୁ ନାହିଁ। ତୁରନ୍ତ ଡାକ୍ତରୀ ସାହାଯ୍ୟ ନିଅନ୍ତୁ, କାରଣ ସମୟୋଚିତ ପଦକ୍ଷେପ ଜୀବନ ରକ୍ଷା କରିପାରିବ।

# କୋରାପୁଟରେ ନାହିଁ ମକା ମଣ୍ଡି; ହତାଶ ହେଉଛି ଚାଷୀ



**କୋରାପୁଟ,୯।୧(ସଂଚାର ବ୍ୟୁରୋ):** ଜିଲ୍ଲାରେ ନାହିଁ ମକା ମଣ୍ଡି। ଏଥିଯୋଗୁ କମ୍ ଦରରେ ବିକି କେଜି ପିଛା ପାଞ୍ଚ ଟଙ୍କା କ୍ଷତି ସହିଛନ୍ତି ମକା ଚାଷୀ । ଏଭଳି ଭଳି ଅଭିଯୋଗ କରିଛନ୍ତି କୋରାପୁଟ ଜିଲ୍ଲା ମହାଦେଇପୁଟ ବ୍ଲକ୍ର ସାତ ଟି ପଞ୍ଚାୟତର ଚାଷୀମାନେ । ତୁରନ୍ତ ଜିଲ୍ଲାରେ ମକାମଣ୍ଡି ଖୋଲିବାକୁ ସେମାନେ ଦାବି କରିଛନ୍ତି । ଖୋଲା ଆକାଶ ତଳେ ମକା ମଞ୍ଜି ପଡ଼ିରହିଛି। ପାଖରେ ଜରିପାଲ ଟାଣି ବସି ରହିଛି ଚାଷୀ । ଏ ଖବର କୋରାପୁଟର... ଜୟପୁର, କୁନ୍ଦୁରା, ବୈପାରୀଗୁଡ଼ା, ସିମିଳିଗୁଡ଼ା, ନନ୍ଦପୁର, ଲମତାପୁଟ, ଦଶମନ୍ତପୁର ବ୍ଲକରେ ଅଧିକ ମକା ଚାଷ ହୋଇଥାଏ । କିନ୍ତୁ ଜିଲ୍ଲାରେ ମକା ମଣ୍ଡି ନାହିଁ । ସରକାରଙ୍କ ପକ୍ଷରୁ ମକା କିଣିବାକୁ ବି କୌଣସି ବ୍ୟବସ୍ଥା ନାହିଁ । ଫଳରେ ଚାଷୀ ହାଡ଼ଭଙ୍ଗା ଶୀତରେ ନିଜ ଫସଲକୁ ଜଗି ବସୁଛି । ଏପରିକି ମହାଦେଇପୁଟ ବ୍ଲକର ୭ଟି ପଞ୍ଚାୟତର ଚାଷୀ ଅଳ୍ପ ଦରରେ ମକା ବିକି କେଜି ପିଛି ୫ ଟଙ୍କା କ୍ଷତି ସହିଥିବା ଅଭିଯୋଗ କରିଛନ୍ତି । ବନ୍ଧୁଗାଁରେ ୬୫୦ ହେକ୍ଟର, ବୈପାରୀଗୁଡ଼ା ୪୨୬ ହେକ୍ଟର, ବୋରିଗୁମ୍ମା ୨୭୪ ହେକ୍ଟର, କୋଟପାଡ଼ ୮୪୩ ହେକ୍ଟର, କୁନ୍ଦ୍ରା ୧୧୫୦ ହେକ୍ଟର ଜମିରେ ମକା ଚାଷ ହୋଇଛି । ଗତ ବର୍ଷ ତୁଳନାରେ ଚାଷ ବଢ଼ିଛି । କ୍ୱିଣ୍ଟାଲ୍ ପିଛା ମକାର ସରକାରୀ ଦର ୨୪ ଶହ ଟଙ୍କା ରହିଥିବା କହୁଛନ୍ତି ଜିଲ୍ଲା କୃଷି ଅଧିକାରୀ। ହେଲେ କିନ୍ତୁ ଅଞ୍ଚଳରେ ବିକ୍ରିର ସୁବିଧା ନଥିବାରୁ ପଡ଼ୋଶୀ ଆନ୍ଧ୍ର ଓ ଛତିଶଗଡ଼ ଦଲାଲଙ୍କୁ ୧୬ଶହ ଟଙ୍କାରେ ବିକ୍ରି କରି କ୍ଷତି ସହୁଛନ୍ତି ! ଧାର ଖରଜ କରି ଚାଷ କରିଥିବା ଚାଷୀ ଏବେ ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି । ଅଭିଯୋଗ ପରେ ବି ସୁଫଳ ମିଳୁନି । ଚାଷୀଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦେଇ ଜିଲ୍ଲାରେ ମକାମଣ୍ଡି ଖୋଲିବା ଦିଗରେ ବ୍ୟବସ୍ଥା କରିବାକୁ ଚାଷୀ ମାନେ ଦାବି କରିଛନ୍ତି ।

## ଅଟଳ ବସଷ୍ଟାଣ୍ଡରେ ନିଯୁକ୍ତିକୁ ବିରୋଧ କରି ସ୍ଥାନୀୟ ଲୋକଙ୍କ ପ୍ରତିବାଦ



**ବାଲିକୁଦା,୯।୧(ସଂଚାର ବ୍ୟୁରୋ):** ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ ଦ୍ୱାରା ଯାତ୍ରୀ ମାନଙ୍କ ସୁବିଧା କୁ ଦୃଷ୍ଟି ରେ ରଖୀ ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ ବଡ଼ଗାଁ ପଞ୍ଚାୟତର ନୂଆଗାଁ ଠାରେ ଗୋଚର, ଅନାବାଦୀ, ଗ୍ରାମ୍ୟ ଜଙ୍ଗଲ ଆଦି ୭ ଏକର ଜମି ଉପରେ ନଅ କୋଟି ରୁ ଉର୍ଦ୍ଧ୍ୱ ଟଙ୍କା ବିନିମୟ ରେ ଅଟଳ ବସ ଷ୍ଟାଣ୍ଡ ନିର୍ମାଣ କରାଯାଇଥିଲା। ପୂର୍ବ ସରକାର ଏବଂ ପ୍ରଶାସନ ପକ୍ଷରୁ ଅଟଳ ବସ ଷ୍ଟାଣ୍ଡ ରେ ସ୍ଥାନୀୟ ଲୋକମାନଙ୍କୁ ନିଯୁକ୍ତି ଦେବାକୁ ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ। ହେଲେ ସରକାର ବଦଳିବା ପରେ ସବୁ ନୀତି ନିୟମ ରେ ବ୍ୟତିକ୍ରମ ଦେଖାଦେଇଛି ବୋଲି ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏହା ମଧରେ ଅଟଳ ବସ ଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ସମାପ୍ତି ଘଟିଛି। ଜାନୁଆରୀ ଦ୍ୱିତୀୟ ସପ୍ତାହରେ ବସ ଷ୍ଟାଣ୍ଡର ଶୁଭ ଉଦଘାଟନ କରାଯିବ, ହେଲେ ସ୍ଥାନୀୟ ବେକାରୀ ଯୁବକ ଯୁବତୀଙ୍କୁ ନିଯୁକ୍ତି ନ ମିଳିବାରୁ ନୂଆଗାଁ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ସରକାରୀ ପ୍ରତିଶ୍ରୁତି ପ୍ରତାରଣା ରେ ପରିଣତ ହୋଇଛି। ଅନ୍ୟାନ ସ୍ଥାନରୁ ଯୁବକ ଯୁବତୀ ଙ୍କୁ ନିଯୁକ୍ତି ଦେବାକୁ କେନ୍ଦ୍ର କରି ନୂଆଗାଁ ଗ୍ରାମବାସୀ ଅଟଳ ବସ ଷ୍ଟାଣ୍ଡ ଆଗରେ ପ୍ରତିବାଦ କରିବା ସହିତ ବସ ଷ୍ଟାଣ୍ଡ ଶୁଭ ଉଦଘାଟନ ଦିନ ବିକ୍ଷୋଭ ଏବଂ ଆନ୍ଦୋଳନ କରାଯିବ ବୋଲି ଜିଲ୍ଲା ପ୍ରଶାସନ କୁ ଚେତାବନୀ ଦେଇଛନ୍ତି।

## ଦ୍ୱିତୀୟଥର ପାଇଁ ବିଷ୍ଣୁପୁର ପଞ୍ଚାୟତର ନାଏବ ସରପଞ୍ଚଙ୍କୁ ସରପଞ୍ଚ ଦାୟିତ୍ୱ ହସ୍ତାନ୍ତର



**ବାଲିଆପାଳ,୯।୧(ସଂଚାର ବ୍ୟୁରୋ):** ପୁଣି ଦ୍ୱିତୀୟଥର ପାଇଁ ବାଲିଆପାଳ ବ୍ଲକ ବିଷ୍ଣୁପୁର ପଞ୍ଚାୟତର ସରପଞ୍ଚ କୁ ହାଇ କୋର୍ଟ ନିର୍ଦ୍ଦେଶରେ ଅଯୋଗ୍ୟ ଘୋଷଣା କରାଯାଇ ପଞ୍ଚାୟତର ନାଏବ ସରପଞ୍ଚ ଙ୍କୁ ସରପଞ୍ଚ ଭାବେ ଦାୟିତ୍ୱ ହସ୍ତାନ୍ତର କରିଛନ୍ତି ବାଲିଆପାଳ ବିଡିଓ। ତେବେ ବିଷ୍ଣୁପୁର ପଞ୍ଚାୟତ ସମେତ ବାଲିଆପାଳ ବ୍ଲକରେ ଏକାଧରକ ପଞ୍ଚାୟତରେ ଏହିଭଳି ସରପଞ୍ଚ ମାନଙ୍କୁ ଅଯୋଗ୍ୟ ଘୋଷଣା କରିବା ପରେ ପୁଣି କୋର୍ଟ ନିର୍ଦ୍ଦେଶରେ ଏହି ନିର୍ଦ୍ଦେଶକୁ ରୋକ ଲାଗିବା ଭଳି ଆଇନର ଖେଳ ଦେଖିବାକୁ ମିଳିଛି।ଯାହାକୁ ନେଇ ଏବେ ଜନ ସାଧାରନଙ୍କର ଆଇନ ଉପରେ ବିଶ୍ୱାସ ଓ ଭରସା କମିବାରେ ଲାଗିଛି।ମିଳିଥିବା ସୂଚନା ମୃତାବକ ବିଷ୍ଣୁପୁର ପଞ୍ଚାୟତର ସରପଞ୍ଚ ମହେଶ୍ୱର ଜେନା ଙ୍କ ବିରୋଧରେ ମିଥ୍ୟାସତ୍ୟପାଠ ଆଣି ତାଙ୍କର ପ୍ରତିଦ୍ୱନ୍ଦୀ ମଧୁସୂଦନ ଦଳାଇ ଦିଓାନି କୋର୍ଟ, ଜିଲ୍ଲା ଅଦାଲତ ଏବଂ ପରେ ଉଚ୍ଚ ନ୍ୟାୟାଳୟର ଆଶ୍ରୟ ନେଇଥିଲେ।ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶ ମୃତାବକତା ୫/୧୨/୨୫ ରିଖି ଚିଠି ନମ୍ବର ଡବ୍ଲ୍ୟୁପିସି ନଂ ୩୧୫୧୭/୨୦୨୪ ଅନୁଯାୟୀ ଜିଲ୍ଲାପାଳ ବାଲେଶ୍ୱର ଙ୍କୁ ସରପଞ୍ଚ ଶ୍ରୀ ଜେନାଙ୍କୁ ନିଲମ୍ବନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏ ନେଇ ବାଲେଶ୍ୱର ଜିଲ୍ଲାପାଳ ୨୨/୧୨/୨୫ ରିଖରେ ପତ୍ର ସଂଖ୍ୟା ୨୩୫୯ କ୍ରମେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ବିଡିଓ ଅଦ୍ୟାବଧି କୌଣସି ପଦେକ୍ଷପ ଗ୍ରହଣ କରିନଥିବାରୁ ଆଜି ପଞ୍ଚାୟତର କିଛି ଜନସାଧାରଣ ବ୍ଲକ ସମ୍ମୁଖରେ ଧାରଣାରେ ବସିଥିଲେ। ବିଡିଓ ୭/୧/୨୦୨୬ ରିଖରେ ଚିଠି ନମ୍ବର ୮୯ କ୍ରମେ ସରପଞ୍ଚ ଶ୍ରୀ ଜେନାଙ୍କୁ ଅଯୋଗ୍ୟ ଘୋଷଣା କରି ନାଏବ ସରପଞ୍ଚ ବୃନ୍ଦାବତୀ ଜେନାଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଛନ୍ତି।

## ରାଧାକୃଷ୍ଣ ସରକାରୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ସମାରୋହ



**ବୈଶିଙ୍ଗା,୯।୧(ସଂଚାର ବ୍ୟୁରୋ):** ପୁରୁଣିଆ ସ୍ଥିତ ରାଧାକୃଷ୍ଣ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଆଜି ବିଦ୍ୟାଳୟର ବାର୍ଷିକ ଉତ୍ସବ ଏବଂ ପୁରସ୍କାର ବିତରଣ ସମାରୋହ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ, ଅଭିଭାବକ, ଗ୍ରାମବାସୀ ତଥା ପରିଚାଳନା କମିଟିର ସଦସ୍ୟମାନେ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରବୀନ୍ଦ୍ର କୁମାର ସାମନ୍ତରାୟଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକ ଅଭୟ କୁମାର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ବକ୍ତା ଭାବେ ସୁପ୍ରତିଷ୍ଠିତ ସାହିତ୍ୟିକ ଡକ୍ଟର ହରପ୍ରସାଦ ପାଳ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ନୈତିକ ଶିକ୍ଷା ଓ ସାହିତ୍ୟର ଗୁରୁତ୍ୱ ବିଷୟରେ ଉଦ୍‌ବୋଧନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସାହିତ୍ୟିକା ତୃପ୍ତି ପଟ୍ଟନାୟକ, ପରିଚାଳନା କମିଟି ସଭ୍ୟ ରାଧାମୋହନ ସେଠୀ ଓ ହରେକୃଷ୍ଣ ଦାସ, ଗ୍ରାମବାସୀ ନନ୍ଦ କିଶୋର ଦାସ, ପୂର୍ବତନ କ୍ରୀଡ଼ା ଶିକ୍ଷକ ହରିଷ୍ଚନ୍ଦ୍ର ଭୋଇ ଏବଂ ଶିକ୍ଷକ କାର୍ତ୍ତିକ ଚନ୍ଦ୍ର ଦାସ ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ ସଭାପତି ତଥା ପ୍ରଧାନ ଶିକ୍ଷକ ଶ୍ରୀ ସାମନ୍ତରାୟ ବିଦ୍ୟାଳୟର ବାର୍ଷିକ ବିବରଣୀ ପଠନ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ବିଶେଷ ଭାବରେ ୨୦୨୫ ମସିହା ବୋର୍ଡ଼ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ମେଧାବୀ ଛାତ୍ର ସ୍ୱାଗତ ଦାସଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ପରିବେଷିତ କ୍ଷୁଦ୍ର ନାଟକ 'ସ୍ୱାତୀ' ଦର୍ଶକମାନଙ୍କ ମଧରେ ବେଶ୍ ଆଦୃତ ହୋଇଥିଲା।

## ବିଦ୍ୟାଳୟରେ ଉପସ୍ଥିତ ବୁଦ୍ଧିମତା ଜ୍ଞାନ ପରୀକ୍ଷା



**ବାଲିଆପାଳ,୯।୧(ସଂଚାର ବ୍ୟୁରୋ):** ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଅନ୍ତର୍ଗତ ତାପୁଣ୍ଡିଆ ସ୍ଥିତ ପିଏମଶ୍ରୀ କୁଞ୍ଜବିହାରୀ କୃପାସିନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟରେ ଉପସ୍ଥିତ ବୁଦ୍ଧିମତା ଜ୍ଞାନ ପରୀକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କୁ ନେଇ ସିନିୟର୍ ଏବଂ ଜୁନିଅର ଦୁଇ ବିଭାଗରେ ପ୍ରଥମେ ଲିଖିତ ଏବଂ ପରେ ମୌଖିକ ପରୀକ୍ଷା କରାଯାଇଥିଲା। ମୂଖ୍ୟ ଅତିଥି ଭାବେ ପୂର୍ବତନ ଶିକ୍ଷାବିତ ଭଗିରଥ ଗିରି ଯୋଗଦେଇ ଛାତ୍ରଛାତ୍ରୀମାନଙ୍କ ଜ୍ଞାନର ବିକାଶ ପାଇଁ ପ୍ରତ୍ୟେକ ବିଦ୍ୟାଳୟ ମାନଙ୍କରେ ଏହି ଭଳି ବୁଦ୍ଧିମତା ଜ୍ଞାନ ପରୀକ୍ଷାର ଆବଶ୍ୟକତା ରହିଛି ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ କୁମ୍ଭାରୀ ସହକାରୀ ଶିକ୍ଷକ ସୁଶାନ୍ତ ଗିରି, ପରିଚାଳନା କମିଟିର ସଭାପତି ଧନଞ୍ଜୟ ମହାନ୍ତି ଯୋଗଦେଇ ଥିଲେ। କୃତକାର୍ଯ୍ୟ ହୋଇଥିବା ଛାତ୍ରୀ ଛାତ୍ରୀଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ବୃନ୍ଦାବତୀ ସୁର, ସୁରେଶ୍ମା ଜେନା, ତୁଳସୀ ମୁର୍ମୁ ଏହି ଜ୍ଞାନ ପରୀକ୍ଷାରେ ପରିଚାଳକ ଭାବେ କାର୍ଯ୍ୟ ତୁଲାଇ ଥିଲେ। ସହକାରୀ ଶିକ୍ଷକ ପରମାନନ୍ଦ ଦେ ଧନ୍ୟବାଦ୍ ଅର୍ପଣ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଫୋଟୋ ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଉଛି।

## ୧୯୯୨ ମସିହା ମ୍ୟାଟ୍ରିକ ବ୍ୟାଚର ବନ୍ଧୁମିଳନ



**ବୈଶିଙ୍ଗା,୯।୧(ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଗ୍ରାମ ପଞ୍ଚାୟତର ମୁନିଲାଲ ସରକାରୀ ଉଚ୍ଚ ବିଦ୍ୟାଳୟର ୧୯୯୨ ମ୍ୟାଟ୍ରିକ ବ୍ୟାଚର ବନ୍ଧୁ ମିଳନ କାର୍ଯ୍ୟକ୍ରମ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମ ଡାକ୍ତର ଦେବାଶିଷ ମାରାଣ୍ଡିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ସତ୍ୟନାରାୟଣ ପଣ୍ଡା ମୁଖ୍ୟ ସଂଯୋଜନା ଦାୟିତ୍ୱ ନିର୍ବାହ କରିଥିଲେ।ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶଶଧର ବାରିକ, ପୂର୍ବତନ ଶିକ୍ଷକ ବିଜୟ କୁମାର ରାଉତ, ଜଗମୋହନ ମହାନ୍ତ, ଅବସରପ୍ରାପ୍ତ କର୍ମଚାରୀ ସୁରେନ୍ଦ୍ର ପ୍ରଧାନଙ୍କ ସମେତ ବର୍ତ୍ତମାନର ସମସ୍ତ ଶିକ୍ଷକ ଏବଂ ଶିକ୍ଷୟିତ୍ରୀ ଯୋଗଦାନ କରିଥିଲେ। ପ୍ରାରମ୍ଭରେ ଠାକୁରଙ୍କ ଫଟୋଚିତ୍ରରେ ପୁଷ୍ପ, ଦୀପ, ଧୂପ, ନୈବେଦ୍ୟ ପ୍ରଦାନ ପୂର୍ବକ ଉକ୍ତ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏଥିରେ ୧୯୯୨ ମ୍ୟାଟ୍ରିକ ବ୍ୟାଚର ସମସ୍ତ ଛାତ୍ରଛାତ୍ରୀ ଯୋଗଦାନ କରିଥିଲେ।

## ମନଇଛା ବ୍ଲକକୁ ଆସୁଛନ୍ତି କର୍ମଚାରୀ | ସେବା ନ ପାଇଁ ଫେରୁଛନ୍ତି ହିତାଧିକାରୀ



**ବାଲିଆପାଳ,୯।୧(ସଂଚାର ବ୍ୟୁରୋ):** ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ କାର୍ଯ୍ୟାଳୟକୁ ସଠିକ ସମୟରେ ଅଧିକାରୀ, କର୍ମଚାରୀ ଆସୁନଥିବା ଅଭିଯୋଗ ହେଉଛି। ଅଧିକାରୀ ଓ କର୍ମଚାରୀଙ୍କ ମନମୁଖୀ କାର୍ଯ୍ୟ ପାଇଁ ଦୂରଦୁରାନ୍ତରୁ ବିଭିନ୍ନ ସମସ୍ୟା ନେଇ ଆସୁଥିବା ଲୋକେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି ବାଲିଆପାଳ ବ୍ଲକ କାର୍ଯ୍ୟାଳୟରେ ପୂର୍ବାହ୍ନ ନିର୍ଦ୍ଧାରିତ ସମୟରେ ପହଂଚିବାକୁ ନିୟମ ଥିବା ବେଳେ ମନଇଚ୍ଛା, ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ଉଲ୍ଲଘଂନ କରି ଦିନ ୧୧ଘ ୩୦ମିନିଟ ପରେ ଅଧିକାଂଶ କର୍ମଚାରୀ ଆସୁଛନ୍ତି ଏହାସହ ଅପରାହ୍ନ ୩ଟାରେ ଅନେକ କର୍ମଚାରୀ ବିଭିନ୍ନ ଆଳ ଦେଖାଇ ଗଳାବାଟ ଦେଇ ପ୍ରସ୍ଥାନ କରି ଯାଉଛନ୍ତି କର୍ମଚାରୀଙ୍କ ମନମୁଖୀ କାର୍ଯ୍ୟ ଓ ଯାତାୟାତ ପାଇଁ ସାଧାରଣ ଜନତା ଓ ଲୋକ ପ୍ରତିନିଧି ସେବା ନପାଇ ନିରାଶହେଉଛନ୍ତି। ମାସର ଅନେକ ସମୟରେ ବ୍ଲକରେ କାର୍ଯ୍ୟରତ କନିଷ୍ଠ ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀ ବିଭିନ୍ନ ସମୟରେ ଘରୁ ଆସୁଥିବା ବେଳେ କିନ୍ତୁ ବିଳମ୍ବରେ ପହଂଚିଥିଲେ ମଧ ବ୍ଲକ କାର୍ଯ୍ୟାଳୟରେ ସାଧାରଣ ଲୋକ ପଚାରିଲେ ଫିଲ୍ଡ଼ ପରିଦର୍ଶନ ଯାଇଥିଲୁ।ସାଧାରଣ ଜନତାଙ୍କ ଅର୍ଥରେ ରାଜକୋଷରୁ କର୍ମଚାରୀ ବେତନ ପାଉଥିବା ବେଳେ ସଠିକ ସମୟରେ ଆସୁନାହାନ୍ତି ଯଦି ବ୍ଲକ କାର୍ଯ୍ୟାଳୟକୁ ହିତାଧିକାରୀ ଆସନ୍ତି, ତେବେ ମନଇଚ୍ଛା କାର୍ଯ୍ୟାଳୟ ଖୋଲିବା,

### ଯନ୍ତ୍ରୀଙ୍କ ମନଇଚ୍ଛା ଯାତାୟାତ ପାଇଁ ଲୋକପ୍ରତିନିଧି ନିରାଶ

ମନଇଚ୍ଛା ଅଧିକାରୀ କାର୍ଯ୍ୟରେ ଯୋଗଦେବା ଭଳି ସମସ୍ୟା ହେତୁ ସେବା ନ ପାଇ ଫେରିଯାଉଛନ୍ତି ସାଧାରଣ ଜନତା ବାଲିଆପାଳ ଗୋଷ୍ଠୀ ଉନ୍ନୟନ ଅଧିକାରିଣୀ ଏ ସବୁ ଜାଣି ମଧ ନିରବ ଥିବା ବେଳେ ଗଣମାଧମ ପ୍ରତିନିଧି ପ୍ରଶ୍ନ କଲେ ଘଟଣାକୁ ଏଡାଇବାକୁ ଉତ୍ତର ବିଭିନ୍ନ ଢଙ୍ଗରେ ରଖିଥାନ୍ତି। ଯାହାକି କର୍ମଚାରୀମାନେ ସରକାରୀ ନିୟମକୁ ଖୁଲମ ଖୁଲ୍ଲା ଉଲ୍ଲଘନ କରୁଛନ୍ତି ବ୍ଲକ ପ୍ରଶାସନା ବିଡିଓ ରାଧାରଞ୍ଜନ ଦାସ ମଧ୍ୟ ସରକାରୀ ଗାଡି ରେ ସରକାରୀ ଫଳକ ନ ଲଗାଇ ନିଜ ଘରକୁ ସବୁଦିନ ନେଇଯାଉଛନ୍ତି ସରକାରୀ ପଇସା ରେ ନିଜର ସୌକ ନେଉଛନ୍ତି ଏଭଳି ଘଟଣା ଅଞ୍ଚଳର ବୁଦ୍ଧିଜୀବି ତଥା ଜନସାଧାରଣ କ୍ଷୋଭ ପ୍ରକାଶ କରିଛନ୍ତି ।

## ବିପଦପୂର୍ଣ୍ଣ ଅବସ୍ଥାରେ ପୂର୍ତ୍ତରାସ୍ତାର ଚାଲିଛି ପ୍ରଶସ୍ତିକରଣ



**ଧାମନଗର,୯।୧(ସଂଚାର ବ୍ୟୁରୋ):** ଧାମନଗର ଛକ ୧୬ ଜାତୀୟ ରାଜପଥ ଠାରୁ ଧାମନଗର ପର୍ଯ୍ୟନ୍ତ ଦୀର୍ଘ ୧୦ କିଲୋମିଟର ପୂର୍ତ୍ତ ବିଭାଗ ମୁଖ୍ୟ ରାସ୍ତାକୁ ଠିକାଦାର ବେପରୁଆ ଭାବରେ ରାସ୍ତାର ବାମ ପାଖ ପ୍ରାୟ ୧୦କିଲୋମିଟର ପର୍ଯ୍ୟନ୍ତ ରାସ୍ତାକୁ ମେସିନ ଦ୍ୱାରା ତାଡ଼ିଦେଇ ବିପଦପୂର୍ଣ୍ଣ ଅବସ୍ଥାରେ ଯେଉଁ ଭଳି ନିର୍ମାଣ କାର୍ଯ୍ୟ ଚାଲିଛି ପ୍ରତ୍ୟକଦିନ ଯିବା ଆସିବା କରୁଥିବା ସାଧାରଣ ଲୋକମାନେ ନାହିଁ ନଥିବା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ଏହି ରାସ୍ତା ପୂର୍ବରୁ ରକ୍ଷଣା ବେକ୍ଷଣ ଅଭାବରୁ ଖାଲ ଖମାରେ ମରଣଯନ୍ତା ପାଲଟିଥିଲା। ଚାରି ମାସ ତଳେ ପ୍ରଶସ୍ତିକରଣ ଆଳରେ ହଜାର ହଜାର ଗଛ କଟାହେଲା ମାତ୍ର ରାସ୍ତା ଅବସ୍ଥାର ପରିବର୍ତ୍ତନ ହେଲାନାହିଁ। ଗତ ଅକ୍ଟୋବର ୨୮ ଓ ୨୯ ତାରିଖରେ ଧାମନଗର ଖାନକା ସରିଫରେ ପ୍ରସିଦ୍ଧ ଉର୍ଷ ପର୍ବ ଥିବା ସତ୍ୱେ ଏହାର ସ୍ଥାୟୀ ସମାଧାନ କରାନଯାଇ ଖାଲ ଖମାରେ ଥିବା ସ୍ଥାନରେ ଡଷ୍ଟ ପକାଇଦେଇ ଦାୟିତ୍ୱ ସାରିଦେଲେ ଯନ୍ତ୍ରୀ ମହାଶୟ। ପରବର୍ତୀ ସମୟରେ ବାତ୍ୟା ମେନ୍ଥାର ପ୍ରଭାବରେ ଲଗାତାର ୩ ଦିନ ବର୍ଷା ଓ ଉର୍ଷ ପର୍ବ ପାଇଁ ହଜାର ହଜାର ଯାତ୍ରୀବାହୀ ଗାଡ଼ି ଚଳାଚଳ ଫଳରେ ଡଷ୍ଟ ଗୁଡ଼ିକ ବୋହିଗଲା। ଫଳରେ ରାସ୍ତାରେ ଯେତିକି ଖାଲ ଥିଲା ତାର ତିନିଗୁଣା ଗାଡ଼ ସୃଷ୍ଟି ହେଲା। ବର୍ଷା ଛାଡ଼ିଯିବା ପରେ ରାସ୍ତା ଶୁଖି ଯିବାରୁ ଏବେ ଗାଡ଼ିଟିଏ ଗଲେ ଧୂଳି ଉଡ଼ି ପଥଚାରୀଙ୍କୁ ବେହାଲ କରୁଛି। ଗତ ଏକ ସପ୍ତାହ ତଳେ ଏହି ରାସ୍ତାର ପ୍ରଶସ୍ତିକରଣ ଆରମ୍ଭହେଲା।

## ବ୍ଲକସ୍ତରୀୟ ପୋଷଣୀୟ ଜୀବନ ଶୈଳୀ ପ୍ରଦର୍ଶନୀରେ ହିମାଂଶୁ ସେନାପତି ପ୍ରଥମ



**ବୈଶିଙ୍ଗା,୯।୧(ସଂଚାର ବ୍ୟୁରୋ):** ବେତନଟୀ ବ୍ଲକ ଅନ୍ତର୍ଗତ ଅଁଳା ଗ୍ରାମ ପଞ୍ଚାୟତ ଅଧୀନ ରାଇକମା ସ୍ଥିତ ରଘୁନାଥ ଉଚ୍ଚ ବିଦ୍ୟାଳୟ ର ନବମ ଶ୍ରେଣୀ ଛାତ୍ର ହିମାଂଶୁ ସେନାପତି ଙ୍କ ପ୍ରକଳ୍ପ 'ପ୍ଲାଷ୍ଟିକ ୱେଷ୍ଟ ମ୍ୟାନେଜମେଣ୍ଟ ଡ଼ିଭାଇସ 'ବ୍ଲକ ସ୍ତରୀୟ ପୋଷଣୀୟ ଜୀବନ ଶୈଳୀ ରେ ପ୍ରଥମ ସ୍ଥାନ ଅଧିକାର କରି ଜିଲ୍ଲା ସ୍ତରକୁ ମନୋନୀତ ହୋଇଛି। 'ଆବର୍ଜନା ସମ୍ବରଣ' ଉପବିଷୟ ବସ୍ତୁ ଉପରେ ଆଧାରିତ ଏହି ପ୍ରକଳ୍ପ ଟି ରେ ପ୍ଲାଷ୍ଟିକ ଆବର୍ଜନାକୁ କିଭଳି ଅଭିନବ ଉପାୟରେ ପରିଚାଳନା କରି ହେବ ଏବଂ ପ୍ଲାଷ୍ଟିକ ପ୍ରଦୂଷଣ ହ୍ରାସ କରା ଯାଇ ପାରିବ ଦର୍ଶାଯାଇଛି। ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ତଥା ବିଜ୍ଞାନ ଶିକ୍ଷକ ଅଜିତ କୁମାର ଜେନାଙ୍କ ବଳିଷ୍ଠ ମାର୍ଗଦର୍ଶନ ରେ ପ୍ରସ୍ତୁତ ପ୍ରକଳ୍ପ ଟି ବିଚାରକ ମଣ୍ଡଳୀ ଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇ ଆସନ୍ତା ଡିସେମ୍ବର ୧୨ତାରିଖରେ ବାରିପଦା ସ୍ଥିତ ଏମ ପି କେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ଅନୁଷ୍ଠିତ ହେବାକୁ ଥିବା ଜିଲ୍ଲା ସ୍ତରୀୟ ପୋଷଣୀୟ ପ୍ରଦର୍ଶନୀ ରେ ଅଂଶ ଗ୍ରହଣ କରିବା ପାଇଁ ସୌଭାଗ୍ୟ ଅର୍ଜନ କରିଛି।

## ରାକ୍ସିରେ କଳାହାଣ୍ଡି ଉତ୍ସବ ଘୁମୁରା

**କଳାହାଣ୍ଡି,୯।୧(ସଂଚାର ବ୍ୟୁରୋ):** ନର୍ଲା ବ୍ଲକ ଅନ୍ତର୍ଗତ ରାକ୍ସିଠାରେ ଶୁକ୍ରବାର ଦିନ ପଞ୍ଚାୟତସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା-୨୦୨୬ ଅନୁଷ୍ଠିତ ହୋଇଯାଇଛି। ରାକ୍ସି ସରପଞ୍ଚ ଯେମନ୍ତ ପୋଡଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ନର୍ଲା ଜୋନ୍-୨ ଜିଲ୍ଲା ପରିଷଦ ସଦସ୍ୟ ହରିଶଙ୍କର ମାଝୀ, ସମ୍ମାନିତ ଅତିଥି ଭାବେ ରାକ୍ସି ସମିତି ସଭ୍ୟ ଚୁମନ ଭୋଇ, ପୂର୍ବତନ ସରପଞ୍ଚ ବିଜୟ ଧଙ୍ଗଡ଼ାମାଝୀ, ବିଶିଷ୍ଟ ଲୋକ କଳାକାର ସଞ୍ଜୟ ଧଙ୍ଗଡ଼ାମାଝୀ, ରାକ୍ସି ହାଇସ୍କୁଲର ପ୍ରଧାନ ଶିକ୍ଷକ ସତ୍ୟ ରଞ୍ଜନ ସ୍ୱାଇଁ, ସମାଜସେବୀ ପ୍ରଦ୍ୟୁମ୍ନ ଭୋଇ ପ୍ରମୁଖ ମଞ୍ଚାସୀନ ଥିଲେ। ଯୁବ ଗାଳ୍ପିକ ସୁଧୀର କୁମାର ଧଙ୍ଗଡ଼ାମାଝୀ ମଞ୍ଚ ପରିଚାଳନା କରିଥିବାବେଳେ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ସହଶ୍ରାଂଶୁ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ନାଏବ ସରପଞ୍ଚ କୁନ୍ତି ମାଝୀ, ଏଡିଇଓ ଭାଗବତ ପ୍ରସାଦ ସାହୁ, ଯୋଗାଣ ସହାୟକ ଚୈତନ୍ୟ ସାହୁ ଓ ସମସ୍ତ ୱାର୍ଡ ସଭ୍ୟ ସଭ୍ୟା ସହଯୋଗ କରିଥିଲେ।

## ବିଧାୟକଙ୍କ ସମେତ ବିଭାଗୀୟ ଅଧିକାରୀ ବୁଲି ଦେଖିଲେ ଦୟା ନଦୀ ବନ୍ଧ

**କଣାସ,୯।୧(ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା କଣାସ କଣାସ ବ୍ଲକ ଖାଲୁଆ ଅଞ୍ଚଳରୂପେ ସରକାରୀ ନଥିପତ୍ରରରେ ଚିତ୍ରଣ ହୋଇଥିବାବେଳେ ଏହି ଅଞ୍ଚଳରେ ଦୟା, ମକରା, ଲୁଣା, ରାଜୁଆ, କାଣିଆ ନଦୀ ସମେତ ୨୨ଟି ନାଳ କଣାସ ବ୍ଲକକୁ ସାପପରି ଘେରି ରହିଛି। ଦୟାନଦୀ ପୋତି ହୋଇ ବନ୍ୟା ସମୟରେ ବିଭିଷିକା ସୃଷ୍ଟି କରୁଥିବାରୁ ଆଜି ଖନନ ପାଇଁ ସ୍ଥାନୀୟ ବିଧାୟକ ଓମ ପ୍ରକାଶ ମିଶ୍ର ଡ୍ରେନେଜ ବିଭାଗର ଉଚ୍ଚ ଅଧିକାରୀ ଖୋର୍ଦ୍ଧା ଜଳସେଚନ ବିଭାଗର ଉଚ୍ଚ ଅଧିକାରୀ କଣାସ ତହସିଲିଦାର ହିମାଂଶୁ ଶେଖର ଗିରି ପୋତି ହୋଇଥିବା ଦୟା ନଦୀ ଶଯ୍ୟା ବୁଲି ଦେଖିଥିଲେ। ତିରମଲର ପାଣ୍ଡିଆବିଲଠାରୁ ଦୋକନ୍ଦା ପର୍ଯ୍ୟନ୍ତ ଦୟାନଦୀର ଡାହାଣ ପାର୍ଶ୍ୱ ବନ୍ଧସୁଦୃଢ଼ କରିବା ସହିତ ବନ୍ଧକୁ ଅଧିକ ଓସାର କରିବା ଓ ରାଜୁଆ ନଦୀର ବାମ ପାର୍ଶ୍ୱ ବନ୍ଧ ଉନ୍ନତି କରଣ କରିବା ପାଇଁ ଖୋର୍ଦ୍ଧା ଜଳସମ୍ପଦ ବିଭାଗୀୟ ଅଧିକରୀଙ୍କ ସହିତ ଆଲୋଚନା କରିଥିଲେ। ସେହିପରି ଦୟାନଦୀର ତିରିମଲଠାରୁ ବୋତଲମା ପର୍ଯ୍ୟନ୍ତ ନଦୀ ଖନନରର ଶୁଭ ଆରମ୍ଭ କରାଯିବା ସହିତ ଲୁଣା ନଦୀ ମଧ ଖନନ କରାଇବା ପାଇଁ ଡ୍ରେନେଜ ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରାଇଥିଲେ। ଏହି ପରିଦର୍ଶନ ସମୟରେ ଖୋର୍ଦ୍ଧା ଜଳସମ୍ପଦ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଅମୀୟ କୁମାର ସେଠ, ସହକାରୀ ନିର୍ବାହୀ ଯନ୍ତ୍ରୀ ପାକିଜା ହୁସେନ, ସହକାରୀ ଯନ୍ତ୍ରୀ ସନତ ମଲ୍ଲିକ ଉପସ୍ଥିତ ରହିଥିବାବେଳେ ଡ୍ରେନେଜ ବିଭାଗର ଏସସି ରମାକାନ୍ତ ମଲ୍ଲିକ, ଏସଡିଓ ବସନ୍ତ କୁମାର ସାହୁ, କନିଷ୍ଠଯନ୍ତ୍ରୀ ପ୍ରଦୀପ କୁମାର ସାହୁଙ୍କ ସମେତ ବିଭିନ୍ନ ପଞ୍ଚାୟତର ଲୋକପ୍ରତିନିଧି ଓ କର୍ମୀ ଉପସ୍ଥିତ ରହିଥିଲେ।

## କ୍ଷତିପୂରଣ ଦାବିରେ ସ୍କୁଲ ଗେଟରେ ତାଲା ପକାଇ ଧାରଣାରେ ବସିଲେ ଗ୍ରାମବାସୀ

# କ୍ଷତିପୂରଣ ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହାର



**ବାଲିଆପାଳ,୯।୧(ସଂଚାର ବ୍ୟୁରୋ):** ବାଲିଆପାଳ ବ୍ଲକ ବଡାଶ ପଞ୍ଚାୟତର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଗୁରୁବାର ଘଟିଥିବା ଅଭାବନୀୟ ଘଟଣାକୁ କେନ୍ଦ୍ର କରି ମୃତ ଛାତ୍ରଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ଶୁକ୍ରବାର ବିଦ୍ୟାଳୟ ଫାଟକରେ ତାଲା ପକାଇ ଧାରଣାରେ ବସିଥିଲେ ଗ୍ରାମବାସୀ। ସୂଚନା ଥାଉ କି ଜାମକୁଣ୍ଡା ପଞ୍ଚାୟତର କେନ୍ଦୁବାଡିଆ ଗ୍ରାମରେ ସନାତନ ଧଳଙ୍କ ୧୧ବର୍ଷର ପୁଅ ପ୍ରହ୍ଲାଦ ମଧ୍ୟାହ୍ନଭୋଜନ ଖାଇ ସାରି ସହପାଠୀଙ୍କ ସହିତ ଖେଳୁଥିବା ସମୟରେ ବିଦ୍ୟାଳୟ ପରିସରରେ ଥିବା ତିନି ବର୍ଷ ତଳର ଆମ ଓଡ଼ିଶା ନବୀନ ଓଡ଼ିଶା ପ୍ରକଳ୍ପର ଏକ ଫଳକ ଭାଙ୍ଗି ଯିବାରୁ ତାଙ୍କ ଛାତିରେ ଜୋରରେ ଆଘାତ ହୋଇଥିଲା ଏବଂ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏନେଇ ଗ୍ରାମବାସୀ ଏବଂ ଛାତ୍ର ଅଭିଭାବକଙ୍କ ମଧରେ ଉତ୍ତେଜନା ପ୍ରକାଶ ପାଇଥିଲା। ଆଜି ବିଦ୍ୟାଳୟ ଗେଟରେ ତାଲା ପକାଇବା ସହିତ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ଘଟଣା ସ୍ଥଳରେ ବାଲିଆପାଳ ତହସିଲଦାର ଜ୍ୟୋତ୍ସ୍ନାରାଣୀ ନାୟକ, ବିଡିଓ ରାଧା ରଞ୍ଜନ ଦାଶ, ଆଇଆଇସି ସାଲଖାନ ମୁର୍ମୁ ପହଞ୍ଚି ଗ୍ରାମବାସୀଙ୍କ ସହିତ ଆଲୋଚନା କରିଥିଲେ। ତହସିଲଦାର ରେଡ଼କ୍ରସରୁ ଦଶ ହଜାର, ତହସିଲ ପକ୍ଷରୁ ପାଞ୍ଚ ହଜାର, ଏବଂ ବିଦ୍ୟାଳୟ ପକ୍ଷରୁ ପଚାଶ ହଜାର ଟଙ୍କା ଆର୍ଥିକ ସହାୟତା ଯୋଗାଇ ଦିଆଯିବାର ଘୋଷଣା କରାଯିବା ପରେ ମଧ ଧାରଣା ପ୍ରତ୍ୟାହାର ହୋଇପାରିଲା ନାହିଁ। ବସ୍ତା ନିର୍ବାଚନ ମଣ୍ଡଳୀର ବିଜେପି ନେତା ରବିନ୍ଦ୍ର ନାଥ ଅଣ୍ଡିଆ ପହଞ୍ଚି ଫୋନ ଯୋଗେ ବାଲେଶ୍ୱର ସାଂସଦଙ୍କ ସହିତ ଯୋଗାଯୋଗ ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ମୁଖ୍ୟ ମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୪ଲକ୍ଷ ଆର୍ଥିକ ସହାୟତା ଯୋଗାଇଦେବା ପରେ ଧାରଣା ପ୍ରତ୍ୟାହାର ହୋଇଥିଲା।

## କରଞ୍ଜ ନରସିଂହ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



**ବାଲିଆପାଳ,୯।୧(ସଂଚାର ବ୍ୟୁରୋ):** ନିରନ୍ତର ପ୍ରୟାସ ଓ ଆତ୍ମବିଶ୍ୱାସ ଦ୍ୱାରା ସଫଳତା ମିଳିପାରେ କିନ୍ତୁ ସଂସ୍କାର ଏବଂ ସତ ଚରିତ୍ର ବିନା ସବୁ ବିଫଳ ବୋଲି ବାଲିଆପାଳ ବ୍ଲକ କରଞ୍ଜ ନରସିଂହ ସରକାରୀ ଉଚ୍ଚ ବିଦ୍ୟାଳୟର ୬୦ ତମ ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥିଗଣ ମତ ପ୍ରକାଶ କରିଥିଲେ। ବିଦ୍ୟାଳୟ ର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଇସ୍ମିତା ନାୟକ ଙ୍କ ଅଧକ୍ଷ୍ୟତା ରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ବସ୍ତା ବିଧାୟିକା ସୁବାସିନୀ ଜେନା ମୁଖ୍ୟ ବକ୍ତା ଭାବେ ଧ୍ରୁବ ଚରଣ ସଂସ୍କୃତ ମହାବିଦ୍ୟାଳୟ ର ଅଧକ୍ଷ ପ୍ରିୟବ୍ରତ ପଣ୍ଡା ସମ୍ମାନିତ ଅତିଥି ଭାବେ ସରପଞ୍ଚ ସୁବାସ ବେହେରା, ସମିତି ସଭ୍ୟ ଶାନ୍ତନୁ ମହାପାତ୍ର, ସି ଆର ସି ସି ପୂର୍ଣଚନ୍ଦ୍ର ମଣ୍ଡଳ, ପଞ୍ଚାନନ ବେହେରା, ଅବସର ପ୍ରାପ୍ତ ଶିକ୍ଷକ ଭକ୍ତହରୀ ଦାସ, ରମେଶ ଚନ୍ଦ୍ର ସାମଲ, ପରିଚାଳନା କମିଟି ସଭାପତି ଦୁର୍ଯ୍ୟୋଧନ କୁମାର ଗୋଛାୟତ ପ୍ରମୁଖ ଯୋଗ ଦେଇ ବିଦ୍ୟାର୍ଥୀ ଙ୍କ ମାର୍ଗଦର୍ଶନ କରିବାସହ ବିଦ୍ୟାଳୟ ର ଉନ୍ନତି ପାଇଁ ସାମୁହିକ ପ୍ରୟାସ ଜରୁରୀ ବୋଲି ମତ ରଖିଥିଲେ। ଶିକ୍ଷୟିତ୍ରୀ ଦିପାଳୀ ସାମନ୍ତରାୟ ଅତିଥି ପରିଚୟ ଓ ସନ୍ଧ୍ୟାରାଣୀ ଚାନ୍ଦ ବେଦ ପାଠ କରିଥିବା ବେଳେ ଶିକ୍ଷକ ସଦାମ ଖାଁ ଅଲି ବାର୍ଷିକ ବିବରଣୀ ଉପସ୍ଥାପନା କରିଥିଲେ। ବାର୍ଷିକ କ୍ରିଡ଼ା ରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ଅତିଥି ମାନେ ପୁରସ୍କାର ବିତରଣ କରିଥିଲେ। ସଂଗୀତ ରେ ପ୍ରଫୁଲ୍ଲ ବାରିକ ଙ୍କ ସହାୟତା ରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ମଦ୍ୟପ ପୁଅକୁ କୁରାଢ଼ିରେ ହାଣି ହତ୍ୟା କଲା ବାପ

**ବାରିପଦା,୯।୧(ସଂଚାର ବ୍ୟୁରୋ):** ମଦ୍ୟପ ପୁଅର ଦୁର୍ବ୍ୟବହାର ରେ ଅତିଷ୍ଠ ହୋଇ କୁରାଢ଼ିରେ ହାଣି ହତ୍ୟା କଲା ବାପା ଏହିଭଳି ଏକ ଲୋମହର୍ଷଣକାରୀ ଘଟଣା ଘଟିଅଛି ମୟୁରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ଥାନା ଅନ୍ତର୍ଗତ ଭରାଣ୍ଡିଆ ଗ୍ରାମରେ। ସୂଚନା ମୁତାବକ ଗତକାଲି ରାତ୍ରୀ ପାଖୀ ପାଖୀ ନଅଟା ସମୟରେ ବାପା ଅନାମ ବାଉଁଶିଆ ଘରେ ରୋସେଇ କରୁଥିବା ସମୟରେ ସବୁଦିନ ପରି ଗତକାଲି ମଧ୍ଯ ପୁଅ ତପନ ଘରକୁ ମଦ ପିଇ ଆସି ପାଟିହୁରି କରିଥିଲା। ଏହାକୁ ନେଇ ବାପା ଅନାମ ପ୍ରତିବାଦ କରିବାରୁ ବାପାକୁ ତପନ ଗୋଇଠା ବିଧା ମାରିଥିଲା। ଏଥିରେ ଉତ୍ୟକ୍ତ ହୋଇ ଅନାମ ଏକ କୁରାଢ଼ିରେ ତପନ ର ବେକରେ ହାଣିଦେଇଥିଲା। ଫଳରେ ଘଟଣା ସ୍ଥଳରେ ତାର ମୃତ୍ୟୁ ଘଟିଥିଲା। ଏହି ଘଟଣା ପରେ ଅନାମ ଥାନାକୁ ଯାଇ ଆତ୍ମସମର୍ପଣ କରିଅଛି। ପୋଲିସ ଏବଂ ବାରିପଦାରୁ ସାଇଣ୍ଟିଫିକ ଟିମ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛନ୍ତି। ଏ ବାବଦରେ ଠାକୁରମୁଣ୍ଡା ଥାନାରେ ଏକ ହତ୍ୟା ମାମଲା ରୁଜୁ କରିବା ସହ ଶବ କୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଯାଇଅଛି ।